# ଧରିତ୍ରୀ DHARITRI

୪୯

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୩/୨୦୨୨ (୧୬ ପୃଷ୍ଠା) Bhubaneswar, Tuesday, December 13/2022 Page 16 ₹ 7.00 | ★★★★

୪୯ଶ ଭାଗ ୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 20 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ DHARITRI ୪୯
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୩/୨୦୨୨ | Bhubaneswar, Tuesday, December 13/2022


# କୋର୍ଟ ପରିସରରେ ତୁମୁଳକାଣ୍ଡ




ସମ୍ବଲପୁରଠାରେ ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଉଛି (ବାମ) । ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରକୁ ଆଇନଜୀବୀମାନେ ଧସେଇ ପଶୁଛନ୍ତି।

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଆଇନଜୀବୀଙ୍କ ଆନ୍ଦୋଳନ ନ୍ୟାୟିକ କାର୍ଯ୍ୟଧାରାକୁ ବାଧା ପହଞ୍ଚାଉଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି। ଏପରି କି ଗତ ନଭେମ୍ବର ୨୮ରେ ଆନ୍ଦୋଳନରତ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ଆଇନଜୀବୀମାନେ ନିଜ ଜିଦ୍‌ରେ ଅଟଳ ରହିଥିବାରୁ କୌଣସି ଆଲୋଚନା ନୁହେଁ ଆନ୍ଦୋଳନକାରୀଙ୍କୁ ଗିରଫ କରିଯାଇ କୋର୍ଟ କାର୍ଯ୍ୟକୁ ସ୍ୱାଭାବିକ କରାଯାଉ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।**

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ**

## ଏଜିଙ୍କ କୁଶପୁତ୍ତଳିକା ଦାହ, ପୋଲିସକୁ ଦାୟୀକଲେ ଓକିଲ

ସମ୍ବଲପୁର,୧୨।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସୋମବାର ସମ୍ବଲପୁର କୋର୍ଟ ପରିସରରେ ତୁମୂଳ କାଣ୍ଡ ଘଟିଛି। ଶତାଧିକ ଆନ୍ଦୋଳନକାରୀ କୋର୍ଟ ପରିସରକୁ ଧସେଇ ପଶି ହୋହଲ୍ଲା, ଭଙ୍ଗାରୁଜା କରିଥିଲେ। ପରେ କୋର୍ଟ ପରିସରରୁ ବିଚାରପତିମାନଙ୍କୁ ବାହାର କରିଦେଇଥିଲେ। ଏଭଳି ଘଟଣା ଏବେ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଘଟଣାକୁ ନେଇ ଜିଲା ଓକିଲ ସଂଘ ☞ପୃଷ୍ଠା-୨

## ପାରୁନ ଯଦି ଜଣାଅ

## ଡିଜିପିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୨।୧୨

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଇନଜୀବୀମାନେ ଚଳାଇଥିବା ଆନ୍ଦୋଳନ ଯୋଗୁ କୋର୍ଟ କାର୍ଯ୍ୟ ହୋଇପାରୁନାହିଁ। କୋର୍ଟ ପରିସରକୁ ନ୍ୟାୟିକ ଅଧିକାରୀ, ମହକିଲମାନେ ଯାଇପାରୁନାହାନ୍ତି। ଏଭଳି ସ୍ଥିତିର ମୁକାବିଲା କରିବାରେ ପୋଲିସ

**ବିନମ୍ର ଆଲୋଚନା ନୁହେଁ, ଗିରଫ କର**

ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ଖଣ୍ଡପୀଠ ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଏବଂ ଜଷ୍ଟିସ୍ ଅଭୟ ଏସ୍. ଓକା ସୋମବାର ଓଡ଼ିଶା ଡିଜିପି ଏବଂ ସମ୍ବଲପୁର ଆଇଜିଙ୍କ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଭୋଟ ପାଇଁ ଭୋକ



## ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ପରଲୋକ

ଭୁବନେଶ୍ୱର,(ବ୍ୟୁରୋ)/ଚଣ୍ଡିଖୋଲ, ୧୨।୧୨(ଡି.ଏନ୍.ଏ.)

ଯାଜପୁର ଲୋକ ସଭା ଆସନରୁ ଦୁଇଥର ନିର୍ବାଚିତ ହୋଇଥିବା ମୋହନ ଜେନାଙ୍କର ସୋମବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ ଗତ ନଭେମ୍ବର ୨୦ରେ ହୃଦ୍‌ଘାତର ଶିକାର ହୋଇଥିଲେ। ସେହି ଦିନଠାରୁ ଚିକିତ୍ସିତ ହେଉଥିଲେ। ୧୯୫୭ ଜୁଲାଇ ୧୪ରେ ଯାଜପୁର ଜିଲା ବଡ଼ଚଣା ☞ପୃଷ୍ଠା-୨







## ୨୦୨୩ରେ ୭୨ଟି ଛୁଟି
### ଡିଗ୍ରୀ କଲେଜ ପାଇଁ ଏକକ ଛୁଟି ତାଲିକା

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ): ୨୦୨୩ କ୍ୟାଲେଣ୍ଡର ବର୍ଷରେ ଡିଗ୍ରୀ କଲେଜ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକକ ଛୁଟି ତାଲିକା ପ୍ରକାଶ ପାଇଛି। ରବିବାରକୁ ବାଦ୍ ଦେଇ ମୋଟ ୭୨ଟି ଛୁଟି ଦିବସ ରହିବ। ସ୍ଥାନୀୟ ଛୁଟି ସମ୍ପୃକ୍ତ ଅଧ୍ୟକ୍ଷମାନେ ଘୋଷଣା କରିପାରିବେ। ଏଥିସହ ଅପ୍ସନାଲ ଛୁଟି ତାଲିକା ମଧ୍ୟ ପ୍ରକାଶ ପାଇଛି। ୫ଟି ମଧ୍ୟରୁ ଗୋଟିଏ ଅପ୍ସନାଲ ଛୁଟି ଡିଗ୍ରୀ କଲେଜ କର୍ମଚାରୀ ନେଇପାରିବେ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସବୁ ଡିଗ୍ରୀ କଲେଜରେ ୨୦୨୩ କ୍ୟାଲେଣ୍ଡର ବର୍ଷରେ ଏକକ ଛୁଟି ତାଲିକାକୁ କଡ଼ାକଡ଼ି ଅନୁପାଳନ କରିବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ସମସ୍ତ ସରକାରୀ/ବେସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଏବଂ ସମସ୍ତ ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ ଚୋରକୁ ପଲଙ୍କ ସୁପାଡ଼ି,
ଧନ ଚୋରକୁ ଧକ୍କା,
ଚମ ଚୋରକୁ ଦି' ଗାଲରେ କଳା,
ଅଳଣା ଚୋରକୁ ବକ୍କା।**

ଯିଏ ମନକୁ ଚୋରି କରିଥାଏ ସେ ହିଁ ଆପଣାର ବା ପ୍ରିୟ ହୋଇଥାଏ। ଟଙ୍କା ପଇସା ଚୋରାଇ ନେଉଥିବା ଚୋରକୁ ମାଡ଼ ଦିଆଯାଇଥାଏ। ଲମ୍ପଟ ବ୍ୟକ୍ତିଙ୍କୁ ନିନ୍ଦା ଅପମାନ ମିଳିଥାଏ। ସେହିପରି ଅଳଣା ଚୋରକୁ ଗାଳିମନ୍ଦ କରାଯାଇଥାଏ। ଉପରବର୍ଣ୍ଣିତ ବ୍ୟକ୍ତିଙ୍କୁ ନିଜସ୍ୱ ବିଚାର ଏବଂ ଶୈଳୀରେ ଉପଯୁକ୍ତ ଶାସ୍ତି ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମାଇଲା ରାବଣ, ଆଣିଲା ସୀତା,
ଏଥିପାଇଁ କିଆଁ ପୋଥି ସାତଟା।**

ସୀତା ମାତାଙ୍କୁ ଲଙ୍କାର ରାବଣ ଛଦ୍ମବେଶରେ ଆସି ହରଣ କରି ନେଇଯାଇଥିବା ପୁରାଣ ପୃଷ୍ଠାରୁ ଜଣାଯାଏ, ଯାହାକି ରାମାୟଣର ସାତଟି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ କୌଣସି କଥା ବା ଘଟଣାକୁ ଅଧିକ ଲମ୍ବେଇ କିମ୍ବା ବିସ୍ତୃତ ଭାବେ ବର୍ଣ୍ଣନା କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମୁଖ୍ୟ ଅଭିଯୁକ୍ତଙ୍କ ସ୍ତ୍ରୀ ଖୋଲିଲେ ଗୁମର

## ପରକୀୟାରୁ ଯୁବକଙ୍କୁ ହତ୍ୟା

- ସାଙ୍ଗ ଦେଖାଇଲେ ପ୍ରମାଣ ନଷ୍ଟର ଡେମୋ
- ପୋଖରୀ, ପାଳ ପାଉଁଶ ଗଦାରୁ ଅସ୍ଥି ଜବତ

ନୟାଗଡ଼ ଅଫିସ/ନୂଆଗାଁ, ୧୨।୧୨(ଡି.ଏନ୍.ଏ.)

ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ମହିପୁର ଫାଣ୍ଡି ଅନ୍ତର୍ଗତ ପଥରପାଟଣା ଗାଁରେ ଘଟିଥିବା ହତ୍ୟାକାଣ୍ଡର ଗୁମର ଫିଟିଛି। ପରକୀୟାରୁ କଟକ ଜିଲ୍ଲା ଲାଲବାଗ୍ ଥାନା ସତୀଚଉରା ମହାନ୍ତିପଡ଼ାର ଶୈଳେନ୍ଦ୍ରନାଥ ଜେନାଙ୍କୁ ଅପହରଣ କରାଯାଇ ହତ୍ୟା କରାଯାଇଥିବା ପ୍ରମାଣ ମିଳିଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ପଥରପାଟଣା ଗାଁର ଦୀପୁ ସାହୁ ଓ ତାଙ୍କ ବାପା ତଥା ଅନ୍ୟତମ ଅଭିଯୁକ୍ତ ଭାବ ସାହୁ ଫେରାର ହୋଇଯାଇଛନ୍ତି। ପୋଲିସ ହତ୍ୟା ଓ ପ୍ରମାଣ ନଷ୍ଟ ଅଭିଯୋଗରେ ଦୀପୁଙ୍କ ସ୍ତ୍ରୀ ସୁନୀତା ସାହୁ ଏବଂ ସାଙ୍ଗ ସୁରିଆ ସାହୁଙ୍କୁ ଗିରଫ କରିଛି। ପୋଲିସ ସୁନୀତାଙ୍କଠାରୁ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଥିବାବେଳେ ସହଯୋଗୀ ସୁରିଆଙ୍କୁ ନେଇ ସିନ୍ ରିକ୍ରିଏଟ୍ କରାଇ ପ୍ରମାଣ ନଷ୍ଟର ଗୁମର ପାଇଛି। ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିହ୍ନା, ଡିଏସ୍‌ପି ଦପ୍ତିରୀ କର୍ଣ୍ଣ, ନୂଆଗାଁ ଥାନା ଅଧିକାରୀ ପୁଷ୍ପଲତା ବେହେରା, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ପାଳ ପାଉଁଶ ଗଦା ଓ ପୋଖରୀରୁ ଅନେକ ହାଡ଼ ଜବତ କରିଛନ୍ତି।

ନୟାଗଡ଼ ଏସ୍‌ପି ଅଲୋକ ଚନ୍ଦ୍ର ପଣ୍ଡିଙ୍କ ସୂଚନା ମୁତାବକ ମୁଖ୍ୟ ଅଭିଯୁକ୍ତ ଦୀପୁ ସ୍ତ୍ରୀ ସୁନୀତାଙ୍କ ସହ କଟକରେ ରହି ଦହିବରା ବେପାର କରୁଥିଲେ। ଏହି ସମୟରେ ଶୈଳେନ୍ଦ୍ର ଓ ଦୀପୁଙ୍କ ପରିବାର ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ଏଣୁ ଶୈଳେନ୍ଦ୍ର ଦୀପୁଙ୍କ ଘରକୁ ଯିବା ଆସିବା କରୁଥିଲେ। ଏହାକୁ ଦୀପୁ ପରକୀୟା ଭାବି ସନ୍ଦେହ କରୁଥିଲେ। ଏ ନେଇ ଦୁଇ ପରିବାର ମଧ୍ୟରେ ଅନେକ ଥର ଝଗଡ଼ା ହେଉଥିଲା। ତେଣୁ ଶୈଳେନ୍ଦ୍ରଙ୍କ ଜୀବନରେ ମାରିଦେବା ପାଇଁ ପୂର୍ବରୁ ଦୀପୁ ଯୋଜନା କରିଥିଲେ। ଗତ ୩ ତାରିଖରେ ଶୈଳେନ୍ଦ୍ର ତାଙ୍କ ସାଙ୍ଗ ଜୟପ୍ରକାଶଙ୍କ ସହ ପଥରପାଟଣା ଗାଁକୁ ଆସିଥିଲେ। ଏହି ସମୟରେ ଦୀପୁ ଶୈଳେନ୍ଦ୍ରଙ୍କୁ ଅପହରଣ କରି ନେଇ ଘରେ ହତ୍ୟା କରିଥିଲେ। ଅନ୍ୟପକ୍ଷରେ ଶୈଳେନ୍ଦ୍ର ଫେରିବାରେ ବିଳମ୍ବ କରିବାରୁ ଜୟପ୍ରକାଶ ଅତିଷ୍ଠ ହୋଇ ପଳାଇ ଯାଇଥିଲେ। ଶୈଳେନ୍ଦ୍ର ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ସଂଘମିତ୍ରା ମୋବାଇଲ ଫୋନକୁ କଲ କରିଥିଲେ। ହେଲେ ଶୈଳେନ୍ଦ୍ରଙ୍କ ଫୋନ୍ ସୁଇଚ୍ ଅଫ୍ ଦର୍ଶାଉଥିଲା। କୌଣସି ଖୋଜ ଖବର ନ ମିଳିବାରୁ ସଂଘମିତ୍ରା ଗତ ୪ ତାରିଖରେ କଟକ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ। ତେବେ ଶୈଳେନ୍ଦ୍ରଙ୍କ ଫୋନ ନୟାଗଡ଼ର ମହିପୁର ଅଞ୍ଚଳରେ ସୁଇଚ ଅଫ୍ ହୋଇଥିବା ପୋଲିସ ଫୋନ ଟ୍ରାକିଂ କରି ଜାଣିବାକୁ ପାଇଥିଲା। ଅନ୍ୟପକ୍ଷେ ଜୟପ୍ରକାଶଙ୍କୁ ପଚରାଉଚୁରା ପରେ ସେମାନେ ପଥରପାଟଣା ଗାଁକୁ ଯାଇଥିବା ଜଣାପଡ଼ିଥିଲା। ଫଳରେ ସଂଘମିତ୍ରା ହତ୍ୟା ସନ୍ଦେହ କରି ନୂଆଗାଁ ଥାନାରେ ଗତ ୮ ତାରିଖରେ ଅଭିଯୋଗ କରିଥିଲେ। ନୂଆଗାଁ ପୋଲିସ ପ୍ରଥମେ ଦୀପୁଙ୍କ ସ୍ତ୍ରୀ ସୁନୀତା ଏବଂ ସାଙ୍ଗ ସୁରିଆଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଏହି ସମୟରେ ଉଭୟେ ହତ୍ୟା ଘଟଣାକୁ ସ୍ୱୀକାର କରିଥିଲେ। ୩ ତାରିଖ ରାତିରେ ତାଙ୍କ ପାଖକୁ ଆସିଥିବା ଶୈଳେନ୍ଦ୍ରଙ୍କୁ ଦୀପୁ ପିଟି ପିଟି ମାରିଦେଇଥିବା କଥା ସୁନୀତା ପୋଲିସ ଆଗରେ କହିଥିଲେ। ହତ୍ୟାକାଣ୍ଡକୁ ଲୁଚାଇବା ପାଇଁ ମୃତଦେହକୁ ଦୀପୁ, ସୁରିଆ ଓ ଭାବ ସାହୁ ମିଶି ପୋଡ଼ି ଦେଇଥିଲେ। କିଭଳି ଏବଂ କେଉଁଠାରେ ମୃତଦେହକୁ ପୋଡ଼ାଯାଇଥିଲା, ତାହା ସୁରିଆ ସିନ୍ ରିକ୍ରିଏସନ ସମୟରେ ଦେଖାଇଥିଲେ। ସୁରିଆଙ୍କ କହିବା ମୁତାବକ ଶୈଳେନ୍ଦ୍ରଙ୍କୁ ମାରିଦେବା ପରେ ଘର ପଛ ପାଖେ ପୋଡ଼ିଦେବାର ଯୋଜନା କରାଯାଇଥିଲା। ତେବେ ଘର ନିକଟରେ ପୋଡ଼ିଲେ ଧରାପଡ଼ିବା ଭୟରେ ସେମାନେ ମୃତଦେହକୁ ବାହାରେ ନଷ୍ଟ କରିବାକୁ ଯୋଜନା କରିଥିଲେ। ତଦନୁଯାୟୀ ନଦୀ ନିକଟ ହରିଡ଼ା ବଣ ଗହୀରରେ ଥିବା ପାଳ ଗଦାରେ ମୃତଦେହକୁ ସେମାନେ ପୋଡ଼ି ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ଅଧାପୋଡ଼ା ହାଡ଼କୁ ଗୁଣ୍ଡ କରି ହରିଡାବନ୍ଧ ପୋଖରୀରେ ଫୋପାଡି ଦେଇଥିଲେ ବୋଲି ସୁରିଆ କହିଥିବା ଏସ୍‌ପି କହିଛନ୍ତି। ୨୦୨/୨୨ନମ୍ବରରେ ମାମଲା ରୁଜୁ ହୋଇ ୨ ଜଣଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଗିରଫ ପରେ ପୁଣି ତାଙ୍କୁ ପୋଲିସ ସିନ୍ ରିକ୍ରିଏସନ କରିବ ବୋଲି ଏସ୍‌ପି କହିଛନ୍ତି।

# ଏଲ୍ଏସିରେ ଭାରତ-ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ

## ଉଭୟ ପକ୍ଷରୁ ଅନେକ ଆହତ

ନୂଆଦିଲ୍ଲୀ,୧୨।୧୨

ଅରୁଣାଚଳପ୍ରଦେଶ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟ ତାଓ୍ୱାଙ୍ଗ ସେକ୍ଟରରେ ଶୁକ୍ରବାର ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର କେତେଜଣ ସୈନ୍ୟ ଆହତ ହୋଇଛନ୍ତି। ୬ ଜଣ ଆହତ ଯବାନଙ୍କୁ ଚିକିତ୍ସା ପାଇଁ ଗୁଆହାଟୀ ଅଣାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ଘଟଣା ପରେ କମାଣ୍ଡରସ୍ତରୀୟ ଆଲୋଚନା ପରେ ଉଭୟ ପକ୍ଷରୁ ସେନାଙ୍କୁ ହଟାଇ ଦିଆଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୯ ତାରିଖରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମିର ସୈନ୍ୟମାନେ ଅରୁଣାଚଳପ୍ରଦେଶର ତାଓ୍ୱାଙ୍ଗ ସେକ୍ଟର ଅନ୍ତର୍ଗତ ଏଲ୍ଏସିରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଭାରତୀୟ ଯବାନମାନେ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ସଂଘର୍ଷ ପରେ ଉଭୟ ପକ୍ଷ ସେଠାରୁ ଫେରିଯାଇଥିଲେ। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଥିବା ଭାରତୀୟ ସେନା କମାଣ୍ଡର ତାଙ୍କ ଚାଇନା ପ୍ରତିପକ୍ଷଙ୍କ ସହ ଫ୍ଲାଗ୍ ମିଟିଂରେ ଉକ୍ତ ପ୍ରସଙ୍ଗ ଉଠାଇଥିଲେ। ସୀମାରେ ଶାନ୍ତି ଓ ସ୍ଥିରତା ରକ୍ଷା ଲାଗି ଗଠନମୂଳକ ଆଲୋଚନା ହୋଇଛି।

ଭାରତର ସୀମାରେ ଚାଇନା କ୍ରମାଗତ ଭାବେ ହସ୍ତକ୍ଷେପ କରିଆସୁଛି। ଏଲ୍ଏସି ଅନ୍ତର୍ଗତ ତାଓ୍ୱାଙ୍ଗ ସେକ୍ଟରର କେତେକ ଅଞ୍ଚଳକୁ ନେଇ ବୁଝାମଣାରେ ଭିନ୍ନତା ରହିଛି। ସେଥିପାଇଁ ଉଭୟ ଭାରତ ଓ ଚାଇନା ଉକ୍ତ ଅଞ୍ଚଳକୁ ନିଜର କହୁଥିବାବେଳେ ସେଠାରେ ଦୁଇ ପକ୍ଷର ସୈନ୍ୟ ପାଟ୍ରୋଲିଂ କରିଥାନ୍ତି। ୨୦୦୬ରୁ ଏହି ଧାରା ଜାରି ରହିଛି। ୨୦୨୦ ମେ'ରେ ଲଦାଖର ବିବାଦୀୟ ପୋଙ୍ଗଙ୍ଗ୍ ହ୍ରଦ ଓ ତିବ୍ବତ-ସିକିମ୍ ସୀମାରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ହୋଇଥିଲେ। ସୀମାରେ କିଛିଦିନ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିବା ପରେ ଜୁନ୍‌ରେ ଲଦାଖ ଅନ୍ତର୍ଗତ ଗଲଓ୍ୱାନ ଉପତ୍ୟକାରେ ଉଭୟ ପକ୍ଷ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା, ଯେଉଁଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିଲେ। ଚାଇନା ପକ୍ଷର ୪୫ରୁ ଅଧିକ ସୈନ୍ୟ ମୃତାହତ ହୋଇଥିବା ଜଣାପଡ଼ିଥିଲା। ଏକାଧିକ ପର୍ଯ୍ୟାୟ ଆଲୋଚନା ପରେ ୨୦୨୦ ଜୁଲାଇରେ ଗଲଓ୍ୱାନ, ହଟ୍‌ସ୍ପ୍ରିଙ୍ଗ ଏବଂ ଗୋଗ୍ରାରୁ ଆଂଶିକ ସୈନ୍ୟ ପ୍ରତ୍ୟାହାର ହୋଇଥିବାବେଳେ ୨୦୨୧ ଫେବୃୟାରୀରେ ପଙ୍ଗୋଙ୍ଗ୍ ହ୍ରଦର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରୁ ଉଭୟ ପକ୍ଷ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର କରିଥିଲେ।

# ପିପିପି ମଡେଲ୍‌ରେ କମିପାରିବ ହାତୀ-ମଣିଷ ବିବାଦ




ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ହାତୀ-ମନୁଷ୍ୟ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ କେତେକ ସ୍ଥାନରେ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି। ଏହିବିବାଦ ମଧ୍ୟରେ ବି ଆମକୁ ମନେ ରଖିବାକୁ ପଡ଼ିବ ଯେ ପରସ୍ପର ସହ ସଂଶ୍ଳିଷ୍ଟ ଜୈବ ମଣ୍ଡଳ, ସମାଜ ଓ ପରିବେଶ ସନ୍ତୁଳନରେ ହାତୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡାଇନୋସର ପରେ ବର୍ତ୍ତମାନ ହାତୀ ସ୍ଥଳଭାଗର ସବୁଠାରୁ ବଡ଼ ପ୍ରାଣୀ। ଯଦି ହାତୀମାନେ ନ ରୁହନ୍ତି ତା'ହେଲେ ଜୈବମଣ୍ଡଳରେ ତାଙ୍କ ସ୍ଥାନ ଅନ୍ୟ କେହି ନେଇପାରିବେ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ସୋମବାର ସୂଚନା ଭବନଠାରେ ସେଭ୍ ଏଲିଫାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟର ଏକାଦଶ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ରାଜ୍ୟ ସରକାର ହାତୀ-ମନୁଷ୍ୟଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରୀ-ଘରୋଇ-ଗୋଷ୍ଠୀ-ଭାଗୀଦାରି ବା ପବ୍ଲିକ୍-ପ୍ରାଇଭେଟ୍-କମ୍ୟୁନିଟି-ପାର୍ଟନରସିପ(ପିପିସିପି) ମଡେଲରେ କାର୍ଯ୍ୟ କରାଗଲେ ହାତୀ-ମନୁଷ୍ୟ ବିବାଦରେ ଅନେକ ଉପଶମ ମିଳିପାରିବ ବୋଲି ମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଓ ସୁଶୀଲ କୁମାର ପୋପଲି ଉପସ୍ଥିତ ରହି ହାତୀ ଏବଂ ମଣିଷ ବିବାଦର ସ୍ଥିତି ତଥା ସମାଧାନ ସଂକ୍ରାନ୍ତରେ କହିଥିଲେ। ପ୍ରୋଜେକ୍ଟ ଏଲିଫାଣ୍ଟର ଆଇଜିଏଫ୍ ତଥା ନିର୍ଦ୍ଦେଶକ ରମେଶ କୁମାର ପଣ୍ଡା, ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ, ଟ୍ରଷ୍ଟି ଜିତ୍‌ଶତ୍ରୁ ମହାନ୍ତି, ଟ୍ରଷ୍ଟ ଉପଦେଷ୍ଟା ସରୋଜ କୁମାର ପଟ୍ଟନାୟକ, ବି.କେ. ଲୀନା ପ୍ରମୁଖ ଜୈବମଣ୍ଡଳ ତଥା ପରିବେଶର ସନ୍ତୁଳନ ପାଇଁ ହାତୀର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବା ସହ ବନ କର୍ମଚାରୀ ଓ ହାତୀ-ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଡ. ରଜନୀକାନ୍ତ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ମ୍ୟାନେଜିଂ ଟ୍ରଷ୍ଟି ଡ. ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# କୂଅରେ ଖସିପଡ଼ିଲା କାର୍, ୪ ମୃତ

## ଅପହରଣ ନୁହେଁ ଦୁର୍ଘଟଣା

ଉମରକୋଟ/ରାଇଘର,୧୨।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ଛତିଶଗଡ଼ର କାଙ୍କେରରୁ ଭୋଜିଖାଇ ଫେରୁଥିବା ୪ ଜଣଙ୍କୁ ଶନିବାର ରାତିରେ ଅପହରଣ କରାଯାଇଥିବା ସନ୍ଦେହ ଭୁଲ୍ ପ୍ରମାଣିତ ହୋଇଛି। ଅପହରଣ ନୁହେଁ ଏହା ଏକ ଦୁର୍ଘଟଣା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ୩୦ ନଂ. ଜାତୀୟ ରାଜପଥରେ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାପାର୍ଶ୍ୱ ପରିତ୍ୟକ୍ତ କୂଅ ମଧ୍ୟରେ ଖସିପଡ଼ିବା ଫଳରେ ଗାଡ଼ିରେ ଥିବା ସମସ୍ତ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନବରଙ୍ଗପୁର ଜିଲା ଉମରକୋଟର ସପନ ସରକାର, ତାଙ୍କ ସ୍ତ୍ରୀ ରୀତା ସରକାର, ଛତିଶଗଡ଼ କଣ୍ଡାଗାଁ ଅଞ୍ଚଳର ସପନଙ୍କ ଶାଳକ ବିଶ୍ୱଜିତ ଅଧିକାରୀ ଏବଂ ପଡ଼ୋଶୀ ହଜାରି ଢାଲି। ସପନଙ୍କ ଘର ଉମରକୋଟ ଡିଏନ୍‌କେ ଅଞ୍ଚଳରେ ହୋଇଥିବାବେଳେ ସେ ରାଇଘର ତହସିଲରେ ସୁପରଭାଇଜର ଥିଲେ।

ସୂଚନା ଅନୁଯାୟୀ, ସପନଙ୍କ ସମେତ ୪ ଜଣ ଶନିବାର ଏକ ବିବାହ ଭୋଜିରେ ଯୋଗ ଦେବାପାଇଁ କାର୍(ଓଡି ୨୪ ସି ୧୭୦୫) ଯୋଗେ



କାଙ୍କେରସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ରାତିରେ କଣ୍ଡାଗାଁ ସ୍ଥିତ ଶାଳକଙ୍କ ଘରେ ରାତ୍ରିଯାପନ ପାଇଁ ଫେରୁଥିଲେ। ରବିବାର ସକାଳେ ସେମାନେ ଉମରକୋଟ ଫେରିବାର ଥିଲା। ସପନଙ୍କ ସମେତ ଅନ୍ୟ ସମ୍ପର୍କୀୟମାନେ ମଧ୍ୟ ଆଉ ଦୁଇଟି କାର୍‌ରେ ଭୋଜିରୁ କଣ୍ଡାଗାଁ ଫେରୁଥିଲେ। ହେଲେ ଅନ୍ୟ ଦୁଇ କାର୍ ରାତିରେ କଣ୍ଡାଗାଁରେ ପହଞ୍ଚିଥିଲେ ମଧ୍ୟ ସପନ ପହଞ୍ଚି ନ ଥିଲେ। ପରିବାର ଲୋକେ ସପନଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ସପନଙ୍କ ପୁଅ ନବୋଜିତ ଏବଂ ପରିବାର ଲୋକ ଖୋଜାଖୋଜି କରି ବିଫଳ ହେବା ପରେ ମାଓବାଦୀ ଅପହରଣ କରି ନେଇଥିବା ସନ୍ଦେହ କରି କାଙ୍କେର ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। କାଙ୍କେର ପୋଲିସ ମୋବାଇଲ ଟ୍ରାକ୍ କରି ଉକ୍ତ ସ୍ଥାନକୁ ଯାଇ ତଦନ୍ତ କରିଥିଲେ। ରାସ୍ତାପାର୍ଶ୍ୱ ଜମିରେ ଥିବା ପରିତ୍ୟକ୍ତ କୂଅରେ ସପନଙ୍କ କାର୍ ଖସି ପଡ଼ିଥିବା ଦେଖିଥିଲେ। ସୋମବାର ଛତିଶଗଡ଼ ଅଗ୍ନିଶମ ବାହିନୀ ଏବଂ ପୋଲିସର ମିଳିତ ଉଦ୍ୟମରେ ସମ୍ପର୍କୀୟଙ୍କ ଉପସ୍ଥିତିରେ କ୍ରେନ୍ ସହାୟତାରେ କୂଅରୁ କାର୍‌ଟିକୁ ବାହାର କରାଯାଇଥିଲା। ବନ୍ଦ କାର୍ ମଧ୍ୟରେ ବସିଥିବା ଅବସ୍ଥାରେ ସମସ୍ତଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ କାଙ୍କେର ପଠାଯାଇଛି। କାଙ୍କେରଠାରେ ପେଟ୍ରୋଲ ପକାଇ ଫେରୁଥିବାବେଳେ ଦୁର୍ଘଟଣାର ଘଟିଥିବା ପୋଲିସ ଅନୁମାନ କରୁଛି।

ପ୍ରଥମ ପୃଷ୍ଠାରୁ...

## କୋର୍ଟ ପରିସରରେ...

ପୋଲିସର ଅବହେଳାକୁ ଦାୟୀ କରିଛି। ଏହାସହ ଏହାର ତଦନ୍ତ କରାଯାଉ ବୋଲି ଦାବି କରିଛି। ଅନ୍ୟପଟେ ସୁପ୍ରିମକୋର୍ଟ ରାଜ୍ୟ ପୋଲିସର ଅପାରଗତା ନେଇ ଭର୍ତ୍ସନା କରିଛନ୍ତି। ପୋଲିସ ଡିଜି ଓ ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଆଇଜିଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ପୂର୍ବାହ୍ନରେ ଆନ୍ଦୋଳନକାରୀ କଚେରି ଛକରେ ହାଇକୋର୍ଟ ଆଡ୍‌ଭୋକେଟ ଜେନେରାଲ (ଏଜି) ଅଶୋକ ପରିଜାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହାସହ ରାଜ୍ୟ ସରକାର ଦେଇଥିବା ରିପୋର୍ଟ ସହ ଏଜି ଦାଶ ଦେଇଥିବା ରିପୋର୍ଟର ତାଳମେଳ ରହୁନାହିଁ। ତେଣୁ ଘଟଣା ପାଇଁ ଦାଶଙ୍କୁ ଦାୟୀ କରିଥିଲେ। ଶୀଘ୍ର ସରକାର ନିର୍ବାଚନ କରି ନୂତନ ନିଯୁକ୍ତି କରନ୍ତୁ ବୋଲି ଆନ୍ଦୋଳନକାରୀ ଦାବି କରିଥିଲେ। ବିଚାରପତିମାନଙ୍କୁ ସୁରକ୍ଷା ଦେବା ସମୟରେ ପୋଲିସ ସହିତ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ ସମସ୍ତଙ୍କୁ ବାହାର କରି କୋର୍ଟର ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲା।

ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୯ଟାରେ ସମ୍ବଲପୁର କଚେରି ଛକରେ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ କର୍ମୀ, ମହିଳା ସଂଗଠନ, ଛାତ୍ର ପ୍ରତିନିଧି, କିନ୍ନର ସଂଘ, ବିଭିନ୍ନ ବ୍ୟବସାୟିକ ସଂଘ ସମେତ ଶତାଧିକ ଅନୁଷ୍ଠାନ ସାମିଲ ହୋଇଥିଲେ। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଏକାଠି ହୋଇଥିଲେ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ସ୍ୱତନ୍ତ୍ର ରାଜ୍ୟ ଦାବି ନେଇ ନାରାବାଜି କରିଥିଲେ। ଭଜନ, କୀର୍ତ୍ତନ, ଦୁଲଦୁଲି ବାଜା, ସଂପ୍ରଦାରେ କଳାକାରମାନେ ସାମିଲ ହୋଇ କୋର୍ଟ ସମ୍ମୁଖରେ ନାଚଗୀତ କରିଥିଲେ। ଏପଟେ ଆନ୍ଦୋଳନ ଚାଲିଥିବା ବେଳେ କୋର୍ଟ ପଛପଟ ଦେଇ ବିଚାରପତିମାନଙ୍କୁ ପୋଲିସ ସୁରକ୍ଷା ବଳୟରେ କୋର୍ଟ ପରିସରକୁ ନେଇଥିଲା। ଏହା ଜାଣିବା ପରେ ଆନ୍ଦୋଳନକାରୀ ଉତ୍ତ୍ୟକ୍ତ ହୋଇ କୋର୍ଟ ପରିସରକୁ ଧସେଇ ପଶିଥିଲେ। କୋର୍ଟ ବାହାରେ ଓ ଭିତରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗାଡି ଭଙ୍ଗାରୁଜା, ବାରିକେଟ ଭାଙ୍ଗିବା, ପୋଲିସ ପିସିଆର୍ ଭ୍ୟାନ୍‌କୁ ଘେରିଯିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ପରେ ସମସ୍ତ ବିଚାରପତିଙ୍କୁ ପୋଲିସ କଡା ସୁରକ୍ଷା ବଳୟରେ ନେଇ ଆବାସରେ ଛାଡିଥିଲା। କିଛି ସମୟ ପରେ ଆନ୍ଦୋଳନ ଶାନ୍ତ ପଡିଥିଲା। ଜିଲା ଓକିଲ ସଂଘ ଘଟଣାକୁ ନିନ୍ଦା କରି ପ୍ରେସ୍ ବିବୃତି ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଘଟଣା ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଭିଡିଓଗ୍ରାଫି ଉପରେ ତଦନ୍ତ କରାଯାଉଛି ବୋଲି ସେ କହିଥିଲେ।

## ପାରୁନ ଯଦି ଜଣାଅ...

ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ବୁଧବାର ଭିଡିଓ କନ୍‌ଫରେନ୍ସରେ ହାଜର ହୋଇ କୋର୍ଟ କାର୍ଯ୍ୟରେ ବାଧା ଦେଉଥିବା ଆନ୍ଦୋଳନକାରୀ ଆଇନଜୀବୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଜଣାଇବାକୁ ଖଣ୍ଡପୀଠ ଉଭୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ନଭେମ୍ବର ୨୮ରେ ଖଣ୍ଡପୀଠ ଏଭଳି ଆନ୍ଦୋଳନ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲେ। କୋର୍ଟ କାର୍ଯ୍ୟ ଶତ ପ୍ରତିଶତ ହେବା ଦରକାର। ଏହାର କୌଣସି ବିକଳ୍ପ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିବା ସହ ଆନ୍ଦୋଳନକାରୀ ଓକିଲମାନଙ୍କ ଲାଇସେନ୍ସ ବାତିଲ କରିବାକୁ ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ)କୁ ନିର୍ଦ୍ଦେଶ ଦେଇଥିଲେ। ନ୍ୟାୟିକ ଅଧିକାରୀ, କର୍ମଚାରୀ, ମହକିଲମାନଙ୍କୁ କୋର୍ଟ ପରିସରକୁ ଯିବା ଏବଂ ଫେରିବା ବେଳେ ସୁରକ୍ଷା ଦେବା ନିମନ୍ତେ ପୋଲିସ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହି ନିର୍ଦ୍ଦେଶ ପରେ ମଧ୍ୟ ଆନ୍ଦୋଳନ ଚାଲୁ ରହିବା ଏବଂ ସମ୍ବଲପୁର ଜିଲା କୋର୍ଟରେ ଭଙ୍ଗାରୁଜା ହେଉଥିବା ଖଣ୍ଡପୀଠ ଜାଣିବାକୁ ପାଇଥିଲେ। ଜଷ୍ଟିସ୍ କୌଲ ଗଭୀର ଅସନ୍ତୋଷ ପ୍ରକାଶ କରି ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, କୋର୍ଟ କାର୍ଯ୍ୟରେ ବାଧା ଦେଉଥିବା ଆନ୍ଦୋଳନକାରୀଙ୍କ ସହ ବିନମ୍ର ଆଲୋଚନା ନ କରି ସେମାନଙ୍କୁ ଗିରଫ କରାଯାଉ। ଯଦି ହଜାରେ ଲୋକଙ୍କୁ ଗିରଫ କରିବାକୁ ଆବଶ୍ୟକ ହୁଏ, ତାହା କରାଯାଉ। ଓଡ଼ିଶା ପୋଲିସ ଯଦି ନ ପାରୁଛି ଆମକୁ ଜଣାନ୍ତୁ। ଆମେ ସେଣ୍ଟ୍ରାଲ ଫୋର୍ସ ମୁତୟନ କରିବୁ। ସେହିପରି ଆନ୍ଦୋଳନକାରୀ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ ସମ୍ପର୍କରେ କ'ଣ ପଦକ୍ଷେପ ନିଆଯାଇଛି ତାହା ଆସନ୍ତା ବୁଧବାର ଶୁଣାଣି ବେଳେ ଜଣାଇବାକୁ ଖଣ୍ଡପୀଠ ବିସିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

## ପୂର୍ବତନ ଏମ୍‌ପି ମୋହନ...

ବ୍ଲକ ଧାନମଣ୍ଡଳ ଗାଁରେ ଜନ୍ମିତ ଜେନାଙ୍କର ସହଧର୍ମିଣୀ ଏବଂ ଗୋଟିଏ ଝିଅ ଅଛନ୍ତି। ଜେନା ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ଥିଲେ। ୨୦୦୪ ଏବଂ ୨୦୦୯ରେ ବିଜେଡି ଟିକେଟ୍‌ରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ସମୟରେ ସେ ଟିକେଟ୍ ନ ପାଇବାରୁ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, 'ମୋହନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଜନପ୍ରତିନିଧି ଭାବେ ଲୋକଙ୍କ କଲ୍ୟାଣ ପାଇଁ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।' ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ, ସୁଜିତ୍ କୁମାର, ବିଜେଡି ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଟୁଇଟ୍ କରି ଶୋକ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଅନୁକୂଳତା ପ୍ରାପ୍ତ ହେବ। ତଥାପି ସାମୟିକ ଦ୍ୱନ୍ଦ୍ୱ ଓ ତର୍କବିତର୍କ କ୍ଷେତ୍ରରେ ସମୟ ଅତିବାହିତ ହୋଇପାରେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ କେତେକାଂଶରେ ଅନୁକୂଳ ଫଳ ପାଇବେ। ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ**
ନୂତନ ଯୋଜନା ପାଇଁ ପରିବାରରୁ ଆବଶ୍ୟକ ସହଯୋଗ ପ୍ରାପ୍ତ ହେବେ। ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ । ମଧ୍ୟାହ୍ନରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି । ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ**
ଆଜି ଆପଣ ମନେ ମନେ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ସହକର୍ମୀଙ୍କ ସହଯୋଗରୁ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ମେଶିନାରି ଜିନିଷ ତଥା ଯାନବାହନ ଚାଳନାରେ ସତର୍କ ରହିବା ଭଲ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି ।

**କର୍କଟ**
ଆଜି ଆପଣ ଦ୍ୱନ୍ଦ୍ୱରେ ପଡ଼ି କ'ଣ କରିବେ କିମ୍ବା ନ କରିବା ଉଚିତ ହେବ ତାହା ଠିକ୍ କରିପାରିବେ ନାହିଁ। ତଥାପି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ । ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ**
ଆଲୋଚନା ପରିସରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ବହୁଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ, ଫଳରେ ଆନନ୍ଦର ସୀମା ଲଙ୍ଘନ କରିବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ । ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା**
ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ । ଅପୂରଣୀୟ ଆଶା ପୂରଣ କ୍ଷେତ୍ରରେ ବନ୍ଧୁ ମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବା ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା**
ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇଯାଇପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ। ଆଜି ଦିନଟି କାର୍ଯ୍ୟବ୍ୟସ୍ତତାର ସମୟ କହିଲେ ଅତ୍ୟୁକ୍ତି ହେବନାହିଁ।

**ବିଛା**
ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। କିନ୍ତୁ କଥାରେ କଥାରେ ବାକ୍‌ବିଳାସର ଶ୍ରୁତିରୋଚକତା ପରିବେଶକୁ ଆହ୍ଲାଦିତ କରିବ। କିନ୍ତୁ ଅପରିହାର୍ଯ୍ୟ ଆବଶ୍ୟକତା ଉପଲବ୍ଧିକରି ବନ୍ଧୁଙ୍କୁ ଅନୁନୟ ବିନୟ ପୂର୍ବକ ଧାର ମାଗିପାରନ୍ତି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
କଠୋର କଥା କହିବା କାରଣରୁ ପରିବାରରେ କଳହ ଲାଗିପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ସଙ୍ଗଠନ, ନିର୍ମାଣ, ସଭାସମିତି ତଥା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ ।

**ମକର**
କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଅଫିସ୍ କାମରେ ବିଭିନ୍ନ ସମସ୍ୟା ନିରାକରଣ ପାଇଁ ଚେଷ୍ଟିତ ହେବେ। ଯାତ୍ରା, ମାଙ୍ଗଳିକ କାମ ଓ ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ**
ଆଜି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବାରେ ବନ୍ଧୁବର୍ଗ ସାହାଯ୍ୟ, ସହଯୋଗ କରିବେ। ଆତ୍ମୀୟଙ୍କ ନକାରାତ୍ମକ ଚିନ୍ତାଧାରା ମନକୁ ସାମୟିକ ବିବ୍ରତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିହେବା ଅନୁମେୟ ।

**ମୀନ**
ସକାଳୁ ସକାଳୁ ଦୂରଯାତ୍ରା ସକାଶେ ପ୍ରସ୍ତୁତିପର୍ବ ଶେଷ କରିବେ। କୌଣସି ବନ୍ଧୁଙ୍କର ଆସିବାର ବିଳମ୍ବତାକୁ ଲକ୍ଷ୍ୟକରି ବିଚଳିତବୋଧ କରିପାରନ୍ତି। ଏଣେ ଜମା ଭଲ ପଡୁ ନ ଥିବା ପାଖ ପଡ଼ୋଶୀଙ୍କ ଟୀକାଟିପ୍ପଣୀ ମନକୁ ଦ୍ୱିଧାଗ୍ରସ୍ତ କରିପାରେ । ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି।

ଆଜି ଡିସେମ୍ବର ୧୩ ତାରିଖ, ପୌଷ କୃଷ୍ଣ ପଞ୍ଚମୀ ମଙ୍ଗଳବାର, ରାଶି ନକ୍ଷତ୍ର-ଅଶ୍ଳେଷା କର୍କଟ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୫ ଗତେ, ଘ.୦୬। ୫୯ ମଧ୍ୟେ, ଘ. ୦୮।୫୮ ଗତେ, ଘ.୧୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୩ ଗତେ, ଘ.୦୩।୪୪ ମଧ୍ୟେ ରାହୁକାଳ।

# ଉପକୃତ ହେବେ ୩୦ ଜିଲ୍ଲାର କୋର୍ଟ

କଟକ ଅଫିସ,୧୨।୧୨

■ ଭର୍ଚୁଆଲରେ ଉଦ୍‌ଘାଟନ କଲେ ପ୍ରଧାନ ବିଚାରପତି

■ ଓଡ଼ିଶା ହାଇକୋର୍ଟର ଡିଜିଟାଇଜେଶନ କାର୍ଯ୍ୟ ଦେଶ ପାଇଁ ରୋଲ ମଡେଲ

ସମଗ୍ର ରାଜ୍ୟରେ ଜିଲାକୋର୍ଟଗୁଡ଼ିକର ରେକର୍ଡ ଡିଜିଟାଇଜେଶନ ନିମନ୍ତେ ୧୦ଟି ଜିଲା କୋର୍ଟ ଡିଜିଟାଇଜେଶନ ହବ୍ କାର୍ଯ୍ୟାରମ୍ଭ କରିଛି। ହବ୍‌ଗୁଡ଼ିକ ଅନୁଗୋଳ, ଭଦ୍ରକ, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼ ଓ ସୁବର୍ଣ୍ଣପୁର ପୁର ଜିଲାରେ ସ୍ଥାପିତ ହୋଇଛି। ଏହି ହବ୍‌ଗୁଡ଼ିକରେ ନିଜ ଜିଲାକୋର୍ଟ ସମେତ ନିକଟବର୍ତ୍ତୀ ଜିଲାକୋର୍ଟର ରେକର୍ଡ ମଧ୍ୟ ଡିଜିଟାଇଜଡ୍ କରାଯିବ। ଏହି ବ୍ୟବସ୍ଥା ଦ୍ୱାରା ଓଡ଼ିଶାର ୩୦ ଜିଲାରେ ଥିବା ଜିଲାକୋର୍ଟକୁ ସୋମବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡ. ଡି. ୱାଇ. ଚନ୍ଦ୍ରଚୂଡ଼ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି।

ସୂଚନା ଅନୁସାରେ, ଓଡ଼ିଶା ହାଇକୋର୍ଟ ପକ୍ଷରୁ ରେକର୍ଡ ଡିଜିଟାଇଜେଶନ କାର୍ଯ୍ୟ ହାଇକୋର୍ଟ ସମେତ ଜିଲା କୋର୍ଟଗୁଡ଼ିକରେ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ପାଇଲଟ ପ୍ରକଳ୍ପ ଭିତ୍ତିରେ କଟକ, ଗଞ୍ଜାମ, ସମ୍ବଲପୁର ଓ ବାଲେଶ୍ୱରଠାରେ ୪ଟି ଜିଲା କୋର୍ଟ ଡିଜିଟାଇଜେଶନ ସେଣ୍ଟର ୨୦୨୧ ଏପ୍ରିଲ ୩୦ରେ ସ୍ଥାପନ କରାଯାଇଥିଲା। ଏହି ୪ଟି ଜିଲାକୋର୍ଟର ୫,୯୪,୨୩୭ଟି ରେକର୍ଡକୁ ୨୦୨୨ ନଭେମ୍ବର ୩୦ ସୁଦ୍ଧା ଡିଜିଟାଇଜେଶନ କରାଯାଇଛି, ଯେଉଁଥିରେ ୫,୫୮,୧୩,୭୭୧ଟି ପୃଷ୍ଠା ସାମିଲ ହୋଇଛି। ପାଇଲଟ୍ ପ୍ରକଳ୍ପରୁ ଉତ୍ସାହଜନକ ଫଳ ମିଳିଥିବାରୁ ହାଇକୋର୍ଟ ଏହି ସେଣ୍ଟରଗୁଡ଼ିକୁ ହବ୍‌ରେ ପରିଣତ କରିଥିଲେ। ଏଥିସହ ସୋମବାର ଆଉ ୧୦ଟି ନୂତନ ହବ୍ ଉଦ୍‌ଘାଟନ ହେବା ପରେ ସାରା ରାଜ୍ୟର ନ୍ୟାୟିକ ବ୍ୟବସ୍ଥାର ରେକର୍ଡଗୁଡ଼ିକ ଡିଜିଟାଇଜେଶନ ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

ପ୍ରଧାନ ବିଚାରପତି ଡି. ୱାଇ ଚନ୍ଦ୍ରଚୂଡ଼ ଉଦ୍‌ଘାଟନୀ ଭାଷଣରେ କହିଛନ୍ତି, ଓଡ଼ିଶା ହାଇକୋର୍ଟର ଡିଜିଟାଇଜେଶନ କାର୍ଯ୍ୟ ସମଗ୍ର ଦେଶ ପାଇଁ ରୋଲ ମଡେଲ ପାଲଟିଛି। ନ୍ୟାୟିକ ବ୍ୟବସ୍ଥାର ଆଧୁନିକୀକରଣ ଦିଗରେ ଡିଜିଟାଇଜେଶନ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଖୁବଶୀଘ୍ର ସମଗ୍ର ଦେଶର କୋର୍ଟ ଡିଜିଜାଇଜେଶନ କାର୍ଯ୍ୟରେ ଓଡ଼ିଶା ହାଇକୋର୍ଟ ପ୍ରମୁଖ ଭୂମିକା ନିଭାଇବ। ସେହିପରି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର କହିଛନ୍ତି, ସାରା ରାଜ୍ୟରେ କାଗଜବିହୀନ କୋର୍ଟ ପାଇଁ ହାଇକୋର୍ଟ ନିଷ୍ପତ୍ତି ନେଇଛନ୍ତି। ତାହାକୁ କାର୍ଯ୍ୟରେ ପରିଣତ କରିବା ଲାଗି ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ ସ୍କ୍ରିନ ଟଚ୍ ଲାପଟପ୍ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଓଡ଼ିଶା ହାଇକୋର୍ଟର ଭିଡିଓ କନଫରେନ୍ସ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଡ. ଏସ୍ ମୁରଲୀଧର, ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର କମିଟି ଅଧ୍ୟକ୍ଷ ବିଚାରପତି ଡି. ଦାଶ ଏବଂ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ଜିଲା ଜଜ୍, ବିଚାର ବିଭାଗୀୟ ଅଧିକାରୀ, ବାର୍ ଆସୋସିଏଶନ କର୍ମକର୍ତ୍ତା ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ବିଭିନ୍ନ ଜିଲାରୁ ଭର୍ଚୁଆଲରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।



ଭର୍ଚୁଆଲ ମାଧ୍ୟମରେ ପ୍ରଧାନ ବିଚାରପତି ଡ. ଡି. ୱାଇ. ଚନ୍ଦ୍ରଚୂଡ଼ ଜିଲା କୋର୍ଟ ଡିଜିଟାଇଜେଶନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦୁପତ୍ର ତୋଳାଳି


ନବୀନ ନିବାସରେ ସୋମବାର କେନ୍ଦୁପତ୍ର ତୋଳାଳି ଏବଂ ବନ୍ଧାଳିମାନେ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛନ୍ତି।

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

**ପ୍ୟାକେଜ୍ ପାଇଁ ଜଣାଇଲେ କୃତଜ୍ଞତା**

ରାଜ୍ୟର କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିମାନଙ୍କର ଅସ୍ଥାୟୀ କେନ୍ଦୁପତ୍ର କର୍ମଚାରୀ ସଂଘ ସୋମବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳିମାନଙ୍କୁ ସ୍ୱାଗତ କରିବା ସହ କହିଛନ୍ତି ଯେ, ମୁଁ ସବୁବେଳେ ଆପଣମାନଙ୍କ ସାଥିରେ ରହିଛି। ଆଗାମୀ ଦିନରେ ଆପଣମାନଙ୍କ ଭଲ ପାଇଁ ବହୁତ ବହୁତ କାମ କରିବି। ଏହି ସମୟରେ ସେଠାରେ ଉପସ୍ଥିତ କେନ୍ଦୁପତ୍ର କର୍ମଚାରୀମାନେ ନବୀନ ପଟ୍ଟନାୟକ ଜିନ୍ଦାବାଦ୍ ଧ୍ୱନି ଦେଇ ପରିବେଶ କମ୍ପାଇ ଦେଇଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନିକଟରେ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ପାଇଁ ପ୍ୟାକେଜ୍ ଘୋଷଣା କରିଥିଲେ। ବିଭିନ୍ନ ଦାବି ଉପରେ କେନ୍ଦୁପତ୍ର ତୋଳାଳି ସଂଘ ସହ ମୁଖ୍ୟମନ୍ତ୍ରୀ ଗତ ନଭେମ୍ବର ୧୬ରେ ଆଲୋଚନା କରିଥିଲେ। ଆଲୋଚନାର ସପ୍ତାହକ ମଧ୍ୟରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳିଙ୍କୁ ୧୦୦୦ ଏବଂ ବନ୍ଧାଳି ଓ ଅନ୍ୟ କର୍ମଚାରୀଙ୍କ ଲାଗି ୧୫ଶହ ଟଙ୍କା ବୋନସ୍ ପ୍ରଦାନ କରିଛନ୍ତି। ସେହିଭଳି ତୋଳାଳି ଓ ବନ୍ଧାଳି ଏବଂ ଅସ୍ଥାୟୀ କର୍ମଚାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଇଛି।

# କମିଲା ଶୀତ: ୮ ଜିଲାରେ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ ୧୩.୨, ଝାରସୁଗୁଡ଼ାରେ ୧୩.୫ ଡିଗ୍ରୀ ସେଲ୍‌ସିୟସ ଥିବା ଜଣାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ବାତ୍ୟା ମାଣ୍ଡୋସ ଯୋଗୁ ବାୟୁମଣ୍ଡଳରେ ଜଳୀୟବାଷ୍ପ ଭରି ରହିଛି। ଏଥିଯୋଗୁ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇଛି। ଏହି ଜଳୀୟବାଷ୍ପ ବାଷ୍ପୀଭୂତ ହେବାକୁ ଆହୁରି ସପ୍ତାହେ ଲାଗିବ। ଆସନ୍ତା ୨୧ ତାରିଖରୁ ପୁଣି ଶୀତ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ଆସନ୍ତା ସପ୍ତାହେ ଯାଏ ପାଗରେ ବିଶେଷ କିଛି ପରିବର୍ତ୍ତନ ହେବନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ଅନୁଗୋଳ, ଢେଙ୍କାନାଳ ଓ କଟକ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି।

# ଡାକ୍ତରୀ ପାଠପଢ଼ା ପାଇଁ ବୈକୁଣ୍ଠଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ**

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଗରିବ ଛାତ୍ରଙ୍କୁ ଡାକ୍ତରୀ ପଢ଼ିବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଡାକ୍ତରୀ ପଢ଼ିବା ପାଇଁ ଅର୍ଥ ବାଧକ ସାଜିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ପୁରୀ ଜିଲାର ବୈକୁଣ୍ଠ ସେଠୀଙ୍କୁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇଛନ୍ତି। ପାଠପଢ଼ା ପାଇଁ ସମସ୍ତ ଅର୍ଥ ରାଜ୍ୟ ସରକାର ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି ବୈକୁଣ୍ଠ।

ପୁରୀ ଜିଲା କଣାସ ବ୍ଲକ ତେଲଙ୍ଗାପଡ଼ାର ବୈକୁଣ୍ଠ ସେଠୀ ଏନ୍‌ଇଇଟି ଉତ୍ତୀର୍ଣ୍ଣ ହେବା ପରେ ଫକୀର ମୋହନ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ସୂଚନା ଆସିଥିଲା। ଦିନମଜୁରିଆ ପରିବାରର ବୈକୁଣ୍ଠ ବହୁକଷ୍ଟରେ ନାମ ଲେଖାଇଥିଲେ ମଧ୍ୟ ପଢ଼ା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ରେ ସକ୍ଷମ ହୋଇ ନ ଥିଲେ। ଏଥିପାଇଁ ସେ ସୋସିଆଲ ମିଡିଆରେ ସହଯୋଗ ଲୋଡ଼ିଥିଲେ। ଘଟଣାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗୁରୁତର ସହ ନେଇ ପଦକ୍ଷେପ ନେବାକୁ ଏସ୍‌ସି/ଏସ୍‌ଟି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ବୈକୁଣ୍ଠଙ୍କୁ ଯୋଗାଯୋଗ କରାଯାଇ ସରକାରଙ୍କ ତରଫରୁ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

# କୃତଜ୍ଞତା ଜଣାଇଲେ ମିଶନ ଶକ୍ତି ସଦସ୍ୟା

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ରାଜ୍ୟର ବିଭିନ୍ନ ଜିଲାର ମିଶନ ଶକ୍ତି ସଦସ୍ୟାମାନେ ସୋମବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ମହିଳାମାନଙ୍କୁ ସଶକ୍ତ କରିବାକୁ ନବୀନ ନେଇଥିବା ପଦକ୍ଷେପକୁ ପ୍ରଶଂସା କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସଦସ୍ୟାମାନେ କୃତଜ୍ଞତା ଜଣାଇଛନ୍ତି। ହୁଳହୁଳି ପକାଇ ନବୀନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହିଳାମାନଙ୍କ ସହିତ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ପରେ ସମସ୍ତଙ୍କ ସହ ଫଟୋ ଉଠାଇବା ସହିତ ଆଗାମୀ ଦିନରେ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଚର୍ଚ୍ଚିତ ମିଶ୍ରଙ୍କୁ ଇଡିର ୨ ଘଣ୍ଟା ଜେରା

**ଅଭୟକାନ୍ତଙ୍କ ବିଏମଡବ୍ଲ୍ୟୁ କିଣା ଲିଙ୍କ୍**

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ):** ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍)ର ନିର୍ଦ୍ଦେଶକ ତଥା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ପୁଅ ଚର୍ଚ୍ଚିତ ମିଶ୍ର ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେ ହାଜର ହୋଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ବିଏମଡବ୍ଲ୍ୟୁ କିଣା ଲିଙ୍କ୍‌ରେ ଚର୍ଚ୍ଚିତଙ୍କୁ ଇଡି ପୂର୍ବରୁ ନୋଟିସ କରିଥିଲା। ତେବେ ସେ ଓକିଲଙ୍କ ସହ ନିର୍ଦ୍ଧାରିତ ସମୟରେ ଇଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅଧିକାରୀମାନେ ତାଙ୍କୁ ୨ ଘଣ୍ଟାରୁ ଅଧିକ ସମୟ ଜେରା କରିଥିଲେ। ଚାକିରିରୁ ବହିଷ୍କୃତ ଆଇଏଫ୍‌ଏସ୍ ଅଧିକାରୀ ଅଭୟଙ୍କ ବେଆଇନ ଟଙ୍କା କାରବାର ତଦନ୍ତ କରୁଛି ଇଡି। ଅଭୟଙ୍କ ଦାମି ଗାଡି ବିଏମ୍‌ଡବ୍ଲ୍ୟୁ ଚର୍ଚ୍ଚିତଙ୍କ ଶୋ'ରୁମ୍‌ରୁ କିଣାଯାଇଥିଲା ବୋଲି ଇଡି ସୂରାକ ପାଇଥିଲା। ଗାଡି କିଣା ବାବଦ ଟଙ୍କାକୁ ନେଇ ଇଡି ଖୋଳତାଡ଼ କରୁଥିବାବେଳେ ଏ ସଂକ୍ରାନ୍ତରେ ଇଡି ଅଧିକାରୀମାନେ ଚର୍ଚ୍ଚିତଙ୍କୁ ପଚରାଉଚରା କରିଛନ୍ତି। ତେବେ ଚର୍ଚ୍ଚିତ ବାହାରିବା ପରେ ସମସ୍ତ ଡକ୍ୟୁମେଣ୍ଟ ଇଡି ପାଖରେ ଦାଖଲ କରିବା ସହ ତଦନ୍ତରେ ସହଯୋଗ କରିଥିବା କହିଛନ୍ତି।













ଯେତେଦିନ ପର୍ଯ୍ୟନ୍ତ ଦୁଷ୍ଟ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ - ତୁମକୁ ଚେଷ୍ଟା କରିବାକୁ ହେବ - ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ବୁଦ୍ଧା ଦୁଷ୍ଟ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ



# ଭୋଟ ପାଇଁ ଭୋକ

ଭୂପେନ୍ଦ୍ର ପଟେଲ ୧୨ ଡିସେମ୍ବର ୨୦୨୨ରେ ଗୁଜରାଟର ୧୮ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା) ଗୁଜରାଟ ବିଧାନସଭା ନିର୍ବାଚନରେ ନିରଙ୍କୁଶ ଆସନ ଜିତି ୭ମ ଥର ପାଇଁ ରେକର୍ଡ ସୃଷ୍ଟି କରି କ୍ଷମତାସୀନ ହୋଇପାରିଛି। ଦୀର୍ଘ ବର୍ଷ ଧରି ଗୋଟିଏ ରାଜନୈତିକ ଦଳ ହାତରେ କ୍ଷମତା ରହିବା ସେଠାକାର ରାଜ୍ୟବାସୀଙ୍କୁ ବ୍ୟଥିତ କରିନାହିଁ ବୋଲି ସଦ୍ୟସମାପ୍ତ ଫଳାଫଳରୁ ସ୍ପଷ୍ଟ ହୋଇଛି। ୧୮୨ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ୧୫୬ ଆସନ ପାଇଥିବା ବେଳେ କଂଗ୍ରେସ ୧୭ ଓ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ୫ ସିଟ୍ ହାସଲ କରିଛନ୍ତି। ୨୦୧୭ରେ ଭାଜପା ୯୯ ଆସନ ପାଇଥିବା ବେଳେ କଂଗ୍ରେସ ୭୮ ସିଟ୍ ପାଇଥିଲା। ଚଳିତ ଥର ଦେଶବ୍ୟାପୀ ଲୋକେ ଅନାଇ ରହିଥିଲେ ଗୁଜରାଟ ନିର୍ବାଚନର ଫଳାଫଳ କ'ଣ ହେବ। ଅନେକ ରାଜନୈତିକ ବିଶେଷଜ୍ଞ ଆକଳନ କରିଥିଲେ ସରକାର ବିରୋଧୀ ପବନ ବହିବ ଓ ସେଥିରେ ଭାଜପା ଉଡ଼ିଯିବ। ଆଉ କିଛି ଭାବିଥିଲେ ପଞ୍ଜାବରେ ଏଏପି ଯେଭଳି ସମସ୍ତଙ୍କୁ ଆଚମ୍ବିତ କରି କ୍ଷମତାକୁ ଆସିଥିଲା, ସେହିଭଳି କିଛି ଗୋଟେ ହୋଇପାରେ। ଏଥିସହିତ କଂଗ୍ରେସ ପୂର୍ବାପେକ୍ଷା ଅଧିକ ଆସନ ପାଇପାରେ ବୋଲି ଗଣନା କରାଯାଉଥିଲା। ହେଲେ ଭାଜପା ସେହିସବୁ ଅନୁମାନ ସମୀକରଣକୁ ଭୁଲ୍ ପ୍ରମାଣିତ କରି ପୂର୍ବାପେକ୍ଷା ସେଠାରେ ଅଧିକ ଦୃଢ଼ ହୋଇଯାଇଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ ଗୁଜରାଟ ନିର୍ବାଚନରେ ଭାଜପାର ଭୋଟ ପ୍ରତିଶତ ୫୨.୫୦ ରହିଥିବା ବେଳେ କଂଗ୍ରେସର ୨୭.୨୮ ପ୍ରତିଶତ ଓ ଏଏପି ଭାଗରେ ୧୨.୯୨ ପ୍ରତିଶତ ଭୋଟ ପଡ଼ିଛି। ଏଏପି ଓ କଂଗ୍ରେସର ଭୋଟ ପ୍ରତିଶତକୁ ମିଶାଇ ଦେଲେ ୪୦.୨୦ ପ୍ରତିଶତ ରହୁଥିବା ବେଳେ ତାହାଠାରୁ ଭାଜପା ୧୨.୩୦ ପ୍ରତିଶତ ଅଧିକ ରହୁଛି। କୁହାଯାଉଛି ଏଏପି ସେଠାରେ ନିର୍ବାଚନ ଲଢ଼ି ନ ଥିଲେ କଂଗ୍ରେସର ଭୋଟ ମାର୍ଜିନ୍ ବଢ଼ିଥାଆନ୍ତା। ଯାହା କୁହାଯାଉଥିଲା ଯେ ଏଏପିର ଗୁଜରାଟ ପ୍ରବେଶ ଭାଜପା ପାଇଁ କାଳ ହେବ, ବରଂ ତାହା ନ ହୋଇ ଗୈରିକ ଦଳ ସକାଶେ ଆଶୀର୍ବାଦ ପାଲଟିଲା। ଏଥିସହିତ ଆସାଦୁଦ୍ଦିନ୍ ଓୱାଇସିଙ୍କ ଏଆଇଏମ୍ଆଇଏମ୍ ଗୁଜରାଟରୁ ଶୂନ ଦଶମିକ ୨୯ ପ୍ରତିଶତ ଭୋଟ ନେଇ କଂଗ୍ରେସ ଭୋଟକୁ ମଧ ମାଇନସ୍ କରିଥିବା ଜଣାପଡ଼ିଛି। ଅନୁମାନ କରାଯାଉଥିଲା ବିଲ୍‌କିସ୍ ବାନୋ ମାମଲାରେ ଯେଭଳି ଭାବେ ଅଭିଯୁକ୍ତମାନଙ୍କୁ ଛାଡ଼ି ଦିଆଯାଇଥିଲା, ତାହା ଏକ ପ୍ରସଙ୍ଗ ପାଲଟି ଭାଜପା ଭୋଟକୁ ଭାଗ କରିପାରେ। ତାହା ମଧ ବିଫଳ ହେଲା।

ଉପରଲିଖିତ ବିଷୟକୁ ଆଲୋଚନା କଲେ ପ୍ରଶ୍ନ ଉଠୁଛି ଭାଜପା କେଉଁ ରଣକୌଶଳ ପ୍ରୟୋଗ କରି ଏଭଳି ସଫଳତା ପାଇପାରିଛି। ଦଳୀୟ ନିର୍ବାଚନ ପରିଚାଳନାରେ ଅତି ସୂକ୍ଷ୍ମ ବୁଦ୍ଧି ଖଟାଇ ଭାଜପା ସୁବିଧା ହାତେଇଛି। ଧର୍ମଭିତ୍ତିକ ରାଜନୀତି କରିବାରେ ଏହି ଦଳର ଅତୀତ ଅତ୍ୟନ୍ତ ଶକ୍ତିଶାଳୀ। ଏହାର ଦୃଷ୍ଟାନ୍ତ ଉତ୍ତରପ୍ରଦେଶଠାରୁ ଆରମ୍ଭକରି ଗୁଜରାଟ ଯାଏ ଦେଖିବାକୁ ମିଳିଛି। କିନ୍ତୁ ଯେଉଁଠାରେ ଜାତିଭିତ୍ତିକ ପ୍ରସଙ୍ଗକୁ ନେଇ ଲଢ଼େଇ ହୋଇଛି ସେଠାରେ ଭାଜପା ପଛରେ ରହିଛି। ବିହାର ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ। ସେଥିପାଇଁ ବିହାରରେ ଦଳ ଆଶାନୁରୂପ ସଫଳତା ପାଇପାରୁ ନାହିଁ। ରାମ ମନ୍ଦିର ପ୍ରତିଷ୍ଠା କଥା କହି ଭାଜପା ଉତ୍ତରପ୍ରଦେଶ ସମେତ ଉତ୍ତର ଭାରତ ରାଜ୍ୟଗୁଡ଼ିକରେ ନିର୍ବାଚନ ଜିତିବା ସହିତ ଦେଶବ୍ୟାପୀ ଏକ ହିନ୍ଦୁ ଧର୍ମୀୟ ଭାବନା ଜାଗରଣ କରିପାରିଥିବାରୁ ତାହାର ପ୍ରଭାବ ଗୁଜରାଟ ନିର୍ବାଚନ ଉପରେ ପଡ଼ିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ହିମାଚଳ ପ୍ରଦେଶ ସର୍ବଦା ବ୍ୟତିକ୍ରମ ସୃଷ୍ଟି କରିଆସିଛି। ସେଠାକାର ଭୋଟର ଅତ୍ୟନ୍ତ ସଚେତନ ଓ କୌଣସି ନିର୍ଦ୍ଦିଷ୍ଟ ଦଳ ଉପରେ ସମ୍ପୂର୍ଣ୍ଣ ଭରସା ନ କରି ପ୍ରତି ୫ ବର୍ଷରେ ଥରେ ପଟ ପରିବର୍ତ୍ତନ କରିବାରେ ଲାଗିଛନ୍ତି। କର୍ନାଟକକୁ ଛାଡ଼ିଦେଲେ ଦକ୍ଷିଣ ଭାରତରେ ଲୋକଙ୍କ ପାଇଁ ସ୍ଥାନୀୟ ପ୍ରସଙ୍ଗ ମୁଖ୍ୟ ବିଷୟ ପାଲଟିଥାଏ। ସମ୍ଭବତଃ ସେଥିଲାଗି ଆଞ୍ଚଳିକ ଦଳଗୁଡ଼ିକ ଦକ୍ଷିଣ ଭାରତରେ ଶାସନ କରୁଛନ୍ତି। ଓଡ଼ିଶା କଥା ଦେଖିଲେ ଜାତୀୟ ଦଳ ଭାଜପା ଓ କଂଗ୍ରେସ ଅପେକ୍ଷା ବିଜୁ ଜନତା ଦଳ(ବିଜେଡି) ବହୁ ଆଗରେ ରହିଛି। ଯଦି ଏଠାରେ ଅନ୍ୟ କୌଣସି ଆଞ୍ଚଳିକ ଦଳର ଆବିର୍ଭାବ ଘଟେ, ହୁଏତ ତାହା ବିଜେଡି ପ୍ରତି ଆହ୍ୱାନ ସୃଷ୍ଟି କରିପାରେ। ଅପରପକ୍ଷରେ ମଧ୍ୟପ୍ରଦେଶ ଭଳି କେନ୍ଦ୍ରୀୟ ଭାରତରେ ଭାଜପା ଧର୍ମକୁ ନେଇ ରାଜନୀତି କରିପାରୁଥିବା ବେଳେ ପଶ୍ଚିମ ଭାରତ ବିଶେଷକରି ମହାରାଷ୍ଟ୍ର ଓ ଗୋଆରେ ତାହାର ଉପସ୍ଥିତି କମୁଥିବା ଲକ୍ଷ୍ୟ କରାଯାଉଛି। ଏଥିରୁ ଏହା ମଧ ବୁଝାଯାଇପାରେ ଯେ, ଯେଉଁସବୁ ଜାଗାରେ ମୁସଲମାନ ସମ୍ପ୍ରଦାୟର ଜନସଂଖ୍ୟା ଅଧିକ ରହୁ ନାହିଁ, ସେଠାରେ ଧର୍ମଭିତ୍ତିକ ଉତ୍ତେଜନା ବୃଦ୍ଧି ପାଉନାହିଁ। ଯେଉଁଠାରେ ଉତ୍ତେଜନା ନାହିଁ ସେଠାରେ ଭାଜପାର ଭୋଟ କମିଯାଉଛି।

୨୦୨୪ ସାଧାରଣ ନିର୍ବାଚନ ଲାଗି ସବୁ ରାଜନୈତିକ ଦଳ ଏବେଠାରୁ ଅଙ୍କ କଷିବା ଆରମ୍ଭ କଲେଣି। କିନ୍ତୁ ଦେଖାଯାଉଛି ଭାଜପାର ନିର୍ବାଚନ ପରିଚାଳନା ରଣନୀତି ଆଗରେ ରହୁଛି। ଗୁଜରାଟ କଥା ଦେଖିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟୁ ସମାଲୋଚନା କରୁଥିବା ହାର୍ଦ୍ଦିକ୍ ପଟେଲ ଓ ଅଳ୍ପେଶ ଠାକୁରଙ୍କୁ ଭାଜପା ନିଜ ଆଡ଼କୁ ଆଣିବାରେ ସକ୍ଷମ ହୋଇଥିଲା। ଫଳରେ ଏହା ଦଳକୁ ଲାଭ ପହଞ୍ଚାଇଲା। କିନ୍ତୁ ସମାଲୋଚନାକାରୀଙ୍କ କଥାକୁ ଠିକ୍ ଭାବେ ତର୍ଜମା ନ କରି କଂଗ୍ରେସ ତତ୍‌କ୍ଷଣାତ୍ ତାହାର ନେତାଙ୍କୁ ତଡ଼ି ଦେଉଥିବାରୁ ଦଳ ପାଇଁ କ୍ଷତି ଘଟୁଛି। ଗତ କିଛି ବର୍ଷ ହେବ କଂଗ୍ରେସ ନେତାମାନେ ନରମ ହିନ୍ଦୁତ୍ୱ ପ୍ରଦର୍ଶନ କରି ମନ୍ଦିର ଯାଇ ପୂଜା କରୁଛନ୍ତି କିମ୍ବା ପଇତା ପ୍ରଦର୍ଶନ କରି ନିଜ ସକାଶେ ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି କରୁଛନ୍ତି। ଦିଲ୍ଲୀ ଓ ପଞ୍ଜାବକୁ ଛାଡ଼ିଦେଲେ ସମାନ ଅବସ୍ଥା ଏଏପି କ୍ଷେତ୍ରରେ ଦେଖିବାକୁ ମିଳୁଛି। ତେଣୁ ଗଣତାନ୍ତ୍ରିକ ନିର୍ବାଚନ ବ୍ୟବସ୍ଥାରେ ଭୋଟ ହାସଲ କରି ଯିଏ ଶାସନ କ୍ଷମତାରେ ବସିପାରିଲେ ସେ ସର୍ବଶକ୍ତିଶାଳୀ ହୋଇପାରିଲେ। ଭାଜପା ପାଇଁ ନିର୍ବାଚନ ଭୋକ ପାଲଟି ଯାଇଥିବାରୁ ତାହାକୁ ମେଣ୍ଟାଇବା ସକାଶେ ତୃଣମୂଳ ସ୍ତରରୁ ଉଦ୍ୟମ ହେଉଛି। ୫ ବର୍ଷ ଅର୍ଥନୀତିକୁ ଜଗାଯାଉ ନାହିଁ କିମ୍ବା ପଡ଼ୋଶୀ ଦେଶ ସହ ସୁସମ୍ପର୍କ ସ୍ଥାପନ କରାଯାଇପାରୁ ନାହିଁ। ଯାହାଫଳରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ସହିତ ଚାଇନାର ଆକ୍ରମଣ ଅବ୍ୟାହତ ରହିଛି। ଏହାର ମୁଖ୍ୟ କାରଣ ହେଉଛି ଶାସକ ଭାଜପା କେବଳ ନିର୍ବାଚନ ପାଇଁ ସର୍ବଦା ପ୍ରସ୍ତୁତି ଚଳାଇଚାଲିଛି। ସମ୍ଭବତଃ 'ଭୋଟ ପାଇଁ ଭୋକ' ଆଭିମୁଖ୍ୟ ରଖି ଭାଜପା ଆଗଉଥିବାରୁ ଅନ୍ୟ ରାଜନୈତିକ ଦଳଗୁଡ଼ିକ ପଛରେ ପଡ଼ିଯାଉଛନ୍ତି। ଗଣତନ୍ତ୍ର ପାଇଁ ଏହାର ଦୀର୍ଘମିଆଦୀ କୁପ୍ରଭାବ ଥିଲେ ମଧ ବର୍ତ୍ତମାନ ସ୍ଥିତିରେ ଯିଏ ଜିତିଲେ ସେ ସିକନ୍ଦର ହୋଇ ଯାଉଛନ୍ତି।

# ଡ୍ୟୁଟି ନ କଲେ ବି ଦରମା ମିଳୁଛି



ସହଦେବ ସାହୁ

ଏବେ ପ୍ରତି ନାଗରିକଙ୍କ ମନରେ ସନ୍ଦେହ ଉଠିଲାଣି 'ଆମ ଏମ୍‌ପିମାନଙ୍କୁ ଦିଆଯାଉଥିବା ପଇସାର ମୂଲ୍ୟ ମିଳୁଛି ତ?' (ସମାନ ସନ୍ଦେହ ଓ ପ୍ରଶ୍ନ ଆମ ଏମ୍‌ଏଲ୍‌ଏମାନଙ୍କ ପ୍ରତି ଲାଗୁ ହେବ।) ସମସ୍ତେ ଚାହାନ୍ତି ଜିନିଷପତ୍ରର ମୂଲ୍ୟ ବଢ଼ିବା (ମୁଦ୍ରାସ୍ଫୀତି ହାର ବଢ଼ିବା) ସଙ୍ଗେ ସଙ୍ଗେ ସେମାନଙ୍କର ଦରମା ବା ମଜୁରି ବଢୁ। କିନ୍ତୁ ବଢ଼ାଇବା ସେମାନଙ୍କ ହାତରେ ନ ଥାଏ। ଏପରି ନିୟମ କରିଥିବା ଲୋକେ, ଏମ୍‌ପି ଓ ଏମ୍‌ଏଲ୍‌ଏମାନେ, ନିଆରା: ସେମାନେ ନିଜେ ଦରମା ବଢ଼ାଇପାରିବେ। ସେମାନେ ଏମିତି ଗୋଟିଏ ଏକଚାଟିଆ କ୍ଲବର ସଭ୍ୟ ଯେ ସେହି କ୍ଲବ୍ ତାହାର ସଭ୍ୟମାନଙ୍କୁ ବଡ଼ ଉଦାର ଚିତ୍ତରେ ଦେଖେ। ଗତଥରର ଦରମା, ଭତ୍ତା ଆଦି ବୃଦ୍ଧିର ୪ବର୍ଷ ନ ପୂରୁଣୁ ସେମାନେ ସଂସଦରେ ପୁନର୍ବାର ଦରମା ଆଦି ବୃଦ୍ଧି ଦାବିକଲେ। ସମ୍ବିଧାନର ଧାରା ୧୦୬ ଅନୁଯାୟୀ ସେମାନେ ନିଜେ ଦରମା ବଢ଼ାଇ ଆସୁଥିଲେ, କେନ୍ଦ୍ରରେ ଭାଜପା ସରକାର ଆସିଲା ପରେ ଏମ୍‌ପିମାନଙ୍କ ଗୋଟିଏ କମିଟି ଦରମା ନିର୍ଣ୍ଣୟ କରୁଛି, ଭତ୍ତା ଆଦି କେନ୍ଦ୍ର ସରକାର ନିର୍ଦ୍ଧାରଣ କରୁଛନ୍ତି। ଏମ୍‌ପିମାନଙ୍କ କମିଟି ସୁପାରିସ କଲା ଦରମା ୨ଗୁଣ କରିଦିଅ ଓ ପେନ୍‌ସନକୁ ଶତକଡ଼ା ୭୫ ଭାଗ ବଢାଇଦିଅ। ଅବଶ୍ୟ ସର୍ବଭାରତୀୟ ସେବା ଅଧିକାରୀ ତଥା କମ୍ପାନୀ କର୍ମଚାରୀମାନଙ୍କ ଦରମା ସହ ତୁଳନାକଲେ ଏହା କମ୍ ଜଣାଯିବ, କିନ୍ତୁ ଏମ୍‌ପିମାନଙ୍କ କ୍ଷେତ୍ରରେ ଦରମା ତ ମୂଳଦୁଆ, ତା' ଉପରେ ଅଛି ବହୁତ ରକମର ପ୍ରିଭିଲେଜ୍ ଓ ପର୍କ୍ୟୁଜାଇଟସ୍ (ସ୍ୱାଧିକାର ଏବଂ ଉପୁରି)। ମାସିକ ନିର୍ବାଚନମଣ୍ଡଳୀ ଭତ୍ତା ୫୦ ହଜାର ଟଙ୍କା ମିଳେ। ଦିଲ୍ଲୀରେ ଘର ମାଗଣା। ଘରଖର୍ଚ୍ଚ, ଫୋନ୍, ବିଜୁଳି, ପାଣି, ଓ ମ୍ୟୁନିସିପାଲିଟି ସେବା – ସବୁ ସରକାର ଭରନ୍ତି; ପୁଣି ସବୁଗୁଡ଼ାକ ଆୟକରମୁକ୍ତ। ସେମାନେ ତ ଆଇନ ତିଆରିକରିବା ଲୋକ, ଏମିତି ଆଇନ କରିନେଇଛନ୍ତି। ସେମାନଙ୍କ ଟଙ୍କାଟା ଆମମାନଙ୍କର ଟଙ୍କେ ତିରିଶ ପଇସାରୁ ଅଧିକ। କାମ ଏମିତିକା ଯେ ନିଯୁକ୍ତିପତ୍ର ପାଇଲା ପରଠୁ ଦରମା ମିଳେ, କାମ କର କି ନ କର; ସଂସଦର ଉପସ୍ଥାନ ଖାତାରେ ଦସ୍ତଖତ କରିଦେଲେ ସଂସଦର ଅଧିବେଶନରେ ଯୋଗଦେଉଛ ବୋଲି ଧରାଯିବ, ତା' ପରେ ଯାହା କରୁଛ କି ଯୁଆଡେ ଯାଉଛ ଯାଅ; ଦସ୍ତଖତ ଦିନ ଦିନକୁ ୨୦୦୦ ଟଙ୍କା ଭତ୍ତା। ଏମ୍‌ପି କାର୍ଯ୍ୟକାଳ ସରିଗଲେ (ଲୋକସଭା ଦିନଟିଏ ବସିଥିଲେ ବି) ସେ ପେନ୍‌ସନ ପାଇବ, ପୁନଃ ନିର୍ବାଚିତ ହେଲେ ପୁନଃ ପେନ୍‌ସନ ପାଇବ – ତାହା ପୁରୁଣା ପେନ୍‌ସନ ସାଙ୍ଗେ ମିଶିଯାଉଥିବ, ପୁଣି ଇହଧାମ ତ୍ୟାଗ କଲେ ପରିବାରକୁ ପେନ୍‌ସନ ମିଳିବ। ତା' ଅନୁକରଣରେ ବିଧାନସଭା ମେମ୍ବର ବି ଏମିତି ସୁବିଧା ପାଆନ୍ତି। ବେଶିଥର ସାଂସଦ ବା ଏମ୍‌ଏଲ୍‌ଏ ହେଲେ ପେନ୍‌ସନ ଦରମାଠାରୁ ବେଶି! ଆଶ୍ଚର୍ଯ୍ୟ ଲାଗୁଛି କି? ୬ ଥର ଏମ୍‌ଏଲ୍‌ଏ ହୋଇଥିବା ହରିୟାଣାର କ୍ୟାପ୍ଟେନ୍ ଅଜୟ ସିଂ ଯାଦବ ମାସକୁ ୨ଲକ୍ଷ ୩୮ହଜାର ୫୦ ଟଙ୍କା ପେନ୍‌ସନ ପାଉଛନ୍ତି।



ଔଚିତ୍ୟ ପାଣିରେ ପଡ଼ିଯାଇଛି, ଥରେ ଥରେ ମନେହେଉଛି ସରକାରୀ ତହବିଲଟା ଦଳୀୟ ପାଣ୍ଠି!

ଲୋକ ପ୍ରତିନିଧିମାନଙ୍କ ସଭାଗୃହ ହେଉଛି ଲୋକ ସଭା, ରାଜ୍ୟ ପ୍ରତିନିଧିମାନଙ୍କ ସଭାଗୃହ ରାଜ୍ୟ ସଭା। ଆଲୋଚନା ବ୍ୟତୀତ କୌଣସି ଜରୁରୀ ବିଷୟ ନଜରକୁ ଆସିଲେ ସେଥିପ୍ରତି ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ଓ ପ୍ରଶାସନ(ସରକାର)ର କୈଫିୟତ୍ ମାଗିବାକୁ ମୁଲତବୀ ପ୍ରସ୍ତାବ (ଆଡଜର୍ନମେଣ୍ଟ ମୋସନ) ଆଣିବା। ଅମାନିଆ ହେଲେ ସରକାରକୁ ହଟାଇବା ଲାଗି ଅନାସ୍ଥା ପ୍ରସ୍ତାବ ଆଣିବା – ଏପରି ୫ଥର ଆସିଛି ୧୯୭୯,୧୯୯୦,୧୯୯୬,୧୯୯୭ ଓ୧୯୯୯ ରେ; ତା' ପରେ ଗୋଟିଏ ହେଲେ ନାହିଁ, କାରଣ ୨୦୦୩ ରେ ସମ୍ବିଧାନ ସଂଶୋଧନ କରି ସେତେବେଳର କଂଗ୍ରେସ ପରିଚାଳିତ କ୍ୟାବିନେଟ୍ ଏମ୍‌ପିମାନଙ୍କୁ ଦଳର ପ୍ରତିନିଧି କରିଦେଲେ, ନାମକୁ ମାତ୍ର ଲୋକପ୍ରତିନିଧି। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ଦଳପତି ନିର୍ବାଚନ ଅଧିକାରୀଙ୍କୁ ଯାହାର ନାମ ପଠାଇବେ ସେହି ଲୋକ ହିଁ ଏମ୍‌ପି ବା ଏମ୍‌ଏଲ୍‌ଏ ପ୍ରାର୍ଥୀ ହୋଇପାରିବ, ତାଙ୍କ ଜିତିବାରେ ଦଳ କୋଟି କୋଟି ଟଙ୍କା ଖର୍ଚ୍ଚ କଲେ ବି ତାହା ସମ୍ପୃକ୍ତ ପ୍ରାର୍ଥୀଙ୍କର ଖର୍ଚ୍ଚସୀମାରେ ଗଣାହେବ ନାହିଁ। ଜବାହରଲାଲ ନେହେରୁଙ୍କ କାଳରେ ଯେପରି ଯଶସ୍ୱୀ ବ୍ୟକ୍ତିମାନେ ଏମ୍‌ପି ହୋଇପାରୁଥିଲେ ତା' ଏବେ ଅସମ୍ଭବ। ଏଣିକି ସମସ୍ତେ ଦଳନେତାଙ୍କ ଗୋଡ଼ାଣିଆ, ନିର୍ବାଚନ ଫଳ ଆଉ ଜନାଦେଶ ହେବ ନାହିଁ, ତା' ଦଳାଦେଶ ହେବ।

ଏହାର ଫଳ ଗତ ଦେଢ ଦଶନ୍ଧିରେ ମିଳିଗଲାଣି। ଏମ୍‌ପିମାନେ (ସେହିଭଳି ଏମ୍‌ଏଲ୍‌ଏମାନେ) ଆଉ ଲୋକ ପ୍ରତିନିଧି ଭଳି କାମ କରୁନାହାନ୍ତି। ବଜେଟ ବିନା ଆଲୋଚନାରେ ପାସ୍ ହେଉଛି, ଲୋକ ସଭା ବର୍ଷକରେ ୧୦୦ ଦିନ ବି ବସୁନାହିଁ। ବର୍ଷକରେ ୩ଟି ଅଧିବେଶନ ବସୁଛି, କାରଣ ସମ୍ବିଧାନ କହୁଛି ଯେ ଦୁଇଟି ଅଧିବେଶନ ଭିତରେ ୬ ମାସରୁ ବେଶି ବ୍ୟବଧାନ ରହିବ ନାହିଁ। ଏ ପ୍ରାବଧାନ ନ ଥିଲେ ଲୋକ ସଭା ଶାସକଦଳର ଦଳପତିଙ୍କ ମର୍ଜିରେ ବସନ୍ତା। ଯେହେତୁ ପ୍ରତିନିଧିମାନେ ବଜେଟ ପାସ୍ କଲେ ହିଁ ସରକାର ଖର୍ଚ୍ଚ କରିପାରିବେ। ତେଣୁ ବଜେଟ ସେସନ ଡକାହେବ। ୧୯୫୨ରୁ୧୯୭୦ ମଧ୍ୟରେ ଲୋକ ସଭା ବର୍ଷକୁ ୧୨୧ ଦିନ ବସୁଥିଲା ତ ୨୦୦୦ ରେ ମାତ୍ର ୬୮ ଦିନ ବସିଛି। ଏବେ ବର୍ଷଯାକ ୧୦୦ ଦିନ ବି ବସୁନାହିଁ। ମୁଲତବୀ ପ୍ରସ୍ତାବ ପ୍ରାୟ ଆସୁନାହିଁ। ତେଣୁ ଜରୁରୀ ବିଷୟ ସଙ୍ଗେ ସଙ୍ଗେ ଲୋକ ସଭା ବା ବିଧାନସଭାରେ ଆଲୋଚିତ ହେଉନାହିଁ।

ରାଜ୍ୟଗୁଡ଼ିକର ବିଧାନସଭା ବି ସେହିପରି। ଓଡ଼ିଶା ବିଧାନସଭା କଥା ଦେଖନ୍ତୁ, ଗତ ୮୩ ବର୍ଷରେ ମାତ୍ର ୧୨ ଥର ବର୍ଷକୁ ୬୦ ଦିନିଆ ଅଧିବେଶନ ହୋଇଛି: ସପ୍ତାହକୁ ଦିନେ ପାଖାପାଖି। ଦିନକ ଅଧିବେଶନ ପାଇଁ ସିକ୍ୟୁରିଟି ଓ ଅନ୍ୟ ବନ୍ଦୋବସ୍ତ ଉପରେ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହୁଏ। ୧୯୫୨ରୁ ୧୯୭୦ ଭିତରେ ବର୍ଷକୁ ହାରାହାରି ୧୨୧ ଦିନ ଆସେମ୍ବ୍ଲି ବସୁଥିଲା ବେଳେ ଏବେ ବର୍ଷକୁ ପ୍ରାୟ ୬୮ ଦିନ ବସୁଛି। ଲୋକଙ୍କ ସମସ୍ୟା ଆଲୋଚନା ପାଇଁ ବିଧାୟକମାନେ ସିରିଅସ୍ ନୁହନ୍ତି, ବିଧାନସଭା ଚଳାଇବାରେ ରାଜନୈତିକ ଦଳଗୁଡ଼ିକ ସିରିଅସ୍ ନୁହନ୍ତି। ଆଲୋଚନା, ବିତର୍କ ଓ ବିଧାୟକଙ୍କ ଦାୟିତ୍ୱ ନିଭାଇବା ସେମାନେ ଚାହୁଁନାହାନ୍ତି। ସରକାରୀ କର୍ମଚାରୀମାନେ ସପ୍ତାହରେ ଦିନେ କାମ କରି ବର୍ଷକର (୫୨ ସପ୍ତାହର) ଦରମା ପାଇବେ କି? ନୋ ୱାର୍କ ନୋ ପେ, 'କାମ କରୁନାହଁ ତ ଦରମା ନାହିଁ' – ଏ ନିୟମ ତ ବିଧାୟକ ଓ ସାଂସଦମାନେ ତିଆରି କରିଛନ୍ତି, ନିଜ ପ୍ରତି କାହିଁକି ଲାଗୁ କରୁନାହାନ୍ତି?

୨୦୦୩ର ସମ୍ବିଧାନ ସଂଶୋଧନ ପରଠାରୁ ଦଳପତି ଯାହାଙ୍କ ନାଁ ନିର୍ବାଚନ ଅଧିକାରୀଙ୍କୁ ଲେଖି ଦେବେ ସେ ହିଁ ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ, ସେ ନିର୍ବାଚନମଣ୍ଡଳୀର ଭୋଟର ନ ହୋଇଥିଲେ ବି। ପ୍ରତିନିଧିଙ୍କ ଅଯୋଗ୍ୟତାରେ ଯୋଡ଼ାଗଲା ଦଳର ନିର୍ଦ୍ଦେଶ (ହ୍ୱିପ୍)କୁ ନ ମାନିବା। ତେଣୁ ଏବେ ଏମ୍‌ଏଲ୍‌ଏ ଓ ଏମ୍‌ପିମାନେ 'ଲୋକ'ପ୍ରତିନିଧି ନୁହନ୍ତି, 'ଦଳ'ପ୍ରତିନିଧି ହୋଇଗଲେଣି; ଭୋଟଫଳ 'ଜନାଦେଶ' ନୁହେଁ 'ଦଳାଦେଶ' ହେଉଛି। ତେଣୁ ନିର୍ବାଚନକୁ ନିୟନ୍ତ୍ରଣ କରୁଥିବା ଆଇନକୁ ଲୋକ ପ୍ରତିନିଧି ଆଇନ (ଆର୍‌ପିଏ) ନ କହି ରାଜନୈତିକ ଦଳ ପ୍ରତିନିଧି ଆକ୍ଟ (ଗୋଟିଏ ଅଧିକା 'ପି' ଯୋଡ଼ି ରିପ୍ରେଜେଣ୍ଟେଶନ ଅଫ୍ ପଲିଟିକାଲ୍ ପାର୍ଟିଜ୍ ଆକ୍ଟ, 'ଆର୍‌ପିପିଏ' କହିଲେ ଠିକ୍ ଅର୍ଥ ବୁଝାଇବ।

sahadevas@yahoo.com

# ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା



ଡା. ସମ୍ରାଟ୍ କର

ଗତ କିଛି ଦଶନ୍ଧିରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖାଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚ୍‌ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ କୁପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ' ଆଦି ଯୋଗୁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମକୁ ସାମ୍ନା କରିବେ।

ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି; ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ୍ ୧୦–୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ଘଟିପାରେ। ସେହିପରି ଶରୀରର ଟିସୁ ଠିକ୍ ଭାବେ କାମ କରିବ ନାହିଁ। ମୁଖ୍ୟତଃ ଶୀତଦିନେ ଅତ୍ୟଧିକ ଗରମ ହେଉଥିବାରୁ ମଶାସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ୍ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଡ଼ କଥା ହେଉଛି, କ୍ୟାନ୍‌ସର ଆଶଙ୍କା ମଧ ବଢ଼ିବ। କ୍ୟାନ୍‌ସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନ୍‌ଭାଇରନ୍‌ମେଣ୍ଟାଲ ହେଲ୍‌ଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ କ୍ୟାନ୍‌ସରର ଅନ୍ୟତମ କାରଣ। ଅତ୍ୟଧିକ ପ୍ରଦୂଷଣ ଯୋଗୁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମି ଚର୍ମକୁ କର୍କଟର କାରଣ ହୋଇଥାଏ। ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ। ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧିପାଇଲେ ବାୟୁପ୍ରଦୂଷଣ ବଢ଼ିବ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ଦେଖାଦେବ। କେବଳ ଏତିକି ନୁହେଁ, ଶ୍ୱାସରୋଗୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଇବ। ଏପରି କି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼ିଚିଡ଼ାପଣ ଆଦି ଦେଖାଦେବ। ଅନ୍ୟପଟେ ଏହିସବୁ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶକୁ ପ୍ରଭାବିତ କରିବ।

ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଶରୀର ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡୁଛି। ସମୁଦ୍ର ଜଳସ୍ତର ବୃଦ୍ଧି ହେଉଛି । ଏଭଳି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ, ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି ଏବଂ ମାନସିକ ରୋଗ ବଢ଼ିବାର ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଦେଖାଦେଉଥିବା ରୋଗ ମଧ୍ୟରେ ସବୁଠୁ ଆଗରେ ଅଛି ମାନସିକ ରୋଗ। ଏହା ସହ ପିଲାମାନେ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି। ମନୋବିଜ୍ଞାନୀଙ୍କ ମତାନୁସାରେ, ଛୋଟ ପିଲାଙ୍କଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କଠାରେ ଦେଖାଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନ୍‌ଜାଇଟିଂ ବୋଲି କହିଥାନ୍ତି। ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ଦୁଃଖର ବିଷୟ , କେବଳ ବୟସ୍କ ଲୋକ ନୁହନ୍ତି ବରଂ ଛୋଟ ଛୋଟ ପିଲାମାନଙ୍କଠାରେ ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ିଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ଦେଖାଦେଉଛି; ଯାହାକି ମାନସିକ ରୋଗକୁ ଇଙ୍ଗିତ କରୁଛି।



ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ସମ୍ପ୍ରତି ନୂଆ ରୋଗ ଉଭା ହୋଇଛି। ଏହାଦ୍ୱାରା ପାଖାପାଖି ସବୁ ଦେଶ ପ୍ରଭାବିତ ହେଲେଣି। ଏହି କ୍ରମରେ ନିକଟରେ କାନାଡ଼ାରେ ଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି। ତା' ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନଜନିତ ପ୍ରଥମ ମାମଲା। ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ। ସମ୍ପୃକ୍ତା ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ ସେ କାନାଡ଼ାର କୁଟନି ଲେକ୍ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ। କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିବା କହିଥିଲେ। ସାଧାରଣତଃ କାନାଡ଼ାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ। ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ୍ ଡିଗ୍ରୀକୁ ଚାଲିଯାଏ। ମାତ୍ର ଏଥର ଜୁନ–ଜୁଲାଇରେ ଦେଖାଦେଇଥିବା ହିଟ୍ ୱେଭ ଯୋଗୁ କାନାଡ଼ା ପ୍ରଭାବିତ ହୋଇଛି। ହିଟ୍ ୱେଭ ଯୋଗୁ କାନାଡ଼ାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲ୍‌ସିୟସ, ଯାହା କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା। ହିଟ୍‌ୱେଭ ଯୋଗୁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁ ପବନର ଗୁଣ ମଧ ଖରାପ ହେଲା। ଯେଉଁଥିପାଇଁ ମହିଳାଙ୍କଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ଏବେ ସୁଦ୍ଧା ଏଥିରୁ କାନାଡ଼ାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି। ଯଦିଓ ମହିଳା ଜଣକ ହାଇଡ୍ରେଟ୍ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ, ତାହା ମଧ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ ହେବେ। ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁ ନିଜ ଭିଟାମାଟି ଛାଡ଼ିବେ।

ମାନସିକ ରୋଗ ବିଶେଷଜ୍ଞ,
ଦି' ବ୍ରେନ୍, ପୁରୀଘାଟ ରୋଡ, କଟକ
ମୋ: ୯୧୩୨୪୩୩୩୩୩

## ଏଇ ଭାରତରେ

ବନ ସଂରକ୍ଷଣରେ ବ୍ରତୀ ମଣିପୁରର ମୋଇରଙ୍ଗଥେମ ଲୋଇଆଙ୍କ ଜୀବନ ଅତ୍ୟନ୍ତ ପ୍ରେରଣାଦାୟକ। ସେ ଚାକିରି ଛାଡ଼ି ଦୀର୍ଘ ୨୦ ବର୍ଷ ହେଲା ୩୦୦ ଏକର ପାହାଡ଼ି ଜମିରେ ଜଙ୍ଗଲ ସୃଷ୍ଟିକରି ତାହାର ଯତ୍ନ ନେଉଛନ୍ତି। ଜଙ୍ଗଲରେ ସେ ୧୦୦ରୁ ଊର୍ଦ୍ଧ୍ୱ କିସମର ଗଛ ଲଗାଇଛନ୍ତି। ଏବେ ସେଥିରେ ପ୍ରାୟ ୨୫ ପ୍ରଜାତିର ଜୀବ ରହୁଛନ୍ତି। ଲୋଇଆ ରହନ୍ତି ପଶ୍ଚିମ ଇମ୍ଫାଲରେ। ବିଶ୍ୱତାପନ ରୋକିବାରେ ଲୋଇଆଙ୍କ ୨ ଦଶକ ବ୍ୟାପୀ ସଂଘର୍ଷର ସ୍ୱାକ୍ଷର ବହନ କରୁଥିବା ଏହି ଜଙ୍ଗଲକୁ ବହୁ ପର୍ଯ୍ୟଟକ ମଧ ଆସିଥାନ୍ତି। ୨୦୦୦ରେ ସେ ଚେନ୍ନାଇରେ ପଢ଼ା ଶେଷକରି ଚାକିରି କରିଥିଲେ ଓ ତାହା ଛାଡ଼ି ଇମ୍ଫାଲ ଫେରିବା ପରେ ସହରର ବାହାର ଭାଗରେ ଥିବା ପାହାଡ଼ରେ ଜଙ୍ଗଲ କଟା ଦୃଶ୍ୟ ତାଙ୍କୁ ବ୍ୟଥିତ କରିଥିଲା। ଫଳରେ ସେ ସେଠାରେ ଏକ କୁଡ଼ିଆ ଘରେ ରହି ଗଛ ଲଗାଇବା ଆରମ୍ଭ କରିଥିଲେ। ଏଥିରେ ତାଙ୍କ ସାଙ୍ଗମାନେ ସାମିଲ ହେବା ପରେ ସେ 'ୱାଇଲ୍ଡ ଲାଇଫ୍ ଆଣ୍ଡ ହାବିଟାଟ ପ୍ରୋଟେକ୍‌ସନ ସୋସାଇଟି'ଗଠନ କରି ବୃକ୍ଷରୋପଣ କାର୍ଯ୍ୟକୁ ବ୍ୟାପକ କରିଥିଲେ। ଜଙ୍ଗଲ ସୃଷ୍ଟି କରିବା ସହ ଆଖପାଖ ଜଙ୍ଗଲର ସଂରକ୍ଷଣ ଓ ଅବୈଧ ପଶୁ ଶିକାରକୁ ରୋକିବାରେ ବି ସକ୍ଷମ ହୋଇଛନ୍ତି ୪୭ ବର୍ଷୀୟ ଲୋଇଆ।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଡିସେମ୍ବର ୧୯୯୭

- ରୁଆଣ୍ଡାର ଉତ୍ତର-ପଶ୍ଚିମାଞ୍ଚଳ ମୃତେଣ୍ଡେ ଶିବିର ଉପରେ ସନ୍ଦିଗ୍ଧ ହୁଟୁ ବିଦ୍ରୋହୀଙ୍କ ଅତର୍କିତ ଆକ୍ରମଣରେ ୨୦୦ ଟୁଟ୍‌ସୀ ଶରଣାର୍ଥୀ ମୃତ।
- ଜାତୀୟ ରାଜନୈତିକ ଦଳର ମର୍ଯ୍ୟାଦା ବଜାୟ ରଖିବା ପାଇଁ ମୋଟ ମତଦାନର ଶତକଡ଼ା ୬ ଭାଗ ଭୋଟ ହାସଲ କରିବାକୁ ପଡ଼ିବ ବୋଲି ନିର୍ବାଚନ କମିଶନଙ୍କ ନିଷ୍ପତ୍ତି।
- ୮ ଶହ କୋଟି ଟଙ୍କା ବ୍ୟୟରେ ହୀରାକୁଦସ୍ଥିତ ଇଣ୍ଡାଲ ଆଲୁମିନିୟମ କାରଖାନାର ସଂପ୍ରସାରଣ ପାଇଁ ରାଜିନାମା ସ୍ୱାକ୍ଷରିତ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 7 | | 9 | 8 | | |
| | | | | | | 6 | | |
| | 7 | 4 | | 3 | | | | |
| 8 | | | | | 7 | | | 4 |
| | 2 | 9 | 4 | | 8 | | | |
| | | | | | 5 | | | 9 |
| | 4 | | | | 6 | | | |
| 9 | | 2 | | | | 7 | | 5 |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 7 | 6 | 9 | 5 | 4 | 2 | 8 |
| 6 | 2 | 4 | 8 | 1 | 7 | 3 | 5 | 9 |
| 9 | 5 | 8 | 4 | 2 | 3 | 6 | 7 | 1 |
| 7 | 4 | 3 | 1 | 6 | 2 | 8 | 9 | 5 |
| 2 | 9 | 6 | 3 | 5 | 8 | 7 | 1 | 4 |
| 5 | 8 | 1 | 9 | 7 | 4 | 2 | 3 | 6 |
| 3 | 1 | 2 | 5 | 4 | 6 | 9 | 8 | 7 |
| 8 | 6 | 9 | 7 | 3 | 1 | 5 | 4 | 2 |
| 4 | 7 | 5 | 2 | 8 | 9 | 1 | 6 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କାରଗିଲ ରାସ୍ତା ଚଉଡ଼ା କରାଯାଉ

ମହାଶୟ,

ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ୬୨ନଂ. ୱାର୍ଡର ପୋଖରୀପୁଟ ଗୋଲେଇ ଛକରୁ ପଳାଶପଲ୍ଲୀ ପର୍ଯ୍ୟନ୍ତ ଦୁଇ କିମି ରାସ୍ତା ଦିନକୁ ଦିନ ସଂକୀର୍ଣ୍ଣ ହୋଇ ପଡ଼ିଲାଣି। ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଧିବାସୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାରଗିଲ ବସ୍ତି ବାସିନ୍ଦାଙ୍କ ଚଳପ୍ରଚଳ ସହ ଲିଙ୍ଗରାଜ ବିହାର ଓ ପୋଖରୀପୁଟ ଜନସାଧାରଣଙ୍କ ଗାଡ଼ିମୋଟର ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଏହା ବ୍ୟତୀତ ବିଏମ୍‌ସି ପକ୍ଷରୁ ଆଲୋକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ରାତିରେ ଚଳପ୍ରଚଳ ହେବାକୁ ଜନସାଧାରଣ ନିରାପଦ ମଣୁନାହାନ୍ତି। ବିଳମ୍ବିତ ରାତିରେ ଅସାମାଜିକ ବ୍ୟକ୍ତି ଉକ୍ତ ରାସ୍ତାରେ ନିଶା ପାନ କରି ସମସ୍ୟା ସୃଷ୍ଟି କରୁଛନ୍ତି। ଉକ୍ତ ରାସ୍ତାରୁ ଜବରଦଖଲ ହଟାଇବା ସଙ୍ଗେ ସଙ୍ଗେ ପ୍ରଶସ୍ତୀକରଣ, ଆଲୋକୀକରଣ ଓ ବୁଲା ଗୋରୁ ଓ କୁକୁରଙ୍କ ପ୍ରତି ବିଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ଦୁର୍ଘଟଣାମାନ ହ୍ରାସ ପାଇବ। ଗମନାଗମନରେ ଅସୁବିଧା ହେବ ନାହିଁ।

–ନିର୍ମଳ ଚନ୍ଦ୍ର ସାମଲ, ବିଦ୍ୟାଧରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏତିକି ଖାଲି ରହିଛି ଆସ
ତୁମେ ଯେ ମୋର ଜୀବନେ ରାସ!
ହତାଶ ଗାଥା ଶୁଣାଇବାକୁ
କବିର ତୁମେ ଚିର ନିବାସ।
-(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କେଡିଏମ୍ କ୍ରିକେଟ: ବୃନ୍ଦାଦେଈପୁର, ଅଣ୍ଟିଆ ବିଜୟୀ

ଧର୍ମଶାଳା,୧୨।୧୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ଗଡ଼ମଧୁପୁର ଖେଳପଡ଼ିଆରେ ଚାଲିଥିବା କଳ୍ପତରୁ ଦାସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ଦିବସରେ ୨ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଥାନୁଆଳକୁ ୧ ଉକେଟରେ ପରାସ୍ତ କରି ବୃନ୍ଦାଦେଇପୁର ବିଜୟୀ ହୋଇଥିବା ବେଳେ ୨ୟରେ ସମ୍ପାରୁକୁ ୭ ଉଇକେଟରେ ପରାସ୍ତ କରି ଅଣ୍ଟିଆ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଥାନୁଆଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମିୟ ପରିଡ଼ା ୫୨ ଓ ବିଶ୍ୱଜିତ ପରିଡ଼ା ୨୭ ରନ କରିଥିଲେ। ବିପକ୍ଷ ବୃନ୍ଦାଦେଇପୁରର ପ୍ରଭାତ ସ୍ୱାଇଁ ୪ ଓ ଜ୍ୟୋତିରଞ୍ଜନ ଭୁତିଆ ୨ ଉଇକେଟ ନେଇଥିଲେ। ବୃନ୍ଦାଦେଇପୁର ବ୍ୟାଟିଂ କରି ୧୪.୫ ଓଭରରେ ୯ ଉଇକେଟ ହରାଇ ୧୪୦ରନ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ତପନ ଦାସ ୩୫ ଓ ପ୍ରଦୀପ ସ୍ୱାଇଁ ୩୧ରନ କରିଥିଲେ। ବିପକ୍ଷ ଥାନୁଆଳ ଟିମର ସୌମ୍ୟରଞ୍ଜନ ଜେନା ୪ ଓ ଗଣେଶ୍ୱର ସିଂ ୨ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ ସମ୍ପାରୁ ପ୍ରଥମେ ବ୍ୟାଟିଂ କରି ୧୧.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ରନ କରିଥିଲା। ଦଳପକ୍ଷରୁ ସ୍ୱୟଂସିଦ୍ଧ ନାୟକ ୨୧ରନ ଓ ସିଦ୍ଧାର୍ଥ ନାୟକ ୧୪ରନ କରିଥିଲେ। ବିପକ୍ଷ ଅଣ୍ଟିଆ ଟିମର ପିଙ୍କୁ ମଲିକ ୨ ଓ ରଜନୀକନ୍ତ ମଲିକ ୩ଟି ଉଇକେଟ ନେଇଥିଲେ। ଜବାବରେ ଅଣ୍ଟିଆ ଟିମ ୧୦.୩ ଓଭରରେ ୩ଉଇକେଟ ହରା ୧୦୫ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସଞ୍ଜୟ ସାହୁ ୫୧ରନ ଓ ସୁନିଲ ଜେନା ୩୫ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ସିଦ୍ଧାର୍ଥ ନାୟକ ୩ ଉଇକେଟ ନେଇଥିଲେ। ଉଭୟ ମ୍ୟାଚକୁ ନିକୁଞ୍ଜ ବେହେରା ଓ ଗୋପୀନାଥ ବେହେରା ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରଥମ ମ୍ୟାଚ୍ କମାଗଡ ସହିତ ଜେନାପୁର ଓ ଦ୍ୱିତୀୟ ମ୍ୟାଚ ମହିଶରା ସହିତ ସାହାଣୀଡ଼ିହ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

### ମୋହନ ଜେନାଙ୍କ ବିୟୋଗରେ ଶୋକ

ଧର୍ମଶାଳା,୧୧।୧୨(ଡି.ଏନ.ଏ.): ଯାଜପୁରର ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଏମ୍‌ପି ସର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରାଇ, ପୂର୍ବତନ ବିଧାୟକ ରବିଲାବଣ୍ୟ, ଗୁରୁଚରଣ ଟିକାୟତ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି, ପୂର୍ବତନ ଜିଲା ପରିଷଦ ସଭ୍ୟ ସତିଶ ବିଶ୍ୱାଳ, ଭାଜପା ନେତା ସର୍ବେଶ୍ୱର ବେହୁରା, ଧର୍ମଶାଳା ପ୍ରେସକ୍ଲବ ସଭାପତି ରମାକାନ୍ତ ଜେନା, ଅଧାପକ ଡ. ତୁହିନାଂଶୁ ରଥ, ଧର୍ମଶାଳା ଖୋଜ ସଭାପତି ନିର୍ମଳ ସାମଲ, ପତଞ୍ଜଳି ଯୋଗ ସମିତି ଅଧକ୍ଷ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ଓ ଆଇନଜୀବୀ ସନ୍ତୋଷ ତରାଇ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ବିସ୍ଥାପନ ଆଇନରେ ପରିବର୍ତ୍ତନ ଦାବି

## ୧୮ରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ମିଳୁ ସ୍ୱତନ୍ତ୍ର ପରିବାର ମାନ୍ୟତା

**କଳିଙ୍ଗନଗର ବିସ୍ଥାପିତଙ୍କ ଦୁଃଖ**
- ଭାଇ ଭାଇ ମଧ୍ୟରେ ତିକ୍ତତା ଆଶଙ୍କା
- ଆଇନ ଅନୁଯାୟୀ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୧୨।୧୨

ଯାଜପୁର ଜିଲା କଳିଙ୍ଗନଗରରେ ଶିଳ୍ପାୟନ କାରଣରୁ ବହୁ ପରିବାର ଭିଟାମାଟି ଛାଡି ବିସ୍ଥାପିତ ହୋଇଛନ୍ତି। ନିଯୁକ୍ତି ଓ ଥଇଥାନ ସୁବିଧା ପାଇବା ପାଇଁ ବିସ୍ଥାପିତ ଲୋକେ ଏବେ ବି ସଂଗ୍ରାମ କରି ଚାଲିଥିବାବେଳେ ଏହି ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପ୍ରଶାସନ ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ଅର୍ଥନୈତିକ ଅବରୋଧ, ଅନଶନ, ରାଲି, ଆନ୍ଦୋଳନ ଲାଗି ରହିଛି। ଆଗକୁ ପୁଣି କଳିଙ୍ଗନଗରରେ ୩୫ଟି ଛୋଟବଡ଼ ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବ ରହିଥିବାରୁ ୪ ଗ୍ରାମର ଲୋକଙ୍କୁ ବିସ୍ଥାପନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଏହି ପ୍ରକ୍ରିୟାରେ ବିସ୍ଥାପନ ନିୟମ-୨୦୦୫କୁ ପରିବର୍ତ୍ତନ କରାଯାଇ ନ ଥିବାରୁ କେତେକ ପରିବାରରେ କଳହ ଏବଂ ଭାଇ ଭାଇ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଥିବା ମତପ୍ରକାଶ ପାଇଛି। ଏନେଇ କ୍ଷତିଗ୍ରସ୍ତ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ଜଷ୍ଟିସ ବି.ଆର. ଷଡଙ୍ଗୀ ଏବଂ ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ୪ ସପ୍ତାହ ମଧ୍ୟରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଜାରି କରିଛନ୍ତି।



କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ବ୍ଲକ କଟେରୀଗାଁ, ଅରାସାହି, କୁଡୁମୀସାହି ଏବଂ ଟାଙ୍ଗରସାହି ଗ୍ରାମବାସୀ ପ୍ରଥମେ କ୍ଷତିପୂରଣ ପ୍ରଦାନ ଏବଂ କ୍ଷତିଗ୍ରସ୍ତ ପରିବାରର ଜଣଙ୍କୁ ନିଯୁକ୍ତି ସହ ୧୮ ବର୍ଷ ହେଉଥିବା ଯୁବକଙ୍କୁ ସ୍ୱତନ୍ତ୍ର ପରିବାର ମାନ୍ୟତା ଆଦି ଦାବି କରି ଜମି ଅଧିଗ୍ରହଣକୁ ବିରୋଧ କରୁଛନ୍ତି। କିନ୍ତୁ ଇଡ୍‌କୋ କର୍ତ୍ତୃପକ୍ଷ ପୋଲିସ ଫୋର୍ସ ମୁତୟନ କରି ବଳପୂର୍ବକ ଜମି ଅଧିଗ୍ରହଣ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଉପରୋକ୍ତ ମର୍ମରେ କ୍ଷତିଗ୍ରସ୍ତ ଲୋକ ଜିଲାପାଳ ଏବଂ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ବହୁବାର ଅଭିଯୋଗ କରିଥିଲେ ହେଁ କିଛି ସୁଫଳ ମିଳୁନାହିଁ। ତେଣୁ ଜୀବନ ଦେବୁ ପଛେ ନିଜର ଭିଟାମାଟି ଛାଡ଼ିବୁ ନାହିଁ ବୋଲି କ୍ଷତିଗ୍ରସ୍ତ ପରିବାର ଲୋକେ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଉପରୋକ୍ତ ଗ୍ରାମରେ ଆଦିବାସୀ, ଦଳିତ, ପଛୁଆବର୍ଗ ସମ୍ପ୍ରଦାୟର ପ୍ରାୟ ୨୯୨ ପରିବାର ଦୀର୍ଘବର୍ଷ ହେଲା ବସବାସ କରୁଛନ୍ତି। କିନ୍ତୁ ଉକ୍ତ ଜାଗା ଉପରେ ଶିଳ୍ପ ସ୍ଥାପନ ପାଇଁ ସରକାର ଯୋଜନା କରିଛନ୍ତି। ହେଲେ ସେମାନଙ୍କୁ କୌଣସି ସୂଚନା ଦିଆ ନ ଯାଇ କିମ୍ବା ଜନଶୁଣାଣି ନ କରି ଜମି ଅଧିଗ୍ରହଣ କରାଯାଉଛି। କୌଣସି କ୍ଷତିପୂରଣ ଦିଆଯାଉ ନାହିଁ। ରାଜ୍ୟ ସରକାରଙ୍କ ବିସ୍ଥାପନ ନୀତି-୨୦୦୫ ଅନୁଯାୟୀ ପରିବାର ତାଲିକାକୁ ଭିତ୍ତିକରି ବିସ୍ଥାପନ କରାଯାଉଛି। ଇତିମଧ୍ୟରେ ଏହି ନୀତି ପ୍ରଣୟନ ହେବାର ୧୭ ବର୍ଷ ଅତିକ୍ରାନ୍ତ ହୋଇଥିବାରୁ ପ୍ରାୟ ପ୍ରତ୍ୟେକ ପରିବାରରେ ଏକାଧିକ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀଯୁବକ ରହିଛନ୍ତି। ଏଥିଯୋଗୁ ୭୦ ପରିବାର ବିସ୍ଥାପନ ସହାୟତା ପାଇବାରୁ ବଞ୍ଚିତ ରହୁଛନ୍ତି। ତେଣୁ ଏହି ନୀତିର ପରିବର୍ତ୍ତନ କରିବାକୁ ଦାବି କରାଯାଉଥିଲେ ହେଁ, ଆଲୋଚନା ପରିସରକୁ ନିଆଯାଉନାହିଁ। ବରଂ ପୋଲିସର ବାହୁବଳରେ କ୍ଷତିଗ୍ରସ୍ତ ଲୋକଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଛି। ଏହିକ୍ରମରେ ଯାହାର ୧୮ ବର୍ଷ ହେଉଛି, ତାଙ୍କୁ ପୃଥକ୍ ପରିବାର ଭାବେ ବିବେଚନା କରାଯିବା ସମେତ କ୍ଷତିଗ୍ରସ୍ତ ପରିବାରଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା, ପ୍ରଥମେ ବିସ୍ଥାପନ ପରେ କାରଖାନା ପ୍ରତିଷ୍ଠା, ଯୋଗ୍ୟତା ଅନୁଯାୟୀ ପ୍ରତ୍ୟେକ ପରିବାରର ଜଣଙ୍କୁ ସ୍ଥାୟୀ ନିଯୁକ୍ତି, ୩ ଗୁଣ୍ଠ ସ୍ଥିତିବାନ ଘରଡିହ ଜମି ପଟ୍ଟା, ଆଦର୍ଶ କଲୋନୀର ସୁବ୍ୟବସ୍ଥା ଇତ୍ୟାଦି ଦାବି କରାଯାଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଆଇନ ଅନୁସାରେ ବିସ୍ଥାପନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି।

### ଜନପ୍ରିୟ ନେତା ଥିଲେ ମୋହନ ଜେନା
#### ବିଭିନ୍ନ ମହଲରେ ଶୋକ

ଯାଜପୁର ଟାଉନ,୧୨।୧୨(ଡି.ଏନ.ଏ.): ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ସୀତାକାନ୍ତ ମହାପାତ୍ର, ଦେବାଶିଷ ନାୟକ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପ୍ରୀତିରଞ୍ଜନ ଘଡ଼େଇ, ଏମ୍‌ପି ସର୍ମିଷ୍ଠା ସେଠୀ, ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ଅଶୋକ ବଳ, ସୁନନ୍ଦା ଦାସ, ପ୍ରାକ୍ତନ ବିଧାୟକ ଆକାଶ ଦାସ ନାୟକ, ଜିଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ପ୍ରାକ୍ତନ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଉପସଭାପତି ଗଣେଶ୍ୱର ବରାଳ, ପୂର୍ବତନ ଉପସଭାପତି ଦିଗମ୍ବର କର, ଜିଲା ଭାଜପା ସଭାପତି ଗୌତମ ରାୟ, ଭାଜପା ନେତା ରମାକାନ୍ତ ରାଉତ, ପ୍ରଦୀପ ବଳସାମନ୍ତ, ଅମର ନାୟକ, ସ୍ମୃତିରେଖା ପହି, ଆଶୁତୋଷ ପରିଡା, ବବିତା ମଲ୍ଲିକ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ସନ୍ତୋଷ ନନ୍ଦ, ପ୍ରାକ୍ତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ଉପାଧକ୍ଷ ସନ୍ତୋଷ ମଲ୍ଲିକ, ଗୀତିକାର ସରୋଜ ବିଶ୍ୱାଳ, ଯୁବନେତା ବନୋଜ ଜେନା ପ୍ରମୁଖ ଶୋକ ପ୍ରକାଶ କରିବା ସହ ଦିବଙ୍ଗତ ମୋହନ ଜେନା ଜଣେ ଜନପ୍ରୀୟ, ଜନଦରଦୀ ଓ ସଚ୍ଚୋଟ ରାଜନେତା ଥିଲେ। ଜିଲା ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି କହିଛନ୍ତି।

# ମସୁଦପୁର ବଜାର ଜବରଦଖଲ ଉଚ୍ଛେଦ ନୋଟିସ



ମସୁଦପୁର ବଜାର।

ଯାଜପୁର ଟାଉନ,୧୨।୧୨(ଡି.ଏନ.ଏ.): ଯାଜପୁର ଜିଲା ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ମସୁଦପୁର ବଜାରରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରି ହୋଇଛି। ୭ ଦିନ ମଧ୍ୟରେ ମସୁଦପୁର ମୌଜାର ୨୮୯ ଖାତା (ରକ୍ଷିତ) ପ୍ଲଟ ନମ୍ବର ୧୦୨୭/୧୧୧୨, ୭୩୪ରୁ କ୍ଲବ ଘର ସମେତ ୧୬ଟି ଦୋକାନ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏନେଇ ମହାବୀର କ୍ଲବ ସମ୍ପାଦକ ସନ୍ତୋଷ କୁମାର ସାହୁ, କତରାପୁର ଗ୍ରାମର ବିଜୟ ସେନ, ଉଇଁପୁର ଗ୍ରାମର ଧୀରେନ ଦେ, ଅଭି ନାୟକ, ସୁନୀଲ ଲାହା, ସାହାପୁର ଗ୍ରାମର ଲିଟୁଆ ନାଥ, ମସୁଦପୁର ଗ୍ରାମର ଅଶୋକ ଦତ୍ତ, ପୁଲିନ ବିହାରୀ ମହାନ୍ତି, ଅଞ୍ଜନ କୁମାର ମଲିକ, ଅମୂଲ୍ୟ ମଲିକ, ମାଗୁଣୀ ଯେନା, ଅମରସିଂହପୁରର ପ୍ରକାଶ ଦେଓଙ୍କୁ ପାଣିକୋଇଲି ରାଜସ୍ୱ ସର୍କଲ ପକ୍ଷରୁ ଅବଗତ କରାଯାଇଛି। ୭ ଦିନ ମଧ୍ୟରେ ବ୍ୟବସାୟୀମାନେ ଉକ୍ତ ଜମିରୁ ହଟିଯିବାକୁ କୁହାଯାଇଛି। ନଚେତ ଜବର ଦଖଲ ଉଚ୍ଛେଦ କରାଯିବାକୁ ସ୍ପଷ୍ଟ ସୂଚନା ଦିଆଯାଇଛି। ଏନେଇ ବିଦ୍ୟୁତ୍ ବିଭାଗ ଓ ଜଳସେଚନ ବିଭାଗକୁ ମଧ୍ୟ ନୋଟିସ କରାଯାଇଛି।

ସୂଚନାଯୋଗ୍ୟ, ଏଠାରେ ସରକାରୀ ଜମିରେ ଅବରୋଧ ନେଇ ନଭେମ୍ବର ୨୦୨୦ରେ ୨୭ଟି ଦୋକାନ ଉଚ୍ଛେଦ ହୋଇଥିବା ବେଳେ ଆଉ ୧୬ ଜଣଙ୍କୁ ନୋଟିସ ହୋଇଥିଲେ ମଧ୍ୟ ତାହାକୁ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇ ନ ଥିଲା। ଫଳରେ ଭଙ୍ଗାଯାଇଥିବା ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପିବା ସହ ଏନେଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଦୋକାନୀ କାର୍ତ୍ତିକ ଚନ୍ଦ୍ର ସାହୁ। ଉଚ୍ଚ ନ୍ୟାୟାଳୟ ଏହାର ବିଚାର କରି ଜାନୁୟାରୀ ୨ତାରିଖ ସୁଦ୍ଧା ଉଚ୍ଛେଦ ପ୍ରକ୍ରିୟା ଶେଷ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଘର ତାଲା ଭାଙ୍ଗି ଟଙ୍କା, ସୁନା ଚୋରି: ଥାନାରେ ଅଭିଯୋଗ

ରସୁଲପୁର,୧୨।୧୨(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଚିରଞ୍ଜୀବ ମିଶ୍ରଙ୍କ ଘରୁ ଚୋରି ହୋଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୪୦୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଚିରଞ୍ଜୀବ ପରିବାର ୧୦ତାରିଖ ଦିନ ପିକନିକ୍ କରିବାକୁ ବାହାରକୁ ଯାଇଥିଲେ। ୧୧ତାରିଖ ବାହାରେ ରାତ୍ରି ଯାପନ କରିବା ସହ ୧୨ତାରିଖରେ ଘରକୁ ଫେରି ଥିଲେ। ଘରେ ପହଁଚି ଦେଖିଲା ବେଳକୁ ତାଙ୍କ ଘର ଗ୍ରିଲ ତାଲା ଭାଙ୍ଗି ଦୁର୍ବୃତ୍ତ ଘରେ ଥିବା ଗୋଟିଏ ସୁନା ଚେନ୍, ୪ହଳ ଶାଙ୍ଖି, ଗୋଟିଏ ହଳ କାନଫୁଲ ସହ ନଗଦ ୫ଜହାର ଟଙ୍କା ଚୋରି କରିନେଇଛନ୍ତି। ପୋଲିସ ପକ୍ଷରୁ ଯାଜପୁର ଜିଲା ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଛି। ଅଧିକ ତଥ୍ୟ ହାସଲ କରିବା ପାଇଁ ପୋଲିସ ତାଙ୍କ ପଡୋଶୀ ଲୋକଙ୍କୁ ପଚରା ଉଚୁରା କରିଛି। ତଦନ୍ତ ଭାର ଏସ୍‌ଆଇ ଭାଗବତ ମହାଳିକଙ୍କ ଉପରେ ନ୍ୟସ୍ତ କରାଯାଇଛି।

### ମହାଦେବ ମନ୍ଦିର ରତ୍ନମୁଦ ଉତ୍ସବ



କୋରେଇ,୧୨।୧୨(ସ୍ୱ.ପ୍ର.): କୋରେଇ ବ୍ଲକ କନ୍ତୋର ଗ୍ରାମ ତଳସାହିରେ ମହାଦେବ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରମେଶ ଭୂୟାଁ ଓ ରୁନୁ ଭୂୟାଁ ସସ୍ତ୍ରୀକ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଗୋବର୍ଦ୍ଧନ ପଣ୍ଡା ଓ ଅଶୋକ ପଣ୍ଡା ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ସୁନା, ରୁପା ଓ ଧାତୁ ସମେତ ଧାନରେ ରତ୍ନମୁଦ କରାଯାଇଥିଲା। ୨ ନଂ. ଜୋନ୍ ଜିଲା ପରିଷଦସଭ୍ୟ ଉମାକାନ୍ତ ମାଝି, ୧ ନଂ. ଜୋନ୍ ଜିଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ସନ୍ତୋଷ କୁମାର ତରାଇ, କାଚରା ସାହି ସରପଞ୍ଚ ଗୌରୀଶଙ୍କର ମହାପାତ୍ର, ପୂର୍ବତନ ସରପଞ୍ଚ ସୁରେଖା ସେଠୀ ଓ ପୂର୍ବତନ ସମିତିସଭ୍ୟ ଅଶୋକ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଚିନ୍ତାମଣି ରାଉଳ, ଅଲେଖ ନାଥଙ୍କ ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ଉତ୍ସବରେ ସାମିଲ ହୋଇଥିଲେ। ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ସନାତନ ଧର୍ମ ମହାସଭା ଉଦ୍‌ଯାପିତ

ଧର୍ମଶାଳା,୧୨।୧୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ଅରେଇକଣା ପଞ୍ଚାୟତ କେଲୁଅ ନଦୀର ଗାଙ୍ଗୁଲ ଘାଟଠାରେ ସନାତନଧର୍ମ ପ୍ରଚାର ସମିତି ପକ୍ଷରୁ ସାଧୁସନ୍ଥ ଓ ମୁନିଋଷିଙ୍କ ମିଳିତ ସନାତନ ଧର୍ମ ମହାସଭା ସୋମବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱାମୀ ଶ୍ରୀଶ୍ରୀ ପାତଞ୍ଜଳିଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଦିନ ବ୍ୟାପି ଅନୁଷ୍ଠିତ ଏହି ଧର୍ମସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ବହୁ ସାଧୁସନ୍ଥ ଯୋଗଦେଇ ସନାତନ ଧର୍ମର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ରବିବାର ପ୍ରଥମ ଦିବସରେ ସକାଳ ୯ଟାରେ ସନ୍ଥପୂଜନ ଓ ଗୋପୂଜନ କରାଯାଇଥିଲା। ପରେ ଦେବଦେବୀ ମାର୍ଜନା, ନଗର ପରିକ୍ରମା କରାଯାଇଥିଲା। ଅପରାହ୍ନରେ କୃଷକ ପୂଜନ ଓ ଧର୍ମ ମହାସଭା ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳୁ କୁମ୍ଭ ସ୍ନାନ କରାଯାଇ ଶ୍ରୀଶ୍ରୀ ବିଷ୍ଣୁ ସହସ୍ରନାମ ଜପ କରାଯାଇ ସନ୍ଧ୍ୟାରେ କାର୍ଯ୍ୟକ୍ରମ ଉଦ୍‌ଯପିତ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ସାଧୁସନ୍ଥଙ୍କ ଆଶିଷଲାଭ କରିଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ରାୟ, ସନ୍ତୋଷ କୁମାର ଜେନା, ବିଭୁପ୍ରସାଦ ବଳସାମନ୍ତ, ବୃନ୍ଦାବନ ସୁବୁଦ୍ଧି, ସୁଶାନ୍ତ କୁମାର ରାୟ, ପବିତ୍ର ଗନ୍ତାୟତ ଓ ମନୋଜ କୁମାର ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସନାତନ ଧର୍ମ ମହାସଭାରେ ଯୋଗ ଦେଇଥିବା ସାଧୁସନ୍ଥ

# ଠିପିଖୋଲା ମଦ ଦୋକାନକୁ ବିରୋଧ

ଯାଜପୁର ଟାଉନ, ୧୨।୧୨(ଡି.ଏନ.ଏ.): ଠିପିଖୋଲା ମଦ ଦୋକାନ ଖୋଲିବାକୁ ନେଇ ବିରୋଧ ଜୋରଦାର ହେଉଛି। ହେଲେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ଅଭିଯୋଗ ହୋଇଛି। ଅନଲାଇନରେ ଯେ କେହି ବି ଠିପିଖୋଲା ବିଦେଶୀ ମଦ ଦୋକାନ ବା ରେଷ୍ଟୁରାଣ୍ଟ ଓ ବାର୍ ଖୋଲିବା ପାଇଁ ଆବେଦନ କଲେ ତାହା ସହଜରେ ମିଳିଯାଉଛି। ମଦ ଦୋକାନ ଖୋଲିବା ପାଇଁ ରହିଥିବା ନିୟମକାନୁନକୁ ମାଡିମକଚି ଦିଆଯାଉଛି। ଯେଉଁମାନେ ପ୍ରତିବାଦ କରିବେ ଏବଂ ଯେଉଁ ଜନପ୍ରତିନିଧିଙ୍କ କଲମ ମୁନର ଅନୁମତିରେ ମଦ ଦୋକାନ ଖୋଲିବ କି ନ ଖୋଲିବ ନିଷ୍ପତ୍ତି ହେବ ସେମାନଙ୍କୁ ଆବେଦନକାରୀ ମୋଟାଅଙ୍କର ହାତଗୁଞ୍ଜା ଦେଇ ପ୍ରଭାବିତ ପୂର୍ବକ ଦୋକାନଟିଏ ଖୋଲିବା ପାଇଁ ଆଗେଇ ଆସୁଛନ୍ତି। ଯେପରି ଠିପିବନ୍ଦ ମଦ ଦୋକାନଟିଏ ଖୋଲିବାକୁ ହେଲେ ସେଥିପାଇଁ ଯେମିତି ଆବେଦନ କରାଯାଇଥାଏ ଏବଂ ଜିଲା ପ୍ରଶାସନ ଓ ଅବକାରୀ ବିଭାଗର ଅନୁମତି ନେବାକୁ ପଡିଥାଏ ସେ ବ୍ୟବସ୍ଥା ଅନଲାଇନ ଆବେଦନରେ ନ ଥିବାରୁ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା କୋରେଇ ବ୍ଲକ ଅମୃତିଆ ପଞ୍ଚାୟତବାସୀ।

ଜିଲାରେ ଛତୁ ଫୁଟିଲା ଭଳିଆ ବାର୍ ଓ ରେଷ୍ଟୁରାଣ୍ଟ ପାଇଁ କେବଳ ନାମକୁ ମାତ୍ର ଅନୁମତି ପତ୍ର ଜିଲା ଅବକାରୀ କାର୍ଯ୍ୟାଳୟରେ ପଡିରହିଛି। ଅବକାରୀ ବିଭାଗ ଏହାକୁ ରୋକିବାର ବିଶେଷ କ୍ଷମତା ରଖନ୍ତି ନାହିଁ। ତେଣୁ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ଦେବାକୁ ପଡୁଛି ଏବଂ ଖୋଲିବା ପୂର୍ବରୁ ଆୟୋଜିତ ହେଉ କି ଅନ୍ୟ ମଦ ଦୋକାନୀଙ୍କ ଦ୍ୱାରା ପ୍ରାୟୋଜିତ ଭାବେ ହେଉ ଆନ୍ଦୋଳନ, ପ୍ରତିବାଦ, ପିକେଟିଂ ଇତ୍ୟାଦି ବଢି ଚାଲିଛି। ପ୍ରତି ସପ୍ତାହରେ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଓ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପ୍ରତିବାଦ ପତ୍ର ଦେଉଛନ୍ତି। ମଦ ଦୋକାନ ଖୋଲିଲେ ସବୁ କିଛି ବିଶୃଙ୍ଖଳା ହୋଇଯିବ, ସଂସାର ଭାସି ଯିବ, ଝିଅ ବୋହୂ ରାସ୍ତାଘାଟରେ ଚାଲିପାରିବେ ନାହିଁ, ପିଲା ଛୁଆ ନିଶାଗ୍ରସ୍ତ ହୋଇପଡିବା ମଧ ଅସମ୍ଭବ ନୁହେଁ। ଏସବୁ ଆଶଙ୍କା କରି ମହିଳାମାନେ ଯେତେ ଆସି ପ୍ରଶାସନ ନିକଟରେ ଗୁହାରୀ କଲେ ବି କିଛି ଫରକ ପଡୁନାହିଁ। ନିୟମିତ ପ୍ରତିବାଦ ମଧ୍ୟରେ ସୋମବାର କୋରେଇ ବ୍ଲକ ଅମୃତିଆ ପଞ୍ଚାୟତର ସମିତିସଭ୍ୟା ମିନତୀ ସେଠୀ ଏବଂ ତାଙ୍କ ସହିତ ଆଉ କିଛି ମହିଳା ଜିଲାପାଳଙ୍କୁ ଭେଟି ଖାତା ନଂ.୮୩୮/୪୦୧, ପ୍ଲଟ ନଂ -୧୧୮୫/୩୯୪୯ରେ ଏକ ମଦ ଦୋକାନ ଖୋଲିବାକୁ ବିରୋଧ କରିଛନ୍ତି। ପାଖରେ ସ୍କୁଲ, ପୋଖରୀ, ଜନଜାତିଙ୍କ ଜନବସତି, ଧାର୍ମିକ ଅନୁଷ୍ଠାନ ଥିବା ସତ୍ତ୍ୱେ ମଦ ଦୋକାନ ହେଉଥିବାରୁ ମହିଳାମାନେ ଏ ପ୍ରତିବାଦ କରିଛନ୍ତି। ତେବେ ଏହାର କ'ଣ ପ୍ରଭାବ ପଡ଼ିଛି ତାହା ଦେଖିବାକୁ ଅପେକ୍ଷା।

## ସଂକ୍ଷେପରେ

### ମୁଣ୍ଡ ଯନ୍ତ୍ରଣା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା

#### ଆତ୍ମହତ୍ୟା ପୂର୍ବରୁ ସାଧା କାଗଜରେ ଲେଖିଲେ ମୃତ୍ୟୁରେ କାରଣ

ଆଳି,୧୨।୧୨(ଡି.ଏନ.ଏ.): ମୁଣ୍ଡ ଯନ୍ତ୍ରଣା ସହି ନ ପାରି ଜଣେ ଯୁବତୀ ରବିବାର ରାତିରେ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ଘଟଣା ପରେ ଯୁବତୀଙ୍କ ବାପା ଆଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାରେ ତଦନ୍ତ ଆରମ୍ଭ କରିଛି। ଏ ନେଇ ନଂ. ୪୯୪/୨୨ରେ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ସିଙ୍ଗିରି ଗାଁର ସୁକାନ୍ତ କୁମାର ବେହେରାଙ୍କ ଝିଅ ସ୍ନିଗ୍ଧା ସୁଚରିତା ରବିବାର ରାତିରେ ପରିବାର ଲୋକଙ୍କ ସହ ଖାଇବା ପରେ ଗୋଟିଏ ରୁମରେ ଶୋଇଥିଲେ। ସକାଳ ୬ ଟା ପର୍ଯ୍ୟନ୍ତ ସେ ନ ଉଠିବାରୁ ତାଙ୍କ ଭାଇ ରୁମ୍‌କୁ ଯିବା ବେଳକୁ ସେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇ ଡାକ ପକାଇଥିଲେ। ସେହି ରୁମ୍‌ରେ ଦୁଇଟି ହାତ ଲେଖା ଚିଠି ଉଦ୍ଧାର କରାଯାଇଛି। ଗୋଟିଏ ଚିଠିରେ ସ୍ନିଗ୍ଧା ୨ବର୍ଷ ପୂର୍ବେ ପଡୋଶୀ ଅକ୍ଷୟ ବେହେରାଙ୍କ ପରିବାର ସହ ହୋଇଥିବା ଗଣ୍ଡଗୋଳରେ ସେ ଆହତ ହୋଇଥିବା ବେଳେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏ ନେଇ ଥାନାରେ ମାମଲା ରହିଛି। ତାଙ୍କ ମୁଣ୍ଡରେ ହୋଇଥିବା କ୍ଷତ ତାଙ୍କୁ ଦୀର୍ଘଦିନ ହେବ ଯନ୍ତ୍ରଣା ଦେଉଥିଲା। ପରିବାରରେ ଆର୍ଥିକ ଅବସ୍ଥା ଖରାପ ଥିବାରୁ ସେ ଚିକିତ୍ସା ପାଇଁ ଯାଉ ନ ଥିଲେ। ଫଳରେ ସେ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ଏଥିପାଇଁ ସେ ପଡୋଶୀ ଅକ୍ଷୟ ବେହେରା, ଅମର ବେହେରାଙ୍କ ସମେତ ତାଙ୍କ ପରିବାରକୁ ଦାୟୀ କରିଛନ୍ତି। ଏହି ଚିଠି ଆଧାରରେ ଯୁବତୀଙ୍କ ବାପା ସୁକାନ୍ତ ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଦିଲୀପ ସାହୁଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

### ବିଶିଷ୍ଟ ଜ୍ୟୋତିର୍ବିଦ୍‌ଙ୍କ ପରଲୋକ

ରାଜନଗର,୧୨।୧୨(ଡି.ଏନ୍.ଏ.): ରାଜନଗର ବ୍ଲକ କେରେଡ଼ାଗଡ଼ ଗାଁର ବିଶିଷ୍ଟ ଜ୍ୟୋତିର୍ବିଦ ଦିଗମ୍ବର ପଣ୍ଡା(୬୫)ଙ୍କର ପରଲୋକ ହୋଇଯାଇଛି। ରବିବାର ହଠାତ୍ ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଜଗତପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତ ପଣ୍ଡା ଜାତକ ତିଆରି ସହ ନୂତନ ଗୃହ ପାଇଁ ଭାଗ ମାପ ରାଜନଗର ଏବଂ କନିକା ଅଞ୍ଚଳରେ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ଏକାଧାରରେ ଜଣେ ଧର୍ମପ୍ରାଣ ବ୍ୟକ୍ତି, ମିଷ୍ଟଭାଷୀ ଓ ପରୋପକାରୀ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ଶିକ୍ଷାବିତ୍ ଅନିଲ କୁମାର ବଳ, ସମବାୟବିତ୍ ଅରୁଣ କୁମାର ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ଗୋପବନ୍ଧୁ ନଗର,୧୨।୧୨ (ଡି.ଏନ.ଏ)- ମୟୂରଭଞ୍ଜ ଜିଲା ନୂଆସାହି-ପଶୁଦା ରାସ୍ତାର ଚତୁରୀ ନିକଟରେ ରବିବାର ରାତିରେ ଜଣେ ବାଇକ୍ ଆରୋହୀ ଖସିପଡ଼ି ଗୁରୁତର ହୋଇଛନ୍ତି। ବ୍ୟକ୍ତି ଜଣକ ଗୋପବନ୍ଧୁ ନଗର ବ୍ଲକ୍ ପଶୁଦା ପଞ୍ଚାୟତ ମୁଟୁରୁଦା ଗାଁର ଲକ୍ଷ୍ମୀଧର ରାଉତ (୫୫)। ସେ ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଚତୁରୀ ନିକଟସ୍ଥ ବୁଲାଣିରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡ ଓ ଆଖିରେ ଗଭୀର ଆଘାତ ଲାଗିଛି।

# ଜଳ ଏବେ ଜହର, କ୍ଷେତକୁ ଯାଉନି ପାଣି

- ମରିଯାଉଛି ପୁରାଣ ପ୍ରସିଦ୍ଧ ଗୋବରୀ ନଦୀ
- ଜବରଦଖଲରେ ଏହାର ଜଳପଥ

କେନ୍ଦ୍ରାପଡ଼ା ଅଫିସ, ୧୨।୧୨

ପୁରାଣ ପ୍ରସିଦ୍ଧ ମଧୁସାଗର ତଥା କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଗୋବରୀ ନଦୀ ଏବେ ଜଳଧାରଣ କ୍ଷମତା ହରାଇଛି। ଜଳ ମଧ ଜହର ପାଲଟିଛି। ନଦୀମାର୍ଗ ଏବେ ଜବରଦଖଲକୁ ଚାଲି ଯାଉଥିବାରୁ କୃଷି କ୍ଷେତ୍ରକୁ ଆଉ ପର୍ଯ୍ୟାପ୍ତ ଜଳ ଯୋଗାଇ ହେଉନାହିଁ। ଏ ନେଇ ସ୍ଥାନୀୟ ଅଧିବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ସେହିପରି ଗତ ୨୦୨୧ ମସିହାରେ ଜିଲା ଜଳ ସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ଜଳ ପରୀକ୍ଷଣରେ ବିଷାକ୍ତ ପଦାର୍ଥ ଅତ୍ୟଧିକ ଥିବା ରିପୋର୍ଟକୁ ଅଣଦେଖା କରାଯାଉଥିବା ସ୍ଥାନୀୟ ଅଧିବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଳସମ୍ପଦ ବିଭାଗ ଆକଳନ ଅନୁଯାୟୀ, ଗୋବରୀର ୧୩୮ କିଲୋମିଟର ଲମ୍ବର ଉଭୟ କୂଳରେ ୭,୬୧୬ ହେକ୍ଟର ଆୟାକଟରେ ଜଳସେଚନ ହୋଇଥାଏ। ସେହିପରି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମାଳିବସା, ତନ୍ତିଆପାଳ, ବେଣାକନ୍ଦା ଓ ବିଜୟନଗଠାରେ କ୍ରୀକ୍ ବନ୍ଧ ଯୋଜନା ପରେ ୪ ହଜାର ହେକ୍ଟର ଜମିରେ ଚାଷ ହୁଏ। ଏଠାରୁ ପାଣି ଆସି ରବି ଫସଲ ୩୨୦୦ ହେକ୍ଟର, ବାଦାମ ୬୦୦ ହେକ୍ଟର କ୍ଷେତରେ ଚାଷ କରାଯାଏ। ଜିଲାର ୮୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ଏହି ପାଣିକୁ ଉପଯୋଗ କରିଥାନ୍ତି। ସେହିପରି ଏହି ଉତ୍ସକୁ ୩୦ ହଜାର ହେକ୍ଟର ଜମିକୁ ଚାଷ ପାଇଁ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ବିନିଯୋଗ କରାଯାଏ ବୋଲି ବିଭାଗୀୟ ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି।

ଏ ସମ୍ପର୍କରେ ସହରର ସେକ୍ ଅମଜାନ, ଫୋରଡ ଗ୍ରାମର ଟୁନା ସାହୁ, କଂସାରର ନୀଳମାଧବ ମହାପାତ୍ର, ନିରଞ୍ଜନ ପରିଡା କହିଛନ୍ତି, ଜିଲାରେ ଥିବା ୭ ନଦୀର ଜଳ ଜୀବନଜୀବିକାକୁ ସମୃଦ୍ଧ କରୁଛି। ଏଥିରେ ଗୋବରୀ ନଦୀର ଅବଦାନ ଅଧିକ। ୫ ଦଶନ୍ଧୀ ପୂର୍ବରୁ ସଡକପଥ ସୁବିଧା ନ ଥିବାରୁ ଗୋବରୀର ଜଳପଥ ପଣ୍ୟଦ୍ରବ୍ୟ ବ୍ୟବସାୟରେ ମୁଖ୍ୟ ମାଧମ ଥିଲା। ସମୁଦ୍ରରୁ ଜମ୍ବୁ ଦେଇ ଗୋବରୀ ନଦୀ ଜଳପଥରେ କଟକ ପର୍ଯ୍ୟନ୍ତ ପଣ୍ୟଦ୍ରବ୍ୟ କାରବାର ସହ ଯାତାୟାତ ହେଉଥିଲା। ସ୍ୱାଧୀନତା ପରବର୍ତ୍ତୀକାଳରେ ଏହାର ଉନ୍ନତିକରଣ କରାଯାଇ ନଦୀଜଳକୁ ଚାଷରେ ବ୍ୟବହାର କରାଗଲା। ଏହା ବ୍ୟତୀତ ବିଭିନ୍ନ ପୁରାଣରୁ ମଧୁସାଗରର ଜନ୍ମ ସହିତ ଗୋବରୀ ନଦୀର କାହାଣୀ ଲୋକମୁଖରେ ପ୍ରଚଳିତ ଅଛି। ତେବେ ଏହି ନଦୀ ଏବେ ବ୍ୟବହାର ଯୋଗ୍ୟ ହୋଇରହିନାହିଁ। ଏଥିରେ ଭାରିମାତ୍ରାରେ କାଡମିୟମ, କ୍ରେମିୟମ ଓ ପଟାସିୟମ ରହିଥିବା ପରୀକ୍ଷଣରୁ ଜଣାପଡିଛି। ଏହି ଜଳକୁ ବ୍ୟବହାର ଦ୍ୱାରା ଚର୍ମ ରୋଗ ସହିତ ଜଳବାହିତ ରୋଗ ଦେଖାଦେଉଛି। ଗ୍ରାମାଞ୍ଚଳ ଅପେକ୍ଷା ସହର ମଧରେ ଏହାର ଜଳପଥକୁ ସର୍ବାଧିକ ଜବରଦଖଲ କରାଯାଇଛି। ନିକଟରେ ଦୁଇଟି ସାଇଫନ ଦ୍ୱାରା ସହରର ଅଳିଆ ଆବର୍ଜନା ପାଣି ନଦୀକୁ ଛଡାଯାଇଛି। ସେହିପରି ନଦୀକୂଳବାସୀଙ୍କ ପାଇଖାନା ଦ୍ୱାର ନଦୀ ମଧକୁ ମଳ ଛାଡୁଛନ୍ତି। ଫଳରେ ନଦୀଜଳ ପ୍ରଦୂଷିତ ହେବା ସହ ଜବରଦଖଲକାରୀ ନଦୀପଥକୁ ସଙ୍କୁଚିତ କରିଛନ୍ତି। ସେହିପରି ଉନ୍ନତିକରଣ ନ ହେବାରୁ ନଦୀରେ ବିଲାତି ଦଳ ଭର୍ତ୍ତୀ ହୋଇଯାଇଛି। ଯାହାପାଇଁ କ୍ଷେତକୁ ପାଣି ଯାଇପାରୁନାହିଁ। ତେବେ ପ୍ରଶାସନ ପକ୍ଷରୁ ଜଳକର ଆଦାୟ ହେଉଛି। ଗୋବରୀର ଉନ୍ନତିକରଣରେ ଜିଲାର ଆର୍ଥିକ ସ୍ଥିତି ସୁଧାର ଆସିବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଏହାର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଏହାର ସୁଫଳ ମିଳିବ ବୋଲି ସେ କହିଛନ୍ତି।


ଜବରଦଖଲରେ ଥିବା ଗୋବରୀ ନଦୀର ପାଣି ଜହର ପାଲଟିଛି।

## ରୋଷେଇ ବେଳେ ଅଗ୍ନିକାଣ୍ଡ: ଜଳିଗଲା ୨ ବଖରା

ଡେରାବିଶ,୧୨।୧୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଇନ୍ଦାଳୋ ପଞ୍ଚାୟତ କୋଠାସାହି ଗାଁରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଅଲେଖ ନାୟକଙ୍କର ଗୋଟିଏ ବଖରା ସହ ଏକ ଗୁହାଳ ପୋଡ଼ି ପାଉଁଶ ହୋଇଯାଇଛି। ସନ୍ଧ୍ୟା ହୋଇଥିବାରୁ ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକ ଗୃହପାଳିତ ଗୋରୁମାନଙ୍କୁ ବାହାରକୁ ନେଇ ଆସିଥିବା ବେଳେ ଅଲେଖଙ୍କ ସମସ୍ତ ଆବସବାବପତ୍ର ପୋଡ଼ି ଯାଇଛି। ତେବେ କୋରୁଆ ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ରୋଷେଇ ହେଉଥିବା ବେଳେ ନିଆଁ ଝୁଲ ଉଠି ଚାଳରେ ଲାଗିବାରୁ ଅଗ୍ନିକାଣ୍ଡ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ଆର୍ଥିକ ଦୂରାବସ୍ଥା ମଧରେ ଗତି କରୁଥିବା ବିପନ୍ନ ଅଲେଖଙ୍କ ପରିବାର ସହ ଏକ ବଖରା ବିଶିଷ୍ଟ ଚାଳ ଘରେ ରହୁଥିଲେ।

## ଗହୀରମଥାରୁ ୧ ଟ୍ରଲର ଜବତ, ୧୦ ମତ୍ସ୍ୟଜୀବୀ ଗିରଫ


ଟ୍ରଲର ସହ ଗିରଫ ହୋଇଥିବା ମତ୍ସ୍ୟଜୀବୀ।

ରାଜନଗର,୧୨।୧୨(ଡି.ଏନ.ଏ.)

ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ୧୦ ଜଣ ମତ୍ସ୍ୟଜୀବୀଙ୍କୁ ଗିରିଫ କରିଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ବିରଳ କଇଁଛଙ୍କ ପାଇଁ ପଇଁତରା ମାରୁଥିବାବେଳେ ନିଷିଦ୍ଧାଞ୍ଚଳ ମଧରେ ବେଆଇନ ଭାବେ ମାଛ ମାରୁଥିବା ଜୟ ମା' ତାରିଣୀ ନାମକ ଟ୍ରଲରକୁ ଜବତ କରିଥିଲେ। ଏଥିସହ ଟ୍ରଲରରେ ଥିବା ମତ୍ସ୍ୟଜୀବୀ ବୈଲୋଚନ ମାଝି, ରାଜେଶ କୁମାର ସାହୁ, ଝାଡୁ ମଣ୍ଡଳ, ରଘୁନାଥ କାମିଲା, ଶ୍ରୀମନ୍ତ ଗିରି, ପ୍ରତିକୂଳ ବେରା, ସୁକୁମାର ମଲ୍ଲିକ, ଅର୍ଜୁନ ମାଝି, ରିଣ୍ଟୁ କାମିଲା ଓ ଝାଡେଶ୍ୱର ଦାସଙ୍କୁ ଗିରଫ କରିଛନ୍ତି। ଜବତ ଟ୍ରଲରରୁ ୧୬ କୁଇଣ୍ଟାଲ ମାଛ, ଗୋଟିଏ ଜିପିଏସ୍, ଗୋଟିଏ ଭିଏଚ୍‌ଏଫ୍, ଗୋଟିଏ ଫିସ୍ ଫାଇଣ୍ଡର, ୮ଟି ଟ୍ରଲିଂ ନେଟ୍ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନଙ୍କୁ ବନ୍ୟପ୍ରାଣୀ ଆଇନ ୧୯୭୨ ଧାରା ୨୭, ୨୯, ୩୧, ୫୧ ରେ ମକଦ୍ଦମା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ସିମେଣ୍ଟ, ଚାଉଳ ହଡ଼ପ ମାମଲାରେ ପୂର୍ବତନ ସରପଞ୍ଚ ନିର୍ଦ୍ଦୋଷ

ରାଜନଗର,୧୨।୧୨(ଡି.ଏନ୍.ଏ.)

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ପବିତ୍ର ମୋହନ ନାୟକଙ୍କୁ ସୋମବାର କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୦୬ରେ ପଞ୍ଚାୟତରୁ ସିମେଣ୍ଟ ଓ ଚାଉଳ ହଡ଼ପ ଘଟଣାରେ ମାମଲା ଚାଲି ଆସୁଥିଲା। ରାଜନଗର ଜେଏମ୍‌ଏଫ୍‌ସି କୋର୍ଟର ବିଚାରିପତି ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ସମସ୍ତ ସାକ୍ଷ୍ୟ, ପ୍ରମାଣ ଓ ତଥ୍ୟକୁ ଆଧାରକରି ପୂର୍ବତନ ସରପଞ୍ଚ ନାୟକ ନିର୍ଦ୍ଦୋଷ ବୋଲି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ୨୦୦୬ରେ ବିଭିନ୍ନ ପଞ୍ଚାୟତ ଗୋଦାମରେ ଚାଉଳ ଓ ସିମେଣ୍ଟ ମହଜୁଦ ଥିଲା। ବ୍ରାହ୍ମଣସାହି ପଞ୍ଚାୟତରେ ୨୮୭ ବସ୍ତା ସିମେଣ୍ଟ, ବସ୍ତା ପିଛା ୧୪୫ ଟଙ୍କା ଦରରେ ୪୧,୬୧୫ ଟଙ୍କା ଓ ଚାଉଳ ୩୧ କୁଇଣ୍ଟାଲ ୩୬ କେଜି, କୁଇଣ୍ଟାଲ ପିଛା ୧୧୩୦ ଟଙ୍କା ଦରରେ ୩୫,୪୩୬ ଟଙ୍କା ହଡ଼ପ ହୋଇଥିବା ନେଇ ଧରାପଡ଼ିଥିଲା। ୧୧ ଜୁନ୍ ୨୦୦୭ରେ ରାଜନଗର ବିଡିଓ ୨୮୭ ବସ୍ତା ସିମେଣ୍ଟ ଓ ୩୧ କୁଇଣ୍ଟାଲ ୩୬ କେଜି ଚାଉଳ ହଡ଼ପ ଘଟଣାରେ ସେତେବେଳର ପଞ୍ଚାୟତ ସମ୍ପାଦକ ତ୍ରିଲୋଚନ ଜେନାଙ୍କ ନାମରେ ଏତଲା ଦେଇଥିଲେ। କିନ୍ତୁ ଅଡିଟ ରିପୋର୍ଟରେ ସମ୍ପାଦକଙ୍କ ସହିତ ସରପଞ୍ଚ ଦୋଷୀ ବୋଲି ଉଲ୍ଲେଖ ଥିଲା। ରାଜନଗର ଥାନା କେସ୍ ନଂ. ୩୮/୨୦୦୭ ଓ ଜିଆର୍‌କେସ୍ ନଂ. ୩୭୯/୨୦୦୭ରେ ମାମଲା ଚାଲିଥିଲା। ଦୀର୍ଘ ୧୫ ବର୍ଷ ଧରି ମାମଲା ଚାଲିଥିଲା। କୋର୍ଟ ସମସ୍ତ ସାକ୍ଷ୍ୟ, ପ୍ରମାଣ ଓ ତଥ୍ୟ ବିଚାରକୁ ନେଇ ପୂର୍ବତନ ସରପଞ୍ଚ ନାୟକ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସରପଞ୍ଚଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ କବି ମାମଲା ପରିଚାଳନା କରୁଥିଲେ।

## ବିଦେଶୀ ମଦ ଜବତ, ୨ ଗିରଫ

ପଟ୍ଟାମୁଣ୍ଡାଇ,୧୨।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗର ଚଢାଉ କରି ବିପୁଳ ପରିମାଣର ହରିଆନା ବିଦେଶୀ ମଦ ଜବତ ସହ ୨ ଜଣ ବେପାରୀଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ତାତନା ଗାଁର ରାଜେଶ ସାମଲ ଓ ମଠସାହି ଗାଁର ପ୍ରକାଶ କୁମାର ନାୟକ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ନେଇ ପଟ୍ଟାମୁଣ୍ଡାଇ ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଅବକାରୀ ବିଭାଗ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଅବକାରୀ ନିରୀକ୍ଷକ ଦେବୀ ମିଶ୍ରଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଅବକାରୀ ଥାନା ଅଧିକାରୀ କମଳ ଲୋଚନ ପାଇକରାୟ ଓ କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ପଟ୍ଟାମୁଣ୍ଡାଇ ଥାନା ତାତନା, ମଠସାହି ଅଞ୍ଚଳରେ ଚଢାଉ କରି ୧୪.୨୫୦ ଲିଟର ହରିଆନାରେ ବିକ୍ରି ପାଇଁ ଉଦ୍ଦିଷ୍ଟ ମଦ ସହ, ୯.୩୬୦ ଲିଟର ନଂ.୧ ମଦ ଜବତ ହୋଇଛି। ଏହାସହ ଏଥିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରାଯାଇଛି। ଓଡ଼ିଶାରେ ଗୋଟିଏ ମଦ ବୋତଲ ଦାମ ଯଦି ୨୦୦ ଟଙ୍କା, ସେଥିରେ ପାଖାପାଖି ୧୨୦ ଟଙ୍କା ହେଉଛି ଅବକାରୀ ଟିକସ। କିନ୍ତୁ ହରିଆନା ବିନା ଟିକସ ବିଦେଶୀ ମଦ ଏବେ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ବିକ୍ରି ହେଉଛି। ସରକାର ରାଜସ୍ୱ ହରାଉଥିବା ବେଳେ ମଦ ବ୍ୟବସାୟୀ ଓ ମାଫିଆ ଲାଭରେ ରହୁଛନ୍ତି। ଏଭଳି ବେଆଇନ କାରବାର ମଦ ମାଫିଆମାନେ ଆରମ୍ଭ କରିଥିବାରୁ ଅବକାରୀ ବିଭାଗ କିଭଳି ସ୍ଥିତିରେ ମୁକାବିଲା କରିବ, ସେନେଇ ଚିନ୍ତାରେ ପଡ଼ିଛି।

## ବେଲପାଳରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ରାଜନଗର,୧୨।୧୨(ଡି.ଏନ୍.ଏ.)

ରାଜନଗର ବ୍ଲକ ବେଲପାଳ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ହୋଇଯାଇଛି। ରଙ୍ଗଣୀ ପଞ୍ଚାୟତରୁ ଆରମ୍ଭ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ବେଲପାଳ ପଞ୍ଚାୟତରେ ଶେଷ ହୋଇଛି। ପଞ୍ଚାୟତ ଅଫିସ ସମ୍ମୁଖରେ ସରପଞ୍ଚ ତିଳୋତ୍ତମା ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, ସମିତିସଭ୍ୟା କେତକୀ ମହାନ୍ତି, ସହକାରୀ ଯନ୍ତ୍ରୀ ଜଳଧର ବେହେରା ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସୁଫଳ କିପରି ପ୍ରତ୍ୟେକ ଲୋକ ପାଇପାରିବେ, ସେନେଇ ମତବ୍ୟକ୍ତ କରିଥିଲେ। ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ସରକାରୀ ଆବାସ, ରାଶନ କାର୍ଡ ସମ୍ପର୍କିତ ଅଭିଯୋଗ ଅଧିକ ଆସିଥିଲା। ରାଜନଗର ତହସିଲଦାର ଭୂୟାଁ ୨୫ଜଣଙ୍କୁ ସେମାନଙ୍କ ପଟ୍ଟା ଗାଁରେ ବଣ୍ଟନ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ଜିଆର୍‌ଏସ୍ ଅଶୋକ କୁମାର ରାଉତଙ୍କ ସମେତ ନାଏବ ସରପଞ୍ଚ ଏବଂ ସମସ୍ତ ୱାର୍ଡ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ


ବିଦ୍ୟାମନ୍ଦିରର କ୍ରୀଡା ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

ଆଳି: ୧୨।୧୨(ଡି.ଏନ.ଏ.)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଳିର ୨୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ସୁଶାନ୍ତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଶିଶୁମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଖେଳର ଶୃଙ୍ଖଳା ସମ୍ପର୍କରେ କହିଥିଲେ। ୩ ଦିନ ଧରି ଏହି କ୍ରୀଡ଼ା ପ୍ରତିଯୋଗିତାର କନିଷ୍ଠ ବର୍ଗ, ଶିଶୁ ବର୍ଗ ଓ ବାଲ ବର୍ଗ ୩ଟି ବିଭାଗରେ ଅନୁଷ୍ଠିତ ହେବ। ଉଦ୍‌ଘାଟନ ଉତ୍ସବରେ ଶିଶୁମାନଙ୍କ ଦ୍ୱାରା ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବିଦ୍ୟାଳୟ ଯାଏ ଆସିଥିଲା। ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ଜାନକୀ କୁମାରୀ ଦାସ ପରିଚୟ ପ୍ରଦାନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଧନ୍ୟବାଦ ଦେଇଥିଲେ। କ୍ରୀଡା ପ୍ରମୁଖ ପ୍ରେମାନନ୍ଦ ମହାନ୍ତି, ସହ ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ସାହୁ, ସଞ୍ଜୁଲତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶୁଭେନ୍ଦୁ ଦାସ, ସୁଶାନ୍ତ ସାହୁ , ପ୍ରଶାନ୍ତିକା ସାମଲ ଓ ସୁକାନ୍ତି ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟ ଗୁରୁଜୀଗୁରୁମା ବିଭିନ୍ନ ପ୍ରତିଯୋଗିତାକୁ ଆଗେଇ ନେଇଛନ୍ତି।

## ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ପଟ୍ଟାମୁଣ୍ଡାଇ,୧୨।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣତ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫୪ ଜଣଙ୍କ ଅଭିଯୋଗପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫ଟି ଗୋଷ୍ଠୀ ଗତ ହୋଇଥିବା ବେଳେ ୪୯ଟି ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ଥିଲା। ଏଥିରେ ବିଭିନ୍ନ ଆପତ୍ତି ଅଭିଯୋଗ ଜିଲାପାଳ ଅମୃତ ଋତୁରାଜ ଶୁଣାଣି କରି ଏହାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲାପାଳ ଋତୁରାଜ, ଏସ୍‌ପି ମଡକର ସନ୍ଦିପ ସମ୍ପଦ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ବିଡିଓ ଭରତ ଚନ୍ଦ୍ର ପରିଡା, ସିଡିପିଓ ମୁକ୍ତରି ବେଗମ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ବ୍ୟକ୍ତିଗତ ଅଭିଯୋଗଗୁଡିକ ମଧ୍ୟରେ ରାଶନ କାର୍ଡ, ଭତା, ପ୍ରଧାନମନ୍ତ୍ରୀ ଅବାସ ଯୋଜନା, ବିଦ୍ୟୁତ୍‌କରଣ, ଜମିଜମା ସମସ୍ୟା, ଚିକିତ୍ସା ସହାୟତା, ଉଚ୍ଚଶିକ୍ଷା ପାଇଁ ସହାୟତା, କଳାକାର ପେନସନ୍ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ଜନିତ ଥିଲା। ସେହିପରି ସାମୂହିକ ଅଭିଯୋଗଗୁଡିକ ମଧ୍ୟରେ ପୌର ପରିଷଦ କାମରେ ଅନିୟମିତତା, ପୌର ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ ନ ଆସିବା, ଶିକ୍ଷା ସମନ୍ଧୀୟ, ପାନୀୟ ଜଳ ପାଇଁ ପାଣି ଟାଙ୍କି ନିର୍ମାଣ ଓ ଦୂଷିତ ଜଳ ନିଷ୍କାସନ ପାଇଁ ସୁବନ୍ଦୋବସ୍ତ ପ୍ରମୁଖ ଦରଖାସ୍ତଗୁଡିକୁ ବିଚାର କରି ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।


ଶିବିରରେ ଜିଲାପାଳ ଅମୃତ ଋତୁରାଜ ଓ ପ୍ରଶାସନିକ ଅଧିକାରୀ।

## ବସୁପୁରରେ ପଲ୍ଲୀରେ ପ୍ରଶାସନ: ୧୯୫ ଅଭିଯୋଗ

ଡେରାବିଶ,୧୨।୧୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସରପଞ୍ଚ କମଳା ଦାସ ଓ ସମିତିସଭ୍ୟା ନିବେଦିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ବିଡିଓ ନମିତା ବାରିକ ଉପସ୍ଥିତ ରହି ୧୯୫ ଜଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ତେବେ କେତେକ ଅଭିଯୋଗର ଦ୍ରୁତ ସମାଧାନ ହୋଇଥିବାବେଳେ ଅନ୍ୟଗୁଡ଼ିକୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ବାରିକ ପଠାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ୨୦ରୁ ଅଧିକ ଷ୍ଟଲ୍ ଖୋଲାଯିବା ସହ ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗ ଗ୍ରହଣ କରିଥିଲେ। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ଉପସ୍ଥିତ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତେବେ ରାଶନ ସାମଗ୍ରୀ, ଭତ୍ତା, ବାସଗୃହ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ପ୍ରଦାନ କରିବା ସହ ବିଭିନ୍ନ ଗ୍ରାମରେ ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ମରାମତି ହେବା ପାଇଁ ବହୁ ଲୋକ ଅଭିଯୋଗ ଦାଖଲ କରିଥିଲେ। କାର୍ଯ୍ୟକ୍ରମରେ ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜକିଶୋର ନାୟକ, ଭାରପ୍ରାପ୍ତ ତହସିଲଦାର ପୁରୁଷୋତ୍ତମ ଦାସ, ବ୍ଲକ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ଜୀବିକା ମିଶନର ସଂଯୋଜକ ହିମାଂଶୁ ଭୂଷଣ ଭଦ୍ର ଓ ରତିକାନ୍ତ ପଟ୍ଟନାୟକ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ବିଭୁପ୍ରସାଦ ଦାସ, ଉଦ୍ୟାନ କୃଷି ବିଭାଗ ସହକାରୀ ଉଦ୍ୟାନ କୃଷି ଅଧିକାରୀ କେଦାରନାଥ ବାରିକ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର ଶିବପ୍ରସାଦ ରାଉତରାୟ, ଅଭିମନ୍ୟୁ ଖଟୁଆ, ଚୌଧୁରୀ ଦୀପକ କୁମାର ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଅମୃତରାଜ ବେହେରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ପ୍ରସନ୍ନଜିତ ନାୟକ, ଅନୀଲ କୁମାର ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଅଭିଯୋଗର ଶୁଣାଣି କରୁଛନ୍ତି ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ପାଣି ପଞ୍ଚାୟତ ନିର୍ବାଚନ

ହିଞ୍ଜିଳିକାଟୁ,୧୨।୧୨(ଡି.ଏନ୍.ଏ)– ହିଞ୍ଜିଳିକାଟୁ ବ୍ଲକ ଋଷିକୂଲ୍ୟା ନଦୀ ଜଳସେଚନ ପ୍ରଣାଳୀ ଅନ୍ତର୍ଗତ ୬ନମ୍ବର ଓ ୭ନମ୍ବର କରନାଳ ନିର୍ବାହୀ କମିଟି ସଦସ୍ୟ ଓ ସଭାପତି ଓ କୋଷାଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୬ନଂ କରନାଳ କମିଟିରେ ସଭାନେତ୍ରୀ ଭାବେ ସରିତାରାଣୀ ପଟ୍ଟନାୟକ, ସମ୍ପାଦକ ଭାବେ ବି. ରାମଚନ୍ଦ୍ର ଓ କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର ରେଡ୍ଡୀ ନିର୍ବାଚିତ ହୋଇଛନ୍ତି। ସେହିପରି ୭ନଂ କରନାଳ କମିଟିରେ ସଭାପତି ଭାବେ ପ୍ରମୋଦ କୁମାର ମହାନ୍ତି, ସମ୍ପାଦକ ଭାବେ ସବିତା କୁମାରୀ ସାବତ ଓ କୋଷାଧ୍ୟକ୍ଷ ଭାବେ ଅଜିତ କୁମାର ପାତ୍ର ନିର୍ବାଚିତ ହୋଇଛନ୍ତି। ଉଭୟ କମିଟି ପାଇଁ ୯ଜଣ ଲେଖାଏ ସଦସ୍ୟ ମନୋନୀତ ହୋଇଛନ୍ତି।

### ସୁଦର୍ଶନ ଆଚାର୍ଯ୍ୟଙ୍କ ସ୍ମୃତିରେ ଭାଗବତ ପାରାୟଣ

ଦିଗପହଣ୍ଡି,୧୨।୧୨(ଡି.ଏନ.ଏ.)– ଦିବଙ୍ଗତ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟଙ୍କ ସ୍ମୃତିରେ ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମର ରାମଜୀ ମଠରେ ୫ ଦିନ ବ୍ୟାପୀ ସଂସ୍କୃତ ଭାଗବତ ପାରାୟଣ ଆୟୋଜନ କରାଯାଇଥିଲା। ଗଞ୍ଜାମ ଜିଲା ମଠ ମହନ୍ତ ସଂଘର ସମ୍ପାଦକ ତଥା କଞ୍ଚୁରୁ ଗ୍ରାମ ଜଗନ୍ନାଥ ମଠର ମହନ୍ତ ସଂସ୍କୃତ ଅଧ୍ୟାପକ ହରିହର ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ପଞ୍ଚ ଦିବସୀୟ ଭାଗବତ ପାରାୟଣ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ପ୍ରତ୍ୟେକ ଦିନ ବହୁ ଭାଗବତ ପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସାନଖେମୁଣ୍ଡି ପୁରୁଣାଗଡ ଗ୍ରାମ ମଠର ମହନ୍ତ ମହାରାଜ କେଶବ ରାମାନୁଜ ଦାସ ବ୍ୟାସ ରୂପେ ପାରାୟଣ କରିଥିଲେ। ଭୀଷ୍ମଗିରି ରାମଜୀ ମଠର ମହନ୍ତ ମହାରାଜ ପଦ୍ମ ଲୋଚନ ରାମାନୁଜ ଦାସ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶଥାଉକି, ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ମଠ ହେଉଛି ଦିବଙ୍ଗତ ପ୍ରଫେସର ଆଚାର୍ଯ୍ୟଙ୍କ ଗୁରୁ ପୀଠ। ଭୀଷ୍ମଗିରି ରାମଜୀ ମଠର ପ୍ରତିଟି ଧାର୍ମିକ କାର୍ଯ୍ୟକ୍ରମ ତଥା ମେଳା ମହୋତ୍ସବରେ ପ୍ରଫେସର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ଯୋଗଦାନ ରହିଥିଲା। ଏଣୁ ତାଙ୍କର ସ୍ମୃତି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲିଗୁଡ଼ା,୧୨।୧୨(ଡି.ଏନ୍.ଏ.)– ବାଲିଗୁଡ଼ା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ବାଲିଗୁଡ଼ା ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରବିନ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ତଥା ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ, ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଉପାଧ୍ୟକ୍ଷା ଶ୍ରୀମତୀ ଶାନ୍ତିଲତା ନାୟକ ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ଉତ୍ସବର ଶୁଭାରମ୍ଭ କରିଥିଲେ। ପାଞ୍ଚଟି ବିଦ୍ୟାଳୟରୁ ୪୪ଜଣ ୫୨ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନ ୪ଟାରେ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି କାର୍ତ୍ତିକ ଚନ୍ଦ୍ର ସି ତଥା ସଙ୍କୁଳ ପ୍ରମୁଖ ତୀର୍ଥବାସୀ ଘଡ଼େଇଙ୍କ ସହଯୋଗରେ ବାର୍ଷିକ କ୍ରୀଡ଼ା ଉତ୍ସବ ସମାପନ ହୋଇଥିଲା।

# ଦୁର୍ଗମ ଅଞ୍ଚଳବାସୀଙ୍କ ଭାଗ୍ୟ ବଦଳିବ

## ସର୍ଭେ ଶେଷ, ଖୁବ୍‌ଶୀଘ୍ର ହେବ ରାସ୍ତା ନିର୍ମାଣ

ଫୁଲବାଣୀ ଅଫିସ, ୧୨।୧୨

ବଣ, ପାହାଡ ଘେରା କନ୍ଧମାଳ ଜିଲାର ଶତାଧିକ ଗ୍ରାମକୁ ଆଜି ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଫଳରେ ଦୁର୍ଗମ ଅଞ୍ଚଳର ଲୋକେ ବର୍ଷର ଅଧିକାଂଶ ସମୟ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହୁଛନ୍ତି। ରୋଗୀଙ୍କୁ ଦୋଳାରେ ବୋହି ଡାକ୍ତରଖାନାରେ ପହଞ୍ଚାଇବା, ଗର୍ଭବତୀଙ୍କୁ ଭରା ନଈରେ ପାର କରିବା ଆଦି ଜିଲାରେ ସାଧାରଣ ଘଟଣାରେ ପରିଣତ ହୋଇଛି। ସରକାରୀ ସୂଚନା ଅନୁସାରେ, ଜିଲାର ୩୩୪ଟି ଗ୍ରାମକୁ ଏ ଯାଏ ରାସ୍ତା ନାହିଁ। ତେବେ ଏସବୁ ଦୁର୍ଗମ ଅଞ୍ଚଳବାସୀଙ୍କ ଭାଗ୍ୟ ବଦଳିବାକୁ ଯାଉଛି। ରାସ୍ତା ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ଶେଷ ହେବା ପରେ ଟେଣ୍ଡର ଡକାସରିଛି। ଖୁବ୍ କମ୍ ଦିନ ମଧ୍ୟରେ କାମ ଆରମ୍ଭ ହେବ। ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ବହୁ ଗ୍ରାମବାସୀଙ୍କ ପ୍ରମୁଖ ମୌଳିକ ସମସ୍ୟା ରାସ୍ତା କାର୍ଯ୍ୟ ହେବାକୁ ଯାଉ ଥିବାରୁ ସେମାନଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଛି।

ଜିଲାର ଅତି ଦୁର୍ଗମ ତଥା ମାଓବାଦୀ ପ୍ରବଣ ଭାବେ ପରିଚିତ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ରାସ୍ତା ସଂଯୋଗୀକରଣ ପାଇଁ ୩୪ଟି ପ୍ରକଳ୍ପର ସର୍ଭେ ସରିଛି। ଏଥିମଧ୍ୟରୁ କେତେକ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ବି ଆରମ୍ଭ ହୋଇ ସାରିଛି। ପ୍ରକୃତପକ୍ଷେ ପ୍ରାୟ ୨ ବର୍ଷ ତଳେ ଏହି ଯୋଜନା ହାତକୁ ନିଆ ଯାଇଥିଲା। କିନ୍ତୁ କରୋନା କାରଣରୁ ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଗ୍ରାମ୍ୟ ନିର୍ମାଣ ବିଭାଜନ(ଆରଡି) ପକ୍ଷରୁ ସର୍ଭେ ଶେଷ ହେବା ପରେ ଟେଣ୍ଡର ସରି କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ସରକାରୀ ରିପୋର୍ଟ ଅନୁସାରେ ଫିରିଙ୍ଗିଆ ଜିଲାର ଦ୍ୱିତୀୟ ବୃହତମ ବ୍ଲକ। ଏହି ବ୍ଲକରେ ସର୍ବାଧିକ ୧୧୨ଟି ଗ୍ରାମକୁ ଯାତାୟତ ପାଇଁ କୌଣସି ପ୍ରକାର ସୁବିଧା ନ ଥିବା ଯୋଗୁଁ ଏହି ସବୁ ଗ୍ରାମଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଭଳି ବହୁ ସରକାରୀ ଯୋଜନା ପହଞ୍ଚାଇବା ସମ୍ଭବ ହୋଇ ପାରୁନାହିଁ। ବ୍ଲକରେ ଅନେକ ନଦୀ ଓ ନାଳ ରହିଛି। ବିଶେଷ କରି ବାଘନଦୀ ଓ କେଡ଼ିଜୋଡ଼ି ନାଳ ଯୋଗୁ ବର୍ଷାଦିନରେ ଅନେକ ଗ୍ରାମ ବିଚ୍ଛିନ୍ନ ହୋଇ ପଡୁଛି। ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତର ବାଣିଜୁରି ଠାରୁ ମାଣ୍ଡିବାଲା ଭାୟା ଟିକିରିପଡା-ମୁର୍ଜା ଗାଁ ରାସ୍ତା ପାଇଁ ପାଖାପାଖି ୩ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଚାଲୁରହିଛି। ଲୁଇସିଂ ଠାରୁ ମାଲାକାରି ଭାୟା କୁମ୍ଭାରୁ ରାସ୍ତା ପାଇଁ ୪ କୋଟି ୨୧ ଲକ୍ଷ ୫୭ ହଜାର ଟଙ୍କା, ମୁଣ୍ଡାସାହି ଠାରୁ କାଟ୍ରାମାଳା ରାସ୍ତା ପାଇଁ ୪ କୋଟି ୨୧ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ସବୁ ରାସ୍ତା ନିର୍ମାଣ ହେଲେ ବ୍ଲକର ଗୋଛାପଡା, ଲୁଇସିଂ, ବାଲନ୍ଦାପଡା, ସଲାଗୁଡା, କ୍ରାଣ୍ଡିବାଲି ଓ କୋଏରମାଣ୍ଟୁ ପଂଚାୟତର ବହୁ ବିଚ୍ଛିନାଞ୍ଚଳକୁ ସବୁଦିନିଆ ଯାତାୟତ ସମ୍ଭବ ହେଇପାରିବ। ସେହିପରି ମାଓବାଦୀ ପ୍ରବଣ ଅଞ୍ଚଳ କୁଟିକିଆ ଠାରୁ ସୁମେରବନ୍ଧ ଭାୟା ମାଜାବାଲି ପାଇଁ ପାଖା ପାଖି ୩ କୋଟି ଟଙ୍କା ଓ କଟାପଙ୍ଗା ଠାରୁ ସୁମେରବନ୍ଧ ପର୍ଯ୍ୟନ୍ତ ପ୍ରାୟ ୫ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ରାସ୍ତା ସମ୍ପୂର୍ଣ୍ଣ ହେଲେ ଦୁର୍ଗମ ଅଞ୍ଚଳରୁ ଜିଲା ସଦର ମହକୁମାକୁ ରାସ୍ତା ଫିଟିବ। ବିଭିନ୍ନ ପଞ୍ଚାୟତକୁ ମଧ୍ୟ ସଂଯୋଗୀକରଣ ହୋଇପାରିବ। ଜିଲାର ଆଉ ୨୭ ପ୍ରକଳ୍ପ ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ସର୍ଭେ କରାଯାଇଛି। ଯଥାଶୀଘ୍ର ସର୍ଭେ ହୋଇଥିବା ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକାଶ ପାଇବ ବୋଲି ଫୁଲବାଣୀ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶିଲ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

ସ୍କୁଲ ଭିତରେ ମଳ ବର୍ଷା ଘଟଣା

# ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ


ତଦନ୍ତ ଚାଲୁଛି।

ଛତ୍ରପୁର,୧୨।୧୨(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ଅନ୍ତର୍ଗତ ବିଫୁଲିଙ୍ଗୀ ପଞ୍ଚାୟତର ଡୁଡୁକପଲ୍ଲୀ ଗ୍ରାମରେ ଥିବା ସ୍କୁଲ ଭିତରେ ମଳ ବର୍ଷା ହେବା ଘଟଣାରେ ସୋମବାର ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି। ଛତ୍ରପୁର ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ଦ୍ୱାରା ସାଇଣ୍ଟିଫିକ ଟିମ୍ ଓ ଅନୁସନ୍ଧାନୀ କୁକୁର ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହା ସହ ସ୍କୁଲର ପ୍ରଧାନ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା ମଧ୍ୟ କରିଛନ୍ତି। ତେବେ ରାସ୍ତାରେ ପଡ଼ିଥିବା ମଳ ଛାତ୍ରୀଛାତ୍ରମାନଙ୍କ ଡ୍ରେସ୍‌ରେ ଲାଗିଥିବା ନେଇ ଛତ୍ରପୁର ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେଲା ଡୁଡୁକପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ଉପରେ ମଳ ପଡୁଥିବା ସହ ମଧ୍ୟାହ୍ନଭୋଜନରେ ମଧ୍ୟ ମଳଛିଟା ପଡୁଥିବା ଅଭିଯୋଗ ହୋଇ ଆସୁଥିଲା। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ପିଲାମାନେ ମଧ୍ୟ ସ୍କୁଲକୁ ଯିବା ପାଇଁ ଭୟ କରୁଥିଲେ। ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରୁଥିଲା। ସୋମବାର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।


ଦଶପଲ୍ଲାର ଟାକରାଠାରେ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଲାଗି ଲୋକମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ମା' ମହାମାୟୀଙ୍କ ବିଗ୍ରହ ପ୍ରାଣ, ମନ୍ଦିର ପ୍ରତିଷ୍ଠା

ଦଶପଲ୍ଲା,୧୨।୧୨ (ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରାଠାରେ ମା' ମହାମାୟୀଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହି କାର୍ଯକ୍ରମ ଚାଲୁ ରହିବ ବୋଲି ମା' ମହାମାୟୀ ମନ୍ଦିର ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ସୋମବାର କଳସ ଯାତ୍ରା ଓ ଅଗ୍ନି ସ୍ଥାପନ ପୂଜା ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ ୧୦୮ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ୍ ହୋଇଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ସୂର୍ଯ୍ୟପୂଜା , ଗୋ ପୂଜା, ଦେବତା ମହାସ୍ନାନ, ପ୍ରାଣ ପ୍ରତିଷ୍ଠା ଓ ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି।

# ଆଇନଜୀବୀଙ୍କ କଲମଛାଡ଼ ଆନ୍ଦୋଳନ

ଭଞ୍ଜନଗର/ ଆସିକା/ ଦିଗପହଣ୍ଡି,୧୨।୧୨(ଡି.ଏନ୍.ଏ.)

ଭଞ୍ଜନଗର ବାର୍ ଆସୋସିଏଶନ କର୍ମକର୍ତ୍ତା ସୋମବାର ବିଭିନ୍ନ ଦାବି ନେଇ କଲମ ଛାଡ଼ ଆନ୍ଦୋଳନ କରିଥିଲେ। ଆନ୍ଦୋଳନର ନେତୃତ୍ୱ ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ ନେଇଥିଲେ। ଏହି ସମୟରେ ବାର୍ ଆସୋସିଏଶନର ବରିଷ୍ଠ କର୍ମକର୍ତ୍ତା ଏମ୍ .ତାଜ ଆଦେନୀ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ପ୍ରଦ୍ୟୁମ୍ନ ନାୟକ, ଦଣ୍ଡପାଣି ସ୍ୱାଇଁ, ରବି ଦାସ, ଉପସଭାପତି ଧୀରେନ ସ୍ୱାଇଁ, ମନୋଜ ପଟ୍ଟନାୟକ, ତ୍ରିନାଥ ମଳିକ, ସୁଶାନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଇନଜୀବୀମାନେ ବିଭିନ୍ନ ସମୟରେ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥାନ୍ତି। ଇତିମଧ୍ୟରେ ଦକ୍ଷିଣ ଓଡ଼ିଶା ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ବାର୍ ଆସୋସିଏଶନର ଆଇନଜୀବୀମାନେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନେଇ ଆନ୍ଦୋଳନ ଚଳାଇଛନ୍ତି। ଏହାଦ୍ୱାରା କୋର୍ଟ କାର୍ଯ୍ୟ ପ୍ରଭାବିତ ହେଉଛି। ତେଣୁ ସୁପ୍ରିମକୋର୍ଟ ଏନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଆନ୍ଦୋଳନରତ ଆଇନଜୀବୀଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ସର୍ବଭାରତୀୟ ଆଇନଜୀବୀ ପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଓଡିଶାଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଆଜି ଦିନିକିଆ କଲମ ଛାଡ଼ ଆନ୍ଦୋଳନ କରିଥିଲେ। ଆସିକା ଓକିଲମାନଙ୍କ ଆନ୍ଦୋଳନ ଯୋଗୁ ସ୍ଥାନୀୟ ଅତିରିକ୍ତ ଜିଲା ଜଜ୍ କୋର୍ଟ, ବରିଷ୍ଠ ଦେୱାନୀ ବିଚାରପତି, କନିଷ୍ଠ ଦେୱାନୀ ବିଚାରପତି ଓ ପ୍ରଥମ ଶ୍ରେଣୀ ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତର ସ୍ୱାଭାବିକ କାର୍ଯ୍ୟଧାରା ବ୍ୟାହତ ହୋଇଥିଲା। ଭାରତୀୟ ଆଇନଜୀବୀ ପରିଷଦ ଓ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଓକିଲମାନଙ୍କ ନୀତି ବିରୋଧରେ ଏହି ଆନ୍ଦୋଳନ କରାଯାଇଥିବା ଓକିଲ ସଂଘର ସଭାପତି ସୁରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି। ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଏହି ସତ୍ୟାଗ୍ରହରେ ସମ୍ପାଦକ ପ୍ରହ୍ଲାଦ ପ୍ରଧାନ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ସାହୁ, ରସାନନ୍ଦ ରାଉତ, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପ୍ରଭାକର ରାଉତ, ଚନ୍ଦ୍ରଧ୍ୱଜ ସିଂହ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ରତ୍ନାକର ମେକାପ, ପରେଶ ଚନ୍ଦ୍ର ରଥ, ରଞ୍ଜନ କୁମାର ବେହେରା, ହରପ୍ରସାଦ ରଥ, ଅଶେଷ ନାଥ ମିଶ୍ର, ସନ୍ତୋଷ କୁମାର ସାହୁ, ସଞ୍ଜୟ କୁମାର ପଣ୍ଡା, ପ୍ରଦୀପ ନାୟକ, ମନୋଜ କୁମାର ପଣ୍ଡା, ହେମନ୍ତ କୁମାର ପାଣିଗ୍ରାହୀ, କୁରେଶୁ ପଣ୍ଡା, ବିଜୟ କୁମାର ପ୍ରଧାନ, କିଶୋର ଚନ୍ଦ୍ର ଗୌଡ, ସୀମାଞ୍ଚଳ ପ୍ରଧାନ, ଇପିଲି. ଅର୍ଜୁନ ପ୍ରମୁଖ ବହୁ ଆଇନଜୀବୀ ସାମିଲ ଥିଲେ।

# ଦାବି ପୂରଣ ନେଇ ଅଙ୍ଗନୱାଡି କର୍ମୀଙ୍କ ଧାରଣା

ବୁଗୁଡ଼ା,୧୨।୧୨(ଡି.ଏନ.ଏ.)

ଭାରତୀୟ ମଜଦୁର ସଂଘ ସହ ସଂଯୁକ୍ତ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ବୁଗୁଡ଼ା ଶାଖା ପକ୍ଷରୁ ୮ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଚାଲୁରଖିଛନ୍ତି। ବ୍ଲକର ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ୨୦୧୮ର ଆନ୍ଦୋଳନରେ ବହିଷ୍କୃତ ହୋଇଥିବା ୬ ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ ନଚୁବା କର୍ମୀମାନଙ୍କୁ ମାସକୁ ୧୮ ହଜାର ଓ ସହାୟିକାମାନଙ୍କୁ ୯ ହଜାର ଦରମା ପ୍ରଦାନ କରିବା, ମିନି ଅଙ୍ଗନୱାଡି ଉଚ୍ଛେଦ କରି ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ, ଅଙ୍ଗନୱାଡି କେନ୍ଦ୍ରର ସମସ୍ତ କର୍ମଚାରୀଙ୍କୁ ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଓ ପେନସନ୍ ମାସିକ ୫ ହଜାର ଟଙ୍କା ପ୍ରଦାନ କରିବା ଆଦି ଦାବି ଗୁଡିକ ନେଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ ଚାଲୁ ରଖିଥିବା ଜଣାପଡିଛି। ସଂଘର ସଭାନେତ୍ରୀ ବାସନ୍ତୀ କୁମାରୀ ପ୍ରଧାନ ଓ ସମ୍ପାଦିକା ଅନୀତା କୁମାରୀ ମିଶ୍ର ଦାବି ପୂରଣ ନହେଲେ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ଯାଏ ଚାଲିବ ବୋଲି କହିଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଅନନ୍ୟା

ପୋଲସରା,୧୨।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକ ବେଲଗାଁରେ ରହୁଥିବା ଅନନ୍ୟା ପ୍ରିୟଦର୍ଶିନୀ ସ୍ୱାଇଁ। ବୟସ ମାତ୍ର ୪ ବର୍ଷ ୯ ମାସ। ଅନନ୍ୟା ବିରଳ ପ୍ରତିଭାର ପରିଚୟ ଦେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଆଖିରେ କଳାପଟି ବନ୍ଧା ଥାଇ ୩ ମିନିଟରୁ କମ୍ ସମୟ ମଧ୍ୟରେ ଆତ୍ମ ପରିଚୟ ସମ୍ବନ୍ଧିତ ୧୨ ପ୍ରଶ୍ନର ଉତ୍ତର, ୧୦ ଜାତୀୟ ମାନ୍ୟତାପ୍ରାପ୍ତ ନାମ, ୧୦ ରାଜ୍ୟର ରାଜଧାନୀ, ୧୦ ଦେଶର ରାଜଧାନୀ ଏବଂ ୬ଟି ଗୁଣନ ଖନ୍ଦା ଆଧାରିତ ଉତ୍ତର ସହିତ ସମ୍ପୂର୍ଣ୍ଣ ଶିବ ସ୍ତୋତ୍ରମ୍ ଆବୃତ୍ତି କରି ସେ ଏହି ସଫଳତା ହାସଲ କରିଛନ୍ତି। ହାତୀଓଟ ଗଙ୍ଗାଧର ସାହୁ ବିଜ୍ଞାନ ମହାବିଦ୍ୟାଳୟଠାରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଅନନ୍ୟାଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ୱର୍ଣ୍ଣପଦକ ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କର ଏହି କୃତିତ୍ୱରେ ତାଙ୍କର ପିତା ସଂସ୍କୃତ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ ଏବଂ ମାତା ସୁନିତା ପରିଡ଼ା, ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ପରିବାର ଆତ୍ମୀୟସ୍ୱଜନ ତଥା ଷଣ୍ଢମୂଳ ଗ୍ରାମବାସୀ ଅତ୍ୟନ୍ତ ଆନନ୍ଦ ବ୍ୟକ୍ତ କରିବା ସାଥେ ସାଥେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା ଶିଶୁଙ୍କ ସହ ପରିବାର ବର୍ଗ

# ଉପଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଭଞ୍ଜନଗର/କବିସୂର୍ଯ୍ୟନଗର,୧୨।୧୨(ଡି.ଏନ.ଏ.)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଭଞ୍ଜନଗର ସହାୟକ ଜିଲାପାଳ ଅଞ୍ଜଳି ମାଝୀ, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ ମହାନ୍ତି, ଡାକ୍ତର ଅନିଲ କୁମାର ଚୌଧୁରୀ, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଉପଖଣ୍ଡ ସୂଚନା ଓ .ଲୋକସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ, ସାମାଜିକ ସୁରକ୍ଷା ଅଧିକାରୀ ଅମୀୟ କୁମାର ମିଶ୍ର, ସ୍ୱଳ୍ପ ସଞ୍ଚୟ ଅଧିକାରୀ ସନ୍ତୋଷ କୁମାର ରଥ ପ୍ରମୁଖ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଅଧିକ ଅଭିଯୋଗ ଆସୁଥିବା ବେଳେ ଉପଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ବିଶେଷ ଭିଡ ପରିଲକ୍ଷିତ ହେଉନାହିଁ। ଏଥିପାଇଁ ଅଧିକ ପ୍ରଚାର ଆବଶ୍ୟକତା ରହିଛି। ସେହିପରି କବିସୂର୍ଯ୍ୟନଗର ବ୍ଲକ ପରିସରରେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ ପଞ୍ଚାୟତର ବୃଦ୍ଧାବୃଦ୍ଧ, ବିକଳାଙ୍ଗ, ଅସହାୟ ସମେତ ଅନେକ ଅଭିଯୋଗ ନେଇ ବିଭିନ୍ନ ଗ୍ରାମବାସୀ ଏବଂ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ଗଞ୍ଜାମ ଅତିରିକ୍ତ ଜିଲାପାଳ, ଛତ୍ରପୁର ଉପଜିଲାପାଳ ଓ ପୋଲିସ ଉଚ୍ଚ ପଦାଧିକାରୀ, ବିଡିଓ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଜନଶୁଣାଣୀରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଅଭିଯୋଗ ପଞ୍ଜିକରଣ ହୋଇଛି।



କବିସୂର୍ଯ୍ୟନଗରରେ ଅଭିଯୋଗ ଶୁଣାଣି ଚାଲିଛି।

# ଶୀତ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ

## ଜାନୁୟାରୀରେ ୫ ଦିନ କରାଯିବାକୁ ଆଲୋଚନା

ଦାରିଙ୍ଗବାଡ଼ି,୧୨।୧୨(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ପୁଣି ଚଳିତ ବର୍ଷ ଶୀତ ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବିଡିଓ ଗଦାଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଜନସାଧାରଣ, ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦାରିଙ୍ଗବାଡ଼ି ଶୀତ ଉତ୍ସବ କମିଟିର ସଭାପତି ତଥା ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇ ପ୍ରଥମେ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଏବଂ ଏହି କମିଟିର ଲୋକଙ୍କ ମତ ଲୋଡ଼ିଥିଲେ। ଏଥିରେ ସମସ୍ତଙ୍କ ସମର୍ଥନ ରହିଥିଲା। ଜାନୁୟାରୀ ୭ରୁ ୧୧ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବାକୁ ଆଲୋଚନା କରାଯାଇଛି। ଏହି କ୍ରମରେ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶୀତ ଉତ୍ସବରେ ପାଳନ କମିଟିର ସଭାପତି ଭାବେ ବିଧାୟକ ସାଲୁଗା ପ୍ରଧାନଙ୍କୁ ଚୟନ କରାଯାଇଥିବା ବେଳେ ବିଡିଓ ସମ୍ପାଦକ ଭାବେ ଚୟନ ହୋଇଛନ୍ତି ଏବଂ କୋଷାଧ୍ୟକ୍ଷ ଭାବେ ତହସିଲଦାର ଡ . ଅଶୋକ କୁମାର ଦାସଙ୍କୁ ଚୟନ କରାଯାଇଛି। ସେହିପରି ବିଭିନ୍ନ ବିଭାଗର ବ୍ଲକ ମୁଖ୍ୟ ଅଧିକାରୀଙ୍କୁ ବହୁ ଦାୟିତ୍ୱ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଲୋକ ପ୍ରତିନିଧିଙ୍କ ସମେତ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଅନେକ ଦାୟିତ୍ୱରେ ରହିବାକୁ ନିଷ୍ପତ୍ତି ନିଆଯିବା ସହ ସେମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଶୀତ ଉତ୍ସବକୁ ପରିଚାଳନା କରିବାକୁ ବିଭିନ୍ନ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶୀତ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରକାଶ ଯେ, ଦାରିଙ୍ଗବାଡି ଅଞ୍ଚଳରେ ଏହିଦିନରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଦାରିଙ୍ଗବାଡିକୁ ପର୍ଯ୍ୟଟକ ଶୀତର ମଜା ନେବାକୁ ଆସୁଛନ୍ତି। ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ଇକୋ ରିଟ୍ରିଟ୍ କରିଛନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଶୀତ ଉତ୍ସବ କରାଯାଉଥିଲା। ୨୦୧୫ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ପ୍ରଥମେ ରାଜ୍ୟସ୍ତରୀୟ ଶୀତ ମହୋତ୍ସବ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ଏହି ଉତ୍ସବ କରାଯାଇ ନ ଥିଲା। ୨୦୨୦ ଜାନୁୟାରୀରେ ଏହି ଉତ୍ସବ ପାଳନ କରାଯାଇଥିଲା। କିନ୍ତୁ କୋଭିଡ୍ ପାଇଁ ୨୦୨୧ ଏବଂ ୨୦୨୨ ଜାନୁୟାରୀରେ ଏହି ଉତ୍ସବ ପାଳନ କରାଯାଇପାରି ନ ଥିଲା। ପୁଣି ଏହା ୨୦୨୩ ଜାନୁୟାରୀରେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ,୧୦ନଂ ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ବିଇଓ ରସାନନ୍ଦ କର, ଆଇଆଇସି କୌଶିକ ମାଝି, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଶିବପ୍ରସାଦ ନାୟକ, ବନପାଳ ପ୍ରସନ୍ନ ପାତ୍ର, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ଜେନା, ଜଳ ଓ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାସ, ବିଶିଷ୍ଟ କବି ବିଦେଶୀ ନାୟକ, ପତିତପାବନ ରାଉତ,ସରପଞ୍ଚ ଚନ୍ଦ୍ରିକା ମଲିକ, ବଣିକ ସଂଘ, ହୋଟେଲ ସଂଘ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

# ଅଡ଼ବାକୁ ହରାଇ ଦାରିଙ୍ଗବାଡି ବିଜୟୀ

ଛତ୍ରପୁର,୧୨।୧୨(ଡି.ଏନ.ଏ.)

ରାଇଜିଂ ଷ୍ଟାର ଭଲିବଲ୍ ଆସୋସିଏଶନ ପକ୍ଷରୁ ଚାଲିଥିବା ତାରା ପଣ୍ଡା ସ୍ମାରକୀ ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟରେ ସୋମବାର ଦାରିଙ୍ଗବାଡି ଟିମ୍ ବିଜୟୀ ହୋଇଛି। ଗଜପତି ଜିଲା ଅଡବା ଟିମ୍‌କୁ ୨-୦ ସେଟ୍‌ରେ ହରାଇ ଦାରିଙ୍ଗବାଡି ବିଜୟୀ ହୋଇଥିଲା। ଏଥିରେ ଅତିଥି ଭାବେ ଓକିଲ ପଦ୍ମଚରଣ ସାହୁ, ପ୍ରତିଭା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ମୟ ଦାଶ, ସନ୍ତୋଷପୁର ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ରାମଚନ୍ଦ୍ର ପଲାଇ, ସନମୁଖ ପଟ୍ଟନାୟକ ଉପସ୍ଥିତ ଥିଲେ। ରାମ ମଲ୍ଲିକ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ।


ଖେଳାଳିଙ୍କ ସହ ଅତିଥି।

## ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ

କମିଟିର ଲକ୍ଷ୍ମୀ ନାରାୟଣ ପାତ୍ର, ତ୍ରିଲୋଚନ ବେହେରା, ଏସ୍. ପ୍ରଧାନ, ପ୍ରକାଶ ଚନ୍ଦ୍ର ସେଠୀ, ରଘୁନାଥ ସାହୁ, ବିପ୍ର ଚରଣ ସାହୁ, ମିଟୁ ବେହେରା, ସରୋଜ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଦିଗପହଣ୍ଡି ଓ ରୟାଲ ସିକ୍ସ ମଧ୍ୟରେ ମ୍ୟାଚ୍ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ମୋହନ ଜେନାଙ୍କ ପରଲୋକରେ ଶୋକ

ଚଣ୍ଡିଖୋଲ, ୧୨।୧୨(ଡି.ଏନ୍.ଏ.): ଯାଜପୁରର ପୂର୍ବତନ ଲୋକ ସଭା ଏମ୍‌ପି ମୋହନ ଜେନାଙ୍କର ସୋମବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଶୋକ ପ୍ରକାଶ କରି କହିଛନ୍ତି ଯେ, ଛାତ୍ର ଜୀବନରୁ ସେ ରାଜନୀତିରେ ପାଦ ଥାପିଥିଲେ। ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ ସେ ଜଡ଼ିତ ଥିଲେ। ତାଙ୍କ ପ୍ରତି ସେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେହିଭଳି ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ତାଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, କଂଗ୍ରେସ ନେତା ଅଜୟ କୁମାର ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଦସ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ସସ୍ମିତା ମହାନ୍ତି, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ରମାକାନ୍ତ ରାଉତ, ରବୀନ୍ଦ୍ର ନାଥ ଶାନ୍ତି, ପ୍ରଦୀପ ଜେନା, ଆଇନଜୀବୀ ଦେବରାଜ ବେହେରା, ଖବରଦାତା ମହେଶ୍ୱର ବଳ, ଭକ୍ତ ଚରଣ ସାହୁ, ପ୍ରତାପ ରାଉତରାୟ, ପ୍ରଦୀପ କୁମାର ପୃଷ୍ଟି, କଂଗ୍ରେସ ନେତା ନୀଳକଣ୍ଠ ମିଶ୍ର, ପ୍ରୀତମ କୁମାର ନାୟକ ପ୍ରମୁଖ ବଡ଼ଚଣା ଏକ ସୁଯୋଗ୍ୟ ରାଜନେତାଙ୍କୁ ହରାଇଲା ବୋଲି ମତ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ଜଣାଇଛନ୍ତି।

### କୁକୁର କାମୁଡ଼ାରେ ଖବରକାଗଜ ବିତରକଙ୍କ ସହ ୬ ଆହତ

ବିଞ୍ଝାରପୁର,୧୨।୧୨(ଡି.ଏନ.ଏ.): ପାଗଳା କୁକୁର କାମୁଡ଼ାରେ ଜଣେ ଖବରକାଗଜ ବିତରକଙ୍କ ସମେତ ୬ଜଣ ଆହତ ହୋଇଛନ୍ତି। ପରେ ସେମାନେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ବିଞ୍ଝାରପୁର ବ୍ଲକ ମାଁସଡ଼ା ପଞ୍ଚାୟତ ହରୀହାଟ ଗ୍ରାମରେ ସୋମବାର ସକାଳେ ଏକ ପାଗଳା କୁକୁର ବୁଲୁଥିବା ଦେଖିବାକୁ ମିଳିଥିଲା। ମାତ୍ର କେହିକିଛି ବୁଝିବା ଆଗରୁ କୁକୁରଟି ରାସ୍ତାରେ ଯାଉଥିବା ଲୋକଙ୍କୁ କାମୁଡ଼ିବା ଆରମ୍ଭ କରିଥିଲା। ବିଞ୍ଝାରପୁର ଅଞ୍ଚଳର ଖବରକାଗଜ ବିତରକ ଗୌତମ ଦାସ ସେହି ରାସ୍ତାଦେଇ ଯାଉଥିବା ବେଳେ ପଛପଟୁ କୁକୁରଟି ଆସି ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ସେହିପରି କୁକୁରଟି ଗ୍ରାମର ଅନ୍ୟ ୫ଜଣଙ୍କୁ ମଧ୍ୟ କାମୁଡିଛି। ଘଟଣାକୁ ନେଇ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପରେ ଗ୍ରାମର କିଛି ଲୋକ କୁକୁରକୁ ମାରିଦେଇଥିବା ଜଣାପଡ଼ିଛି।

### ବିଦ୍ୟାଳୟ ସମସ୍ୟା ଆଲୋଚନା କଲେ ଶିକ୍ଷକ, ଅଭିଭାବକ

ସିଂହପୁର,୧୨।୧୨(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ, ଅଭିଭାବକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ଏଜେଣ୍ଡା, ବିଦ୍ୟାଳୟର ବିଭିନ୍ନ ସମସ୍ୟା, ଶିକ୍ଷାଦାନ ଓ ଅନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ସାହୁ, ଖବରଦାତା ଅନିରୁଦ୍ଧ ବେଉରିଆ, ଶିକ୍ଷକ ଦୁଷ୍ମନ୍ତ ସାମଲ, ସତ୍ୟବ୍ରତ ପତି, ଶିକ୍ଷୟିତ୍ରୀ ନିବେଦିତା ନାୟକ ଓ ସ୍ୱର୍ଣ୍ଣପ୍ରଭା ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଭାବକ କୃଷ୍ଣଚନ୍ଦ୍ର ମଲିକ, ଅମୂଲ୍ୟ ନାୟକ, ମଳୟ ଦାଶ, ରାଜୀବ ବେଉରିଆ, ଲକ୍ଷ୍ମଣ ସାମଲ, ରାମଚନ୍ଦ୍ର ଜେନା, ସୁରେଖା ମହାନ୍ତି, ଗୀତାଞ୍ଜଳି ଜେନା, ସୁମିତ୍ରା ଜେନା, ସନ୍ଧ୍ୟାରାଣୀ ସାହୁ, କୁନି ଜେନା ଏବଂ ସୁକାନ୍ତି ଜେନା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସମସ୍ୟା ତୁରନ୍ତ ସମାଧାନ ପାଇଁ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ନାୟକ ଅଭିଭାବକଙ୍କ ସହିତ ବିଦ୍ୟାଳୟ ସମସ୍ୟା ସମାଧାନ ଦିଗରେ ଆଲୋଚନା କରିଥିଲେ।

### ୩ ଦୋକାନରୁ ଚୋରି

କାଳିଆପାଣି,୧୨।୧୨(ଡି.ଏନ.ଏ.): କାଳିଆପାଣି ଥାନା କାଙ୍କଡପାଳ ପଞ୍ଚାୟତର ଗରାମିଆଁ ଛକରେ ଥିବା ୩ ଦୋକାନରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଦୋକାନ କବାଟ ଭାଙ୍ଗି ଆସବାବପତ୍ର ସହ ଟଙ୍କା ଚୋରି କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗରାମିଆଁ ଛକଠାରେ ନୃସିଂହ ସାମଲ, ଉମେଶ ମୁଦୁଲି, କେଶବ ନାୟକ ଯଥାକ୍ରମେ କପଡ଼ା, ବହି ଓ ଟାୟାର ଦୋକାନ କରିଛନ୍ତି। ସେମାନେ ରାତିରେ ଦୋକାନ ବନ୍ଦ ଘରକୁ ଯାଇଥିବା ବେଳେ ଏହି ଚୋରି ହୋଇଛି। ସୋମବାର ଦୋକାନ ଭାଙ୍ଗି ନେଇଥିବା କିଛି ଲୋକଙ୍କ ନଜରକୁ ଆସିବା ପରେ ସେମାନେ ଦୋକାନ ମାଲିକଙ୍କୁ ଖବର ଦେବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ କରିଥିଲେ ମଧ୍ୟ କିଛି ସୁରାଗ ପାଇ ନ ଥିବା ଜଣାପଡ଼ିଛି। ଗତ ଶୁକ୍ରବାର କାଳିଆପାଣି ଥାନା ଅଞ୍ଚଳର କିଛି ଗ୍ରାମକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଓ ଟ୍ରାନ୍ସଫର୍ମରକୁ ଦୁର୍ବୃତ୍ତ ଭାଙ୍ଗିବା ସହ ଯନ୍ତ୍ରାଂଶ ଲୁଟି ନେଇଥିଲେ। ଘଟଣାରେ ଅଦ୍ୟାବଧି ପୋଲିସ ସୁରାକ ପାଇ ପାରିନାହିଁ।

# ବ୍ଲକ୍ କର୍ମଚାରୀଙ୍କୁ ଆର୍‌ଟିଆଇ ପରିଚାଳନା ତାଲିମ

ରସୁଲପୁର,୧୨।୧୨(ଡି.ଏନ.ଏ.):



ତାଲିମ ଶିବିରରେ ଯୋଗ ଦେଇଥିବା ଅଧିକାରୀ ଓ କର୍ମଚାରୀ

ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସୋମବାର ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ପରିଚାଳନାର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ କର୍ମଚାରୀଙ୍କୁ ସୂଚନା ଅଧିକାର ଆଇନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ଲୁମିନସ ଇନଫୋ ୱେ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଆୟୋଜିତ ଶିବିରରେ ସମ୍ବଳ ଅଧିକାରୀ ସୁନୀଲ ସେଠୀ ଯୋଗଦେଇ ସୂଚନା ଅଧିକାର ଆଇନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କର୍ମଚାରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ଅଧିକାରୀ ସେଠୀ କହିଥିଲେ, ଜଣେ ଆବେଦନକାରୀ ସୂଚନା ହାସଲ ପାଇଁ ଅନଲାଇନରେ ଆବେଦନ କରିପାରିବେ। ଉକ୍ତ ଅନଲାଇନ୍ ଫର୍ମକୁ କିଭଳି ଗ୍ରହଣ କରିବା, ଟ୍ରାନ୍ସଫର, ଫରୱାର୍ଡ, ଆବେଦନକାରୀଙ୍କ ଫର୍ମ ଗ୍ରହଣ ସମ୍ପର୍କରେ ସୂଚନା ପ୍ରଦାନ, ଦେୟ ପୈଠ, କେଉଁଠାରୁ ହାସଲ କରିବେ ସେ ଦିଗରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିଲା। ପ୍ରତ୍ୟେକ ଆବେଦନ ଫର୍ମ ପାଇବାର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକରେ ଏବିଡିଓ ସୂଚନା ଅଧିକାରୀ, ପଞ୍ଚାୟତରେ ନିର୍ବାହୀ ଅଧିକାରୀମାନେ ସୂଚନା ଅଧିକାରୀ, ବ୍ଲକ ଅଧୀନରେ ପରିଚାଳିତ ଅନ୍ୟ ସମସ୍ତ ଲାଇନ ଡିପାର୍ଟମେଣ୍ଟକୁ ରେଫର୍ଡ ପିଆଇଓ ଭାବେ ଗ୍ରହଣ କରାଯାଉଛି। ବ୍ଲକ ସୂଚନା ଅଧିକାରୀଙ୍କ ନିକଟକୁ ଆସୁଥିବା ଅନଲାଇନ ଆବେଦନକୁ ପୃଥକ କରାଯାଇ ପଞ୍ଚାୟତକୁ ଟ୍ରାନ୍ସଫର କରାଯିବ। ବ୍ଲକରେ ଥିବା ବିଭାଗ ପାଇଁ ଉଦ୍ଦିଷ୍ଟ ଆବେଦନପତ୍ରଟି ରେଫର୍ଡ ପିଆଇଓଙ୍କ ନିକଟକୁ ପଠାଯିବ। ଆବେଦନ ଫର୍ମ ଗ୍ରହଣର ୩୦ଦିନ ମଧ୍ୟରେ ସୂଚନା ପ୍ରଦାନ କରା ନ ଗଲେ ଆବେଦନକାରୀ ପ୍ରଥମ ଅପିଲେଟ ଅଥରିଟି ଭାବରେ ବିଡିଓଙ୍କୁ ଅଭିଯୋଗ କରିପାରିବେ। ବିଡିଓ ଏ ଦିଗରେ ନିଷ୍ପତ୍ତି ନେବା ସହ ଅବହେଳା କରିଥିବା ପିଆଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ତାଲିମ ଶିବିରରେ କୁହାଯାଇଛି। ଶିବିରରେ ବିଡିଓ ଅବନିକାନ୍ତ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ସମସ୍ତ ନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ।

# ଯନ୍ତ୍ରୀ, ଖବରଦାତାଙ୍କ ବିବାଦର ସମାଧାନ

ବରୀ,୧୨।୧୨(ଡି.ଏନ.ଏ.):

ବରୀ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ବିପ୍ଳବ ପରିଜା ଓ ଖବରଦାତାଙ୍କ ମଧ୍ୟରେ ଉପୁଜିଥିବା ବିବଦାର ଆପୋସ ସମାଧାନ ହୋଇଛି। ପରିଜାଙ୍କ ବିରୋଧରେ ବରୀ ରାମଚନ୍ଦ୍ରପୁର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ପୋଲିସ ତାଙ୍କୁ ସୋମବାର ଥାନାକୁ ଡାକିଥିଲା। ସେ ଥାନାରେ ପହଞ୍ଚି ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ସହ ଆଗକୁ ଏପରି କରିବେ ନାହିଁ ବୋଲି ଉପସ୍ଥିତ ଖବରଦାତାଙ୍କୁ କହିଥିଲେ। ସୂଚନା ମୁତାବକ, ଯନ୍ତ୍ରୀ ପରିଜା ଓ ବ୍ଲକ୍‌ର ବରିଷ୍ଠ କିରାଣି ସରୋଜକାନ୍ତ ମହାନ୍ତିଙ୍କ ମଧ୍ୟରେ ବିଶୃଙ୍ଖଳା ହୋଇଥିଲା। ଏନେଇ ଥାନାରେ ବରିଷ୍ଠ କିରାଣି ଅଭିଯୋଗ କରିଥିଲେ। ଘଟଣାର ଆପୋସ ସମାଧାନ ପାଇଁ ଉଭୟ ଥାନାରେ ପହଞ୍ଚିଥିଲେ। ଏହି ଖବର ପାଇ ଖବରଦାତାମାନେ ଥାନା ପରିସରରେ ପହଞ୍ଚି ଉଭୟ କନିଷ୍ଠ ଯନ୍ତ୍ରୀ ଓ ବିରଷ୍ଠ କିରାଣିଙ୍କ ମତାମତ ଲୋଡ଼ିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯନ୍ତ୍ରୀ ଖବରଦାତାଙ୍କୁ ଦୁର୍ବ୍ୟବହାର କରିବା ସହ ଜଣେ ବିଦ୍ୟୁତିକ ଖବରଦାତାଙ୍କ ବୁମ୍ ଛଡ଼ାଇ ଫୋପାଡ଼ି ଦେଇଥିଲେ। ତାଙ୍କ ଗାଡ଼ି ସାଇଡ୍ ମାରିବାରୁ ୩ ଖବରଦାତା ଆହତ ହୋଇଥିଲେ। ଏସବୁ ଘଟଣାକୁ ନେଇ ଖବରଦାତାମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ମଠ, ମନ୍ଦିର ସୁରକ୍ଷା ଉପରେ ଗୁରୁତ୍ୱାରୋପ



ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା ।

## କେଶରୀୟା ହିନ୍ଦୁ ପରିଷଦର ସାଙ୍ଗଠନିକ ବୈଠକ

ବାଲିଚନ୍ଦ୍ରପୁର,୧୨।୧୨(ସ୍ୱ.ପ୍ର.):

ବଡ଼ଚଣା ବ୍ଲକ୍ ପଲାଇ ପଞ୍ଚାୟତ ଅନ୍ତର୍ଗତ ଓଲାଶୁଣୀ ଗୁମ୍ଫାର ସନ୍ଥ ଅରକ୍ଷିତ ଦାସଙ୍କ ପୀଠରେ ଅଖଣ୍ଡ ଭାରତ କେଶରୀୟା ହିନ୍ଦୁ ପରିଷଦ ଓଡ଼ିଶା ପ୍ରଦେଶର ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପରିଷଦର ସଂସ୍ଥାପକ ଟିଟନ୍ ସାହୁ ଉଦ୍‌ଘାଟନ କରି ରାଜ୍ୟରେ ମଠ, ମନ୍ଦିର ସୁରକ୍ଷା, ଭାଗବତ ଟୁଙ୍ଗିର ପୁନରୁଦ୍ଧାର, ଗୋଶାଳା ନିର୍ମାଣ, ଗୋଚାଲାଣ ଓ ଗୋ ହତ୍ୟା ବନ୍ଦ କରିବା ନିମିତ୍ତ ସମସ୍ତ ସଦସ୍ୟଙ୍କ ସହଯୋଗ ଏବଂ ଏକାଗ୍ରତା ପ୍ରତି ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ପରିଷଦ ମାର୍ଗଦର୍ଶକ ରବୀନ୍ଦ୍ର ଶତପଥୀ ସଞ୍ଚାଳନା କରିଥିଲେ। ଉପସଭାପତି ସର୍ବେଶ୍ୱର ବେହୁରା, ସାଧାରଣ ସମ୍ପାଦକ ନିଗମାନନ୍ଦ ଜେନା, ମୁଖ୍ୟ ସଂଗଠକ ରାଜେଶ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ପରିଷଦର ଲକ୍ଷ୍ୟ ସମ୍ପର୍କରେ ଉପସ୍ଥିତ ସଦସ୍ୟଙ୍କୁ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଶୁଭ୍ରା ମହାନ୍ତି, ରାଜ୍ୟ ପ୍ରବକ୍ତା ସୁମନ୍ତ କୁମାର ନାୟକ, ରାଜ୍ୟ ଯୁବବାହିନୀ ସଭାପତି ପ୍ରଭାତ କୁମାର ସାମଲ, ରାଜ୍ୟ ମହିଳା ମୋର୍ଚ୍ଚା ମିଡିଆ ପ୍ରଭାରୀ ଅର୍ଚ୍ଚନା ମହାନ୍ତି ଓ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ଗୀତାଞ୍ଜଳି ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ, ଜିଲା ଓ ବ୍ଲକସ୍ତରୀୟ ପଦାଧିକାରୀଙ୍କ ସହ ଅନେକ ହିନ୍ଦୁ ଏବଂ ସନାତନ ଧର୍ମୀ ଉପସ୍ଥିତ ଥିଲେ।

# ସୋଲର କପ୍ କ୍ରିକେଟ: କଟକ ଚାମ୍ପିୟନ

ଛତିଆ,୧୨।୧୨(ଡି.ଏନ.ଏ.):


ଅତିଥି ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ନିକଟସ୍ଥ ସୋଲର ପଞ୍ଚାୟତର ମହାବୀର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୫ମ ବାର୍ଷିକ ସୋଲର କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କିଆଝର କ୍ରିକେଟ କ୍ଲବ ଢେଙ୍କାନାଳକୁ ହରାଇ ସୁନ୍ଦର ଗାଁ କଟକ ଚାମ୍ପିୟନ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜୟ ସ୍ୱାଇଁ, ସମିତିସଭ୍ୟ ସଞ୍ଜୟ ବେହେରା, ପୂର୍ବତନ ସରପଞ୍ଚ ନୀଳମଣି ରାଉତ, ସାମାଜିକ କର୍ମୀ ମାଧବନନ୍ଦ ମହାପାତ୍ର, ରମେଶ ବିଶ୍ୱାଳ ଓ ପ୍ରଭାସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୯ ଉଇକେଟ ହରାଇ ୧୪୮ ରନ୍ ସଂଗ୍ରହ କରିଥିଲା। ଢେଙ୍କାନାଳ ଦଳ ୧୨ ଓଭରରେ ୭୮ ରନ କରିବା ସହ ଅଲଆଉଟ ହୋଇ ପରାଜିତ ହୋଇଥିଲା। କଟକ ଦଳର ଖେଳାଳି ରବୀନ୍ଦ୍ର ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ ଯାଇଥିଲା। ଢେଙ୍କାନାଳ ଦଳର ଟୁଟୁଲୁ ତ୍ରିପାଠୀ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ। ମନୋଜ ରଣା, ଅଶ୍ୱଜିତି ରାଉତ ଖେଳ ପରିଚାଳନାରେ କରିଥିଲେ। ଭାସ୍ୟକାରଭାବେ ଅବିନାଶ ନନ୍ଦ, ତରଣୀ ସେନ ସହଯୋଗ କରିଥିଲେ। କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ବରୀରେ ପୁଣି ତେଜିଲା ମଦ ବିରୋଧୀ ଅଭିଯାନ

ବରୀ,୧୨।୧୨(ଡି.ଏନ.ଏ.):

ବରୀ ବ୍ଲକ୍ ଅଞ୍ଚଳରେ ପୁଣି ମଦ ବିରୋଧୀ ଆନ୍ଦୋଳନ ତେଜିଛି। କିଛିଦିନ ତଳେ ବ୍ଲକ୍ ଅଧୀନ ବାଲିଆ ପଞ୍ଚାୟତରେ ଏକ ମଦ ଦୋକାନ ଖୋଲିବାକୁ ବିରୋଧ କରି ସ୍ଥାନୀୟ ସରପଞ୍ଚ ଓ ମହିଳାମାନେ ଜିଲାପାଳ ଏବଂ ଅବକାରୀ ବିଭାଗ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପରେ ଏଠାରେ ମଦ ଦୋକାନ ଖୋଲିବା ନିଷ୍ପତ୍ତି ବାତିଲ ହୋଇଥିଲା। କିନ୍ତୁ ସେହି ପଞ୍ଚାୟତକୁ ଲାଗିଥିବା ସାହୁପଡ଼ା ପଞ୍ଚାୟତର ମାଟିଆପଡ଼ାଠାରେ ଅନ୍ୟ ଏକ ସରକାରୀ ମଦ ଦୋକାନ ଖୋଲାଯିବାକୁ ନେଇ ପ୍ରକ୍ରିୟା ଚାଲିଥିବା ଜଣାପଡ଼ିବା ପରେ ସୋମବାର ଶହଶହ ମହିଳା ଏହାର ତୀବ୍ର ବିରୋଧ କରିଛନ୍ତି। ଏଥିସହିତ ସେମାନେ ଏକ ଶୋଭାଯାତ୍ରାରେ ଆସି ବରୀ ବିଡିଓ ଚିନ୍ମୟ ଦାସଙ୍କୁ ମଦ ଦୋକାନ ବନ୍ଦ କରିବାକୁ ଦାବିପତ୍ର ଦେଇଛନ୍ତି। ଏନେଇ ବିଡିଓ ଦାସଙ୍କୁ ପଚାରିବାରେ ସେ କୁହନ୍ତି, ମହିଳାମାନେ ମଦ ବିରୋଧୀ ଅଭିଯାନରେ ସାମିଲ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗକୁ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଜିଲାପାଳ ଯାହା ପଦକ୍ଷେପ ନେବେ ସେହି ଆନୁସାରେ କାର୍ଯ୍ୟ କରାଯିବ। ଅନ୍ୟପକ୍ଷରେ ମଦ ଦୋକାନକୁ ବିରୋଧ କରି ବିଭିନ୍ନ ସମୟରେ ବରୀ ଅଞ୍ଚଳରେ ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାବିତ, ସାମାଜିକ କର୍ମୀ ଓ ସଚେତନ ନାଗରିକ ଆନ୍ଦୋଳନ କରି ଆସୁଛନ୍ତି। କିନ୍ତୁ ସରକାର ରାଜସ୍ୱ ଆଦାୟ ଲକ୍ଷ୍ୟ ନେଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଦ ଦୋକାନ ଖୋଲିବାରେ ଲାଗିଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ବିଶ୍ୱ ମାନବ ଅଧିକାର ଦିବସ ପାଳିତ



କାର୍ଯ୍ୟକ୍ରମରେ ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନସେବା କେନ୍ଦ୍ରର କର୍ମଚାରୀ ଓ ଅନ୍ୟମାନେ ।

ଚଣ୍ଡିଖୋଲ,୧୨।୧୨(ଡି.ଏନ୍.ଏ.):

ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ତଥା ଜେଏମ୍ଏଫ୍‌ସି ପରବିନ ମଣ୍ଡଳ ଏଥିରେ ଅଧ୍ୟକ୍ଷତା କରି ଦୁସ୍ଥ, ପୀଡ଼ିତ ବ୍ୟକ୍ତିଙ୍କ ମାନବିକ ଅଧିକାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତା ଲୋଡ଼ା। ତେଣୁ ଆମେ ସଚେତନତାର ବାହାକ ସାଜି ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ କୋର୍ଟ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା, ପାଠାଗାର ସମ୍ପାଦକ ଦିନବନ୍ଧୁ ନାୟକ, ଅଜିତ ରାଉତ, ଜ୍ୟୋତିଶଙ୍କର ମହାପାତ୍ର, ନିଗମ ପାତ୍ର ଓ ପ୍ରମୋଦିନୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରିଟେନର ବିଜୟ ରାଉଳ ଧନ୍ୟବାଦ ଦେଇଥିଲେ।

# ୧୪୪ ଧାରା ଜାରି ସତ୍ତ୍ୱେ ଚାଲିଛି ବାଲିଖାଦାନ

ଚଣ୍ଡିଖୋଲ,୧୨।୧୨(ଡି.ଏନ୍.ଏ.):

ଦର୍ପଣ ତହସିଲ ଅନ୍ତର୍ଗତ କେଲୁଅ ଓ ବିରୂପା ନଦୀରେ ବେଆଇନ ବାଲିଘାଟ ଚାଲିଛି। ତହସିଲ ପ୍ରଶାସନ ତରଫରୁ ସେଠାରେ ୧୪୪ ଧାରା ଜାରି ସତ୍ତ୍ୱେ ବାଲିମାଫିଆ ପ୍ରଶାନସନକୁ ଖାତିର ନ କରି ବେଆଇନ ଭାବେ ବାଲିଘାଟ ଚଳାଉଛନ୍ତି। ସାଉଡ଼ିଆ ପଞ୍ଚାୟତର ବାଲିକୁଦାଠାରେ ବେଆଇନ ବାଲିଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ପରେ ଗତ ମାସ ୨୮ତାରିଖରେ ଦର୍ପଣ ତହସିଲ ଅଫିସ ତରଫରୁ ପ୍ଲଟ ନଂ-୪୦୮୩ରେ ନାଲିପତାକା ପୋତାଯିବା ସହିତ ୧୪୪ଧାରା ଜାରି କରାଯାଇଥିଲା। ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ର ଏନେଇ ବାଲିଚନ୍ଦ୍ରପୁର ଥାନା ଓ ସମ୍ପୃକ୍ତ ମୂଷାଟିକିରି ରାଜସ୍ୱ ନିରୀକ୍ଷକଙ୍କୁ ଏହା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ୧୫ଦିନ ପୂରିନାହିଁ। ହେଲେ ଦିନ ଦୁଇପ୍ରହରରେ ବାଲିମାଫିଆ ଟ୍ରାକ୍ଟର ଲଗାଇ ଏଠାରୁ ବାଲି ଚାଲାଣ କରୁଛନ୍ତି। ଏପରି କି ହୀରକ ତ୍ରିଭୁଜ ଲଳିତଗିରି, ଉଦୟଗିରି ଓ ରତ୍ନଗିରିକୁ ସଂଯୋଗ କରୁଥିବା ବାଲିକୁଦା ପୋଲ ତଳୁ ବାଲିଖୋଳି ଚାଲାଣ କରାଯାଉଛି, ଯଦ୍ୱାରା ଏହି ସେତୁ ପ୍ରତି ବିପଦ ସୃଷ୍ଟି ହୋଇଛି। ସେତୁଟି ୩ଟି ବୌଦ୍ଧ ପୀଠକୁ ସଂଯୋଗ କରୁଥିବାବେଳେ ବରୀ ଓ ବଡ଼ଚଣା ବ୍ଲକ୍ ଜନସାଧାରଣଙ୍କର ଯାତାୟାତର ମୁଖ୍ୟ ରାସ୍ତା ହୋଇଛି। ତେଣୁ ତୁରନ୍ତ ବାଲିଘାଟ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଯଦି ବେଆଇନ ବାଲି ଖନନ ହେଉଥିବ ତେବେ ଖନନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୫ ଶ୍ରେଣୀ ପିଲାଙ୍କ ପାଇଁ ଜଣେ ଶିକ୍ଷକ

## ସମସ୍ୟାଘେରରେ ଚମ୍ପାପାଳ ସରକାରୀ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ



ପ୍ରୀତିପୁର,୧୨।୧୨(ଡି.ଏନ୍.ଏ.):

ବିଞ୍ଝାରପୁର ବ୍ଲକ୍ ହଳଦିଡ଼ିଅ ପଞ୍ଚାୟତ ଅନ୍ତର୍ଗତ ଚମ୍ପାପାଳ ସରକାରୀ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟଟି ସମସ୍ୟା ଘେରରେ ରହିଛି। ୨୦୦୮ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ଏବେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୮ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଥିପାଇଁ ୨ ଶିକ୍ଷକ ନିଯୁକ୍ତି ପାଇଥିବାବେଳେ ଜଣଙ୍କୁ ସିଆର୍‌ସିସି ଦାୟିତ୍ୱ ପ୍ରଦାନ କରାଯାଇଛି। ତେଣୁ ସେ ଅଧିକାଂଶ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଫଳରେ ଜଣେ ଶିକ୍ଷକ ୫ଟି ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଉଛନ୍ତି, ଯଦ୍ୱାରା ଶିକ୍ଷାଦାନ ପ୍ରଭାବିତ ହେଉଛି। ଏହାବ୍ୟତୀତ ଉକ୍ତ ବିଦ୍ୟାଳୟ ପରିସରରେ ଚମ୍ପାପାଳ ଅଙ୍ଗନୱାଡି କେନ୍ଦ୍ର ରହିଛି। ମାତ୍ର ଏହି ବିଦ୍ୟାଳୟ ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରି ନ ଥିବାରୁ ବୁଲା ଗୋରୁ ଅନାୟାସରେ ବିଦ୍ୟାଳୟ ପରିସରକୁ ପଶିଆସୁଛନ୍ତି। ପୂର୍ବରୁ ଥିବା ଶୌଚାଳୟଟି ଜରାଜୀର୍ଣ୍ଣ ହୋଇ ବ୍ୟବହାର ଅନୁପେଯାଗୀ ପାଲଟିଛି। ତେଣୁ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ସହ ନୂତନ ଶ୍ରେଣୀଗୃହ, ଶୌଚାଳୟ ଓ ସୁରକ୍ଷା ପାଚେରି ଆଦି ନିର୍ମାଣ କରିବାକୁ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀ, ଜିଲାପାଳ ଓ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ନିକଟରେ ଦାବି କରିଛନ୍ତି।

# ଅଭିଯୋଗ ସଂଖ୍ୟା ୫୦ ଛୁଇଁଲାନି

## ବଡ଼ଚଣାରେ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର

ଚଣ୍ଡିଖୋଲ,୧୨।୧୨(ଡି.ଏନ୍.ଏ.):


ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସୋମବାର ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ଏହି ଶିବିରରେ ଅଭିଯୋଗକାରଙ୍କ ସଂଖ୍ୟା ବହୁତ ନ୍ୟୂନ ଥିଲା। ଶିବିରରେ ଯୋଗଦେଇଥିବା ଅଧିକାରୀଙ୍କ ସଂଖ୍ୟା ଅଧିକ ଥିଲା। ଅଗଷ୍ଟ ୨୨ରେ ଏଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ୬୦୦ରୁ ଊର୍ଦ୍ଧ୍ୱ ଅଭିଯୋଗକାରୀ ରହିଥିଲାବେଳେ ଏଥରକ ସଂଖ୍ୟା ୪୮କୁ ଖସି ଆସିଛି। ଫଳରେ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଚାର ପ୍ରସାର ଅଭାବ ଓ ଅଭିଯୋଗ ସମାଧାନ ହୋଇ ପାରୁ ନ ଥିବାରୁ ଅଭିଯୋଗକାରୀଙ୍କ ସଂଖ୍ୟା କମୁଥିବା କୁହାଯାଇଛି।

ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୪୧ ବ୍ୟକ୍ତିଗତ ହୋଇଥିବାବେଳେ ୭ଟି ସାମୂହିକ ରହିଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୮ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୫ ଆବେଦନ ରହିଥିଲା। ୧୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହିଅବସରରେ ସେ ନ୍ୟାୟିକ ବ୍ୟବସ୍ଥାରେ ଲୋକଙ୍କ ଅଧିକାରକୁ ପ୍ରାଧାନ୍ୟ ଦେବା ଏବଂ ଅଭିଯୋଗଗୁଡ଼ିକୁ ତ୍ୱରିତ ସମାଧାନ କରି ପରିଚାଳନାରେ ସ୍ଥିରତା ଓ ସ୍ୱଚ୍ଛତା ଆଣିବା ଶିବିରର ଆଭିମୁଖ୍ୟ ବୋଲି ଅଧିକାରୀମାନଙ୍କୁ କହିଥିଲେ। ଏଥିସହିତ ସେ ଶିବିରରେ ଅଧ୍ୟକ୍ଷତା କରି ଜନସାଧାରଣଙ୍କ ଅଭିଯୋଗକୁ ଅଗ୍ରାଧିକାର ଦେଇଥିଲେ। ଅତିରିକ୍ତ ଏସ୍‌ପି ନାରାୟଣ ବାରିକ, ଜିଲାପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଉପଜିଲାପାଳ ତିଳୋତ୍ତମା ପୃଷ୍ଟି, ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ର, ବଡ଼ଚଣା ଭାରପ୍ରାପ୍ତ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରା, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜିଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନୀ ଖାଁ, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବଡ଼ଚଣା ଭାରପ୍ରାପ୍ତ ବିଡିଓ ବଳଙ୍କୁ ପଚାରିବାରେ ସେ କହିଛନ୍ତି, ଗତଥର ଆବାସ ଯୋଜନା ପାଇଁ ବହୁ ଅଭିଯୋଗ ଆସିଥିଲା। ସେତେବେଳେ ଅଭିଯୋଗକାରୀଙ୍କୁ ପୋର୍ଟାଲରେ ନିଜ ନାମ ଯାଞ୍ଚ ପାଇଁ ପରାମର୍ଶ ଦିଆଯାଇଥିଲା। ତେଣୁ ଏଥର ସେପରି ଅଭିଯୋଗ ଅଧିକ ଆସିନାହିଁ।

**୭ ଗ୍ରାମ ବ୍ରାଉନସୁଗାର ଜବତ, ମହିଳା ଗିରଫ**

ପାରାଦୀପ, (ସ୍ୱ.ପ୍ର.): ପାରାଦୀପ ଲକଥାନା ପୋଲିସ ସୋମବାର ଜଣେ ମହିଳା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୭ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏ ନେଇ ନଂ. ୪୦୭/୨୨ରେ ମାମଲା ରୁଜୁ ହୋଇଛି। ମହିଳା ବେପାରୀ ଜଣକ ହେଲେ ବିଶ୍ୱାଳୀ ଗାଁର ଭାନୁମତି ସାହୁ (୪୦)। ସେ ନିକଟସ୍ଥ ତ୍ରିନାଥ ମନ୍ଦିର ପାଖରେ ବେପାର କରୁଥିବା ବେଳେ ପୋଲିସ ହାତରେ ଧରାପଡିଥିଲେ।



## ସଂକ୍ଷେପରେ

### ୨୦.୬୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ୩ ଅଭିଯୁକ୍ତ କୋର୍ଟ ଚାଲାଣ

ନାଉଗାଁ,୧୨।୧୨(ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ଶିଖରଘାଟ ନିକଟରେ ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ପୋଲିସ ରବିବାର ରାତିରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶିଖରସ୍ଥିତ ରାଜେଶ କୁମାର ପରିଡା(୩୧) ଓରଫ ନବ, କାମଦେବ ନାୟକ(୪୩) ଓରଫ କୌନି ଏବଂ ବିଲିପଡାର ରିନା ନାୟକ(୪୦)। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୨୦.୬୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏକ ଲାଲ୍ ରଙ୍ଗର ବାଇକ୍‌ରେ ଅଭିଯୁକ୍ତ ରାଜେଶ ଓ କାମଦେବ ବ୍ରାଉନ୍‌ସୁଗାର ନେଇ ଯାଉଥିବାବେଳେ କୌଣସିସୂତ୍ରରୁ ଖବରପାଇ ପୋଲିସ ଶିଖରଘାଟ ନିକଟରେ ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଖସିପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ସେମାନଙ୍କ ନିକଟରୁ ଉକ୍ତ ବ୍ରାଉନସୁଗାର ମିଳିଥିଲା। ପଚରାଉଚୁରା ପରେ ସେମାନଙ୍କୁ ବ୍ରାଉନ୍‌ସୁଗାର ଯୋଗାଉଥିବା ମହିଳା ରିନାଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୮୦/୨୨) ରୁଜୁ କରାଯାଇଛି ବୋଲି ଆଇଆଇସି ଅନିରୁଦ୍ଧ ନାୟକ ସୂଚନା ଦେଇଛନ୍ତି।

### ଗଛକଟା ସମୟରେ ଡାଳରୁ ଖସି ଜଣେ ମୃତ

ସାଲେପୁର,୧୨।୧୨(ଡି.ଏନ୍.ଏ.): ଗଛରେ ଚଢ଼ି ଡାଳ ହାଣୁଥିବାବେଳେ ଖସପଡ଼ିବାରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁରସ୍ଥିତ ନାନ୍ଦୋଳ ଗ୍ରାମର ବିମ୍ବାଧର ଭୋଇ। ସେ ସଉରୀ ଗ୍ରାମର ସୁଦାମ ସାମଲଙ୍କ ଗଛ କାଟିବାକୁ ଯାଇଥିଲେ। ବିମ୍ବାଧର ସେଠାରେ ଚାକୁଣ୍ଡା ଗଛରେ ଚଢ଼ି ଗଛ କାଟୁଥିବା ସମୟରେ ହଠାତ ଖସିପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ସାଲେପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ସାଲେପୁର ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୩/୨୦୨୨) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

# ଜଗତ୍‌ସିଂହପୁରରେ ହେବ ମଡେଲ ବସ୍‌ଷ୍ଟାଣ୍ଡ

ଜଗତ୍‌ସିଂହପୁର ଅଫିସ, ୧୨।୧୨

- ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା
- ୧୦ ବର୍ଷ ହେଲା ଅଦରକାରୀ ହୋଇ ପଡ଼ିଥିଲା
- ମଡେଲ ବସ୍‌ଷ୍ଟାଣ୍ଡ ପାଇଁ ୧୫ କୋଟି ବ୍ୟୟ ବରାଦ

ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଏକ ସ୍ଥାୟୀ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ୧୦ ବର୍ଷ ପୂର୍ବରୁ ପାଖାପାଖି ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ବସ୍ ମାଲିକ ସଂଘ, ଲୋକ ପ୍ରତିନିଧି, ବୁଦ୍ଧିଜିବୀଙ୍କ ମତାମତ ନିଆଯାଇ ନ ଥିଲା। ତରବରିଆ ଭାବେ ଜଗତ୍‌ସିଂହପୁର ସହରରୁ ୩ କିଲୋମିଟର ଦୂର ଜଗତସିଂହପୁର-ବାଲିକୁଦା ମୁଖ୍ୟ ରାସ୍ତା ପାର୍ଶ୍ୱ ଯୋଗଧାରୀଠାରେ ସ୍ଥାନ ଚିହ୍ନଟ କରାଯିବା ସହ ସେଠାରେ ବସ ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ଏନେଇ ସମସ୍ୟା ସୃଷ୍ଟି ହୋଇଥିଲା। ଏଥିଯୋଗୁ ଏତେ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବସ୍‌ଷ୍ଟାଣ୍ଡଟି କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ସୌଭାଗ୍ୟ ସେଠାରେ ୧୫ କୋଟି ଟଙ୍କା ବ୍ୟୟରେ ମଡେଲ ବସ୍‌ଷ୍ଟାଣ୍ଡ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିବା ପରେ ଜଗତ୍‌ସିଂହପୁରରେ ଖୁସିର ପରିବେଶ ସୃଷ୍ଟି ହୋଇଛି ।

ଜଗତ୍‌ସିଂହପୁର ମୁଖ୍ୟ ଡାକଘର ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ପୂର୍ବରୁ ଏକ ବସ୍ ଷ୍ଟପ୍ ରହିଛି । ସେଠାରେ ବସ୍‌ଗୁଡିକ କିଛି ସମୟ ଅଟକି ପୁଣି ବାହାରି ଯାଉଛି। ଏକକାଳୀନ ୧୦ଟି ବସ୍ ରହିଲା ଭଳି ଜାଗା ସେଠାରେ ନାହିଁ । ଏଥିସହ ଉକ୍ତ କମ୍ ଜାଗାରେ ଟ୍ରେକରଗୁଡିକ ମଧ୍ୟ ଅଟକୁଛି। ରାସ୍ତା ପାର୍ଶ୍ୱରେ ଖୁବ କମ୍ ଜାଗାରେ ଗାଡିଗୁଡିକ ପ୍ରବେଶ ଓ ପ୍ରସ୍ଥାନ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଦୀର୍ଘ ବର୍ଷ ପରେ ସେଠାରେ ଶୌଚାଳୟ ହୋଇଥିଲେ ସୁଦ୍ଧା ଯାତ୍ରୀଙ୍କ ବସିବା ପାଇଁ ବିଶ୍ରାମାଗାର ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇପାରିନାହିଁ। ବସ୍ ଷ୍ଟପ ଜମିର କିଛି ପରିମାଣ ପୁରୋହିତପୁର ସୋସାଇଟି ଏବଂ ଅବଶିଷ୍ଟ ଜଗତ୍‌ସିଂହପୁର ପୌରପରିଷଦ ଅଧୀନରେ ରହିଛି। ପୌର ପରିଷଦ ଏହି ଜମିକୁ ବସ୍ ମାଲିକ ସଂଘକୁ ଲିଜ୍ ସୂତ୍ରରେ ଦେଇଛି। ଏନେଇ ଜଗତ୍‌ସିଂହପୁରରେ ଏକ ବସ୍‌ଷ୍ଟାଣ୍ଡର ଆବଶ୍ୟକତା ଅନୁଭବ କରି ୨୦୦୩ରେ ତତ୍କାଳୀନ ଜିଲାପାଳ ପଦକ୍ଷେପ ନେଇଥିଲେ । ୮।୩।୨୦୦୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଧାରୀଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏନେଇ ପ୍ରାଥମିକ ପର୍ଯ୍ୟାୟରେ ୭୭,୭୬,୭୪୯ ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ପାଖାପାଖି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଆସିଥିବା ଅନୁଦାନ ହେଲା ଏମ୍‌ପି ପାଣ୍ଠିରୁ ୨୦,୮୯,୪୦୧, ରାଜ୍ୟସଭା ସଦସ୍ୟ ୧୧,୯୯,୦୦୦, ବିଧାୟକ ୯ ଲକ୍ଷ, ଜଗତସିଂହପୁର ପୌର ପରିଷଦ ୫,୮୮,୧୩୮ ଏବଂ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ୩୦,ଲକ୍ଷ ଟଙ୍କା । ଏଥିରେ ୨ଟି ଫାଟକ ନିର୍ମାଣ କରାଯାଇଥିଲା । ବାମ ଫାଟକ ପାର୍ଶ୍ୱରେ ପୋଲିସ ସହାୟତା କେନ୍ଦ୍ର, ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ, ୨ଟି ପରିସ୍ରାଗାର (ମହିଳା ଓ ପୁରୁଷ) ତିଆରି ହୋଇଥିଲା। ସାମ୍ନା ପଟ ଶେଷ ଆଡକୁ ୫ଟି ବିଶ୍ରାମାଗାର, ଏହା ପଛକୁ ସୁଲଭ ଶୌଚାଳୟ ଏବଂ ସ୍ନାନାଗାର କରାଯାଇଥିଲା। ଆଲୋକ ବ୍ୟବସ୍ଥା ହୋଇଥିଲା। ଷ୍ଟାଣ୍ଡର ଦକ୍ଷିଣ ପାର୍ଶ୍ୱରେ ୧୪ ଟି ବିଶ୍ରାମାଗାର କୋଠରୀ, ୨ ପରିସ୍ରାଗାର (ମହିଳା, ପୁରୁଷ) ବ୍ୟବସ୍ଥା ହୋଇଥିଲା। ରାସ୍ତା ପାର୍ଶ୍ୱ ଅର୍ଥାତ୍ ୨ ଫାଟକ ମଝିରେ ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନ ରଖାଯାଇଥିଲା। ଫାଟକ ବାହାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ସମସ୍ତ କାମ ଶେଷ ହେଲା ପରେ ୯।୧୨।୨୦୧୨ରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ଏବଂ ସମବାୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। କିନ୍ତୁ ବସ୍ ମାଲିକ ସଂଘ ସେଠାକୁ ବସ୍ ନେବାକୁ ରାଜି ହୋଇ ନ ଥିଲେ । ସେମାନଙ୍କ ଯୁକ୍ତି ଥିଲା ଯେହେତୁ ବସ୍‌ଗୁଡିକ ଯୋଗଧାରୀଠାରୁ ପାରାଦୀପ ଯାତାୟାତ ପାଇଁ ଜଗତ୍‌ସିଂହପୁର ଫେରିବାକୁ ପଡ଼ିବ ତେଣୁ ତାହା ଗ୍ରହଣୀୟ ନୁହେଁ। ଏନେଇ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ । ତେବେ କନ୍ଦରପୁର-ଜଗତ୍‌ସିଂହପୁର-ନୂଆଗାଁ ୫୫ ନଂ. ଜାତୀୟ ରାଜପଥ ଚୂଡ଼ାନ୍ତ ହେଲା ପରେ ଏହି ସମସ୍ୟା ଦୂର ହୋଇଯିବ ବୋଲି ଆଶା କରାଯାଉଛି। କାରଣ ଯୋଗଧାରୀ ନିକଟରେ ଜାତୀୟ ରାଜପଥ ଯାଉଥିବାରୁ ଆଉ ଅସୁବିଧା ହେବ ନାହିଁ। ଉକ୍ତ ସମସ୍ୟା ଦୂର ହୋଇଥିବାବେଳେ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ବସ୍‌ଷ୍ଟାଣ୍ଡକୁ ଆଧୁନିକୀକରଣ କରାଯାଇ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାକୁ ସ୍ଥିର କରାଯାଇଥିବାରୁ ଜିଲାବାସୀ ଖୁସିବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ନିମାଇଁ ଚରଣ ଦାସ କହିଛନ୍ତି, ମଡେଲ ବସ ଷ୍ଟାଣ୍ଡ ପାଇଁ ବରାଦ ହୋଇଛି । ଭିତ୍ତିପ୍ରସ୍ତର ସ୍ଥାପନ ପରେ ଯୋଜନା ଅନୁଯାୟୀ କାମ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ଷମ ହୋଇ ନ ଥିବା ନୂତନ ବସ୍‌ଷ୍ଟାଣ୍ଡ।

### 'ମାନବସମାଜକୁ ଦିଗ୍‌ଦର୍ଶନ ଦେଇଛନ୍ତି ଶ୍ରୀ ଅରବିନ୍ଦ'

ତିର୍ତ୍ତୋଲ, ୧୨।୧୨ (ଡି.ଏନ୍.ଏ.)

କର୍ମଯୋଗ ଓ ଆଧ୍ୟାତ୍ମିକତା ମଧ୍ୟରେ ଏକ ସମାନ୍ତରାଳ ଧାରାରେ ଶ୍ରୀ ଅରବିନ୍ଦ ନିଜକୁ ସର୍ବୋଚ୍ଚସ୍ତରରେ ପହଞ୍ଚାଇ ମାନବ ସମାଜକୁ ବହୁ ଉପାଦେୟ ଦିଗଦର୍ଶନ ପ୍ରଦାନ କରିଛନ୍ତି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅଧୀନ ପାଳନ୍ଦାସ୍ଥିତ ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ ପରିସରରେ ସୋମବାର ଶ୍ରୀ ଅରବିନ୍ଦଙ୍କ ଦେହାବଶେଷ ପ୍ରତିଷ୍ଠା ଉତ୍ସବରେ ବକ୍ତାମାନେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହି ଉପଲକ୍ଷେ 'ନିଷ୍ଠା ଓ ସମର୍ପଣ' ଶୀର୍ଷକ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ଶ୍ରୀମା ଶ୍ରୀ ଅରବିନ୍ଦ ପାଠଚକ୍ରର କୁଜଙ୍ଗ ବ୍ଲକ ସଂଯୋଜକ ବାସୁଦେବ ନାୟକ ସଭାପତିତ୍ୱ କରିଥିଲେ। ଆଶ୍ରମ ଟ୍ରଷ୍ଟି ପ୍ରଭୁ ପ୍ରସାଦ ଦାସ ଏଥିରେ ସଂଯୋଜନା କରିଥିଲେ। ପାଠଚକ୍ରର ଜଗତ୍‌ସିଂହପୁର ଜିଲା ସଙ୍ଗଠକ ରବୀନ୍ଦ୍ର କୁମାର ରାଉତ, ଏରସମା ବ୍ଲକ ସଙ୍ଗଠକ ପ୍ରସନ୍ନ କୁମାର ସ୍ୱାଇଁ, ପଙ୍କପାଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମନୋଜ କୁମାର ମନୋହରୀ, ତୁଳଙ୍ଗ ସମାଧିପୀଠର ପଞ୍ଚାନନ ସାହୁ ପ୍ରମୁଖ ଯୋଗଦେଇଥିଲେ। ମୀରା ରାଣୀ ଦାସ ମାତୃ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ଚିତ୍ତ ରଞ୍ଜନ ସାମଲ, ରାକେଶ ବଳ ପ୍ରମୁଖ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ, ଧୂପ ଦୀପ ଦାନ, ସମବେତ ଧ୍ୟାନ ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପୁରୁଷ ବିଶ୍ୱକପ୍ ହକି ପାଇଁ ବିଦ୍ୟାଳୟରେ ସଚେତନତା




ପୁରୁଷ ବିଶ୍ୱକପ ହକି ଖେଳ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ରଘୁନାଥପୁର,୧୨।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏଫ୍‌ଆଇଏଚ ଓଡିଶା ପୁରୁଷ ବିଶ୍ୱକପ ହକି ଖେଳକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଆସନ୍ତା ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ଏହି ଖେଳଗୁଡିକ ଅନୁଷ୍ଠିତ ହେବ। ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କ ମଧ୍ୟରେ ହକି ଖେଳକୁ ନେଇ ଉତ୍ସାହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବୋଲି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱଜିତ ଓଝା ପ୍ରକାଶ କରିଥିଲେ। ବିଦ୍ୟାଳୟରେ କ୍ରୀଡା ଶିକ୍ଷୟିତ୍ରୀ ଶକୁନ୍ତଳା ସେଠୀଙ୍କ ତତ୍ତ୍ୱାବଧାନରେ ୨ ଦିନ ବ୍ୟାପି ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଉପରୋକ୍ତ କାର୍ଯ୍ୟକ୍ରମ କରାଯାଇଥିଲା। କ୍ରୀଡ଼ା ଉତ୍ସବରେ ଶିକ୍ଷକ ସୁଜିତ ବେହେରା, କିଶୋର ଚନ୍ଦ୍ର ସେଠି, ଶାନ୍ତିଲତା ସ୍ୱାଇଁ, ଗୀତାରାଣୀ ବିଶ୍ୱାଳ ପ୍ରମୁଖ ନିୟୋଜିତ ହୋଇଛନ୍ତି। ଉଦଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଏଥିରେ ଆଲୁମ୍ନିନି ସଭାପତି ବିନୋଦ ବିହାରୀ ମହାନ୍ତି, ଉପସଭାପତି ଚନ୍ଦ୍ରଶେଖର ସିଂହ, ଏସ୍ଏମସି ସଭାପତି ରାଜେନ୍ଦ୍ର ନାରାୟଣ ସିଂହ, ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ ଏବଂ ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ।

### ଚେନ୍ନାଇ ୨, ମୁମ୍ବାଇ ୧ରେ ବିଜୟୀ

**ବୃହତ୍ ବନ୍ଦର ଫୁଟ୍‌ବଲ: ପ୍ରଥମ ଦିନରେ ୪ ଲିଗ୍ ମ୍ୟାଚ**

ପାରାଦୀପ,୧୨।୧୨(ସ୍ୱ.ପ୍ର.)

ପାରାଦୀପ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ବୃହତ୍ ବନ୍ଦର ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ପ୍ରଥମ ଦିନରେ ୪ଟି ଲିଗ୍ ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚ କଲିକତା ଓ କୋଚିନ ମଧ୍ୟରେ ହୋଇଥିଲା। ତାହା ଡ୍ର ରହିଥିଲା। ଦ୍ୱିତୀୟ ମ୍ୟାଚ ପାରାଦୀପ ଓ ଚେନ୍ନାଇ ବନ୍ଦର ମଧ୍ୟରେ ହୋଇଥିଲା।ଏହାକୁ ଚେନ୍ନାଇ ୨-୧ ଗୋଲରେ ଜିତିଥିଲା। ତୃତୀୟ ମ୍ୟାଚ ମୁମ୍ବାଇ-ବିଶାଖାପାଟଣା ବନ୍ଦର ମଧ୍ୟରେ ହୋଇଥିଲା। ଏହାକୁ ମୁମ୍ବାଇ ୨-୧ ଗୋଲରେ ଜିତିଥିଲା। ଚତୁର୍ଥ ମ୍ୟାଚ ଚେନ୍ନାଇ-ଟୁଟିକୋରିନ ବନ୍ଦର ମଧ୍ୟରେ ହୋଇଥିଲା। ଉକ୍ତ ମ୍ୟାଚକୁ ଚେନ୍ନାଇ ୩-୧ ଗୋଲରେ ଜିତି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି।

## ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣିରେ ୨୬୮ ଅଭିଯୋଗ

କୁଜଙ୍ଗ,୧୨।୧୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର କୁଜଙ୍ଗ ସୂଚନା କେନ୍ଦ୍ରରେ ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ୨୬୮ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୨୫୩ ଓ ଗୋଷ୍ଠୀଗତ ସମ୍ପର୍କିତ ୧୫ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କିତ ୧୦୧, ରାଶନ କାର୍ଡ ୧୮, ଜମିଜମା ୧୬, ଭତ୍ତା ୬୬, ପୋଲିସ ସହାୟତା ନିମନ୍ତେ ୧, ଏବଂ ଅନ୍ୟାନ୍ୟ ୩୦ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୨୧ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ମଧ୍ୟରୁ କୁଜଙ୍ଗ ବଜାରର କଟକ-ପାରାଦୀପ ରାସ୍ତା କଡ଼ରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ବ୍ଲକ ପ୍ରଶାସନ ତରଫରୁ ଭଙ୍ଗାଯାଇ ସେଠାରେ ଦୋକାନ ଗୃହ ନିର୍ମାଣ କରାଯାଉ ଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ବାବାଜୀ ସେଠି, ଅଭିଷେକ ସ୍ୱାଇଁ, କୈଳାସ ମହାପାତ୍ର ଓ ମାଟି ସୁରକ୍ଷା ମଞ୍ଚର ସଂଯୋଜକ ହୃଷୀକେଶ ନାଥ ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଥିଲେ, କଟକ ପାରାଦୀପ ରାସ୍ତାଠାରୁ ୧୫ ମିଟର ଦୂରରେ ବିଶ୍ରାମାଗାର ଥିବାରୁ ତାକୁ ଭଙ୍ଗାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟତ୍ର ଏହା ନିର୍ମାଣ କରାଯିବ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଶିବିରରେ ପାରଦୀପର ଅତିରିକ୍ତ ଜିଲାପାଳ କାହ୍ନୁ ଚରଣ ଧୀର, ଜିଲାପରିଷଦ ନିର୍ବାହୀ ଅଧିକାରୀ ରୁଦ୍ରନାରାୟଣ ଦାଶ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ତିର୍ତ୍ତୋଲ ପ୍ରଶାନ୍ତ ମାଝି, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## '୩୧ ମାର୍ଚ୍ଚ ସୁଦ୍ଧା ପୁରୁଣା ଆଧାର ଅପଡେଟ୍ କର'

ରଘୁନାଥପୁର,୧୨।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ସଭାକକ୍ଷରେ ୧୯ ପଞ୍ଚାୟତର ପିଡ଼ିଏସ ସାମଗ୍ରୀ ଖୁଚୁରା ବିକ୍ରେତାଙ୍କୁ ନେଇ ଆଧାର ଅପଡେସନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଲମ୍ବୋଦର ଖୁଣ୍ଟିଆ ପୌରୋହିତ କରିଥିଲେ। ସେ କହିଥିଲେ, ଯେଉଁମାନଙ୍କର ଗତ ୨୦୧୪ ପୂର୍ବରୁ କିମ୍ବା ୧୦ ବର୍ଷ ପୂର୍ବେ ନିଜର ପରିଚୟ ଓ ବାସସ୍ଥାନ ପ୍ରମାଣ ଅନୁଯାୟୀ ଆଧାର ରହିଛି, ସେମାନେ ନିକଟସ୍ଥ ଜନସେବା କେନ୍ଦ୍ରରେ ପହଞ୍ଚି ବାଇଓମେଟ୍ରିକ ପଦ୍ଧତିରେ ସେଗୁଡିକ ପୁନର୍ବାର ଅପଡେସନ କରାଇବା ବାଧ୍ୟତାମୂଳକ ଅଟେ। ଆସନ୍ତା ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ଆଧାରଗୁଡିକ ଅପଡେସନ କରାନଗଲେ ଲୋକେ ଭତ୍ତା, ରାଶନ ସାମଗ୍ରୀ, ଜବକାର୍ଡରେ କାର୍ଯ୍ୟ, ଏମ୍‌ଜିଏନଆର୍‌ଇଜିଏସ କାର୍ଯ୍ୟ ଓ ସମସ୍ତ ସାମାଜିକ ଜନକଲ୍ୟାଣ ମୂଳକ କାର୍ଯ୍ୟ ଓ ସହାୟତାରୁ ବଞ୍ଚିତ ହେବେ। ଏଣୁ ରାଶନ ସାମଗ୍ରୀ ପାଇଁ ଆସୁଥିବା ବ୍ୟକ୍ତିଙ୍କୁ ଖୁଚୁରା ବିକ୍ରେତାମାନେ ଏଥିପ୍ରତି ସଚେତନ କରିଇବା ସହ ୱାର୍ଡସ୍ତରରେ ଥିବା ପ୍ରତ୍ୟେକ ପରିବାରଙ୍କ ନିକଟରେ ବାର୍ତ୍ତା ପହଞ୍ଚାଇବା ପାଇଁ ଏମ୍‌ଆଇ ବାବୁଲାଲ ବାରିକ ବୈଠକରେ ସୂଚନା ଦେଇଥିଲେ। ସେହିପରି ବିଏସଏସଓ ସନ୍ତୋଷ କୁମାର ପଣ୍ଡା ଏହାର ଆଭିମୁଖ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ଏଥିପାଇଁ ଜନସେବାକେନ୍ଦ୍ରଗୁଡିକ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ ବୋଲି ମୋ ସେବାକେନ୍ଦ୍ର ଜିଲା ପରିଚାଳକ ରତିରଞ୍ଜନ ପଣ୍ଡା କହିଥିଲେ। ଆଧାର ଅପରେଟର ପ୍ରସନ୍ନ କୁମାର ପାତ୍ର କେଉଁଭଳି ଭାବେ ଆଧାର ଅପଡେସନ କରାଯିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଖୁଚୁରା ବିକ୍ରେତାମାନେ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ସଚେତନ ସୃଷ୍ଟି କରି ଲୋକଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିବାକୁ ବିଡିଓ ଖୁଣ୍ଟିଆ ପରାମର୍ଶ ଦେଇ ବୈଠକ ଶେଷ କରିଥିଲେ। ଏଥିରେ ୪୮ ଜଣ ପିଡ଼ିଏସ ସାମଗ୍ରୀ ଖୁଚୁରା ବିକ୍ରେତା ସାମିଲ ହୋଇଥିଲେ।



ବୈଠକରେ ଯୋଗଦେଇଥିବା ପିଡିଏସ୍ ସାମଗ୍ରୀ ଖୁଚୁରା ବିକ୍ରେତା ଓ ପ୍ରଶାସନିକ ଅଧିକାରୀମାନେ।

## ଖବରଦାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାଲିକୁଦା,୧୨।୧୨(ସ୍ୱ.ପ୍ର.)

**ଥାନାରେ ମାମଲା ରୁଜୁ**

ଖବରଦାତା ବୋଲି ପରିଚୟ ଦେଇ ବାଲିକୁଦା ଥାନା ଅନ୍ତର୍ଗତ ଥାଇଲୋ ଗାଁ ସ୍କୁଲରେ ପ୍ରଧାନ ଶିକ୍ଷକଙ୍କୁ ଟଙ୍କା ମାଗିବା ଓ ଶୌଚାଳୟରେ ଛାତ୍ରୀମାନେ ଥିବା ବେଳେ ଫଟୋ ଉଠାଇବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୋମବାର ଖବରଦାତା ସମ୍ମିଳନୀ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଏହି ସମ୍ମିଳନୀରେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାନେତ୍ରୀ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସରୋଜିନି ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମୀର ଭୂୟାଁ, ଗଗନ ପରିଡ଼ା, ପ୍ରମୋଦ ଦାସ, ଦିବାକର ପଣ୍ଡା, ପ୍ରମୋଦ ବାରିକ, ସିନ୍ଧୁନାଥ ପରିଡ଼ା, ପୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜାମେଶ ଗୋଚ୍ଛାୟତ ନାମକ ଜଣେ ଯୁବକ ଡିସେମ୍ବର ୫ରେ ବିଦ୍ୟାଳୟରେ ପହଞ୍ଚି ରୂପାନ୍ତରୀକରଣ ଯୋଜନା ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ବିଦ୍ୟାଳୟର କେତେଜଣ ଛାତ୍ରୀ ଶୌଚଳାୟକୁ ଯାଇଥିବା ବେଳେ ସେ ସେଠାରେ ପହଞ୍ଚି ଫଟୋ ଉତ୍ତୋଳନ କରିଥିଲେ । ଏ ବିଷୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ମୃତିରଞ୍ଜନ ପରିଜା ଗୋଚ୍ଛାୟତଙ୍କୁ ପଚାରିବାରୁ ସେ ରୂପାନ୍ତରୀକରଣ କାର୍ଯ୍ୟରେ ସରକାରୀ ଅର୍ଥ ବାଟମାରଣା ହେଉଥିବା ଦର୍ଶାଇ ମୂଳପ୍ରସଙ୍ଗକୁ ଏଡାଇ ଯାଇଥିଲେ। ଏନେଇ ଅର୍ଥ ନ ଦେଲେ ଗଣମାଧ୍ୟମରେ ପ୍ରକାଶ କରାଯିବ ବୋଲି ଗୋଚ୍ଛାୟତ ଭୟଭୀତ କରାଇଥିଲେ। ମାତ୍ର ପରିଜା ଏନେଇ ରାଜି ନ ହେବାରୁ ସମ୍ପୃକ୍ତ ଖବରଦାତା ମିଛ ଓ କପୋଳକଳ୍ପିତ ମନଗଢ଼ା କାହାଣୀ ଲେଖି ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରିଥିଲେ। ଏନେଇ ପରିଜା ଡିସେମ୍ବର ୯ରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୫୩୭/୨୨) ରୁଜୁ କରିଛି। ମାତ୍ର ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁଗ୍ରାମବାସୀଏହାକୁବିରୋଧକରିଛନ୍ତି।

## ହାଇସ୍କୁଲରେ ଏନ୍‌ଡିଆରଏଫ୍‌ର ପ୍ରଶିକ୍ଷଣ ଶିବିର

ଡେରାବିଶ, ୧୨।୧୨(ସ୍ୱ.ପ୍ର.)

ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାହାସିକତାର ସହ ଧନ ଜୀବନକୁ ସୁରକ୍ଷା ଦେବା ପାଇଁ ଏନ୍‌ଡିଆରଏଫ୍ ପକ୍ଷରୁ ସୋମବାର ଡେରାବିଶ ହାଇସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଅବସରରେ ଏନଡିଆର୍‌ଏଫ୍ ଅଧିକାରୀ ଏ.କେ. ଲାମ୍ବା, ଏ.କେ. ପ୍ରଜାପତି, ଏ.କେ. ବେହେରା, ୟୁ.କେ. ବଳିଆର ସିଂ, ଭି.କେ. ଭର୍ମା ପୂର୍ବାହ୍ନରେ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ବାତ୍ୟା ଓ ବନ୍ୟା ସମୟରେ ନିଜକୁ, ନିଜ ପରିବାରକୁ ତଥା ଅଞ୍ଚଳକୁ କିପରି ସାହାସିକତାର ସହ ସୁରକ୍ଷା ଦେଇ ପାରିବେ ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନ ଉତ୍ତର ଏନ୍‌ଡିଆର୍‌ଏଫ୍ ଅଧିକାରୀ ଲାମ୍ବା ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଏନ୍‌ଡିଆର୍‌ଏଫ୍‌ର ଅଧିକାରୀମାନେ ଜୀବନରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।



## ମନମୁଖି ଭାବେ ଚାଲିଛି ଡାକଘର, ଅସୁବିଧା ଭୋଗୁଛନ୍ତି ଲୋକେ

ନାଉଗାଁ,୧୨।୧୨(ସ୍ୱ.ପ୍ର)

କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ଭାରତୀୟ ଡାକ। ପୂର୍ବରୁ ଡାକ ଘର ମାଧ୍ୟମରେ କେବଳ ଚିଠି ପତ୍ର ଦେବା ନେବା ,ଟଙ୍କା ଜମା ଓ ଉଠାଣ କାର୍ଯ୍ୟ ହେଉଥିଲା। ଏବେ ଡାକ ଘର ଦ୍ୱାରା ବିଭିନ୍ନ କାର୍ଯ୍ୟ କରାଯାଉଛି। ଡାକଘରଗୁଡ଼ିକରେ ଇ-ବ୍ୟାଙ୍କିଂ ସୁବିଧା କରାଯାଇ ସେବା ଯୋଗାଇ ଦିଆଯାଉଛି। ସେହିପରି ଆଧାର ସଂଯୋଗ, ଡାକ ଟିକେଟ ବିକ୍ରି, ବିଭିନ୍ନ ନୂତନ ଯୋଜନାରେ ସଞ୍ଚୟ ଖାତା ଖୋଲିବା ଆଦି ସେବା ଯୋଗାଇ ଦିଆଯାଉଛି। ଡାକ ସେବା ପ୍ରତି ଜନସାଧାରଣଙ୍କ ଆଗ୍ରହବୃଦ୍ଧି କରିବା ପାଇଁ ଜାତୀୟକରଣ ବ୍ୟାଙ୍କଗୁଡିକ ତୁଳନାରେ ଡାକଘରେ ସଞ୍ଚୟ ରାଶି ଉପରେ ସୁଧହାର ବୃଦ୍ଧି ହୋଇଛି। ଏନେଇ ଅଧିକ ଲୋକ ଡାକଘର ଉପରେ ନିର୍ଭର କରୁଥିବାବେଳେ କେତେଜଣ ଡାକ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଗାଁ ଲୋକେ ଏହି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ଉଦାହରଣ ନାଉଗାଁ ବ୍ଲକରେ ଥିବା ଡାକଘରେ ଦେଖିବାକୁ ମିଳିଛି। ଏହି ବ୍ଲକରେ ୩ଟି ଉପ ଡାକଘର ରହିଛି। ନାଉଗାଁ ଉପ ଡାକଘର ଅଧୀନରେ ୧୦ଟି ଶାଖା ଡାକଘର, ଅଲଣାହାଟ ଉପଡାକଘର ଅଧୀନରେ ୫ଟି ଶାଖା ଡାକଘର, ଦେବୀଦୋଳ ଉପ ଡାକଘର ଅଧୀନରେ ୪ଟି ଶାଖା ଡାକ ଘର ରହିଛି।

ସରକାରଙ୍କ ନିୟମାନୁସାରେ ଡାକଘରଗୁଡ଼ିକ ପ୍ରତ୍ୟହ ୧୦ ରୁ ୧୨ଟା ଓ ଦିବା ୨ ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିବ। କିନ୍ତୁ ବ୍ଲକରେ ଏହି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି। କିଛି ଶାଖା ଡାକ ଘର କେବଳ ୧୧ରୁ ୧୨ଟା ପର୍ଯ୍ୟନ୍ତ ଖୋଲଯାଇ ବନ୍ଦ କରିଦିଆଯାଉଥିବାବେଳେ ଆଉ କିଛି ଡାକଘର ଆଦୌ ଖୋଲାଯାଉ ନାହିଁ। ବିଭାଗ ତରଫରୁ ଠିକ୍‌ଭାବେ ତଦାରଖ କରାଯାଉ ନ ଥିବରୁ ଡାକଘରେ ନିଯୁକ୍ତ ଶାଖା- ପରିଚାଳକ ମନଇଚ୍ଛା ଏହାକୁ ଖୋଲୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଫଳରେ ଲୋକେ ଆଧାର ସଂଯୋଗ, ଟଙ୍କା ଉଠାଣ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକର ତେଣ୍ଡୋଇ ଶାଖା ଡାକଘର ଆଦୌ ଖୋଲୁ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଡାକଘର ଶାଖା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ୧୮ ନଭେମ୍ବର ୨୦୨୨ ରୁ ରହିଛନ୍ତି। ସେ ଏଠାରେ ରହିବା ପରଠୁ ମନଇଚ୍ଛା ଡାକଘର ଖୋଲୁଥିବା ନେଇ ଅଭିଯୋଗ ହୋଇଛି। ଏସମ୍ପର୍କରେ ସମ୍ଭବ ସ୍ୱାଇଁଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏପ୍ରସଙ୍ଗରେ ଜଗତ୍‌ସିଂହପୁର ଅତିରିକ୍ତ ଡାକ ଅଧିକାରୀ ବ୍ରଜେନ୍ଦ୍ର ହେମ୍ବ୍ରମ କହିଛନ୍ତି, ସେ ଏହି ଏବିଷୟରେ କିଛି ଜାଣି ନାହାନ୍ତି। ଏନେଇ ସେ ସମ୍ପୃକ୍ତ ଡାକ ଘର ପରିଚାଳକଙ୍କ ସହ କଥା ହେବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ।



ତେଣ୍ଡୋଇ ଶାଖା ଡାକଘରେ ତାଲା ଝୁଲୁଛି।

## ସଂକ୍ଷେପରେ

### ଶେରଗଡ଼ରେ ବିଜୁଳି ସମସ୍ୟା, ଗ୍ରାହକ ଅସନ୍ତୋଷ

**ଶେରଗଡ଼,୧୨।୧୨(ଡି.ଏନ.ଏ.):** ଶେରଗଡ଼ ଅଞ୍ଚଳରେ ବିଜୁଳି ବିଭାଗ ଅମାନିଆ ହୋଇଯାଇଛି। ଗତ ମାସ ଭିତରେ ଦୁଇଥର ବାର୍ଷିକ ପରିଚାଳନା କହି ବିଜୁଳି କାଟିଲାଣି। ଫଳରେ ଶେରଗଡ଼ ଅଞ୍ଚଳରେ ବିଜୁଳି ଗ୍ରାହକ ବିଜୁଳି କର୍ତ୍ତୃପକ୍ଷ ଉପରେ ଅତିଷ୍ଠ ହେଲେଣି। କିଛିଦିନ ହେଲା ଗୋଟିଏ ସମୟରେ ବିଜୁଳି କାଟ ହେଉଛି। ବିଜୁଳି ବିଭାଗର ଯନ୍ତ୍ରୀଙ୍କୁ ପଚାରିଲେ କାମ ଥିଲେ କଟା ହେବ ବୋଲି ଉତ୍ତର ମିଳୁଛି। ଘଣ୍ଟା ଘଣ୍ଟା ବିଜୁଳି କାଟ ହେବା ଫଳରେ ବହୁ ଗ୍ରାହକ, ବ୍ୟବସାୟ ଓ ପ୍ରତିଷ୍ଠାନ ବହୁ ହଇରାଣ ହେଉଛନ୍ତି। ଗତ ଏକ ବର୍ଷ ଏପରି ବିଜୁଳି ବିଭ୍ରାଟ ଦେଖାଦେଇଛି। ଶେରଗଡ଼କୁ ସତନ୍ତ୍ର ବିଜୁଳି ଯୋଗାଣ କରିବାକୁ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ବିଜୁଳି ବିଭାଗର ଉଦାସୀନତା ଯୋଗୁ ବିଜୁଳି ସମସ୍ୟା ସମାଧାନ ହେଉନାହିଁ। କାରଣ ଆଖ ପାଖ ଅଞ୍ଚଳରେ ବିଜୁଳି ରହୁ ଥିବା ବେଳେ ଶେରଗଡ଼ରେ କାହିଁକି ବିଜୁଳି ବିଭ୍ରାଟ ହେଉଛି ତାହା ତଦନ୍ତ ସାପେକ୍ଷ। ପ୍ରତି ଗ୍ରାହକ ବିଜୁଳି ବିଲରେ ବଢି ଆସୁଥିବା ବିଲ ଗ୍ରାହକଙ୍କ ମୁଣ୍ଡ ବ୍ୟଥା କାରଣ। ବିଲ ପୂର୍ବରୁ ୟୁନିଟ ପିଛା ୨.୫୦ ଥିବାବେଳେ ବର୍ତ୍ତମାନ ତାହା ୫୦ ୟୁନିଟ ଭିତରେ ୩.୦୦ଟଙ୍କା ଆସୁଛି। ଟାଟା ପାବର ଆସିଲା ପରଠୁଁ ବର୍ଦ୍ଧିତ ବିଲ ଆସୁଛି। ଏ ଦିଗରେ ରାଜ୍ୟ ସରକାର ହସ୍ତକ୍ଷପ କରି ଶେରଗଡ଼କୁ ସ୍ୱତନ୍ତ୍ର ବିଜୁଳି ଯୋଗାଣ କରିବାକୁ ଦାବି ହୋଇଛି।

### ସୁଦର୍ଶନ ଆଚାର୍ଯ୍ୟଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବ୍ରହ୍ମପୁର, ୧୨।୧୨:** ପ୍ରଫେସର ଡ. ସୁଦର୍ଶନ ଆଚାର୍ଯ୍ୟଙ୍କ ଦ୍ୱାଦଶାହ ଅବସରରେ ଉତ୍କଳ ଆଶ୍ରମ ନ୍ୟାସ ଓ କଳିଙ୍ଗ ସାହିତ୍ୟ ସମାଜର ମିଳିତ ସହଯୋଗରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଆଶ୍ରମ ପରିସରସ୍ଥ ମୁକ୍ତମଞ୍ଚରେ ଆୟୋଜିତ ସ୍ମୃତିସଭାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଶହ ଶହ ସୁଦର୍ଶନ ଅନୁରାଗୀ ଆସି ତାଙ୍କ ସାରସ୍ୱତ କୃତି, ସ୍ମୃତି, କୀର୍ତ୍ତି ଓ ପ୍ରସିଦ୍ଧି ଉଦ୍ଦେଶ୍ୟରେ ଭାବାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରଫେସର ଆଚାର୍ଯ୍ୟଙ୍କ ପ୍ରତିକୃତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିବା ସଂଗେ ସଂଗେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉତ୍କଳ ଆଶ୍ରମ ନ୍ୟାସ ଓ କଳିଙ୍ଗ ସାହିତ୍ୟ ସମାଜ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ସ୍ମୃତିସଭା ସମ୍ପର୍କରେ ପ୍ରାକ ସୂଚନା ଦେଇଥିଲେ। ଓଡିଆ ଭାଷା ସାହିତ୍ୟକୁ ମୌଳିକ ଗବେଷଣା ଓ ସୂତ୍ରାଶ୍ରୟୀ ସମାଲୋଚନା ଦିଗରେ ପ୍ରଫେସର୍ ଆଚାର୍ଯ୍ୟଙ୍କ ମହନୀୟ ଅବଦାନ ସମ୍ପର୍କରେ ବିଭିନ୍ନ ବ୍ୟକ୍ତିବିଶେଷ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଡ. କୁଳମଣି ଓଝା ବୈଦିକ ମନ୍ତ୍ରୋଚ୍ଚାରଣ ସହ ଶ୍ରୀମଦ୍ ଭଗବତ ଗୀତାର ଦ୍ୱିତୀୟ ଅଧ୍ୟାୟ ଆବୃତ୍ତି କରିଥିଲେ। କଣ୍ଠଶିଳ୍ପୀ ଗୁରୁ ନୀଳାଞ୍ଚଳ ବେହେରା, ଗୁରୁ ଅଶ୍ୱିନୀ ମହାପାତ୍ରଙ୍କ ସମେତ ଗଞ୍ଜାମ କଳା ପରିଷଦର ଶିଳ୍ପୀମାନେ ଭକ୍ତି ସଂଗୀତ ପରିବେଷଣ କରିଥିଲେ। କାର୍ତ୍ତିକ ପାଣିଗ୍ରାହୀ ସଂଗୀତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରଫେସର ଆଚାର୍ଯ୍ୟଙ୍କ ପୁତ୍ର ବିଷ୍ୱକ୍ସେନ୍ ଆଚାର୍ଯ୍ୟ, ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ବନମାଳୀ ପାଣିଗ୍ରାହୀ, ଅନୁପ କୁମାର ମିଶ୍ର, ଦୀନବନ୍ଧୁ ଶ୍ରୀପଲ୍ଲବ, ନଳିନୀକାନ୍ତ ଗୌଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କୋଟଗଡ,୧୨।୧୨:** ଭାରତୀୟ ଆଇନଜୀବୀ ପରିଷଦ ଓ ରାଜ୍ୟ ଆଇନଜୀବୀ ପରିଷଦର ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ବାଲିଗୁଡା ଓକିଲ ସଂଘର ସଭାପତି ଟି ହରିଶ୍ଚନ୍ଦ୍ର ପାତ୍ର ଓ ଉପସଭାପତି ଅନିଲ ଦାସଙ୍କ ନେତୃତ୍ୱରେ ବାଲିଗୁଡ଼ା ଓକିଲମାନେ ଆଦାଲତର ଫାଟକ ପାଖରେ ସତ୍ୟାଗ୍ରହରେ ବସିଥିବା ଦେଖିବାକୁ ମିଳିଛି। ଏହି ସତ୍ୟାଗ୍ରହ ସାରା ଭାରତରେ ଚାଲିଥିବା ଓକିଲ ସଂଘର ଉପସଭାପତି ଅନିଲ ଦାସ କହିଛନ୍ତି।ଯଦି ଏହି ଆଇନ ପ୍ରତ୍ୟାହାର ନ ହୁଏ ସତ୍ୟାଗ୍ରହ ଅନିର୍ଦ୍ଦିଷ୍ଟ କାଳ ଚାଲୁ ରହିବ ବୋଲି ଓକିଲ ସଂଘ ସଭାପତି ଟି ହରିଶ୍ଚନ୍ଦ୍ର ପାତ୍ର କହିଛନ୍ତି।

### କେରେଡିରେ ଭଲିବଲ ଟୁର୍ନାମେଣ୍ଟ

**ଫୁଲବାଣୀ ଅଫିସ, ୧୨।୧୨:** ଫୁଲବାଣୀ ବ୍ଲକ କେରେଡି ପଞ୍ଚାୟତ କାମ୍ବାଗୁଡାରେ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି ।ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକଙ୍କ ପ୍ରତିନିଧି ନିଳାମ୍ବର କହଁର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଂଟଣ୍ଟେର ମୋଟ ୮ଟି ଦଳ ଅଂଶଗ୍ରହଣ କରଛନ୍ତି। ପ୍ରଥମ ଦିନରେ ୩ଟି ମ୍ୟାଚ ହୋଇଥିଲା । ପ୍ରଥମ ମ୍ୟାଚ ସାଣାଗାଡୁ ଓ ବାଡିସୁଗା ମଧ୍ୟରେ ହୋଇଥିଲା। ଏଥିରେ ବାଡିସୁଗା ଜିତିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସଦନମେଣ୍ଡିକୁ ସାର୍ଗାନଣ୍ଡା ମଧ୍ୟରେ ହୋଇଥିଲା । ସଦନମେଣ୍ଡି ଜିତିଥିଲା। ତୃତୀୟ ମ୍ୟାଚ କାମ୍ବାଗୁଡା ସହ ରାଶିମେଣ୍ଡି। ଏଥିରେ ରାଶିମେଣ୍ଡି ଜିତି ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ମଙ୍ଗଳବାର ଫାଇନାଲ ମ୍ୟାଚ ଖେଳାଯିବ ।

# ଓଭରବ୍ରିଜ୍ ନିର୍ମାଣ ଦାବିରେ ଜାତୀୟ ରାଜପଥ ଅବରୋଧ

**ନୟାଗଡ଼ ଅଫିସ,୧୨।୧୨**



୧୬ ନଂ. ଜାତୀୟ ରାଜପଥକୁ କେରେଣ୍ଡାଟାଙ୍ଗୀ ଗାଁର ଲୋକମାନେ ଅବରୋଧ କରିଥିବା ବେଳେ ପୋଲିସ ବୁଝାଶୁଝା କରୁଛି।

ଓଭର ବ୍ରିଜ ନିର୍ମାଣ ଦାବିରେ ସୋମବାର ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ଗ୍ରାମବାସୀ ଅବରୋଧ କରିଥିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ କେରେଣ୍ଡାଟାଙ୍ଗୀ ଗାଁରେ। କେରେଣ୍ଡାଟାଙ୍ଗୀ ପଞ୍ଚାୟତର ଶତାଧିକ ଲୋକ ପ୍ରତିଦିନ ୧୬ ନଂ. ଜାତୀୟ ରାଜପଥ କୋଲକାତା ଚେନ୍ନାଇ ଦେଇ ମେଡିକାଲଠାରୁ ଆରମ୍ଭ କରି ବିଭିନ୍ନ ଜରୁରୀକାଳୀନ କାର୍ଯ୍ୟ ପାଇଁ ଯିବା ଆସିବା କରୁଛନ୍ତି। ରାଜପଥରେ ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଯାଇଥାନ୍ତି। ବିଭିନ୍ନ ସମୟରେ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ଥିବା ବେଳେ ଏଠାରେ ବାଇପାସ ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘଦିନ ହେବ ଦାବି କରି ଆସୁଛନ୍ତି। ଏପରି କି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଚିଠି କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବାରୁ ସ୍ଥାନୀୟ ଗ୍ରାମବାସୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଚାନ୍ଦପୁର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ଆମରଣ ଅନଶନରେ ବସିବେ ଶ୍ରମିକନେତା

**ନୟାଗଡ ଅଫିସ:୧୨।୧୨**

ଶ୍ରମ ବିଭାଗ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ମଙ୍ଗଳବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ନେତା ବସୁଦେବ ମହାନ୍ତି ଆମରଣ ଅନଶନରେ ବସିବେ ବୋଲି କହିଛନ୍ତି। ତେବେ ଏ ନେଇ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କୁହନ୍ତି, ଏଠାରେ କାର୍ଯ୍ୟରେ ଯୋଗ ଦେବାକୁ ୩ ମାସ ହୋଇଛି। ପୂର୍ବରୁ ୪ ବର୍ଷ ହେଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକମାନଙ୍କର ସହାୟତା ରାଶି ଓ ପଞ୍ଜୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ନ ଥିଲା। ସହାୟତା ରାଶି ବଣ୍ଟନ ଓ ପଞ୍ଜୀକରଣ ପାଇଁ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଥିବାରୁ ସମୟ ଲାଗୁଛି। ଏଠାକୁ ଆସିବା ପରେ ଶିକ୍ଷା ସହୟତା ୨୭ ଜଣ, ବିବାହ କାଳୀନ ସହାୟତା ଜଣେ, ପ୍ରସୂତିକାଳୀନ ସହାୟତା ୪ଜଣଙ୍କୁ ଦେବା ପାଇଁ କାର୍ଯ୍ୟ ଶେଷ ହୋଇଛି। ସେହିପରି ମୃତ୍ୟୁ କାଳୀନ ସହାୟତା ୩ ଜଣ, ଅନ୍ତେଷ୍ଟି କ୍ରିୟା ସହାୟତା ୪ଜଣଙ୍କୁ ଦେବାକୁ ଫାଇନାଲ ହୋଇସାରିଛି। ଅନ୍ୟପକ୍ଷେ ନଭେମ୍ବର ୬ରେ ନୟାଗଡ଼ ଜିଲା ଆଇନ ସେବା ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆଇନ ସଚେତନତା ଶିବିରରେ ଜଣେ ନିର୍ମାଣ ଶ୍ରମିକଙ୍କ ପରିବାରକୁ ୨ଲକ୍ଷ ୫ ହଜାର, ୨ ଅଣ ସଙ୍ଗଠିତ ଶ୍ରମିକଙ୍କ ପରିବାରକୁ ମୃତ୍ୟୁ କାଳୀନ ସହାୟତା ୧ ଲକ୍ଷ ଲେଖାଏ ୨ ଲକ୍ଷ ଶ୍ରମ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା । ସେହିପରି ୬୬ ଜଣ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଏଣୁ ବାରମ୍ବାର ଆନ୍ଦୋଳନ କରି ସମୟ ଅପଚୟ କରାଯିବା ଠିକ ନୁହେଁ। ଯାହା ଆପତ୍ତି ଅଭିଯୋଗ ଅଛି ଆଲୋଚନା ମାଧ୍ୟମରେ ସମାଧାନ କରି ଜିଲାର ବିକାଶରେ ସହଯୋଗ କରନ୍ତୁ ବୋଲି ଶ୍ରମ ଅଧିକାରୀ ସାହୁ ଅନୁରୋଧ କରିଛନ୍ତି।

# ରାଜସୁନାଖଳା ମହୋତ୍ସବ କାଉଁରୀ ଉଦ୍‌ଯାପିତ




ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

**ନୟାଗଡ଼ ଅଫିସ,୧୨।୧୨**

ରାଜସୁନାଖଳା ମହୋତ୍ସବ କାଉଁରୀ ୨୦୨୨ ସୋମବାର ଉଦ୍‌ଯାପିତ ହୋଇଯାଇଛି। କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ରାଜ ସୁନାଖଳା ମହୋତ୍ସବ କମିଟି ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ମୁଖ୍ୟବକ୍ତା ଭାବେ ଆଇନଜୀବୀ ରଞ୍ଜିତ ଦାଶ, ସମ୍ମାନୀତ ଅତିଥି ଭାବେ ଶିଶିର କୁମାର ସାହୁ , ମଦନ ମୋହନ ସାହୁ, ଲିଙ୍ଗରାଜ ନାୟକ, ଭଏସ ଆର୍ଟିଷ୍ଟ ସୌଭାଗିନୀ ସାହୁ, ପୂର୍ବତନ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର, ଡା. ବୈଦ୍ୟଭୂଷଣ ନନ୍ଦ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ମହୋତ୍ସବ କମିଟିର ସମ୍ପାଦକ ସରପଞ୍ଚ ଚିତ୍ତ ରଞ୍ଜନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ମରଣୀକା କାଉଁରୀ ଉନ୍ମୋଚିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପ୍ରତିଭା ଓ ବ୍ୟକ୍ତି ବିଶେଷମାନଙ୍କୁ ମାନପତ୍ର, ଉତ୍ତରୀୟ ଓ ଫୁଲ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣକୁ ଦର୍ଶକମାନେ ଉପଭୋଗ କରିଥିଲେ। ପରେ ଶେଷ ଦିବସକୁ ସ୍ମରଣୀୟ କରିବା ପାଇଁ ଅତସବାଜି ପ୍ରଦର୍ଶନ କରାଯାଇଥିଲା।

## ନାବାଳକଙ୍କ ଚିକିତ୍ସାରେ ଅର୍ଥ ବାଧକ ଚିନ୍ତାରେ ପରିବାର

**ଆର.ଉଦୟଗିରି,୧୨।୧୨(ଡି.ଏନ.ଏ.)**

ମୋହନା ବ୍ଲକର ଖାରିମୁମା ଗ୍ରାମର ଜଣେ ନାବାଳକ ୪ ବର୍ଷ ହେଲା କୌଣସି ଏକ ଅଜଣା ରୋଗରେ ପଡ଼ିଛନ୍ତି। ସେ ହେଲେ ରଞ୍ଜନ ମଳିକ (୯)। ତାଙ୍କର ଦୁଇ ଗୋଡ ଅକାମୀ। ଚଲାବୁଲା କରିପାରୁନାହାନ୍ତି। ଘରେ ଝାଡା ପରିସ୍ରା କରୁଛନ୍ତି। ଗାଁରେ ଥିବା ପିଉସୀ ଘରେ ସେ ରହୁଥିବା ବେଳେ ପିଉସୀ ତାଙ୍କ ସମସ୍ତ କଥା କଥା ବୁଝୁଛନ୍ତି। ରଞ୍ଜନ ୫ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ବେଳେ ଅଜଣା ରୋଗ ଯୋଗୁ ଅଧାରୁ ପାଠ ଛାଡିଦେଇଛନ୍ତି। ବାପା କାମଦେବ ମଳିକ ଜଣେ ମଜୁରିଆ। ଆର୍ଥିକ ଅବସ୍ଥା ଭଲ ନ ଥିଲେ ମଧ୍ୟ ପୁଅର ଚିକିତ୍ସା ପାଇଁ ପ୍ରଥମେ ଚେରମୂଳି ଔଷଧ ବ୍ୟବସ୍ଥା କରିଥିଲେ। ଭଲ ନ ହେବାରୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ସମସ୍ତ ପ୍ରକାର ପରୀକ୍ଷା କରାଯାଇଥିଲା। ୭ ଦିନ ରହିଲେ କିନ୍ତୁ ଡାକ୍ତର ରୋଗ ନିର୍ଣ୍ଣୟ କରିନପାରି ଘରକୁ ପଠାଇ ଦେଇଦେଲେ। ରଞ୍ଜନ ଗାଁରେ ରହୁଥିବା ନିଜ ପିଉସି ଗେଲି ମଳିକଙ୍କ ଘରେ ରହୁଛନ୍ତି। ଯଦି ସରକାରୀ ସ୍ତରରେ ଚିକିତ୍ସା ସହାୟତା ମିଳିଲେ ପୁଅ ଭଲ ହୁଅନ୍ତା ବୋଲି ବାପା ଆଶା ବାନ୍ଧିଛନ୍ତି।

## ପରିତ୍ୟକ୍ତ ପୁଷ୍କରିଣୀକୁ କ୍ରୀଡ଼ାଙ୍ଗନରେ ପରିଣତ ଦାବି



ପୁଷ୍କରିଣୀ ଶୁଖିଲା ପଡିଛି।

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.)**

**ଖଣ୍ଡପଡ଼ା ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟ**

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଖଣ୍ଡପଡ଼ା ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟ ୧୯୫୦ରେ ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ ଦୀର୍ଘ ୭୨ ବର୍ଷ ବିତିଯାଇଥିବା ବେଳେ ବିଦ୍ୟାଳୟଟି ପରିତ୍ୟକ୍ତ ଅବସ୍ଥାରେ ଅଛି। ଏକ ପୁଷ୍କରିଣୀ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ହୋଇପଡିଥିବା ଅଭିଯୋଗ ହେଉଛି। ଏହାର ପାଣି ବ୍ୟବହାର ଉପଯୋଗୀ ନୁହେଁ। ଅପରପକ୍ଷରେ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଥିବା ଏକ ଖେଳପଡିଆ ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଥିବା ପୁରାତନ ପୁଷ୍କରିଣୀକୁ ସମ୍ପୂର୍ଣ୍ଣ ରୂପେ ପୋତି ଦେଇ ଉକ୍ତ ସ୍ଥାନରେ ଏକ କ୍ରୀଡାଙ୍ଗନ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ଏହାଛଡା ବିଦ୍ୟାଳୟର ମୁଖ୍ୟ ଫାଟକଠାରୁ ସଂଯୋଗ କରୁଥିବା ମାଟି ରାସ୍ତାକୁ କଂକ୍ରିଟ ନିମନ୍ତେ ଖଣ୍ଡପଡା ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଛାତ୍ରୀଛାତ୍ରମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରିତ୍ୟକ୍ତ ପୁଷ୍କରିଣୀଟିକୁ କ୍ରୀଡାଙ୍ଗନରେ ପରିଣତ କରିବା ନିମନ୍ତେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଭଙ୍ଗା ଆଜ୍‌ବେଷ୍ଟସ ଗୃହରେ ପ୍ରାଣୀ ଚିକିତ୍ସା

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.)**



୧୯୫୦ ମସିହାରେ ସ୍ଥାପିତ ଖଣ୍ଡପଡା ପ୍ରାଣୀ ଚିକିତ୍ସାଳୟ ପରିସରସ୍ଥିତ ଗୃହଗୁଡିକ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ହୋଇପଡିଛି। ପ୍ରତ୍ୟହ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରୁ ଗୋପାଳକ ଗୃହପାଳିତ ପଶୁମାନଙ୍କୁ ଧରି ପ୍ରାଣୀ ଚିକିତ୍ସାଳୟକୁ ଆସିଥା'ନ୍ତି। ଏକ ଭଙ୍ଗା ଆଜ୍‌ବେଷ୍ଟସ ଛପର ଘରେ ଡାକ୍ତର ପଶୁ ପକ୍ଷୀମାନଙ୍କୁ ଦେଖାଶୁଣା କରିବା ସହ ଆବଶ୍ୟକ ସେବା ଯୋଗାଇ ଦେଇଥାନ୍ତି। ପୁରୁଣା ଆଜବେଷ୍ଟସ ଛପର ଘର ଭାଙ୍ଗିରୁଜି ଗଲାଣି । ବର୍ଷା ଦିନେ ପାଣି ଗଳୁଛି । ଫଳରେ ଗୃହପାଳିତ ପଶୁମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ଗୃହଗୁଡିକର ଆନୁଷଙ୍ଗିକ ମରାମତି ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କାରାଗାର ପ୍ରତିଷ୍ଠା ଦିବସ

**ପାରଳାଖେମୁଣ୍ଡି,୧୨।୧୨(ଡି.ଏନ୍.ଏ.)**

ସ୍ଥାନୀୟ ଉପ କାରାଗାର ପରିସରରେ କାରାଗାର ପ୍ରତିଷ୍ଠା ଦିବସ, ମାନବିକ ଅଧିକାର ଦିବସ ସୋମବାର ପାଳିତ ହୋଇଛି। ଶୃଙ୍ଖଳିତ ଜୀବନ, ସୁସ୍ଥ ଶରୀର, ଶିକ୍ଷାର ଆବଶ୍ୟକତା, ସେବା ଓ ତ୍ୟାଗ, ସହ ସମାଜ ସେବା ସମ୍ପର୍କରେ ଉପସ୍ଥିତ ବକ୍ତାମାନେ କହିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଭି. ସତ୍ୟନାରାୟଣ ଭୁକ୍ତା, ଓଡ଼ିଶା ସାହିତ୍ୟ ଏକାଡେମୀ ଗଜପତି ଜିଲା ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ ଏବଂ ଅଶ୍ୱିନୀ ଦାଶ ଯୋଗ ଦେଇଥିବା ବେଳେ ଉପକାରାଗାର ଅଧ୍ୟକ୍ଷ ହନୁ ସେଠୀ ସଭାପତିତ୍ୱ କରିଥିଲେ। ଉପାଧ୍ୟକ୍ଷ ପ୍ରଭାତ ଚନ୍ଦ୍ର ସାହୁ ଓ କାରାଗାରର ସମସ୍ତ କର୍ମଚାରୀଙ୍କ ସହଯୋଗରେ ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଅନ୍ତେବାସୀମାନେ ନିଜର କଳା ଓ ଦକ୍ଷତା ପ୍ରଦର୍ଶନ କରି, ନାଟକ, ଏକକ ଅଭିନୟ, କଣ୍ଠ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ତର୍କ, କୁଇଜରେ ଅଂଶଗ୍ରହଣ କରି ପୁରସ୍କାର ପାଇଥିଲେ। କାରାଗାର ଉପାଧ୍ୟକ୍ଷ ପ୍ରଭାତ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉପକେନ୍ଦ୍ରସ୍ତରୀୟ ସ୍ୱାସ୍ଥ୍ୟମେଳା



ସ୍ୱାସ୍ଥ୍ୟମେଳାରେ ଯୋଗ ଦେଇଥିବା ଲୋକ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ।

**ଦଶପଲ୍ଲା,୧୨।୧୨(ଡି. ଏନ. ଏ.)**

ଜାତୀୟ ସ୍ୱାସ୍ଥ୍ୟ ମିଶନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନରାଜିପଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରରେ ଏକ ଉପକେନ୍ଦ୍ର ସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଅଛିୟ ଉକ୍ତ ମେଳା ରେ ସ୍ଥାନୀୟ ତୁମାଣ୍ଡି ସରପଞ୍ଚ ମିତାରାଣୀ ମାଝୀ, ସରିଗଣ୍ଡା ସରପଞ୍ଚ କସ୍ତୁରୀ ନାଏକ, ଉପକେନ୍ଦ୍ର ସ୍ତରୀୟ ସ୍ୱାସ୍ଥ୍ୟ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ଡା. କାଳୀ ପ୍ରସାଦ ଷଡଙ୍ଗୀ, ଡା ସୌମ୍ୟ ରଞ୍ଜନ ପରିଡା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁନିଲ କୁମାର ମହାକୁଡ, ମହିଳା ସ୍ୱାସ୍ଥ୍ୟକର୍ମୀ କଲ୍ୟାଣୀ ପାଣିଗ୍ରାହୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସୁରସେନ ସାହୁ, ତୁମାଣ୍ଡି ସମିତିସଭ୍ୟ ଅନୁପମା ମଳିକ, ସରିଗଣ୍ଡା ସମିତିସଭ୍ୟ ଅମୀୟ କୁମାର ନାଏକ ଉପସ୍ଥିତ ରହି ସହଯୋଗ କରିଥିଲେ। ଶତାଧିକ ଲୋକ ଉକ୍ତ ମେଳାରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣାରେ ଔଷଧ ନେଇଥିଲେ। ଆଗକୁ ଏଭଳି ସ୍ୱାସ୍ଥ୍ୟ ମେଳା ଆୟୋଜନ କରାଗଲେ ଆଦିବାସୀ ଅଧୁଷିତ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ବେଶ୍ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

# ଫାଇନାଲରେ ପ୍ରବେଶ କଲେ ଶ୍ରେଷ୍ଠ ୧୦ ଯୁବ କଣ୍ଠଶିଳ୍ପୀ

## ଭଏସ୍ ଅଫ୍ ନୟାଗଡ଼ ସିଜନ୍-୩

**ନୟାଗଡ଼ ଅଫିସ,୧୨।୧୨**




ଭଏସ୍ ଅଫ୍ ନୟାଗଡ଼ ପ୍ରତିଯୋଗିତାରେ ଯୋଗ ଦେଇଥିବା କଣ୍ଠଶିଳ୍ପୀ ଓ ଅତିଥିମାନେ।

ନୟାଗଡ଼ ଜିଲାର ଯୁବ କଣ୍ଠଶିଳ୍ପୀମାନଙ୍କ ପ୍ରତିଭାର ବିକାଶ ପାଇଁ ନୟାଗଡ଼ କ୍ଲବ ଦ୍ୱାରା ଆୟୋଜିତ ଭଏସ୍ ଅଫ ନୟାଗଡ଼ ସିଜିନ୍-୩ ସେମି ଫାଇନାଲରେ ଜିଲାର ବିଭିନ୍ନ ବ୍ଲକରୁ ଚୟନ ହୋଇଥିବା ୩୦ ଜଣ ଯୁବ କଣ୍ଠଶିଳ୍ପୀ ମଧ୍ୟରୁ ଫାଇନାଲକୁ ୧୦ଜଣ ଯୁବ କଣ୍ଠଶିଳ୍ପୀ ଉନ୍ନୀତ ହୋଇଛନ୍ତି। ସୋମନାଥ ସାହୁ, ସୌଦାମିନୀ ସାହୁ, ଶୁଭଶ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଅର୍ପିତା ବେହେରା, ଲିପ୍ସାରାଣୀ ପଣ୍ଡା, ବର୍ଷା ପ୍ରିୟଦର୍ଶିନୀ ସାହୁ, ଚିନ୍ମୟ ବେହେରା, ସରୋଜ କୁମାର ଖୁଣ୍ଟିଆ, ପ୍ରୀତିପଦ୍ମା ମିଶ୍ର, ଜୋଏନା ଗାବ୍ରୀଏଲ୍ ପ୍ରତିଯୋଗୀମାନେ ପୁଣି ଫାଇନାଲରେ ନିଜର ପରାକାଷ୍ଠା ଦେଖାଇବେ। ସଂଗୀତ ପ୍ରତିଯୋଗିତାର ସେମି ଫାଇନାଲ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ପରିଷଦର ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି, ନୟାଗଡ଼ ପୌର ପରିଷଦର ଅଧ୍ୟକ୍ଷା ନିରୁପମା ଖଟେଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଜିଲାର ଭଏସ୍ ଅଫ୍ ନୟାଗଡ଼ର ସଂଯୋଜକ ଧୀରେନ୍ଦ୍ର ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କ୍ଲବର ସଦସ୍ୟ ଶ୍ରୀଧର ସାହୁ, ଶରତ ଚନ୍ଦ୍ର ଆଚାର୍ଯ୍ୟ ସେମିଫାଇନାଲ ପର୍ଯ୍ୟାୟର ସଂଯୋଜନା କରିଥିଲେ। ରବିବାର ପ୍ରତିଯୋଗିତାରେ ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଆଲୋକ ଦେବ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କଣ୍ଠଶିଳ୍ପୀ ସୁରଗନ୍ଧର୍ବ ନବକିଶୋର ମିଶ୍ର ବିଚାରକ ଭାବେ ଯୋଗଦେଇ ଦୁଇଟି ପର୍ଯ୍ୟାୟରେ ୩୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୦ ଜଣଙ୍କୁ ଫାଇନାଲ୍ ପାଇଁ ମନୋନୀତ କରିଥିଲେ।

ଭଏସ୍ ଅଫ୍ ନୟାଗଡ଼ର ସହ ପ୍ରାୟୋଜକ ଓଡ଼ିଶାର ପ୍ରତିଷ୍ଠିତ ସଙ୍ଗୀତ ସଂସ୍ଥା ଜେମା ୱାର୍ଲ୍ଡ କ୍ରିୟେଶନର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ର, ପ୍ରତିଜ୍ଞା ଟିଭିର ନିର୍ଦ୍ଦେଶକ ଏନ.କେ. ଜେନା ଫାଇନାଲ୍‌ର ଶ୍ରେଷ୍ଠ ୩ ଜଣ ପ୍ରତିଯୋଗୀଙ୍କୁ ନେଇ ସଙ୍ଗୀତ ଆଲବମ୍ ପ୍ରସ୍ତୁତି କରାଯିବା ବିଷୟରେ ଘୋଷଣା କରିଥିଲେ। ସେହିପରି ସ୍ୱାତିଲଗ୍ନା ମ୍ୟୁଜିକ୍ ପକ୍ଷରୁ ଶ୍ରେଷ୍ଠ ୩ ଜଣ ପ୍ରତିଯୋଗୀଙ୍କୁ ନେଇ ଏକ ଭଜନ ଆଲବମ୍ କରିବାକୁ ଓମାନ୍‌ରେ ଥିବା ସ୍ୱାତିଲଗ୍ନାର ସମ୍ପାଦକ ସୁଶାନ୍ତ ପାତ୍ର ବାର୍ତ୍ତା ଯୋଗେ ଘୋଷଣା କରିଥିଲେ। ଫାଇନାଲରେ ୧୦ ଜଣ ଯୁବ କଣ୍ଠଶିଳ୍ପୀ ମଧ୍ୟରୁ ଜଣକୁ ଭଏସ୍ ଅଫ୍ ନୟାଗଡ଼ ଭାବେ ଚୟନ କରାଯିବ। ଶ୍ରେଷ୍ଠ ବିବେଚିତ କଣ୍ଠଶିଳ୍ପୀଙ୍କୁ ୧୦ ହଜାର ପୁରସ୍କାର ରାଶି ସହ ଉପଢୌକନ ଓ ମାନପତ୍ର ମଧ୍ୟ ପ୍ରଦାନ କରାଯିବ ବୋଲି କ୍ଲବର ବରିଷ୍ଠ ସଦସ୍ୟ ଅରୁଣ ମହାନ୍ତି ଘୋଷଣା କରିଥିଲେ। ସୋମବାରର କାର୍ଯ୍ୟକ୍ରମକୁ ଲକ୍ଷ୍ମୀ ନାରାୟଣ ରଥ, ଅବିନାଶ ସାହୁ, ପ୍ରବୀର ପୃଷ୍ଟି, ପ୍ରକାଶ ଷଡଙ୍ଗୀ, ଅବଦୁଲ୍ ଆରିଫ ଖାଁ, ସନ୍ତୋଷ ନାୟକ, ବାସୁଦେବ ସାହୁ ପରିଚାଳନା କରିଥିଲେ। ନୟାଗଡ କ୍ଲବର ସମ୍ପାଦକ ମିହିର ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ୧୧ ମୃତ

ନେପାଳର ଜାଜରକୋଟ ଜିଲାରେ ସୋମବାର ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏକ ବୋଲେରୋ ଜିପ୍ ଚେଡାଗାର୍ଡ ପୌରାଞ୍ଚଳର ଲେଓ୍ବା ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଏହାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଘଟଣାର ଯାଞ୍ଚ ଚଳାଇଛି ।

# ସର୍ବସମ୍ମୁଖରେ ଫାଶୀ ଦେଲା ଇରାନ

## ସରକାରୀ ବିରୋଧୀ ଆନ୍ଦୋଳନରେ ଦ୍ୱିତୀୟ ଫାଶୀଦଣ୍ଡ


ମାଜିଦ୍ରେଜା ରହନାଭାର୍ଡ




ଦୁବାଇ,୧୨।୧୨

ଇରାନର ଧର୍ମତନ୍ତ୍ରକୁ ବିରୋଧ କରି ଦେଶବ୍ୟାପୀ ଆନ୍ଦୋଳନ ବେଳେ ଅପରାଧ ଭିଆଇବା ଅଭିଯୋଗରେ ଦ୍ୱିତୀୟ ବନ୍ଦୀଙ୍କୁ ସୋମବାର ସର୍ବସମ୍ମୁଖରେ ଫାଶୀ ଦିଆଯାଇଛି। ଏକ ନିର୍ମାଣ କ୍ରେନ୍‌ରୁ ତାଙ୍କୁ ଝୁଲାଇ ଦିଆଯାଇ ଅନ୍ୟମାନଙ୍କୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ସରକାର ବିରୋଧୀ ବିକ୍ଷୋଭ ଲାଗି ଗତ ଗୁରୁବାର ମୋହସେନ୍ ଶେକରିଙ୍କୁ ଫାଶୀ ଦିଆଯାଇଥିଲା। ଏହା ଥିଲା ବିକ୍ଷୋଭରେ ସାମିଲ ବ୍ୟକ୍ତିଙ୍କୁ ପ୍ରଥମ ଫାଶୀ। ତେହରାନରେ ଏକ ରାସ୍ତା ଅବରୋଧ କରିବା ସହ ଜଣେ ସୁରକ୍ଷା କର୍ମୀଙ୍କୁ ଆହତ କରିବା ଅଭିଯୋଗରେ ମୋହସେନ ଶେକରିଙ୍କୁ ରିଭଲ୍ୟୁଶନାରୀ କୋର୍ଟ ଦୋଷୀସାବ୍ୟସ୍ତ କରିଥିଲା। ସେ ଈଶ୍ୱରଙ୍କ ବିରୋଧରେ ଶତ୍ରୁତା କରିଥିବା କୋର୍ଟ ଦର୍ଶାଇଥିଲେ।

ଆନ୍ଦୋଳନକାରୀଙ୍କ ଉପରେ ଇରାନ ସୁରକ୍ଷା କର୍ମୀଙ୍କ ଦମନ ଲୀଳା ଓ ହତ୍ୟା ପ୍ରତିବାଦରେ ଉତ୍କ୍ଷିପ୍ତ ହୋଇ ମାଜିଦ୍ରେଜା ରହନାଭାର୍ଡ ଦୁଇଜଣ ଅର୍ଦ୍ଧସାମରିକ ସୈନ୍ୟଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ମାସେରୁ କମ୍ ସମୟ ମଧ୍ୟରେ ମାଜିଦ୍ରେଜାଙ୍କୁ ଫାଶୀ ଦିଆଯାଇଛି। ମାଜିଦ୍ରେଜାଙ୍କୁ କ୍ରେନ୍‌ରୁ ଝୁଲାଇଦିଆଯାଇଥିବାର ଏକାଧିକ ଫଟୋ ସେଠାର ମିଜାନ୍ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ହାତଗୋଡ଼ ବାନ୍ଧିଦିଆଯାଇଥିବାବେଳେ ତାଙ୍କ ମୁଣ୍ଡକୁ ଏକ କଳା ବ୍ୟାଗ୍‌ରେ ଘୋଡ଼ାଇ ଦିଆଯାଇଥିବା ଦେଖାଯାଇଛି। ମିଜାନ୍ ରିପୋର୍ଟ ଅନୁଯାୟୀ ମାଜିଦ୍ରେଜା ଗତମାସ ୧୭ରେ ମାଶାଦଠାରେ ଦୁଇଜଣ ସୁରକ୍ଷା ଯବାନଙ୍କୁ ଛୁରିଭୁସି ହତ୍ୟା କରିବା ସହ ଅନ୍ୟ ୪ ଜଣଙ୍କୁ ଆହତ କରିଥିଲେ। ଗିରଫ ହେବା ବେଳେ ସେ ଦେଶ ବାହାରକୁ ଚାଲିଯିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

ସୂଚନାଯୋଗ୍ୟ, ଇରାନ ମୋରାଲିଟି ପୋଲିସ ଦ୍ୱାରା ଗିରଫ ହୋଇଥିବା ୨୨ ବର୍ଷୀୟା ମହିଳା ମହସା ଅମିନିଙ୍କର ହାଜତରେ ମୃତ୍ୟୁ ଘଟିବା ପରେ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେପ୍ଟେମ୍ବର ମଧ୍ୟଭାଗରୁ ସରକାର ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ୪୮୮ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ୧୮ ହଜାରରୁ ଉର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଛି। ରୁଦ୍ଧଦ୍ୱାର ଶୁଣାଣି କରାଯାଇ ଅନ୍ୟୂନ ୧୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ମାନବାଧିକାର କର୍ମୀମାନେ ସତର୍କ କରାଇଛନ୍ତି।

ସର୍ବସମ୍ମୁଖରେ କ୍ରେନ୍‌ରେ ଝୁଲାଇ ଫାଶୀ ଦିଆଯିବା ନିକଟ ଅତୀତରେ ବିରଳ ଘଟଣା। ୨୦୦୯ ରାଷ୍ଟ୍ରପତି ନିର୍ବାଚନବେଳେ ହିଂସାକାଣ୍ଡରେ ସମ୍ପୃକ୍ତଙ୍କୁ ଏଭଳି ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଏହା ପରେ ଗ୍ରିନ୍ ମୁଭ୍‌ମେଣ୍ଟ ବିକ୍ଷୋଭକାରୀଙ୍କୁ ମଧ୍ୟ ଅନୁରୂପ ଦଣ୍ଡ ଦିଆଯାଇଥିଲା। କ୍ରେନ୍‌ରେ ଝୁଲାଇ ମୃତ୍ୟୁଦଣ୍ଡ ଦେବାକୁ ମାନବାଧିକାର କର୍ମୀମାନେ ନିନ୍ଦା କରିଛନ୍ତି। ୟୁରୋପୀୟ ସଂଘର ବହିର୍ବ୍ୟାପାର ମନ୍ତ୍ରୀମାନେ ଫାଶୀଦଣ୍ଡକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିକ୍ଷୋଭକାରୀମାନଙ୍କ ଉପରେ ଦମନ ଲୀଳା ଚଳାଇଥିବା ଇରାନ ସରକାରଙ୍କ ବିରୋଧରେ ୟୁରୋପୀୟ ସଂଘ କଟକଣା ଲଗାଇବାକୁ ଯାଉଛି। ୟୁକ୍ରେନ୍ ଆକ୍ରମଣ ଲାଗି ଏହି ଦେଶ ରୁଷିଆକୁ ଡ୍ରୋନ୍ ଯୋଗାଇଦେଉଛି। ଇରାନୀୟମାନଙ୍କୁ ଆତଙ୍କିତ କରି ରଖିବା ଲାଗି ସରକାରଙ୍କ ଏହା ଖୋଲାଖୋଲି ଉଦ୍ୟମ ବୋଲି ଜର୍ମାନ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବାଏରବକ୍ କହିଛନ୍ତି।

## ମୋଦିଙ୍କୁ ହତ୍ୟା କରିବାକୁ ଆହ୍ୱାନ ଦେଇ ବିବାଦରେ କଂଗ୍ରେସ ନେତା


ରାଜା ପାଟେରିଆ

ଭୋପାଳ,୧୨।୧୨

ସମ୍ବିଧାନକୁ ବଞ୍ଚାଇବାକୁ ଚାହୁଁଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କର ବୋଲି ଏକ ସଭାରେ ଆହ୍ୱାନ ଦେଇ ମଧ୍ୟପ୍ରଦେଶର ବରିଷ୍ଠ କଂଗ୍ରେସ ନେତା ରାଜା ପାଟେରିଆ ବିବାଦ ମଧ୍ୟକୁ ଆସିଛନ୍ତି। ହତ୍ୟା ଅର୍ଥ ମୋଦିଙ୍କୁ ପରାଜିତ କରିବାକୁ ଆହ୍ୱାନ ଦେଇଥିବା ସେ ସଫେଇ ଦେଇଥିଲେ ମଧ୍ୟ ବିବାଦ ଥମିନାହିଁ। ପାଟେରିଆଙ୍କୁ ଗିରଫ କରାଯାଉ ବୋଲି ଭାଜପା ନେତାମାନେ ଦାବି କରିଛନ୍ତି। ପୂର୍ବତନ ମନ୍ତ୍ରୀ ପାଟେରିଆଙ୍କ ବିରୋଧରେ ପୋଲିସ ମାମଲା ଦାଏର ପାଇଁ ମଧ୍ୟପ୍ରଦେଶ ସରକାର ନିର୍ଦ୍ଦେଶ ଦେବା ପରେ ତାଙ୍କ ବିରୋଧରେ ଏତଲା ଦାଏର ହୋଇଛି। ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଧମକ ଦେବା ଅକ୍ଷମଣୀୟ ଅପରାଧ ବୋଲି ଜଣେ କେନ୍ଦ୍ରମନ୍ତ୍ରୀ କହିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାର ଅସଲ ଉଦ୍ଦେଶ୍ୟ ପଦାକୁ ଆସିଲା ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

## ସଂକ୍ଷେପରେ

### କାନାଡ଼ାରେ ଆଉ ଜଣେ ଶିଖ୍‌ଙ୍କୁ ହତ୍ୟା

**ଓଟାଓ୍ବା,୧୨।୧୨:** କାନାଡ଼ାର ଆଲବର୍ଟା ପ୍ରଦେଶରେ ଜଣେ ୨୪ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଶିଖ୍ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଚଳିତ ମାସରେ ସେଠାରେ ୨ ଜଣ ଭାରତୀୟଙ୍କୁ ହତ୍ୟା କରାଗଲାଣି। ସନରାଜ ସିଂ ନାମକ ଏହି ଶିଖ୍ ଯୁବକଙ୍କୁ ଏକ ଗାଡ଼ି ଭିତରେ ଗୁଳି କରାଯାଇଥିଲା। ଗତ ୩ ତାରିଖରେ ପଓ୍ବନପ୍ରୀତ୍ କୌର ନାମ୍ନୀ ଜଣେ ଶିଖ୍ ଯୁବତୀଙ୍କୁ ଓଣ୍ଟାରିଓ ପ୍ରଦେଶରେ ଗୁଳିକରି ହତ୍ୟା କରାଯାଇଥିଲା। ଏହା ପୂର୍ବରୁ ନଭେମ୍ବର ମାସରେ ଜଣେ ଭାରତୀୟ ଯୁବକ ମେହକପ୍ରୀତ୍ ସେଠୀଙ୍କୁ ବ୍ରିଟିଶ କଲମ୍ବିଆ ପ୍ରଦେଶରେ ଛୁରିଭୁସି ହତ୍ୟା କରାଯାଇଥିଲା।

### ଅନିଲ ଦେଶମୁଖଙ୍କୁ ଜାମିନ



**ମୁମ୍ବାଇ,୧୨।୧୨:** ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ସୋମବାର ବମ୍ବେ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଗତ ଗୁରୁବାର ଜଷ୍ଟିସ୍ ଏମ୍.ଏସ୍. କାର୍ନିକଙ୍କ ଖଣ୍ଡପୀଠ ଜାମିନ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ତେବେ ଜାମିନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ଲାଗି ସିବିଆଇ ଜଣାଇବା ପରେ ଅନିଲଙ୍କୁ ଆଉ ୧୦ ଦିନ ଜେଲରେ ରହିବା ଲାଗି ହାଇକୋର୍ଟ କହିଛନ୍ତି। ସିବିଆଇ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ ସିଂ କହିଥିଲେ, ମନିଲଣ୍ଡରିଂ ମାମଲାରେ ଜାମିନ ଦିଆଯିବା ଅର୍ଥ ସିବିଆଇ ମାମଲାରେ ଜାମିନ ମିଳିଯିବ। ମନିଲଣ୍ଡରିଂ ସମ୍ପୂର୍ଣ୍ଣ ଅଲଗା ଅପରାଧ ଏଥିପାଇଁ ଅଲଗା ବିଚାର କରାଯିବା ଆବଶ୍ୟକ ବୋଲି ସେ ଦର୍ଶାଇଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାର ଶୁଣାଣି ବେଳେ ସିବିଆଇ ଚାର୍ଜଶିଟ୍ ଉପରେ ଯୁକ୍ତି ଉପସ୍ଥାପନ କରାଯାଇ ନ ଥିଲା ବୋଲି ସେ କହିଥିଲେ।

### ଅଣଜୀବାଶ୍ମ ଇନ୍ଧନ ବଢ଼ାଇବା ପାଇଁ ପାର୍ଲାମେଣ୍ଟରେ ବିଲ୍ ଗୃହୀତ

**ନୂଆଦିଲ୍ଲୀ,୧୨।୧୨:** ଇଥାନୋଲ, ବାୟୋମାସ୍, ଗ୍ରିନ୍ ହାଇଡ୍ରୋଜେନ୍ ଆଦି ଅଣଜୀବାଶ୍ମ ଇନ୍ଧନ ବ୍ୟବହାର ବଢ଼ାଇବା ନିମନ୍ତେ ଅଣାଯାଇଥିବା ଶକ୍ତି ସଂରକ୍ଷଣ (ସଂଶୋଧନ) ବିଲ୍, ୨୦୨୨ ସୋମବାର ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ଗତ ଅଗଷ୍ଟ ମାସରେ ଲୋକ ସଭାରେ ଉକ୍ତ ବିଲ୍ ଗୃହୀତ ହୋଇଥିବାବେଳେ ସୋମବାର ରାଜ୍ୟ ସଭାରେ ଧ୍ୱନିମତରେ ଗୃହୀତ ହୋଇଛି। ଶିଳ୍ପସଂସ୍ଥାଗୁଡ଼ିକ ଏହାର ଉଲ୍ଲଂଘନ କଲେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ସେହିପରି ଯାନଗୁଡ଼ିକ ଇନ୍ଧନ ଉପଯୋଗ ନିୟମ ଅନୁପାଳନ କରିବାରେ ବିଫଳ ହେଲେ ଉତ୍ପାଦନକାରୀ ଦଣ୍ଡିତ ହେବେ। ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ଘରୋଇ କାର୍ବନ ମାର୍କେଟର ବିକାଶ ସଂଶୋଧିତ ବିଲ୍‌ର ଉଦ୍ଦେଶ୍ୟ। ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଭାରତର ଅନ୍ତର୍ଜାତୀୟ ପ୍ରତିଶ୍ରୁତି ହାସଲ କରିବାରେ ଏହା ସହାୟକ ହେବ।

## ଶପଥ ନେଲେ ଭୂପେନ୍ଦ୍ର ପଟେଲ

ନୂଆଦିଲ୍ଲୀ,୧୨।୧୨



ଗୁଜରାଟର ଅଷ୍ଟାଦଶ ମୁଖ୍ୟମନ୍ତ୍ରୀ ଭାବେ ଭୂପେନ୍ଦ୍ର ପଟେଲ ସୋମବାର ଶପଥ ଗ୍ରହଣ କରିଛନ୍ତି। ଏହି ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଭୂପେନ୍ଦ୍ର କ୍ରମାଗତ ଦ୍ୱିତୀୟ ଥର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ୨୦୨୧ ସେପ୍ଟେମ୍ବରରେ ଭାଜପା ନେତୃତ୍ୱ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କୁ ବଦଳାଇ ଭୂପେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲେ।

ସୋମବାର ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ୧୬ ଜଣ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ୧୭ ଜଣିଆ ମନ୍ତ୍ରିମଣ୍ଡଳରେ ମାତ୍ର ଜଣେ ମହିଳା ସ୍ଥାନ ପାଇଛନ୍ତି। କାନୁ ଦେଶାଇ, ଋଷିକେଶ ପଟେଲ, ରଘବଜୀ ପଟେଲ, ବଳବନ୍ତ ସିଂ ରାଜପୁତ୍, କୁନ୍‌ଭାର୍ଜି ବାଭାଲିୟା, ମୁଳୁ ବେରା, କୁବେର ଡିଣ୍ଡୋର ଏବଂ ଭାନୁବେନ୍ ବାବରିୟାଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି। ହର୍ଷ ସାଙ୍ଘଭି ଏବଂ ଜଗଦୀଶ ବିଶ୍ୱକର୍ମାଙ୍କୁ ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱ ଦିଆଯାଇଥିବାବେଳେ ପର୍ଷୋତ୍ତମ ସୋଲାଙ୍କି, ବଚୁ ଖବଡ, ମୁକେଶ ପଟେଲ, ପ୍ରଫୁଲ ପାନ୍‌ଶେରିୟା, କୁଭେର୍ଜି ହାଲପତି ଏବଂ ଭିଖୁସିଂ ପାର୍‌ମାରଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଛି। ନିକଟରେ ଶେଷ ହୋଇଥିବା ଗୁଜରାଟ ବିଧାନସଭା ନିର୍ବାଚନରେ ଭାଜପା ୧୫୬ ଆସନରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଶନିବାର ଭୂପେନ୍ଦ୍ରଙ୍କୁ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା।

## ବର୍ଷ ଶେଷ ଖବରଦାତା ସମ୍ମିଳନୀ କରିବେନି ପୁଟିନ୍

ମସ୍କୋ, ୧୨।୧୨

ଚଳିତବର୍ଷ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବର୍ଷ ଶେଷ ଖବରଦାତା ସମ୍ମିଳନୀ କରିବେ ନାହିଁ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ ସୂଚନା ଦେଇଛନ୍ତି। ବିଦେଶ ଗସ୍ତ ସମୟରେ ଚଳିତବର୍ଷ ପୁଟିନ୍ ଏକାଧିକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଛନ୍ତି। ପ୍ରତିବର୍ଷ ଡିସେମ୍ବରରେ ପୁଟିନ୍‌ଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥାଏ। ଗତବର୍ଷ ପୁଟିନ୍ ୪ ଘଣ୍ଟା ଧରି ଏହି ସମ୍ମିଳନୀରେ ଯୋଗ ଦେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ।


ନାସା ପଠାଇଥିବା ଓରିଅନ୍ ସ୍ପେସ୍ କ୍ୟାପ୍‌ସୁଲ ୨୫ ଦିନ ଚନ୍ଦ୍ର ଚତୁଃପାର୍ଶ୍ୱରେ ଯାତ୍ରା କରିବା ପରେ ରବିବାର ମେକ୍ସିକୋ ଉପକୂଳ ପ୍ରଶାନ୍ତ ମହାସାଗରରେ ଖସିଥିଲା। ଏହାକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଲାଗି ଆମେରିକା ନୌସେନାର ବୁଡ଼ାଳିମାନେ କ୍ୟାପ୍‌ସୁଲ୍‌ରେ କେବୁଲ ସଂଯୋଗ କରୁଛନ୍ତି।

## ସିସୋଡିଆଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ,୧୨।୧୨

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବିରୋଧରେ ଦାଏର କରିଥିବା ମାନହାନି ମାମଲା ଖାରଜ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହାକୁ ଖାରଜ କରିବା ଲାଗି ସିସୋଡିଆଙ୍କ ଆବେଦନ ଖାରଜ ପରେ ସେ ପିଟିଶନ ଫେରାଇ ନେଇଛନ୍ତି। ଆବେଦନକାରୀ ଯଥେଷ୍ଟ ପୂର୍ବରୁ ନିଃସର୍ତ୍ତ କ୍ଷମା ମାଗିବା ଆବଶ୍ୟକ ଥିଲା ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ ସୋମବାର କହିଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ପ୍ରଥମ ଲହର ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ପିପିଇ କିଟ୍ ଯୋଗାଣ ଦୁର୍ନୀତିରେ ଆସାମ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଥିବା ସିସୋଡିଆ ଅଭିଯୋଗ କରିଥିଲେ। ଏନେଇ ବିଶ୍ୱ ଶର୍ମା ସିସୋଡିଆଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ।

## ୩ ବର୍ଷ ପରେ ଚେନ୍ନାଇରୁ ଜାଫ୍‌ନା ଉଡ଼ିଲା ବିମାନ

ଚେନ୍ନାଇ,୧୨।୧୨

୩ ବର୍ଷ ପରେ ସୋମବାର ଚେନ୍ନାଇରୁ ଶ୍ରୀଲଙ୍କାର ଜାଫ୍‌ନାକୁ ବିମାନ ଉଡ଼ାଣ ଆରମ୍ଭ ହୋଇଛି। କୋଭିଡ୍ କାରଣରୁ ଚେନ୍ନାଇରୁ ଜାଫ୍‌ନା ବିମାନ ଚଳାଚଳ ବନ୍ଦ କରାଯାଇଥିଲା। ସୋମବାର ସକାଳ ପ୍ରାୟ ୧୧ଟା ୨୫ ମିନିଟରେ ଏଲିଆନ୍ସ ଏୟାର ସର୍ଭିସ ଜାଫ୍‌ନା ବିମାନ ବନ୍ଦରରେ ଅବତରଣ କରିଥିଲା। ତେବେ ୧୪ ଜଣ ବଛା ବଛା ବିମାନଯାତ୍ରୀଙ୍କୁ ନେଇ ବିମାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ୱେଲ୍‌କମ୍ ସେରିମୋନିର ଆୟୋଜନ କରାଯାଇଥିଲା।

## କାବୁଲରେ ହୋଟେଲ ଉପରେ ଆକ୍ରମଣ

କାବୁଲ,୧୨।୧୨

### ୩ ଆକ୍ରମଣକାରୀ ନିହତ

ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଏକ ହୋଟେଲ ଉପରେ ସୋମବାର ଆକ୍ରମଣ ହୋଇଛି। ଏଥିରେ ଦୁଇଜଣ ବିଦେଶୀ ଆହତ ହୋଇଥିବାବେଳେ ସୁରକ୍ଷା ବଳ କାର୍ଯ୍ୟାନୁଷ୍ଠାନରେ ୩ ଆକ୍ରମଣକାରୀ ନିହତ ହୋଇଛନ୍ତି। ହୋଟେଲ ନିକଟରେ ପ୍ରଚଣ୍ଡ ବିସ୍ଫୋରଣ ହେବା ସହ ଗୁଳିମାଡ଼ ଶବ୍ଦ ଶୁଣାଯାଇଥିଲା। ଉକ୍ତ ହୋଟେଲରେ ବିଦେଶୀମାନେ ରହିଥାନ୍ତି। ଆକ୍ରମଣରେ ଆହତ ହୋଇଥିବା ୨୧ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିଥିଲା ବୋଲି କାବୁଲ ପୋଲିସ ମୁଖ୍ୟଙ୍କ ମୁଖପାତ୍ର ଖଲିଦ ଜଦ୍ରାନ କହିଛନ୍ତି।

ଗତବର୍ଷ ଅଗଷ୍ଟରୁ ତାଲିବାନ ଆଫଗାନିସ୍ତାନରେ କ୍ଷମତା ଦଖଲ କରିବା ପରେ ଜାତୀୟ ସୁରକ୍ଷା ସ୍ଥିତିରେ ଉନ୍ନତି ଘଟିଥିବା ଦାବି କରିଆସୁଛି। ଅନ୍ୟପକ୍ଷରେ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍‌ର ସ୍ଥାନୀୟ ଆତଙ୍କବାଦୀ ଅନେକ ସମୟରେ ବିସ୍ଫୋରଣ ଓ ଆକ୍ରମଣ ଘଟାଉଥିବା ଦେଖାଯାଇଛି। କାବୁଲର ମୁଖ୍ୟ ବ୍ୟବସାୟିକ ଅଞ୍ଚଳ ଶହର-ଏ-ନାରେ ବିସ୍ଫୋରଣ ଘଟିଥିବାରୁ ଆତଙ୍କବାଦୀମାନେ ବିଦେଶୀ ବ୍ୟବସାୟୀଙ୍କୁ ଟାର୍ଗେଟ କରିଥିବା ଅନୁମାନ କରାଯାଉଛି। ହୋଟେଲ ଭିତରେ କେତେଜଣ ଆକ୍ରମଣକାରୀ ପ୍ରବେଶ କରିଥିଲେ ତାହା ଜଣାପଡ଼ି ନାହିଁ। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତାଲିବାନ ପକ୍ଷରୁ କୁହାଯାଇଛି। ଆକ୍ରମଣ ଲାଗି କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି।

## ଜ୍ୟାକ୍‌ଲିନ୍‌ଙ୍କ ନାଁରେ ମାନହାନି ମାମଲା

ନୂଆଦିଲ୍ଲୀ,୧୨।୧୨


ନୋରା ଫତେହି


ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍

ବଲିଉଡ୍ ଅଭିନେତ୍ରୀ ନୋରା ଫତେହି ଶ୍ରୀଲଙ୍କା ବ୍ୟୁଟି ତଥା ହିନ୍ଦୀ ଚଳଚ୍ଚିତ୍ର ଜଗତର ନାମକରା ନାୟିକା ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜଙ୍କ ବିରୋଧରେ ସୋମବାର ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ ମାନହାନି ମାମଲା କରିଛନ୍ତି। ନୋରାଙ୍କ ଅଭିଯୋଗ ଅନୁସାରେ, ୨୦୦ କୋଟି ଟଙ୍କା ଠକେଇ ମାମଲାରେ ଜ୍ୟାକଲିନ୍ ଟ୍ରିବ୍ୟୁନାଲ ନିକଟରେ ନୋରାଙ୍କ ନାଁରେ ମିଛ ତଥ୍ୟ ରଖିଛନ୍ତି। ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ଠାରୁ ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କ ପରି ଅନେକ ଅଭିନେତ୍ରୀ ବହୁ ଉପହାର ନେଇଥିବା ଜ୍ୟାକ୍‌ଲିନ୍ ଲିଖିତ ଭାବେ କହିଥିବା ନୋରା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଜ୍ୟାକଲିନଙ୍କ ପକ୍ଷରୁ ଏ ପ୍ରକାର ମିଥ୍ୟା ତଥ୍ୟ ରଖାଯିବା ଦ୍ୱାରା ନୋରାଙ୍କ କ୍ୟାରିୟର ନଷ୍ଟ ହେବାର ଆଶଙ୍କା ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ନୋରାଙ୍କ ନାଁରେ ମିଥ୍ୟା ଖବର ପ୍ରସାରଣ ନେଇ ଅନେକ ଗଣମାଧ୍ୟମ ବିରୋଧରେ ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ୨୦୦ କୋଟି ଟଙ୍କା ଠକେଇ ମାମଲାର ଯାଞ୍ଚ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କରାଯାଉଛି। ଏ ମାମଲାର ମୁଖ୍ୟ ଅଭିଯୁକ୍ତ ମହାଠକ ସୁକେଶ ଚନ୍ଦ୍ରଶେଖର ତିହାର ଜେଲରେ ଥିବାବେଳେ ଏଥିରେ ଜ୍ୟାକ୍‌ଲିନ୍ ଓ ନାରାଙ୍କ ସମ୍ପୃକ୍ତିକୁ ନେଇ ଇଡି ଯାଞ୍ଚ ଚଳାଇଛି। ଦୁଇ ଅଭିନେତ୍ରୀ ଏକାଧିକ ଥର ଇଡି କାର୍ଯ୍ୟାଳୟରେ ହାଜର ହୋଇସାରିଛନ୍ତି।

## ସାବାସ୍ ଶାଳିନି

ଭୋପାଳ,୧୨।୧୧

- ଛାତ୍ରୀ ବେଶରେ କଲେଜରେ ୩ ମାସ ରହି ରାଗିଂ ଉପରୁ ପର୍ଦ୍ଦା ହଟାଇଲେ
- ୧୧ ଛାତ୍ର କଲେଜରୁ ନିଲମ୍ବିତ


ଶାଳିନି ଚୌହାନ

ମଧ୍ୟପ୍ରଦେଶର ମହିଳା କନଷ୍ଟେବଲ ଶାଳିନି ଚୌହାନ ଇନ୍ଦୋରର ଗାନ୍ଧୀ ମେମୋରିଆଲ୍ ମେଡିକାଲ କଲେଜରୁ ଏକ ରାଗିଂ ଗ୍ୟାଙ୍ଗ୍ ଉପରୁ ପର୍ଦ୍ଦା ହଟାଇଛନ୍ତି। ଏ ପ୍ରକାର ସ୍ୱତନ୍ତ୍ର ମିଶନରେ ଶାଳିନିଙ୍କ କାର୍ଯ୍ୟକରିବା ପ୍ରଣାଳୀକୁ ଲୋକେ ପସନ୍ଦ କରିବା ସହ ଅନେକେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। କଲେଜ କ୍ୟାମ୍ପସରେ ଏକାଧିକ ରାଗିଂ ମାମଲା ସାମ୍ନାକୁ ଆସିବା ପରେ ଏ ସମ୍ପର୍କିତ ପ୍ରମାଣ ସଂଗ୍ରହ କରିବା ସକାଶେ ଶାଳିନିଙ୍କୁ ଅଣ୍ଡରକଭର୍ କପ୍ ଭାବେ କଲେଜକୁ ପଠାଯାଇଥିଲା। ୨୪ ବର୍ଷୀୟା ମହିଳା କନଷ୍ଟେବଲ ପାଖାପାଖି ୩ ମାସ ଧରି କଲେଜକୁ ବ୍ୟାଗ୍‌ରେ ବହି, ଖାତା ଧରି ଜଣେ ଛାତ୍ରୀ ଭାବେ ଯାଉଥିଲେ। ଅନ୍ୟ ଷ୍ଟୁଡେଣ୍ଟଙ୍କ ପରି କ୍ଲାସ ସହିତ କ୍ୟାଣ୍ଟିନରେ ଖଟି ମଧ୍ୟ କରୁଥିଲେ। ରାଗିଂ ସମ୍ପର୍କରେ ପ୍ରମାଣ ହାସଲ ପାଇଁ ଶାଳିନି ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ପ୍ରଥମେ ଭଲଭାବେ ମିଶି ତାଙ୍କ ବିଶ୍ୱାସଭାଜନ ହେଉଥିଲେ। ୩ ମାସର ଅଣ୍ଡରକଭର ଅପରେଶନ୍‌ରେ ଶାଳିନିଙ୍କ ହାତକୁ ବହୁ ପ୍ରମାଣ ଆସିଥିଲା। କ୍ୟାମ୍ପସ୍‌ରେ ରାଗିଂ କରୁଥିବା ୧୧ ଛାତ୍ରୀଛାତ୍ରଙ୍କୁ ସେ ଚିହ୍ନଟ କରିଥିଲେ। ସେମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ହସ୍ତଗତ ହେବାପରେ ସମ୍ପୃକ୍ତ ଷ୍ଟୁଡେଣ୍ଟଙ୍କୁ କଲେଜ ଓ ହଷ୍ଟେଲରୁ ନିଲମ୍ବନ କରାଯାଇଛି।

ତେବେ ଏହି ଅଣ୍ଡରକଭର ଅପରେଶନ୍ ସମ୍ପର୍କରେ ବରିଷ୍ଠ ଇନ୍‌ସ୍ପେକ୍ଟର ତେହଜିବ କାଜି କହିଛନ୍ତି, କଲେଜ କ୍ୟାମ୍ପସରେ ରାଗିଂ ନେଇ ଥାନାକୁ ଏକାଧିକ ଅଭିଯୋଗ ଆସିଥିଲା। କିନ୍ତୁ ଅଭିଯୋଗ କରୁଥିବା ଷ୍ଟୁଡେଣ୍ଟ ଡରରେ ନିର୍ଦ୍ଦିଷ୍ଟ ଭାବେ କୌଣସି ସିନିୟରଙ୍କ ନାଁ କହୁ ନ ଥିଲେ। ଅନ୍ୟପକ୍ଷେ ପୋଲିସକୁ ଦେଖି ରାଗିଂର ଶିକାର ହୋଇଥିବା ଛାତ୍ରୀଛାତ୍ର ଭୟଭିତ ହୋଇଯାଉଥିଲେ। ଏହି କାରଣ ପାଇଁ ପୋଲିସକୁ ଏ ମାମଲାରେ ସଫଳତା ମିଳିପାରୁ ନ ଥିଲା। ସେଥିପାଇଁ ରାଗିଂରେ ସମ୍ପୃକ୍ତ ଛାତ୍ରଙ୍କୁ ଧରିବା ଲାଗି ପୋଲିସ ପକ୍ଷରୁ ଏହି ଅଣ୍ଡରକଭର ଅପରେଶନ୍ ଆରମ୍ଭ କରାଯାଇଥିବା ତେହଜିବ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଶୀତଳଭଣ୍ଡାରରେ ସିଆଇଆର୍‌ବି ଗଠନ ଚିଠି

■ ଉପକୂଳ ସୁରକ୍ଷା ଚିନ୍ତା
■ ଗହୀରମଥା ଅଞ୍ଚଳରେ ବଢୁଛି ବେଆଇନ ପ୍ରବେଶ

କେନ୍ଦ୍ରାପଡ଼ା ଅଫିସ, ୧୨।୧୨

ଓଡ଼ିଶା ଉପକୂଳ ସୁରକ୍ଷା ପାଇଁ ଏକ କୋଷ୍ଟାଲ ଇଣ୍ଡିଆ ରିଜର୍ଭ ବାଟାଲିୟନ (ସିଆଇଆର୍‌ବି) ଆବଶ୍ୟକ। ଏହି ବାଟାଲିୟନର ମଞ୍ଜୁର ସକାଶେ ରାଜ୍ୟ ସରକାର ୨୦୧୭ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଚିଠି କରିଥିଲେ। ରାଜ୍ୟ ସରକାରଙ୍କ ତତ୍କାଳୀନ ଅତିରିକ୍ତ ସଚିବ ଅସିତ କୁମାର ତ୍ରିପାଠୀ ଏଥିରେ ଦର୍ଶାଇଥିଲେ ଯେ, ବାଟାଲିୟନ ପ୍ରତିଷ୍ଠା ହେଲେ ଉପକୂଳ ସୁରକ୍ଷାରେ ଥିବା ସାମୁଦ୍ରିକ ଥାନାକୁ ସହାୟତା ମିଳିବ। ତେବେ ଏହି ଚିଠିକୁ ୫ ବର୍ଷ ବିତିଯାଇଛି। ରାଜ୍ୟ ସରକାରଙ୍କ ଏହି ଚିଠି କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଶୀତଳଭଣ୍ଡାରରେ ପଡ଼ିରହିଛି। ଅଦ୍ୟାବଧି ବାଟାଲିୟନ ଗଠନ ନେଇ ସକାରାତ୍ମକ ସୂଚନା ମିଳିନାହିଁ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି , ରାଜ୍ୟର ୪୮୦ କି.ମି. ସମୁଦ୍ରତଟ ମଧ୍ୟରୁ କେନ୍ଦ୍ରାପଡ଼ା ଜିଲାରେ ୪୮ କି.ମି. ରହିଛି। ଏହି ସୀମାରେ ତାଳଚୁଆ, ତନ୍ତିଆପାଳ ଓ ଜମ୍ବୁ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଥିଲେ ମଧ୍ୟ କର୍ମଚାରୀ ଓ ଭିତ୍ତିଭୂମିର ଅଭାବ ରହିଛି। ସାମୁଦ୍ରିକ ପଥର ସୁରକ୍ଷା ପାଇଁ ବୋଟ୍ ନ ଥିବାରୁ ତଟବର୍ତ୍ତୀ ଅଞ୍ଚଳକୁ ବେଆଇନ ପ୍ରବେଶ ବଢ଼ିଛି। ପାକିସ୍ତାନ, ବାଂଲାଦେଶ ଯୁଦ୍ଧ ସମୟରେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳରେ ମାତ୍ର ୧୨୩୭ ଶରଣାର୍ଥୀଙ୍କୁ ଥଇଥାନ କରାଯାଇଥିବା ବେଳେ ଏବେ ଏଠାରେ ୭୬ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଭାଷୀ ରହୁଛନ୍ତି। ସେହିପରି ଜାତୀୟ ଉଦ୍ୟାନ ଭିତରକନିକା ଉପରେ ଏହି ଅନୁପ୍ରବେଶକାରୀଙ୍କ ଆଖି ପଡ଼ିଛି। ଓଡ଼ିଶାରେ ସିଆଇଆର୍‌ବି ମୁତୟନ ହେଲେ ଏହି ସମସ୍ୟାର କିଛି ସମାଧାନ ହୋଇପାରିବ। ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କହିଛନ୍ତି, ୨୦୦୧ରେ ଭିତରକନିକାସ୍ଥ ବନିପାଳଠାରେ ଏକ ନକଲି ବେତାର କେନ୍ଦ୍ର ସ୍ଥାପନ ହୋଇଥିଲା। ଏଠାରେ ହୁଇଲର ଦ୍ୱୀପର ପ୍ରତିରକ୍ଷା ସମ୍ପର୍କିତ ଗୋପନ ତଥ୍ୟ ପ୍ରେରଣ କରାଯାଉଥିବା ପୋଲିସ ତଦନ୍ତ ସମୟରେ ଜଣାପଡ଼ିଥିଲା। ସେହିପରି ୨୦୦୨ରେ ରାଜନଗର ବନ ବିଭାଗ ଜବତ କରିଥିବା ଟ୍ରଲରର ଲୋକମାନେ ବନରକ୍ଷୀଙ୍କୁ ଗୁଳି ମାରି ହତ୍ୟା କରିଥିଲେ। ୨୦୧୯ରେ ମଧ୍ୟ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବେଆଇନ ମାଛ ଧରାଳିଙ୍କ ସହିତ ତଟରକ୍ଷୀ ବାହିନୀର ଗୁଳି ବିନିମୟ ହୋଇଥିଲା। ଜିଲା ପୋଲିସର ବିଭିନ୍ନ ତଦନ୍ତ ସମୟରେ ତଟାଞ୍ଚଳ ପ୍ରବେଶ ପଥ ମାଧ୍ୟମରେ ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ, ନକଲି ନୋଟ୍ ଓ ନିଶା କାରବାର ଚାଲିଥିବା ପ୍ରମାଣ ମିଳିଛି। ସିଆଇଆର୍‌ବି ପ୍ରତିଷ୍ଠା ହେଲେ ଜିଲାକୁ ଅନୁପ୍ରବେଶ ରୋକିବା ସହିତ ଦେଶ ସୁରକ୍ଷିତ ହେବ ବୋଲି ସେ ମତ ଦେଇଛନ୍ତି। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ଗତ ୩ ବର୍ଷ ମଧ୍ୟରେ ବନ ବିଭାଗର ଚଢ଼ାଉକୁ ଦେଖିଲେ ବହୁ ବାଂଲାଦେଶୀ ବୋଟ୍ ଜବତ ହୋଇଛି। ଏଥିସହ ଚଳିତ ବର୍ଷ ନଭେମ୍ବରରୁ ଅଦ୍ୟାବଧି ୧୦ରୁ ଅଧିକ ବୋଟ୍ ଗହୀରମଥାରେ ବେଆଇନ ପ୍ରବେଶ କରିଥିବାରୁ ବନ ବିଭାଗ ଜବତ କରିଛି। ଅନୁପ୍ରବେଶକାରୀ ଜାତୀୟ ଉଦ୍ୟାନର ପ୍ରକୃତ ମାନଚିତ୍ର ବଦଳାଇ ଦେଇଛନ୍ତି। ବନ୍ୟଜନ୍ତୁ ଶିକାର, ନିଶା କାରବାର, ଜଙ୍ଗଲ ଜମି ଜବରଦଖଲ ସହ ଚିଙ୍ଗୁଡ଼ି ଘେରି ମାଧ୍ୟମରେ ବିପୁଳ ଟଙ୍କା ରୋଜଗାର କରୁଛନ୍ତି। ଦେଶର ସୁରକ୍ଷା ସହିତ ଜାତୀୟ ଉଦ୍ୟାନର ପରିବେଶ ପାଇଁ ସିଆଇଆର୍‌ବି ଆବଶ୍ୟକ। ତଟାଞ୍ଚଳର ସୁରକ୍ଷା ସମ୍ପର୍କରେ ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କୁ ପଚାରିବାରେ ସିଆଇଆର୍‌ବିର ଆବଶ୍ୟକତା ଅଛି। ତେବେ ସାମୁଦ୍ରିକ ଥାନା ପ୍ରତିଷ୍ଠା ପରେ ଅନୁପ୍ରବେଶକୁ କିଛି ମାତ୍ରାରେ ରୋକାଯାଇପାରିଛି। ଥାନାର ଭିତ୍ତିଭୂମି ସୁଦୃଢ଼ ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଯୁଗଳ



@ ଲିପି



@ ଚିରଞ୍ଜୀବୀ



@ ପ୍ରିୟଙ୍କରୀ



@ ସ୍ନେହା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିପିଏଲ୍‌କୁ ସମ୍ମାନଜନକ ଏଫ୍‌ଏଆଇ ଆୱାର୍ଡ



ପିପିଏଲ୍ କମ୍ପାନୀ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ପୁରସ୍କାର ଗ୍ରହଣ କରୁଛନ୍ତି।

ପାରାଦୀପ,୧୨।୧୨(ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟସ ଲିମିଟେଡ୍ (ପିପିଏଲ)କୁ ସୋମବାର ଏଫ୍‌ଏଆଇ (ଫର୍ଟିଲାଇଜର ଆସୋସିଏଶନ ଅଫ ଇଣ୍ଡିଆ)ତରଫରୁ ଆୱାର୍ଡ ମିଳିଛି। ଫସଫେରିକ୍ ଏସିଡ୍ ପରିଚାଳନାରେ ଗୁଣାତ୍ମକ ମାନ ଯୋଗୁ ଏହା ମିଳିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସାର ଓ ରସାୟନ ମନ୍ତ୍ରୀ ମନଶୁଖଲାଲ ମାଣ୍ଡଭିୟେଙ୍କ ଠାରୁ କମ୍ପାନୀ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ଏହା ଗ୍ରହଣ କରିଥିଲେ।

# କିରାଣିଙ୍କୁ ତୁରନ୍ତ ଦଣ୍ଡ, ଏବିଇଓଙ୍କୁ ୨ ସପ୍ତାହ ସମୟ

## ଶିକ୍ଷା ବିଭାଗର ବିଚିତ୍ର ନୀତି

ଯାଜପୁର ଅଫିସ,୧୨।୧୨

ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ବଡଚଣା ବ୍ଲକ ସହକାରୀ ଶିକ୍ଷାଧିକାରୀ(ଏବିଇଓ) ଅମୀୟ କୁମାର ଦାଶ ଏବଂ କନିଷ୍ଠ କିରାଣି ସୁଧାଂଶୁ ଶେଖର ନାୟକ। ଗିରଫ ହୋଇ ସେମାନେ ଜେଲରେ ୭ଦିନ ରହିଲେ। ଜିଲା ଶିକ୍ଷାଧିକାରୀ ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କଲେ। କିନ୍ତୁ ଉଚ୍ଚ କର୍ତ୍ତୃପକ୍ଷ ଏବିଇଓ ଦାଶଙ୍କୁ ନିଲମ୍ବିତ କଲେ ନାହିଁ। କିନ୍ତୁ କନିଷ୍ଠ କିରାଣି ନାୟକ ନିଲମ୍ବିତ ହେଲେ। ଏହି ଘଟଣାକୁ ଦୁଇ ସପ୍ତାହ ବିତିଯାଇଥିବାବେଳେ ସୋମବାର ଏବିଇଓ ଦାଶଙ୍କୁ ନିଲମ୍ବନ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଥିବା ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏହାକୁ ନେଇ ଜିଲାସାରା ବଡବଡିଆଙ୍କୁ ସୁଯୋଗ, ତଳିଆଙ୍କୁ ତୁରନ୍ତ ଦଣ୍ଡ ବୋଲି ଚର୍ଚ୍ଚା ହେଉଛି। ଚାକିରି ସର୍ତ୍ତାବଳୀ ଅନୁଯାୟୀ, କୌଣସି ସରକାରୀ କର୍ମଚାରୀ ଜେଲ ହାଜତରେ ୪୮ ଘଣ୍ଟା ରହିଲେ ତାଙ୍କୁ ନିଲମ୍ବିତ କରାଯାଇଥାଏ। ହେଲେ ଏବିଇଓ ଦାଶଙ୍କ କ୍ଷେତ୍ରରେ ସବୁ ନୀତି ନିୟମକୁ ଦଳିମକଚି ଦିଆଯାଇଛି।

ବଡ଼ଚଣା ବ୍ଲକ ଜୟଦୁର୍ଗା ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବ୍ରତ ପୁହାଣଙ୍କ ବକେୟା ରହିଥିବା ବିଲ୍ ମଞ୍ଜୁର କରିବା ପାଇଁ ଏବିଇଓ ଦାଶ ୩୦ ହଜାର ଟଙ୍କା ଦାବି କରିଥିଲେ। ଫଳରେ ପୁହାଣ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଗତ ନଭେମ୍ବର ୨୯ରେ ପୁହାଣ କନିଷ୍ଠ କିରାଣି ସୁଧାଂଶୁ ଶେଖର ନାୟକଙ୍କ ଜରିଆରେ ଏବିଇଓ ଦାଶଙ୍କୁ ୩୦ ହଜାର ଟଙ୍କା ଦେଉଥିବାବେଳେ ଯୋଜନା ଅନୁଯାୟୀ କଟକ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଚଢାଉ କରିଥିଲେ। କିରାଣି ନାୟକଙ୍କ ନିକଟରୁ ୩୦ ହଜାର ଟଙ୍କା ଜବତ ପରେ ଭିଜିଲାନ୍ସ ପକ୍ଷରୁ ଏବିଇଓଙ୍କ ନିଜ ବାସଭବନ କଡେଇ ଶାସନ ଓ ଭୁବନେଶ୍ୱର ସ୍ଥିତ ବିଜେବିନଗରରେ ଥିବା ଘର ଉପରେ ଚଢାଉ କରାଯାଇଥିଲା। ସେହିପରି କନିଷ୍ଠ କିରାଣିଙ୍କ ସୁଖଦେଇପୁର ବାସଭବନ ଉପରେ ଚଢାଉ କରାଯାଇଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା (କେସ୍ ନଂ-୫୦/୨୦୨୨) ରୁଜୁ କରାଯିବା ସହ ଉଭୟଙ୍କୁ କଟକ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଏଥିନେଇ ଜିଲା ଶିକ୍ଷାଧିକାରୀ ଓ ବଡଚଣା ବ୍ଲକ ଶିକ୍ଷାଧିକାରୀଙ୍କୁ ପତ୍ର (ପତ୍ର ସଂଖ୍ୟା-୮୦୮୧/ ୧।୧୨।୨୦୨୨) ଦ୍ୱାରା ଅବଗତ କରାଯାଇଥିଲା। ଉକ୍ତ ପତ୍ରକୁ ଆଧାର କରି ଜିଲା ଶିକ୍ଷାଧିକାରୀ ଗତ ୨ ତାରିଖରେ ପତ୍ର ସଂଖ୍ୟା ୧୨୦୯୩/୨୨ରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ। ହେଲେ ଶିକ୍ଷା ବିଭାଗ ପକ୍ଷରୁ କନିଷ୍ଠ କିରାଣି ନାୟକଙ୍କୁ ନିଲମ୍ବନ କରାଯାଇଥିବାବେଳେ ଏବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଳମ୍ବ କରାଯାଇଛି। ଏ ସମ୍ପର୍କରେ ଯାଜପୁର ଜିଲା ସହକାରୀ ଶିକ୍ଷାଧିକାରୀ ଶଶଧର ସିଂଙ୍କୁ ପଚାରିବାରେ ସେ କହିଛନ୍ତି, ସୋମବାର ଏବିଇଓ ଦାଶଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ହୋଇଛି।

# ୨୦.୬୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ୩ ଅଭିଯୁକ୍ତ କୋର୍ଟ ଚାଲାଣ

ନାଉଗାଁ,୧୨।୧୨(ସ୍ୱ.ପ୍ର.)

ନାଉଗାଁ ଥାନା ଅନ୍ତର୍ଗତ ଶିଖରଘାଟ ନିକଟରେ ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ପୋଲିସ ରବିବାର ରାତିରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶିଖରସ୍ଥିତ ରାଜେଶ କୁମାର ପରିଡା(୩୧) ଓରଫ ନବ, କାମଦେବ ନାୟକ(୪୩) ଓରଫ କୌନି ଏବଂ ବିଲିପଡାର ରିନା ନାୟକ(୪୦)। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୨୦.୬୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏକ ଲାଲ୍ ରଙ୍ଗର ବାଇକ୍‌ରେ ଅଭିଯୁକ୍ତ ରାଜେଶ ଓ କାମଦେବ ବ୍ରାଉନ୍‌ସୁଗାର ନେଇ ଯାଉଥିବାବେଳେ କୌଣସିସୂତ୍ରରୁ ଖବରପାଇ ପୋଲିସ ଶିଖରଘାଟ ନିକଟରେ ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଖସିପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ସେମାନଙ୍କ ନିକଟରୁ ଉକ୍ତ ବ୍ରାଉନସୁଗାର ମିଳିଥିଲା। ପଚରାଉଚୁରା ପରେ ସେମାନଙ୍କୁ ବ୍ରାଉନ୍‌ସୁଗାର ଯୋଗାଉଥିବା ମହିଳା ରିନାଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୮୦/୨୨) ରୁଜୁ କରାଯାଇଛି ବୋଲି ଆଇଆଇସି ଅନିରୁଦ୍ଧ ନାୟକ ସୂଚନା ଦେଇଛନ୍ତି।

# ଟ୍ରଷ୍ଟ ବୋର୍ଡକୁ ହସ୍ତାନ୍ତର ପାଇଁ ଦେବୋତ୍ତର କମିଶନ ନିର୍ଦ୍ଦେଶ

## କଲ୍ୟାଣ ମଣ୍ଡପ ହସ୍ତାନ୍ତର ଘଟଣା

କେନ୍ଦ୍ରାପଡା ଅଫିସ, ୧୨।୧୨

ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ଦେବୋତ୍ତର ଟ୍ରଷ୍ଟ ବୋର୍ଡକୁ ସାନ୍ତସାହିସ୍ଥିତ ନିର୍ମିତ କଲ୍ୟାଣ ମଣ୍ଡପକୁ ହସ୍ତାନ୍ତର କରିବାକୁ ଡେପୁଟି କମିଶନର ପି. କେ. ବେହେରା ଗତ ୯ ତାରିଖରେ ପୂର୍ତ୍ତ ବିଭାଗ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି କଲ୍ୟାଣ ମଣ୍ଡପକୁ କେନ୍ଦ୍ରାପଡ଼ା ପୌର ପରିଷଦକୁ ପରିଚାଳନା ଦାୟିତ୍ୱ ହସ୍ତାନ୍ତର ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲା। କମିଶନର ବେହେରାଙ୍କ ଚିଠି (ନଂ.୧୦୨୫୬) ଅନୁଯାୟୀ ମଣ୍ଡପ ନିର୍ମାଣ ପାଇଁ ଶ୍ରୀଜୀଉଙ୍କ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ନିର୍ମିତ ମଣ୍ଡପ ସ୍ଥାନ ଶ୍ରୀଜୀଉଙ୍କ ଟ୍ରଷ୍ଟ ବୋର୍ଡ ଅଧୀନରେ ଅଛି। ଏହି ମଣ୍ଡପର ପରିଚାଳନା ଲାଗି ପୌର ପରିଷଦକୁ ଦାୟିତ୍ୱ ହସ୍ତାନ୍ତର ନେଇ ଅଞ୍ଚଳର ଶ୍ରଦ୍ଧାଳୁ, ସେବାୟତ ଆଶଙ୍କା କରି କମିଶନ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ମଣ୍ଡପକୁ ଟ୍ରଷ୍ଟ ବୋର୍ଡକୁ ହସ୍ତାନ୍ତର ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।

# ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଅତିଥି ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

## ଭାଗନେଲେ ୫୧୦ ପ୍ରତିଯୋଗୀ

ରସୁଲପୁର,୧୨।୧୨(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ସରକାରୀ ଖଣ୍ଡିତର ରୂପାନ୍ତରିକରଣ ହାଇସ୍କୁଲ ପରିସରରେ ସୋମବାର ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ୬ ଜୋନରୁ ୫୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡ଼ି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ଅବନିକାନ୍ତ ସାହୁ, ସମ୍ମାନିତ ଅତିଥି ୩୫ନଂ. ଜୋନ ଜିଲାପରିଷଦ ସଦସ୍ୟା ଶଶିରେଖା ପୃଷ୍ଟି, ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଳିକ, ସହକାରୀ ବ୍ଲକ ଶିକ୍ଷାଧିକାରୀ ଭିକାରି ଚରଣ କବି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟରଞ୍ଜନ ସାହାଣୀ, କୃଷ୍ଣକାନ୍ତ ପଣ୍ଡା, କ୍ରୀଡ଼ା ଶିକ୍ଷକ ଅନାଦି ଚରଣ ସାହୁ, ସୁବାସ ବାରିକ, ଅଟଳ ବିହାରୀ ବେହେରା, ପ୍ରଜ୍ଞାପରମିତା ପୃଷ୍ଟି, ପ୍ରଭାକର ପ୍ରଧାନ, ଲିଲିମା ତ୍ରିପାଠୀ, ସୁକନ୍ୟା ବେହେରା, ପ୍ରୟଙ୍କାପ୍ରିୟଦର୍ଶିନୀ ବାହାଲିଆ, ଶ୍ରୀନୀବାସ ଦାଶ, ଭାଗ୍ୟଲକ୍ଷ୍ମୀ ପଣ୍ଡା, ମହମ୍ମଦ ନସିମ ଖାନ୍, ସନ୍ତୋଷ ପଲେଇ ଓ ସୁରେଶ ପରିଡ଼ାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଅଫିସିଆଲ ଭାବେ ଅଂଶଗ୍ରହଣ କରିଥିଲେ।

ପ୍ରତିଯୋଗୀଙ୍କୁ ୧୪ ଓ ୧୭ବର୍ଷରୁ କମ୍ ବର୍ଗରେ ବିଭକ୍ତ କରାଯାଇଥିଲା। ଉଭୟ ବର୍ଗ ଖେଳାଳିଙ୍କ ମଧ୍ୟରେ କବାଡି, ଖୋ-ଖୋ, ଫୁଟବଲ, ବ୍ୟାଡମିଣ୍ଟନ, ଦୌଡ, ଲମ୍ଫ, ଉଚ୍ଚ ଡିଆଁ ଖେଳ ଅନୁଷ୍ଠିତ ହୋଇଥିଲା। ଉନ୍ନତ ଖେଳ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ପରବର୍ତ୍ତୀ ରାଉଣ୍ଡକୁ ଚୟନ କରାଯାଇଛି। ଉଭୟ ବର୍ଗରୁ କୃତୀ କ୍ରୀଡାବିତ୍ ଚୟନ କରାଯାଇ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ମନୋନୀତ କରାଯିବ ବୋଲି ଅଫିସିଆଲଙ୍କଠାରୁ ସୂଚନା ମିଳିଛି। ଉଦ୍‌ଯାପନୀ ଦିବସରେ ପ୍ରତ୍ୟେକ ବିଭାଗର ଚାମ୍ପିୟନଙ୍କୁ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷକ ରାଉତ ପ୍ରକାଶ କରିଛନ୍ତି।

# ଚିକିତ୍ସାଧୀନ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଧର୍ମଶାଳା,୧୧।୧୨(ଡି.ଏନ.ଏ.):

ଧର୍ମଶାଳା ଡାକ୍ତରଖାନରେ ଚିକିତ୍ସାଧୀନ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ରବିବାର ରାତିରେ ସେ ୧୬ ନମ୍ବର ଜାତୀୟ ରାଜପଥର ଦୁର୍ଗାପୁର ନିକଟରେ ଗୁରୁତର ହୋଇ ରାସ୍ତା କଡ଼ରେ ପଡ଼ି ରହିଥିଲେ। ସେହି ରାସ୍ତାରେ ଯାଉଥିବା ଜଣେ ଅଟୋଚାଳକ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ସେ ଏକ କଳାରଙ୍ଗର ବରମୁଣ୍ଡା ଓ ଧଳାରଙ୍ଗର ଗଞ୍ଜି ପିନ୍ଧିଥିଲେ। ତେବେ ସେ କିଏ ଓ କିଭଳି ଅବସ୍ଥାରେ ଏଠାକୁ ଆସିଲେ ଏବଂ କିପରି ଆହତ ହେଲେ ତା'କୁ ନେଇ ସାଧାରଣରେ ଅନେକ ଆଲୋଚନା ହେଉଛି। ଧର୍ମଶାଳା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ. ନଂ.୪୫/୨୨ ରୁଜୁ ହୋଇଛି।

# ପଞ୍ଚାୟତ ଅଫିସରେ କୋଠା ନିର୍ମାଣକୁ ବିରୋଧ

ରସୁଲପୁର,୧୨।୧୨(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତରେ ଏକ ନୂତନ କୋଠା ନିର୍ମାଣକୁ ବିରୋଧ କରାଯାଇଛି। କୋଠା ନିର୍ମାଣରେ ବ୍ୟବହାର ହେଉଥିବା ଜମି ଓ ପଞ୍ଚାୟତ ପକ୍ଷରୁ ସ୍ଥିରୀକୃତ ସ୍ଥାନ ଆଦିକୁ ନେଇ ଆପତ୍ତି ଉଠିଛି। ଏହଛଡା ଉକ୍ତ ଜମିକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଉନ୍ନତୀକରଣ କରାଯାଇଥିଲା। ଏ ବାବଦକୁ ଅର୍ଥ ଜବକାର୍ଡଧାରୀ ପାଇନାହାନ୍ତି। ତେଣୁ ନୂତନ ଗୃହ ନିର୍ମାଣ ହେଲେ ପଞ୍ଚାୟତରେ ସଭାସମିତି ଆୟୋଜନରେ ଅସୁବିଧା ହେବ ବୋଲି ଦର୍ଶାଇ ଅଭିଯୋଗକାରୀ ନଭେମ୍ବର ୪ରେ ରସୁଲପୁର ବିଡିଓ ଅବନିକାନ୍ତ ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ଦାୟିତ୍ୱ ବିଡିଓ ସାହୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳଙ୍କୁ ପ୍ରଦାନ କରିଥିଲେ। ଧଳ ଘଟଣାର ତଦନ୍ତ କରି ନିର୍ମାଣ ସ୍ଥଳ ଏକ ସରକାରୀ ଜମି ଓ ନର୍ମାଣ ଯୋଗ୍ୟ ବୋଲି ଫାଇଲରେ ସଂଯୋଗ କରାଯାଇଥିବା କାଗଜାତ୍‌ରୁ ଅବଗତ ହୋଇଥିଲେ। ନିର୍ମାଣକୁ ନେଇ ପଞ୍ଚାୟତ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ ଜାଣିବା ପରେ ନିର୍ମାଣ କାର୍ଯ୍ୟକୁ ଆଗକୁ ବଢାଇବାକୁ ନିର୍ଦ୍ଦେଶ ଦେଇଥିଲେ।



ପଞ୍ଚାୟତ ଅଫିସ ପରିସରରେ ଘର ନିର୍ମାଣ ଚାଲିଛି।

## ଉପଜିଲାପାଳଙ୍କ କୋର୍ଟରେ ମାମଲା, ରାୟକୁ ଅପେକ୍ଷା

ତେବେ ନିର୍ମାଣ କାର୍ଯ୍ୟ ବନ୍ଦ ହେବା ବଦଳରେ ପୁନଃ ଆରମ୍ଭ ହେବା ଜାଣି ଅଭିଯୋଗକାରୀ ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲା ଦାୟର କରିଥିଲେ। କୋର୍ଟରୁ ୧୪୪ଧାରା ଜାରି କରାଯାଇ କାର୍ଯ୍ୟବନ୍ଦ କରାଯାଇଥିଲା। ଉଭୟ ପକ୍ଷଙ୍କୁ ଚଳିତ ମାସ ୯ତାରିଖରେ କୋର୍ଟରେ ହାଜର ହେବାକୁ କୁହାଯାଇଥିଲା। ଏହାରି ଭିତରେ ଉଭୟ ପକ୍ଷ କୋର୍ଟରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ। ମାତ୍ର ନିର୍ମାଣ ସ୍ଥାନକୁ ନେଇ ବ୍ଲକ ଓ ତହସିଲ ପକ୍ଷରୁ କୌଣସି ଆପତ୍ତି ନ ଥିବା ଜଣାଯାଇଥିଲା। ନିର୍ମାଣ ହେଉଥିବା ସ୍ଥାନ ପଞ୍ଚାୟତିରାଜ ବିଭାଗ ଅଧୀନରେ ରହିଛି ଓ ଏନେଇ ପଞ୍ଚାୟତକୁ ଏକ ପଟ୍ଟା ମିଳିଥିବା ଜଣାଯାଇଛି। ତେବେ ଏଠାରେ ନିର୍ମାଣ କାର୍ଯ୍ୟକୁ ନେଇ କୌଣସି ଦ୍ୱନ୍ଦ୍ୱ ନ ଥିବା କଥା ସରପଞ୍ଚ ପ୍ରଜ୍ଞାପରମିତା ମଳିକ ପ୍ରକାଶ କରିଥିବା ବେଳେ ନୂତନ ଘରଟି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନରେ ବୋଲି ସେ ତଥ୍ୟ ପ୍ରଦାନ କରିଛନ୍ତି। ଏ ନେଇ ଉପଜିଲାପାଳଙ୍କ କୋର୍ଟର ରାୟକୁ ଅପେକ୍ଷା ରହିଛି। କୋର୍ଟରେ ଶୁଣାଣି ସରିଛି। ଖୁବ୍‌ଶୀଘ୍ର ରାୟ ପ୍ରକାଶ ପାଇବ ବୋଲି କୁହାଯାଉଛି।

# ଆଗକୁ ମାଘମେଳା, ପଡ଼ିଆରେ ଜବତ ଗୋରୁଗାଡ଼ି

ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.)

କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ପାରମ୍ପରିକ ମାଘମେଳା ବା ଭୌମୀ ଏକାଦଶୀ ମେଳା ଆସନ୍ତା ଫେବୃୟାରୀ ୧ରେ ହେବ। ମାତ୍ର ମାଘମେଳା ପଡ଼ିଆରେ ଦୀର୍ଘ ୩୦ ମାସରୁ ଊର୍ଦ୍ଧ୍ୱ ହେବ ପୋଲିସ ପ୍ରଶାସନ ପକ୍ଷରୁ ଜବତ ହୋଇଥିବା ୭ଟି ଗୋରୁଗାଡ଼ି (କଣ୍ଟେନର) ରଖାଯାଇଛି। ଫଳରେ ମେଳାପଡ଼ିଆ ସଂକୁଚିତ ହୋଇଯାଇଛି। ଖଣ୍ଡପଡ଼ା ଥାନା ଅଧୀନ ଶିଖରପୁର ଅଞ୍ଚଳରୁ ଜବତ ୭ଟି ଗୋରୁଗାଡ଼ିକୁ କଣ୍ଟିଲୋ ଫାଣ୍ଡି ସମ୍ମୁଖ ମାଘମେଳା ପଡ଼ିଆରେ ରଖାଯାଇଛି। ଫଳରେ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ କଣ୍ଟିଲୋ ନୀଳମାଧବ ପୀଠକୁ ବିଭିନ୍ନ ଯାନବାହନରେ ଆସୁଥିବା ପର୍ଯ୍ୟଟକମାନେ ସମ୍ପୃକ୍ତ ଗାଡ଼ିଗୁଡ଼ିକ ପାର୍କିଂ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜବତ ଗାଡିଗୁଡିକ ସ୍ଥାନାନ୍ତର କରିବାକୁ ଦାବି ହେଉଛି।

ସୂଚନାଯୋଗ୍ୟ, ୨୦୨୦ ଜୁଲାଇ ୨୫ ତାରିଖରେ ୭ଟି ଟ୍ରକ୍ କଣ୍ଟେନରରେ ୮୮ ଗୋରୁ ଚୋରାରେ ଚାଲାଣ ହେଉଥିଲା। ସମ୍ପୃକ୍ତ ଗାଡିଗୁଡିକୁ ଖଣ୍ଡପଡ଼ା


ମାଘମେଳା ପଡିଆରେ କଣ୍ଟିଲୋ ଫାଣ୍ଡି ପକ୍ଷରୁ ରଖାଯାଇଥିବା ଜବତ ୭ ଗୋରୁ ଗାଡି।

## ପାର୍କିଂ ସମସ୍ୟା ସୃଷ୍ଟି , ସ୍ଥାନାନ୍ତର ପାଇଁ ଦାବି

ପୋଲିସ ଜବତ କରି କଣ୍ଟିଲୋ ଫାଣ୍ଡି ସମ୍ମୁଖ ନୀଳମାଧବ ଜୀଉଙ୍କ ମାଘମେଳା ପଡିଆରେ ରଖାଯାଇଛି। ଦୀର୍ଘବର୍ଷ ହେଲା ଏହି ଜବତ ଗାଡ଼ି ଯୋଗୁ ମାଘମେଳା ପଡ଼ିଆ ସଙ୍କୁଚିତ ହେବା ଫଳରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ଗାଡି ପାର୍କିଂରେ ସମସ୍ୟା ଉପୁଜୁଛି। ଅନ୍ୟପକ୍ଷରେ ପ୍ରତିବର୍ଷ ପରି ଆଗାମୀ ଫେବୃୟାରୀରେ ଶ୍ରୀନୀଳମାଧବ ଜୀଉଙ୍କ ପ୍ରସିଦ୍ଧ ଭୌମୀ ଏକାଦଶୀ ମେଳା ବା ମାଘମେଳା ଅନୁଷ୍ଠିତ ହେବ। ମେଳା ପଡିଆରେ ଉକ୍ତ ଗାଡିଗୁଡିକ ରହିଥିବାରୁ ମେଳାକୁ ଆସୁଥିବା ଶତାଧିକ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପାଇଁ ଜାଗାର ଅଭାବ ଦେଖାଦେବ। ଏଥିସହ ମେଳା ପରିଚାଳନାରେ ବାଧା ଉପୁଜିବ। ଦେବୋତ୍ତର ବିଭାଗ ଠାକୁରଙ୍କ ଉନ୍ନତି ତଥା ବିକାଶ ପାଇଁ ପ୍ରତିବର୍ଷ ପାର୍କିଂ ପାଇଁ ନିଲାମ ଦେଇ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ କରୁଥିବା ବେଳେ ମାଘମେଳାକୁ ଆସୁଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନକୁ ଆବଶ୍ୟକ ଜାଗା ମଡାଣ ଦେଇ ନୀଳମାଧବ ଜୀଉଙ୍କ ତହବିଲକୁ ଲକ୍ଷାଧିକ ଟଙ୍କା ରାଜସ୍ୱ ଆସିଥାଏ। ଏହିସବୁ ଗାଡ଼ିଗୁଡିକ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଏ ଦିଗରେ ଉଦାସୀନ ରହୁଛନ୍ତି। ତେବେ ଅଞ୍ଚଳର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ଗାଡିଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନୀଳମାଧବ ପୂଜକ ସମାଜ ପକ୍ଷରୁ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ବେଳେ ଦେବୋତ୍ତର ବିଭାଗ ପକ୍ଷରୁ ମଧ୍ୟ ନୀଳମାଧବ ଜୀଉଙ୍କ ଆୟରେ ପ୍ରଭାବ ପଡୁଥିବାରୁ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପୁଣି ଏଥିପାଇଁ ପୋଲିସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଦେବୋତ୍ତର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନା ଆଇଆଇସି ରମେଶ କୁମାର ଦେବତାଙ୍କ ସହ ଯୋଗାଯୋଗ କରିବାରେ ଜବତ ଗାଡ଼ି ସମ୍ପର୍କିତ ମାମଲା କୋର୍ଟରେ ରହିଛି। ଏ ପରିସ୍ଥିତିରେ ଗାଡ଼ିଗୁଡିକ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ସମସ୍ୟା ହୋଇପାରେ ବୋଲି ଦେବତା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ରାସ୍ତା ଅନ୍ଧାର, ଜନ ଅସନ୍ତୋଷ

**ଦଶପଲ୍ଲା,୧୨।୧୨(ଡି.ଏନ.ଏ.) :** ଦଶପଲ୍ଲା ସହରର ରାଜ ସୁନ୍ଦରୀ ବିଦ୍ୟାଳୟଠାରୁ ଅରାସାହି ରାସ୍ତା ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନାହିଁ ଫଳରେ ଉକ୍ତ ରାସ୍ତା ଅନ୍ଧାର ମଧରେ ରହୁଛି। ଯାହା ଦ୍ୱାରା ଜନ ସାଧାରଣ ଯାତାୟାତରେ ହଇରାଣର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୭ ଦିନ ହେଲା ଏହା ଅନ୍ଧାର ମଧରେ ରହିଥିଲେ ମଧ ଏଥିପ୍ରତି କାହାର ନଜର ନ ପଡିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ଆଲୋକ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

### ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର

**ଭାପୁର,୧୨।୧୨(ଡି.ଏନ.ଏ.) :** ଫତେଗଡ ଥାନା ଅନ୍ତର୍ଗତ କଳାପଥରଠାରୁ ଫତେଗଡ ୪୮ ନଂ. ରାଜ୍ୟ ରାଜପଥ ନିକଟସ୍ଥ କାଳିଗିରି ବ୍ରିଜଠାରେ ସୋମବାର ରାତି ୯ଟାରେ ଦୁର୍ଘଟଣାରେ ଜଣେ ଯୁବକ ଆହତ ହୋଇଥିବା ପୋଲିସ ଖବର ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଭାପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଭାପୁର ମେଡିକାଲକୁ ଆଣିଥିଲେ। ଯୁବକ ଜଣକ ଭାପୁର ବ୍ଲକ ଅନ୍ତର୍ଗତ ଶାଳପଡା ପଞ୍ଚାୟତ ବାରବାଟୀ ଗାଁର ବିଦ୍ୟାଧର ମାଲଙ୍କ ପୁଅ ଲିକୁନା ମାଲ। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟ ଜଣେ ଯୁବକ ଦୁର୍ଘଟଣାରେ ବ୍ରିଜ ତଳେ ପଡିଥିବା ଏସ୍‌ଆଇ ଏମ୍.ଡି. ଜ୍ରାଫୁଲା ସୂଚନା କହିଥିଲେ। କାଳିଗିରି ବ୍ରିଜ ମନ୍ଥର ଗତିରେ କାମ ଚାଲୁଥିବାରୁ ସେଠାରେ ଛୋଟମୋଟ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

### ଜାନୁୟାରୀ ୨୭ରେ କୁସୁମୀ ଶିଶୁ ଯୁବ ମହୋତ୍ସବ

**ନୟାଗଡ ଅଫିସ:୧୨।୧୨:** ଶରଣକୁଳରେ କୁସୁମୀ ଶିଶୁ ଯୁବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପାଳନ ପାଇଁ ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜାନୁୟାରୀ ୨୭ରୁ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହା ୫ ଦିନ ହୋଇ ଜାନୁୟାରୀ ୩୧ରେ ଶେଷ ହେବ। ଅପରପକ୍ଷେ ଏହା ଡିସେମ୍ବର ୨୦ରେ ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ ଦିନ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଛାତ୍ରୀଛାତ୍ରଙ୍କ ପରୀକ୍ଷାକୁ ଆଖି ଆଗରେ ରଖି ଏହାକୁ ବାତିଲ କରି ନୂଆ ନିଷ୍ପତ୍ତି ନିଆଯାଇଥିବା ବିକ୍ରମ ଦାଶ କହିଛନ୍ତି।

### ମହିଳାଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୧୨।୧୨:** ଜଣେ ମହିଳାଙ୍କୁ ପ୍ରତାରିତ କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେ ହେଲେ ହିଞ୍ଜିଳିକାଟୁ ଥାନା ପୋଚିଲିମାର ରଞ୍ଜନ ଦାସ। ସୋମବାର ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ପୀଡ଼ିତାଙ୍କ ଜେଏମ୍‌ଏଫସି କୋର୍ଟରେ ବୟାନ ରେକର୍ଡ କରାଯାଇଛି।

# ଓକିଲଙ୍କ ଆନ୍ଦୋଳନ ଯୋଗୁ କୋର୍ଟ କାର୍ଯ୍ୟ ଅଚଳ



ଆଇନଜୀବୀମାନେ ଗାନ୍ଧୀ ପ୍ରତିମୂର୍ତ୍ତିଠାରେ ସତ୍ୟାଗ୍ରହରେ ବସିଛନ୍ତି।

ନୟାଗଡ଼ ଅଫିସ,୧୨।୧୨

ଓକିଲଙ୍କ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟ ପ୍ରତ୍ୟାହାର ଓ ଭାରତୀୟ ଏବଂ ରାଜ୍ୟ ଆଇନଜୀବୀ ପରିଷଦ ଓକିଲ ମାରଣ ନୀତି ପାଇଁ ସେମାନଙ୍କ ମୌଳିକ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ଉଦ୍ୟମକୁ ବିରୋଧ କରି ନୟାଗଡ଼ର ଆଇନଜୀବୀମାନେ ସୋମବାର ଜିଲା କୋର୍ଟ କମ୍ପ୍ଲେକ୍ସ ଗାନ୍ଧୀ ପ୍ରତିମୂର୍ତ୍ତିଠାରେ ଦିନିକିଆ ସତ୍ୟାଗ୍ରହ ଆନ୍ଦୋଳନ କରିଥିଲେ। ଫଳରେ କୋର୍ଟ କାର୍ଯ୍ୟରେ ଅଚଳାବସ୍ଥା ଦେଖାଦେଇଥିଲା। ଓକିଲମାନେ ଆନ୍ଦୋଳନ କରିପାରିବେନି ବୋଲି ସର୍ବୋଚ୍ଚ ଅଦାଲତଙ୍କ ଟିପ୍ପଣୀକୁ ରାଜ୍ୟବ୍ୟାପୀ ଓକିଲମାନେ ବିରୋଧ କରୁଛନ୍ତି। ଭୁବନେଶ୍ୱର ବାର ଆସୋସିଏଶନଠାରେ ସମଗ୍ର ରାଜ୍ୟର ବିଭିନ୍ନ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ନେଇ ଆୟୋଜିତ ବୈଠକରେ ରାଜ୍ୟବ୍ୟାପୀ ସତ୍ୟାଗ୍ରହ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଆନ୍ଦୋଳନରେ ଜିଲା ଓକିଲ ସଂଘର ପୂର୍ବତନ ସଭାପତି ଅମିୟ ପଟ୍ଟନାୟକ, ରଣଜିତ ଦାଶ, ପୂର୍ବତନ ସମ୍ପାଦକ କାଳୁଚରଣ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ବଂଶୀଧର ରାଉତରାୟ, କାର୍ତ୍ତିକ ନାୟକ, ଅରୁଣ ମହାପାତ୍ର, ପ୍ରଶାନ୍ତ ଜେନା, ଚିତ୍ତରଞ୍ଜନ ପ୍ରଧାନ, ପ୍ରଶାନ୍ତ ମିଶ୍ର, ଜିତେନ୍ଦ୍ର ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ପ୍ରମୋଦ ଦାସ, ସଂସାରୀ ସାହୁ, ସନ୍ତୋଷ କୁମାର ରାଉତରାୟ, ଶିବ ଶଙ୍କର ବିଶ୍ୱାଳ, ସଞ୍ଜୟ ନାୟକ, କିଶୋର ଚନ୍ଦ୍ର ମହାପାତ୍ର, ଗୌରାଙ୍ଗ ନାୟକ ଏବଂ ପ୍ରବାସିନୀ ନନ୍ଦ ପ୍ରମୁଖ ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇଥିଲେ। ସମ୍ପ୍ରତି ଆଇନଜୀବୀଙ୍କ ଉପରେ ଚାଲିଥିବା ଦମନମୂଳକ ନୀତିକୁ ବିରୋଧ କରିବା ସହ ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ତୁରନ୍ତ କରାଇବା ପାଇଁ ଦାବି ରଖିଥିଲେ।

# ପରକୀୟାରୁ ଯୁବକଙ୍କୁ ହତ୍ୟା

ଗଣିଆ,୧୨।୧୨ (ଡି.ଏନ୍.ଏ.)

ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳରେ ପରକୀୟା ପ୍ରୀତିକୁ ନେଇ ଶନିବାର ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଏ ନେଇ ପୋଲିସ ନଂ. ୧୦୨/୨୨ରେ ମାମଲା ରୁଜୁ କରି ଘଟଣାର ତନାଘନା ଜାରି ରଖିଛି। ମୃତକ ହେଲେ ବିରଞ୍ଚି ନାୟକ। ମିଳିଥିବା ସୂଚନା ଅନୁଯାୟୀ, ଏକ ଗାଁର ଜଣେ ଯୁବକ ବାହାରେ ରହି ଦିନ ମଜୁରିଆ ଭାବେ କାମ କରନ୍ତି। ତାଙ୍କ ସ୍ତ୍ରୀ ଓ ୨ ପୁଅ ଗାଁରେ ରହୁଥିଲେ। ନଭେମ୍ବର ୩୦ରେ ବାହାରେ କାମ କରୁଥିବା ଦିନ ମଜୁରିଆ ଯୁବକଙ୍କ ସ୍ତ୍ରୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ମା' ନିଖୋଜ ହେବା ଘଟଣା ସମ୍ପର୍କରେ ୨ ପୁଅ ଫୋନ ଯୋଗେ ବାପାଙ୍କୁ ଜଣାଇଥିଲେ। ଏହା ଶୁଣିବା ପରେ ସେ ଗାଁକୁ ଆସି ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ। ପରେ ସେ ଗ୍ରାମବାସୀଙ୍କଠାରୁ ଜାଣିବାକୁ ପାଇଲେ ଯେ, ସ୍ତ୍ରୀ ନିଜ ସମ୍ପର୍କୀୟ ଦାଦା ଶ୍ୱଶୁର ବିରଞ୍ଚିଙ୍କ ସହ କେଉଁଆଡ଼େ ଚାଲି ଯାଇଛନ୍ତି। ଏହା ପରେ ସେ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ବିରଞ୍ଚି ଗତ ଶନିବାର ସନ୍ଧ୍ୟାରେ ଗ୍ରାମକୁ ଆସିବା ପରେ ଦିନ ମଜୁରିଆ ଯୁବକ ଓ ତାଙ୍କ ୨ ପୁଅ ମିଶି ତାଙ୍କୁ ରାସ୍ତାରୁ ହଟାଇ ଦେବାକୁ ଯୋଜନାବଦ୍ଧ ଆକ୍ରମଣ କରିଥିଲେ। ବିରଞ୍ଚିଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ଦଶପଲ୍ଲା ଓ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପରେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ବିରଞ୍ଚିଙ୍କ ସ୍ତ୍ରୀ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ତଦନ୍ତ ଜାରି ରଖିବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଜାରି ରଖିଥିବା ଏସ୍‌ଆଇ ପ୍ରମୋଦ କୁମାର ନନ୍ଦଙ୍କଠାରୁ ସୂଚନା ମିଳିଛି।

# ବାଉଁଶଗଡ଼ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ତାଲା

ନୟାଗଡ଼ ଅଫିସ,୧୨।୧୨

ନୟାଗଡ଼ ଜିଲା ରଣପୁର ବ୍ଲକ ବାଉଁଶଗଡ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ତାଲା ଝୁଲୁଛି। ଏଠାରେ ନିୟୋଜିତ ମହିଳା ସ୍ୱାସ୍ଥ୍ୟକର୍ମୀ ଆସୁ ନ ଥିବାରୁ ପଞ୍ଚାୟତବାସୀ ହଇରାଣ ହେଉଛନ୍ତି। ବିଭିନ୍ନ ସମୟରେ ରୋଗୀମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଆସି ଫେରୁଥିବା ଅଭିଯୋଗ ହେଉଛି।

ଅପେକ୍ଷା କରି ଫେରୁଛନ୍ତି ରୋଗୀ



ଶନିବାର ଡେଙ୍ଗାଝରୀର ଜଣେ ଆଦିବାସୀ ଲୋକ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଅପେକ୍ଷା କରି ଫେରିଥିଲେ। ସୋମବାର ପୁଣି ଅପେକ୍ଷା କରି ଫେରିଲେ। ସମ୍ପୃକ୍ତ ବ୍ୟକ୍ତି ପିତାଙ୍କ ମୃତ୍ୟୁକାଳୀନ ପ୍ରମାଣ ପତ୍ର କରାଇବା ଉଦ୍ଦେଶ୍ୟରେ ଯାଇଥିଲେ। ଅନ୍ୟପକ୍ଷେ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ନିଜ ଘରେ ରଣପୁରରେ ଅଫିସ କରୁଥିବା ଅଭିଯୋଗ ହେଉଛି।

# ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମରେ ଭାଗନେଲେ ୫୯୪ ପିଲା

ଭାପୁର, ୧୨।୧୨ (ଡି.ଏନ୍.ଏ)

ଭାପୁର ମହୋତ୍ସବ କମିଟି ପକ୍ଷରୁ ସୋମବାର ଏକ ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ବିଦ୍ୟାଳୟସ୍ତରରୁ ଆରମ୍ଭ କରି ମହାବିଦ୍ୟାଳୟ ସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିଲା। ୧ମ ରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୭୬ ଛାତ୍ରୀଛାତ୍ର, ୮ମ ରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବନ୍ଧ ପ୍ରତିଯୋଗିତାରେ ୧୬୭ ଜଣ, ସାରେଗାମା ପ୍ରତିଯୋଗିତାରେ ୧୩୪ ଜଣ ଛାତ୍ରୀଛାତ୍ର ଏବଂ ବକ୍ତୃତା ପ୍ରତିଯୋଗିତାରେ ୧୭ ଜଣ ଏପରି ମୋଟ ୫୯୪ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କାମରାଜ ବରାଡ, ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ଦାସ, କିଶୋର ଚନ୍ଦ୍ର ସାହୁ, ଜୁଲି ବେହେରା, ବନପ୍ରିୟା ମହାରଣାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସେହିପରି ବିଚାରକ ଭାବେ ଭାପୁର ବିଡି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ, ଭଗବାନ ଶୁକ୍ଳା, ସନ୍ତୋଷ ସାମନ୍ତରାୟ, ପ୍ରାଣକୃଷ୍ଣ ମହାରଣା, ଜଗଦୀଶ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ରହି ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ବିଦ୍ୟାଳୟରେ ପହଞ୍ଚି ପରୀକ୍ଷା କେନ୍ଦ୍ର ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମହୋତ୍ସବ କମିଟି ପକ୍ଷରୁ ସମ୍ପାଦକ ଭରତ କୁମାର ବେହେରା, ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର କୁମାର ଧଳ, ଅପର୍ତ୍ତି ପ୍ରଧାନ, ଶ୍ରୀକାନ୍ତ ରାଉତ, ପ୍ରଭାତ ପଟ୍ଟନାୟକ, ଗୀତିକାନ୍ତ ପଣ୍ଡା, ରମେଶ କୁମାର ବରାଡ, ସଂଗ୍ରାମ କେଶରୀ ପଟ୍ଟନାୟକ, ପ୍ରଭାତ କୁମାର ବରାଡ, ଜନ୍ମେଜୟ ଦଳେଇ, ରାଜନାରାୟଣ ପଲେଇ, ସମିତିସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ସରପଞ୍ଚ ଅଜୟ କୁମାର ମଲ୍ଲିକ, ମାଧବ ବେହେରା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଯୁଗଳ


@ ଲିପି


@ ଚିରଞ୍ଜୀବୀ


@ ପ୍ରିୟଙ୍କରୀ


@ ସ୍ନେହା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାପାଳଙ୍କ ଜନଶୁଣାଣି ଶିବିର: ୧୧୦ ଅଭିଯୋଗ


ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।

ଭାପୁର,୧୨।୧୨ (ଡି.ଏନ.ଏ.)

ନୟାଗଡ ଜିଲାର ଭାପୁର ବ୍ଲକ ସଭାଗୃହରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଲୋକମାନଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ପଞ୍ଜୀକୃତ ୧୧୦ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଭାବେ ୮୫ଟି ଥିଲା। ସାମୂହିକ ଗ୍ରାମ ବିବାଦ ୫ଟିର ଶୁଣାଣି କରାଯାଇ ସମୁଦାୟ ୫୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡିକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜନ ଶୁଣାଣି ଶିବିରରେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଅତିରିକ୍ତ ଆରକ୍ଷୀ ଉମାକାନ୍ତ ମଲ୍ଲିକ ,ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଭାପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ଭାପୁର ତହସିଲଦାର ତୃପ୍ତି ମହାନ୍ତି, ଜିଲାସ୍ତରୀୟ ପଦାଧିକାରୀ, ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାଗୁଡିକର ଶୁଣାଣି କରିବାରେ ଜିଲାପାଳ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
Tuesday, December 13/2022

## ୫୦୦ ନୂଆ ବିମାନ କିଣିପାରେ ଟାଟା

ନୂଆଦିଲ୍ଲୀ: ଟାଟା ଗ୍ରୁପ୍ ଅଧୀନରେ ପରିଚାଳିତ ହେଉଥିବା ବିମାନ କମ୍ପାନୀ ଏୟାର ଇଣ୍ଡିଆ ଆଉ ୫୦୦ଟି ନୂଆ ବିମାନ କିଣିବା ଲାଗି ଯୋଜନା କରୁଥିବା ଜଣାପଡ଼ିଛି। ଏପରିକି ବିଶ୍ୱର ୨ ପ୍ରମୁଖ ବିମାନ ନିର୍ମାଣକାରୀ ସଂସ୍ଥା ଏୟାରବସ୍ ଓ ବୋଇଂରୁ ଟାଟା ଉକ୍ତ ସଂଖ୍ୟାର ବିମାନଗୁଡ଼ିକୁ କିଣିପାରେ ବୋଲି କୁହାଯାଉଛି। ବିଶେଷକରି ଟାଟା ୪୦୦ ନୂଆ ଅଣଓସାରିଆ ବଡି ଥିବା ବିମାନ ଏବଂ ୧୦୦ କିମ୍ବା ତା'ଠାରୁ ଅଧିକ ଏୟାରବସ୍ ଏ ୩୫୦, ବୋଇଂ ୭୮୭ ଓ ୭୭୭ ଭଳି ଚଉଡ଼ା ବଡି ଥିବା ବିମାନ କିଣିବା ଲାଗି କଥାବାର୍ତ୍ତା ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି।



# ଖସିଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୨।୧୨



## ୧୧ମାସ ପରେ ୬% ତଳେ ଖୁଚୁରା ମୁଦ୍ରାସ୍ଫୀତି

ଦୀର୍ଘ ୧୧ ମାସ ପରେ ଖୁଚୁରା ମୁଦ୍ରାସ୍ଫୀତିର ହାର ପ୍ରାୟ ୬% ନିକଟବର୍ତ୍ତୀରେ ରହିଛି। ଏପରିକି ଚଳିତ ବର୍ଷ ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତିର ହାର ୫.୮୮% ରେ ରହିଛି। ଫଳରେ ଦରଦାମ ହ୍ରାସ ବା ନିୟନ୍ତ୍ରଣରେ ରହିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିଭଳି ୨୦୨୧ ଡିସେମ୍ବରରେ ସ୍ଥିତି ୫.୫୯% ରହିଥିଲା। ଗତ ଡିସେମ୍ବରଠାରୁ ଲଗାତର ଭାବେ ଖୁଚୁରା ମୁଦ୍ରାସ୍ଫୀତିର ହାର ୬%ରୁ ଅଧିକ ରହିଆସିଛି। ଅପରପକ୍ଷରେ ଚଳିତ ବର୍ଷ ସେପ୍ଟେମ୍ବରରେ ଏହାର ପରିମାଣ ୭.୪୧% କୁ ଛୁଇଁଥିଲା। ତେବେ ୨୦୨୧ ନଭେମ୍ବରରେ ମୁଦ୍ରାସ୍ଫୀତି ହାର ୪.୯୧% ହୋଇଥିଲା। ଅପରପକ୍ଷରେ ଲଗାତର ୨ୟ ମାସ ହେଲା ସିପିଆଇ (ଉପଭୋକ୍ତା ମୂଲ୍ୟ ସୂଚକାଙ୍କ) ମଧ ହ୍ରାସ ପାଉଛି। ବିଶେଷ କରି ଅମଳ ସମୟ ହୋଇଥିବାରୁ ପନିପରିବା ମୂଲ୍ୟ ହ୍ରାସ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ମୁଦ୍ରାସ୍ଫୀତି ହ୍ରାସ ହୋଇଛି ବୋଲି ଆଶଙ୍କା କରାଯାଉଛି। ନଭେମ୍ବରରେ ଖାଦ୍ୟସାମଗ୍ରୀର ମହଙ୍ଗା ସ୍ଥିତି ଅକ୍ଟୋବର ୭.୧% ଠାରୁ ହ୍ରାସ ହୋଇ ୪.୬୭% ହୋଇଯାଇଥିବା ବେଳେ ପନିପରିବାର ମହଙ୍ଗା ସ୍ଥିତି ଅକ୍ଟୋବରର ୭.୬୭ରୁ ହ୍ରାସ ହୋଇ -୮.୦୮% ହୋଇଯାଇଛି। ଅପରପକ୍ଷରେ ଦର ବୃଦ୍ଧିକୁ ରୋକିବାକୁ ହେଲେ ବଜାରରେ ଅତ୍ୟଧିକ ଖର୍ଚ୍ଚକୁ କମାଇବାକୁ ପଡ଼ିଥାଏ। ଏଥିପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ମଧ ରେପୋ ରେଟ୍ ବଢ଼ାଇ ଥାଏ। ନିକଟରେ ମହଙ୍ଗା ସ୍ଥିତିକୁ ଦେଖି ଚିନ୍ତା ପ୍ରକଟ କରି ଆରବିଆଇ ରେପୋ ରେଟରେ ବୃଦ୍ଧି କରିଥିଲା। ଏଥିରେ ରେପୋରେଟ୍ ୪.୪୦%ରୁ ବଢ଼ି ୪.୯୦% ହୋଇଥିଲା। ଫଳରେ ବ୍ୟାଙ୍କଗୁଡ଼ିକ ହୋମ୍‌ଲୋନଠାରୁ ଆରମ୍ଭ କରି ଅଟୋ ଓ ବ୍ୟକ୍ତିଗତ ଋଣକୁ ମହଙ୍ଗା କରିଦେଲେ। ସୁଧ ବଢ଼ିବା କାରଣରୁ ଉପଭୋକ୍ତାମାନେ ବ୍ୟାଙ୍କରୁ କମ ଋଣ ନିଅନ୍ତି । ଟଙ୍କା କମ ହେବାରୁ ଚାହିଦା କମ୍ ଓ ରପ୍ତାନି ବଢ଼ିଯାଏ। ତେଣୁ ଗଚ୍ଛିତ ବସ୍ତୁର ବ୍ୟବହାର ପାଇଁ ଏହାର ମୂଲ୍ୟ କମାଇ ଦିଆଯାଇଥାଏ, ଫଳରେ ଉପଭୋକ୍ତା ସହଜରେ କିଣିପାରିଥାଏ।

## ଶେୟାର ବଜାରରେ ଭିନ୍ନ ଫଳାଫଳ

ନୂଆଦିଲ୍ଲୀ,୧୨।୧୨

ଗତ କିଛି ଦିନ ହେବ ଷ୍ଟକ୍ ବଜାରର କାରବାର ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହେଉଛି। ଏପରିକି ସୋମବାର ଶେୟାର ବଜାରର ଫଳାଫଳ ଭିନ୍ନ ରହିଛି। ଚଳିତ ସପ୍ତାହର ୧ମ କାର୍ଯ୍ୟଦିବସର ଫଳାଫଳ ଅନୁସାରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୧(୫୧.୧୦) ପଏଣ୍ଟ ହ୍ରାସ ପାଇ ୬୨,୧୩୧ (୬୨,୧୩୦.୫୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ୧(୦.୫୫) ପଏଣ୍ଟ ବୃଦ୍ଧି ଘଟି ୧୮,୪୯୭ (୧୮,୪୯୭.୧୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ନଭେମ୍ବରର ଖୁଚୁରା ମୁଦ୍ରାସ୍ଫୀତି ହାର ସାଙ୍ଗକୁ ଚଳିତ ମାସରେ ଫେଡରାଲ୍ ବ୍ୟାଙ୍କର ମୁଦ୍ରାନୀତି ଫଳାଫଳ (ଘୋଷଣା) ହୋଇପାରେ ସେହିଭଳି ଅନ୍ତଃରାଷ୍ଟ୍ରୀୟ ସମସ୍ୟା କାରଣରୁ ଭାରତୀୟ ଶେୟାର ବଜାରର ଫଳାଫଳ ଅସ୍ଥିର ରହିଥିବା ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ୱାନ୍‌ପ୍ଲସ୍ ସହ ଜିଓର ସହଭାଗିତା




ନୂଆଦିଲ୍ଲୀ,୧୨।୧୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଏବଂ ସ୍ମାର୍ଟ ଫୋନ୍ ବ୍ରାଣ୍ଡ ୱାନ୍‌ପ୍ଲସ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୫ଜି ଷ୍ଟାଣ୍ଡ-ଏଲୋନ୍ ପ୍ରଯୁକ୍ତି ପାଇଁ ରିଲାଏନ୍ସ ଜିଓ ଓ ୱାନ୍‌ପ୍ଲସ୍ ପରସ୍ପର ସହ ହାତ ମିଳାଇଛନ୍ତି। ଏପରିକି ନିକଟରେ ଉନ୍ମୋଚିତ ହୋଇଥିବା ୱାନ୍‌ପ୍ଲସ୍‌ର ୱାନ୍‌ପ୍ଲସ୍ ୧୦ ସିରିଜ୍ ସ୍ମାର୍ଟଫୋନ୍ ସମେତ ୱାନପ୍ଲସ୍ ୯ଆର୍, ୱାନ୍‌ପ୍ଲସ୍ ୮, ନର୍ଡ, ନର୍ଡ ୨ଟି, ନର୍ଡ୨, ନର୍ଡ ସିଇ, ନର୍ଡ ସିଇ୨ ଏବଂ ନର୍ଡ ସିଇ୨ ଲାଇଟ ବ୍ୟବହାରକାରୀମାନେ ଜିଓର ୫ଜି ଷ୍ଟାଣ୍ଡ-ଏଲୋନ୍ ପ୍ରଯୁକ୍ତିକୁ ବ୍ୟବହାର କରିପାରିବେ ବୋଲି ଜଣାପଡିଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ସୁନୀଲ ଦତ୍ତ କହିଛନ୍ତି, ଭାରତରେ ୫ଜି ଡିଭାଇସ୍‌ର ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ଲାଗି ୱାନ୍‌ପ୍ଲସ୍ ଆମ ସହ ମିଶି କାର୍ଯ୍ୟ କରିଛି। ୫ଜି ସ୍ମାର୍ଟଫୋନ୍‌ର ବାସ୍ତବିକ ଶକ୍ତି କେବଳ ଜିଓର ଟ୍ରୁ-୫ଜି ନେଟ୍‌ୱର୍କ ଦ୍ୱାରା ହାସଲ କରାଯାଇପାରିବ। ଜିଓ ଏହାର ୫ଜି ନେଟ୍‌ୱର୍କକୁ ଷ୍ଟାଣ୍ଡ-ଏଲୋନ୍ ୫ଜି ନେଟ୍‌ୱର୍କ ଭାବେ ପ୍ରସ୍ତୁତ କରିଛି। ୱାନପ୍ଲସ୍‌ର ଡିଭାଇସ୍ ବ୍ୟବହାର କରୁଥିବା ସମସ୍ତ ଗ୍ରାହକ ଜିଓ ୱେଲକମ୍ ଅଫର ଅଧୀନରେ ଅସୀମିତ ୫ଜି ଇଣ୍ଟରନେଟ୍‌କୁ ବ୍ୟବହାର କରିପାରିବେ। ସେହିଭଳି ୱାନ୍‌ପ୍ଲସ୍ ଇଣ୍ଡିଆର ସିଇଓ ନବନୀତ ନାକ୍‌ରା କହିଛନ୍ତି, ଭାରତରେ ୱାନ୍‌ପ୍ଲସ୍ ବ୍ୟବହାରକାରୀମାନଙ୍କ ଲାଗି ୫ଜି ପ୍ରଯୁକ୍ତି ଆଣିବା ପାଇଁ ଜିଓ ଟିମ୍ ସହିତ ସହଭାଗିତା ସ୍ଥାପନ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ।

## ୨୪% ବୃଦ୍ଧି ପାଇଛି ପ୍ରତ୍ୟକ୍ଷ କର ସଂଗ୍ରହ

ନୂଆଦିଲ୍ଲୀ,୧୨।୧୨

### ୨.୧୫ ଲକ୍ଷ କୋଟିର ରିଫଣ୍ଡ ଜାରି

ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ଶେଷ ସୁଦ୍ଧା ପ୍ରତ୍ୟକ୍ଷ କର ସଂଗ୍ରହ ୨୪% ବୃଦ୍ଧି ଘଟି ୮.୭୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ବାର୍ଷିକ ବଜେଟ ଅନୁମାନଠାରୁ ପ୍ରାୟ ୬୨% (୬୧.୭୯%) ଅଧିକ ବୋଲି ଜଣାପଡିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ୩୦ ମଧ୍ୟରେ ଟ୍ୟାକ୍ସ କଲେକ୍ସନ ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୨୪% ( ୨୪.୨୬%) ରୁ ଅଧିକ ରହିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ସରକାର ୧୪.୨୦ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ନେଇ ଅନୁମାନ କରିଥିଲେ। ଏହି ଲକ୍ଷ୍ୟ ପୂର୍ବ ବର୍ଷର ୧୪.୧୦ ଲକ୍ଷ କୋଟି ଟଙ୍କାଠାରୁ ଅଧିକ ରହିଥିଲା। ହେଲେ କର୍ପୋରେଟ୍ ଟ୍ୟାକ୍ସ, ପର୍ସନାଲ ଇନ୍‌କମ ଟ୍ୟାକ୍ସକୁ ମିଶାଇ ଡାଇରେକ୍ଟ ଟ୍ୟାକ୍ସ ସଂଗ୍ରହ ହୋଇଥାଏ। ଏପରିକି ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁସାରେ ୨୦୨୨ ଏପ୍ରିଲ ୧ରୁ ନଭେମ୍ବର ୨୦ ମଧ୍ୟରେ ୨.୧୫ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ମଧ ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୨୨-୨୩ ଆସେସମେଣ୍ଟ ବର୍ଷ ପାଇଁ ନଭେମ୍ବର ୨୦ସୁଦ୍ଧା ୬.୭୯ କୋଟି କରଦାତା ଆୟକର ରିଟର୍ନ ଦାଖଲ କରିଛନ୍ତି। ସେହିଭଳି ମନ୍ତ୍ରଣାଳୟର କହିବା ଅନୁସାରେ ୨୦୨୨-୨୩ ରେ ଗୋଟିଏ ଦିନରେ ୨.୪୨ କୋଟି ଆଇଟିଆର ଦାଖଲ କରିଛନ୍ତି,ଯାହା ଏକ ରେକର୍ଡ ବୋଲି କୁହାଯାଉଛି।

## ସଚେତନତା ସୃଷ୍ଟି ଲକ୍ଷ୍ୟରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୧୨।୧୨



ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ସମାନତା' ବିଷୟବସ୍ତୁ ଆଧାରରେ ଏକ ସପ୍ତାହବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏପରିକି ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ସହ ମିଳିତ ଭାବେ କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ(ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ବିଗତ କିଛି ବର୍ଷ ହେବ ଏଡ୍‌ସର ସଂଖ୍ୟା ହ୍ରାସ ହୋଇଛି। ହେଲେ ଏବେ ବି ଲୋକଙ୍କ ଅସାବଧାନତା ଯୋଗୁ ଅନେକ ଘଟଣା ଘଟୁଛି। ଏହି ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ସରକାରୀ ସଂସ୍ଥା ତଥା ସଂଗଠନ ସହ ସହଭାଗୀ ହୋଇ ଆମେ ଉନ୍ନତ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଅଭ୍ୟାସ ଉପରେ ଗୋଷ୍ଠୀ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଚେଷ୍ଟା କରୁଛୁ। ବର୍ତ୍ତମାନ ଏଚ୍‌ଆଇଭି-ଏଡ୍‌ସ ଆମ ପାଇଁ ଆହ୍ୱାନ ଓ ଏହା ବିଶ୍ୱ ସ୍ତରରେ ଏକ ଚିନ୍ତାଜନକ ବିଷୟ ପାଲଟିଛି। ଆମକୁ ଏ ବିଷୟରେ ସଚେତନ ହେବାକୁ ପଡ଼ିବ। ଆମ ଗୋଷ୍ଠୀର ସାମଗ୍ରିକ ସୁସ୍ଥତା ପାଇଁ ଆମେ ପ୍ରତିବଦ୍ଧ ଅଟୁ। ସେହିଭଳି ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଉର୍ମିଳା ମିଶ୍ର କହିଥିଲେ,ଏଚ୍‌ଆଇଭି ସମ୍ପର୍କରେ ଜନ ସଚେତନତା ବୃଦ୍ଧି ପାଇଁ ସମାଜର ବିଭିନ୍ନ ମହଲରେ ପହଞ୍ଚୁଛୁ। କାରଣ ବେଦାନ୍ତର ଏହି ଅଭିଯାନ ବାସ୍ତବିକ୍ ବେଶ୍ ପ୍ରଶଂସନୀୟ ।

## ବଢ଼ିପାରେ ଆୟକର ଛାଡ଼ ସୀମା

ନୂଆଦିଲ୍ଲୀ,୧୨।୧୨

ଆଗାମୀ ବଜେଟ୍ (୨୦୨୩-୨୪) ଅଧିବେଶନରେ କେନ୍ଦ୍ର ସରକାର ଆୟକର ଛାଡ଼ ସୀମା ବଢାଇବା ବିଷୟରେ ଯୋଜନା କରୁଥିବା ଜାତୀୟସ୍ତରର ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏପରିକି ବର୍ତ୍ତମାନର ପରିସ୍ଥିତି ସାଙ୍ଗକୁ ଆଗାମୀ ଦିନର ଘଟଣାକୁ ଆଖି ଆଗରେ ରଖି ସରକାର ଏଭଳି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ବିଶେଷଜ୍ଞମାନେ ଅକାଳନ କରିଛନ୍ତି। ସେହିପରି ଆୟକର ଛାଡ଼ ସୀମା ବଢ଼ାଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ଦେଶରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ସହ ଜୀବନ ଧାରଣର ମାନ ମଧ ମହଙ୍ଗା ହୋଇଛି। ବିଶେଷ କରି ମଧ୍ୟବିତ୍ତ ବର୍ଗର ଲୋକଙ୍କ ଉପରେ ଆୟକର ବୋଝ ଅପରିବର୍ତ୍ତିତ ରହିଛି। ସରକାର ଆୟକର ଛାଡ଼ସୀମା ବଢାଇଲେ ଲୋକଙ୍କ ହାତରେ ଖର୍ଚ୍ଚ କରିବାକୁ କିଛି ଅଧିକ ଅର୍ଥ ରହିବ ବୋଲି ଆକଳନ କରାଯାଇଛି। ଯାହାକି ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧିରେ ବେଶ ସହାୟକ ହେବ। ଅପରପକ୍ଷରେ ୨୦୨୩ ରେ ଘୋଷଣା ହେବାକୁ ଥିବା ବଜେଟ୍ ୨୦୨୪ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ ହେବ ବୋଲି କୁହାଯାଉଛି। ବର୍ତ୍ତମାନ ଦେଶରେ ଆୟକର ଛାଡ଼ସୀମା ଅଢେଇ ଲକ୍ଷ ଟଙ୍କା ରହିଛି। ଅଢେଇ ଲକ୍ଷରୁ ୫ ଲକ୍ଷ ମଧ୍ୟରେ ଆୟ ପାଇଁ (ପ୍ରଥମ ଅଢେଇ ଲକ୍ଷ ବାଦ) ୫% ଆୟକର ଆଦାୟ ହେଉଛି।

# ଫୁର୍‌ସତ୍




## ଭଲ ପ୍ରୋଜେକ୍ଟକୁ ନଷ୍ଟ କରୁଛି ଟଙ୍କା ଲୋଭ

ମୁମ୍ବାଇ

ଗୋଟିଏ ଭଲ ପ୍ରୋଜେକ୍ଟକୁ ନଷ୍ଟ କରିବାରେ ଟଙ୍କା ପ୍ରମୁଖ ଭାବେ ଦାୟୀ ବୋଲି ବଲିଉଡ୍‌ର ସେଲ୍‌ଫମେଡ୍ ଷ୍ଟାର୍ ନୱାଜୁଦ୍ଦିନ ସିଦ୍ଦିକି କହିଛନ୍ତି। ନିକଟରେ ଗଣମାଧ୍ୟମକୁ ସେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଫିଲ୍ମରେ କାମ କରିବା ଲାଗି ଯେଉଁ ଅଭିନେତା ବା ଅଭିନେତ୍ରୀ ୧୦୦ କୋଟିରୁ ଅଧିକ ଟଙ୍କା ଦାବି କରୁଛନ୍ତି ସେମାନଙ୍କ ପାଇଁ ଫିଲ୍ମଟି ନଷ୍ଟ ହୋଇଯାଉଛି। ଇ-ଟାଇମ୍ସର ଏକ ଇଣ୍ଟରଭ୍ୟୁରେ ଜଣେ ଖବରଦାତା ନୱାଜୁଦ୍ଦିନଙ୍କୁ ପ୍ରଶ୍ନ କରିଥିଲେ ଯେ, ଆପଣ ସିନେମା ଓ ହାଇ ବଜେଟ୍ ଫିଲ୍ମ ଭିତରୁ କାହାକୁ ବାଛିବେ ? ଏହାର ଉତ୍ତରରେ ସେ କହିଥିଲେ ଯେ ଟଙ୍କାରୁ ବହୁ ଊର୍ଦ୍ଧ୍ୱରେ ଗୋଟିଏ ଭଲ ସ୍କ୍ରିପ୍ଟ ଏବଂ ଆଇଡିଆ। କୌଣସି ଅଭିନେତାକୁ ଭଲ ପ୍ରୋଜେକ୍ଟରେ କାମ କରିବାକୁ ମଉକା ମିଳୁଛି ତେବେ ପ୍ରୋଜେକ୍ଟକୁ ହାତଛଡ଼ା କରିବା କଥା ନୁହେଁ। ଜଣେ କଳାକାରର କାମ ଅଭିନୟ କରିବା। ଫିଲ୍ମର ଟିକେଟ୍ ବିକ୍ରି ହେଲା କି ନାହିଁ ତାହା ଫିଲ୍ମ ପ୍ରଯୋଜକର କାମ। ତେଣୁ ପ୍ରତ୍ୟେକ ନିଜ ଡ୍ୟୁଟିକୁ ଭଲଭାବେ ବୁଝି କରିବା ଜରୁରୀ।

## ଦିବାସ୍ୱପ୍ନରେ ୨୦ କୋଟି ଲୋକ

ଲଣ୍ଡନ



### ଦୈନିକ ୩୦% ସମୟ ବର୍ବାଦ

ବିଶ୍ୱର ୨୦କୋଟି ଲୋକ ଦିବାସ୍ୱପ୍ନରେ ବୁଡ଼ିରହୁଛନ୍ତି। ଫଳରେ ସେମାନଙ୍କର ଦୈନିକ ୩୦% ସମୟ ନଷ୍ଟ ହେଉଛି। ବ୍ରିଟେନର ସସେକ୍ସ ୟୁନିଭର୍ସିଟି ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ରିସର୍ଚ୍ଚରୁ ଏହା ଜଣାପଡ଼ିଛି। ଏହି ପ୍ରବୃତ୍ତିର ବ୍ୟକ୍ତିମାନେ ଭାବନାରେ ବୁଡ଼ି ରହିବା ଦ୍ୱାରା ସେମାନେ ବାସ୍ତବିକତାଠାରୁ ନିଜକୁ ବହୁ ଦୂରରେ ରଖୁଛନ୍ତି। ଦିବାସ୍ୱପ୍ନ ଦେଖିବା ଦ୍ୱାରା ସେମାନଙ୍କ ଚାରିପାଖରେ ଏକ କାଳ୍ପନିକ ଜଗତ ତିଆରି ହୋଇଥାଏ। ଏହାଫଳରେ ସେମାନଙ୍କୁ ଏକ ମିଛ ଖୁସି ମିଳିଥାଏ, ଯାହା ସେମାନଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ।

କାଳ୍ପନିକ ରାଇଜରେ ବୁଡ଼ି ରହିଥିବା ବ୍ୟକ୍ତି କୌଣସି କାମ ଠିକ୍ ଭାବେ ସମ୍ପାଦନ କରିପାରନ୍ତି ନାହିଁ। କାରଣ କାମରେ ସେମାନଙ୍କ ମନ ଲାଗେ ନାହିଁ। ଲୋକଙ୍କଠାରେ ଦେଖିବାକୁ ମିଳୁଥିବା ଏହି ବ୍ୟତିକ୍ରମ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ହେଉଛି। ଛୋଟ ଛୋଟ କଥାରେ ବିବ୍ରତ ହୋଇପଡୁଥିବା ଲୋକଙ୍କ ଚିନ୍ତାଧାରା ଦୁର୍ବଳ ହେବାରେ ଲାଗିଥିବା ୟୁନିଭର୍ସିଟି ଆସୋସିଏଟ୍ ଅଧ୍ୟାପିକା ଜୁଲିଆ ପୋରିଓ କହିଛନ୍ତି। ବିଶ୍ୱରେ ୨.୫% ଲୋକ ଅତ୍ୟଧିକ ମାତ୍ରାରେ ଦିବାସ୍ୱପ୍ନ ଦେଖୁଥିବାବେଳେ ସେମାନଙ୍କର ଏ ପ୍ରକାର ସ୍ଥିତିକୁ ମାଲାଡାପ୍ଟିଭ ଡେଡ୍ରିମିଙ୍ଗ୍ ବୋଲି କୁହାଯାଏ। ଘଣ୍ଟା ଘଣ୍ଟା ଧରି ନିଜ କଳ୍ପନା ଜଗତରେ ବୁଡ଼ି ରହିବା ଫଳରେ ତାଙ୍କ ଜରୁରୀ କାମ ସବୁ ଅଧା ରହିଯାଏ। ଏ ପ୍ରକାର ଚିନ୍ତାଧାରା ସକାଶେ ନିଜ ଦାୟିତ୍ୱ ସେମାନେ ଝୁଲିଯାନ୍ତି। ପରିବାର ଲୋକଙ୍କ ସହ ସେମାନଙ୍କ ସମ୍ପର୍କ ତୁଟିଯାଏ। ଏହି ବ୍ୟକ୍ତିମାନଙ୍କ ନିଦ ମଧ ସମ୍ପୂର୍ଣ୍ଣ ହୋଇ ନ ଥାଏ। ଦିବାସ୍ୱପ୍ନ କାରଣରୁ ମଣିଷ ଶରୀରକୁ ଅନେକ ରୋଗ ଯେମିତି ଡିପ୍ରେଶନ୍, ଡର ଏବଂ ଅବ୍‌ସେସିଭ୍ କମ୍ପଲସିଭ ଡିଜ୍‌ଅର୍ଡର (ଓସିଡି) ଭଳି ରୋଗ ସହଜରେ ଗ୍ରାସ କରିନିଏ। ଏଥିରୁ ବର୍ତ୍ତିବା ଲାଗି ନିଜ ଉପରେ ନିୟନ୍ତ୍ରଣ ଆଣିବା ଜରୁରୀ । କାମର ପ୍ରାଧାନ୍ୟକୁ ବୁଝି ସେ ଗୁଡ଼ିକୁ ସମ୍ପାଦନ କରିବା ଲାଗି ପ୍ରଥମେ ମନକୁ ସ୍ଥିର କରିବା ଆବଶ୍ୟକ।

## ବୋର୍ ହେବାରୁ ଚୋରି କଲେ

ୱାଶିଂଟନ୍



ଅର୍ଥ ଲୋଭରେ ପଡ଼ି ଲୋକ ଚୋରି କରେ ନହେଲେ ଲୋକଙ୍କଠାରୁ ଜୋର ଜବରଦସ୍ତ ଲୁଟ୍ କରେ। ଚୋରିକୁ ନେଇ ଫ୍ଲୋରିଡାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଚୋରି ଅଭିଯୋଗରେ ଫ୍ଲୋରିଡା ପୋଲିସ ୪୫ ବର୍ଷୀୟ ନିକୋଲାସ ଜାପାଟରଲାମାଡ୍ରିଡ୍‌ଙ୍କୁ ଗିରଫ କରିଛି। ନିକୋଲାସ ଘରେ ବସି ବୋର୍ ହେଉଥିବା କାରଣରୁ ଏହି ଚୋରି କରିଥିବା କହିଛନ୍ତି। ଦୁଇଦିନ ବ୍ୟବଧାନରେ ନିକୋଲାସ ଓର୍ଲାଣ୍ଡୋ ଟିଡି ବ୍ୟାଙ୍କ ଏବଂ ସର୍କଲ କେ ଗ୍ୟାସ୍ ଷ୍ଟେଶନରେ ଚୋରି କରିଥିବା ପୋଲିସ କହିଛି। ଡିସେମ୍ବର ୫ ତାରିଖ ସକାଳ ପ୍ରାୟ ସାଢେ ୯ଟା ସମୟରେ ନିକୋଲାସ ଟିଡି ବ୍ୟାଙ୍କରେ ପହଞ୍ଚିଥିଲେ। ସେଠାରେ ଥିବା ଜଣେ କର୍ମଚାରୀଙ୍କୁ ସେ ଏକ ଚିଠା ଦେଇଥିଲେ। ସେଥିରେ ଅତ୍ୟାଚାର ଓ ଟଙ୍କା ମାତ୍ର ଦୁଇଟି ଶବ୍ଦ ଲେଖାଥିଲା। ନକୋଲାସଙ୍କ ପାଖରେ ମାରଣାସ୍ତ୍ର ଥିବା ଭାବି କର୍ମଚାରୀ ସେ ସମୟରେ ବ୍ୟାଙ୍କରେ ଥିବା ଟଙ୍କା ତାଙ୍କୁ ଦେଇଥିଲେ। ଏହାପରେ ଘଟଣାସ୍ଥଳରୁ ନିକୋଲାସ ଚମ୍ପଟ ମାରିଥିଲେ। ଦୁଇଦିନ ପରେ ସର୍କଲ୍ କେ. ଗ୍ୟାସ୍ ଷ୍ଟେଶନରୁ ସମାନ ଭାବେ ଟଙ୍କା ଲୁଟ୍ କରିଥିଲେ। ଚୋରି ଭିଆଇବାର ମାତ୍ର ୨ ମିନିଟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚ ସେଠାରୁ ନିକୋଲାସଙ୍କୁ ଗିରଫ କରିନେଇଥିଲା।

## ବାହାଘର ଫଟୋ ଉଠାଇବାକୁ ବର, କନ୍ୟା ପକ୍ଷ ମାର୍‌ପିଟ୍

ଲକ୍ଷ୍ନୌ

ବାହାଘରରେ ବର, କନ୍ୟାଙ୍କ ସହ ଫଟୋ ଉଠାଇବା ପାଇଁ ଅତିଥି ଓ ପରିବାର ଲୋକଙ୍କ ମଧ୍ୟରେ ଉତ୍ସାହ ରହିଥାଏ। ଏହି ଫଟୋ ଉଠାକୁ ନେଇ ଅନେକ ସମୟରେ ପରିବାର ଲୋକଙ୍କ ମଧ୍ୟରେ ମତାନ୍ତର ଦେଖାଯାଏ କିନ୍ତୁ କୌଣସି ସ୍ଥାନରେ ମାର୍‌ପିଟ୍ ଘଟଣା ଘଟିବା ପଢ଼ିଲାବେଳକୁ ହୁଏତ ଅଜବ ଲାଗିବ। ଉତ୍ତର ପ୍ରଦେଶ ଦେଓରିଆ ଜିଲା ରାମପୁର କାରଖାନା ଅଞ୍ଚଳରେ ଏକ ବାହାଘର ଅନୁଷ୍ଠିତ ହେଉଥିଲା। ବରଣମାଳା ପିନ୍ଧା ସରିବା ପର ବର,କନ୍ୟା ବିବାହ ମଣ୍ଡପରେ ବସି ଫଟୋ ଉଠାଉଥିବାବେଳେ ଉଭୟ ପକ୍ଷଙ୍କ ପରିବାର ଲୋକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କିଏ ପ୍ରଥମେ ନବ ଦମ୍ପତିଙ୍କ ସହ ଫଟୋ ଉଠାଇବ ତାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ମାର୍‌ପିଟ୍ ଆରମ୍ଭ ହୋଇଗଲା। ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ଘଟଣାର ସମାଧାନ କରିଥିଲା। ପୁଅଘର ପଟୁ ଆସିଥିବା କେତେଜଣ ଲୋକ ମଦ ପିଇ ଏପରି କରିଥିବା ଜଣାପଡ଼ିଥିଲା। ବୁଝାଶୁଝା ପରେ ସେମାନଙ୍କ ବାହାଘର ହୋଇଥିଲା।

# ଫ୍ୟାମିଲି ଟାଇମ୍

**କ୍ୟାରିୟରରେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ସମସ୍ତେ ଚାହାନ୍ତି। କିନ୍ତୁ କେତେକେ ଏଥିପାଇଁ ପରିବାରକୁ ଅଣଦେଖା କରିଥାନ୍ତି, ଯାହାର ଭିନ୍ନ ପ୍ରଭାବ ଦେଖିବାକୁ ମିଳେ। ତେଣୁ ବ୍ୟସ୍ତତା ଭିତରେ ବି ପରିବାର ସହ ସମୟ ବିତାନ୍ତୁ, ଯାହାଫଳରେ ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ବି ପାଇପାରିବେ...**



ପରିବାର ସହ କେବେ କେବେ ବୁଲିବାକୁ ଯିବା, ଏକାଠି ଖାଇବା, ଏକାଠି ବସି ହସମଜା କରିବାକୁ ସମସ୍ତଙ୍କୁ ଭଲ ଲାଗେ। ଏମିତି ସମୟ କଟାଇବାରେ ବି ଲୁଚି ରହିଥାଏ ସଫଳତା। କାରଣ ପରିବାର ସହ ଖୁସିରେ ସମୟ କାଟିଲେ ମାନସିକ ଅବସାଦ ଭଳି ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ କାର୍ଯ୍ୟବ୍ୟସ୍ତତା ଭିତରେ ବି କିଛି ସମୟ ବାହାରକରି ପରିବାର ସହ ରହିବା ଜରୁରୀ।

## ଏମାନେ କ'ଣ କରନ୍ତି



**ପ୍ରତି ସପ୍ତାହରେ ବୁଲିବା ପ୍ଲାନ୍ କରୁ:** ପ୍ରତି ସପ୍ତାହରେ ଆମେ ସମସ୍ତେ ଏକାଠି ବାହାରେ ଖାଇବାକୁ ଯାଉ। କୌଣସି ଉତ୍ସବ ଥିଲେ ଥରଟେ ହେଲେ ବି ଆମେ ବୁଲିବା ପାଇଁ ପ୍ଲାନ୍ କରିଥାଉ। ଅଳ୍ପ ସମୟ ପାଇଁ ହେଲେ ବି ଥରେ ବାହାରକୁ ଯାଇ ବୁଲି ଆସିବା ପରେ ପିଲାମାନେ ତ ବହୁତ ଖୁସି ହୋଇଯାନ୍ତି ତା' ସହ ଶାଶୁ ଶ୍ୱଶୁର ବି ଖୁସି ହୋଇଥାନ୍ତି। ଆଉ ଘରେ ସମସ୍ତଙ୍କୁ ଖୁସିରେ ଦେଖିଲେ ମତେ ବି ବହୁତ ଖୁସି ଲାଗେ।

*-ମହାଶ୍ୱେତା ତ୍ରିପାଠୀ, କର୍ମଜୀବୀ, ଭୁବନେଶ୍ୱର*



**ଫ୍ରେଶ୍ ଲାଗେ:** ସବୁ ଶନିବାର ମୁଁ ପୁଅକୁ ନେଇ ଗାଁକୁ ଯାଏ। ସେଠି ଶାଶୁ ଶ୍ୱଶୁର ଆଉ ଅନ୍ୟ ସମସ୍ତଙ୍କ ସହ ଏକାଠି ରହି ପୁଅ ବହୁତ ଖୁସି ହୋଇଯାଏ। ମତେ ବି ଗାଁ ପରିବେଶରେ ରହିବାକୁ ବହୁତ ଭଲ ଲାଗେ। ଦିନଟିଏ ସେଠି ରହି ଆସିବା ପରେ ପୁଣି ସପ୍ତାହ ସାରା କାମ କରିବା ପାଇଁ ଫ୍ରେଶ୍ ଲାଗେ।

*-ଦେବେନ୍ଦ୍ରିତା ଦାଶ, କର୍ମଜୀବୀ, ପାରାଦୀପ*



**ସମ୍ପର୍କ ମଜଭୁତ ହୁଏ:** ଘରେ ପ୍ରାୟ ଭୋଜି କରିବା ବାହାନାରେ ଅନେକ ଥର ସମସ୍ତେ ଏକାଠି ହେଉ। ବେଳେବେଳେ ପାଖରେ ଥିବା ବନ୍ଧୁ ସମ୍ପର୍କୀୟମାନେ ବି ଆସନ୍ତି। ଏମିତି ଭୋଜି ମାଧ୍ୟମରେ ସମସ୍ତେ ଏକାଠି ହେଲେ ଭଲ ଲାଗେ। ତା' ଛଡ଼ା ଦିନସାରା କାମରେ ଏପଟ ସେପଟ ହେବା ପରେ ଆମେ ରାତିରେ ଘରେ ସମସ୍ତେ ଏକାଠି ସାଙ୍ଗ ହୋଇ ଖାଉ। ଯଦି ଘରକୁ ଫେରିବା ପାଇଁ କାହାର ଡେରି ହୁଏ ତା'ହେଲେ ମୁଁ ପିଲାମାନଙ୍କୁ ଠିକ୍ ସମୟରେ ଖାଇବାକୁ ଦେଇ ଶୁଆଇଦିଏ। କିନ୍ତୁ ମୁଁ ଅପେକ୍ଷା କରିଥାଏ, ସେ ଫେରିବା ପରେ ହିଁ ସାଙ୍ଗ ହୋଇ ଖାଉ। ଏକାଠି ଖାଇବା ଦ୍ୱାରା ସ୍ନେହ ପ୍ରେମ ଭାବ ବଢ଼ିଥାଏ ଆଉ ସମ୍ପର୍କ ମଜଭୁତ ହୋଇଥାଏ।

*-ସସ୍ମିତା ମଞ୍ଜରୀ ଦାଶ, କର୍ମଜୀବୀ, ରାହାମା, ଜଗତ୍‌ସିଂହପୁର*











କହିବାକୁ ଗଲେ ସବୁ କ୍ଷେତ୍ରରେ ସଫଳ ହେବା ପାଇଁ ହେଲେ ପରିବାର ସହିତ ଏକାଠି ରହିବାକୁ ଅନେକେ ପରାମର୍ଶ ଦେଉଛନ୍ତି।

**ଚିନ୍ତାରୁ ମୁକ୍ତି:** ଅଫିସ କାମର ଚାପ ହେଉ କିମ୍ବା ଅନ୍ୟ କୌଣସି ଦୁଶ୍ଚିନ୍ତାରୁ ମୁକ୍ତି ପାଇବାକୁ ହେଲେ ପରିବାର ସହ ଖୁସିରେ କିଛି ସମୟ କଟାନ୍ତୁ। ପରିବାରରେ ଆତ୍ମୀୟଙ୍କ ସହ ରହିବା ଫଳରେ ଅନେକ ସମସ୍ୟାର ସମାଧାନ ସହଜରେ ହୋଇଯାଏ ଏବଂ ମନ ଖୁସି ରହେ। ନିଜର ଚିନ୍ତା ବା କୌଣସି ସମସ୍ୟାକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିବା ଫଳରେ ସମାଧାନର ଅନେକ ରାସ୍ତା ବାହାରିଥାଏ। ନିଜର ଲୋକେ ସାହାଯ୍ୟ କରିବା ପାଇଁ ମଧ୍ୟ ଆଗେଇ ଆସନ୍ତି। ଫଳରେ ଚିନ୍ତା ବା ଅବସାଦ କମ୍ ହୋଇଥାଏ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିଥାଏ।

**ପିଲାଙ୍କ ଭବିଷ୍ୟତ:** ପିଲାମାନେ ସମସ୍ତଙ୍କ ସହ ପରିବାରରେ ଏକାଠି ରହିଲେ ବେଶ୍ ଖୁସି ହୁଅନ୍ତି। ତେଣୁ ସେମାନଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଗୁରୁଜନଙ୍କ ସହ ଅଧିକାଂଶ ସମୟ ରହିବା ଫଳରେ ସେମାନଙ୍କ ବ୍ୟବହାର ମଧ୍ୟ ସେହି ଅନୁରୂପ ମାର୍ଜିତ ହୋଇଥାଏ। ତେଣୁ ପିଲାଙ୍କ ଲାଳନପାଳନ ବି ଆପେ ଆପେ ଭଲ ହୋଇଥାଏ।

**ସଫଳତା ମିଳେ:** ମନ ଖୁସି ରହିଲେ କାମ କରିବା ପାଇଁ ଆଗ୍ରହ ବୃଦ୍ଧି ପାଇଥାଏ। ତେଣୁ କମ୍ ସମୟରେ ଭଲ କାମ କରିବାର ଉର୍ଜା ସୃଷ୍ଟି ହୋଇଥାଏ। ପରିବାର ସହ ଏକାଠି ରହିଲେ ଉଭୟ ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ସହ ଶରୀର ମଧ୍ୟ ଭଲ ରହିଥାଏ। ତେଣୁ ଅଫିସ ହେଉ କି ଅନ୍ୟ ଯେକୌଣସି କ୍ଷେତ୍ର ସବୁଠାରେ ପ୍ରତି କାମରେ ସଫଳତା ମିଳିଥାଏ।

# ପିଲାଙ୍କ ପାଇଁ ଟିଫିନ୍

**କିଭଳି ଖାଦ୍ୟ ତିଆରି କଲେ ପିଲାଙ୍କୁ ପସନ୍ଦ ଆସିବ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହିବ, ସେଥିପାଇଁ ସବୁ ଗୃହିଣୀ ଚେଷ୍ଟା କରିଥାନ୍ତି। ତେବେ ପିଲାଙ୍କ ପାଇଁ ଟିଫିନ୍ ତିଆରି କରିବା ସମୟରେ କେତେକ ଦିଗ ପ୍ରତି ଧ୍ୟାନଦିଅନ୍ତୁ। ଫଳରେ ଏହି ସମସ୍ୟା ଅନେକାଂଶରେ ଦୂର ହୋଇପାରିବ...**

- ପିଲାଙ୍କ ପାଇଁ ଯଦି କୌଣସି ପ୍ରକାର ଲୁଣିଖାଦ୍ୟ ତିଆରି କରୁଥାନ୍ତି ତେବେ ସେଥିରେ ଲଙ୍କାଗୁଣ୍ଡ ଓ ଗରମ ମସଲା କମ୍ ବ୍ୟବହାର କରନ୍ତୁ। ନଚେତ୍ ପିଲାଙ୍କ ପେଟ ଖରାପ ହେବା ଆଶଙ୍କା ରହିଥାଏ।
- ବାହାରର ପ୍ରୋସେସ୍ଡ ଫୁଡ୍ କିମ୍ବା ଫ୍ରୋଜନ୍ ଫୁଡ୍ ଦେବା ବଦଳରେ ଘରେ ତିଆରି ହେଉଥିବା ରୁଟି, ଖେଚୁଡ଼ି, ଭାତ, ଡାଲି, ଭଜା, ଓଟ୍‌ସ ଓ ଫଳ ଆଦି ଖାଇବାକୁ ଦିଅନ୍ତୁ।
- ପିଲାମାନେ ଯଦି ଡାଲି କିମ୍ବା କୌଣସି ପରିବା ଖାଇବାକୁ ପସନ୍ଦ କରୁନାହାନ୍ତି ତେବେ ତାକୁ ଟିକେ ଭିନ୍ନ ଢଙ୍ଗରେ ପ୍ରସ୍ତୁତ କରିବା ପାଇଁ ଚେଷ୍ଟା କରନ୍ତୁ।
- ପିଲାଙ୍କୁ ତେଲ ମସଲାଯୁକ୍ତ ଖାଦ୍ୟ କମ୍ ଦିଅନ୍ତୁ।
- କୌଣସି ଖାଦ୍ୟ ଖାଇବା ପାଇଁ ପିଲା ଯଦି ଅମଙ୍ଗ ହେଉଥାଏ ତେବେ ତାଙ୍କୁ ବାଧ୍ୟ କରିବା ବଦଳରେ ବୁଝାଶୁଝା କରି କିମ୍ବା ଅନ୍ୟ ଶୈଳୀରେ ଖାଦ୍ୟ ପ୍ରସ୍ତୁତ କରି ଦିଅନ୍ତୁ।
- ପିଲାଙ୍କୁ ବାହାର ଖାଦ୍ୟ ଓ ଜଙ୍କଫୁଡ୍ ଠାରୁ ଦୂରେଇ ରଖନ୍ତୁ।



# ଶୀତଦିନେ ବଢ଼ାନ୍ତୁ ଇମ୍ୟୁନିଟି

**ସାଧାରଣତଃ ଶୀତଦିନେ ଥଣ୍ଡା, କାଶ ସହ ଭାଇରାଲ୍ ଇନ୍‌ଫେକସନ୍ ଆଦି ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ଏସବୁ ସମସ୍ୟାରୁ ଦୂରେଇ ରହିବା ପାଇଁ ହେଲେ ନିଜର ଇମ୍ୟୁନିଟି ବଢ଼ାଇବାକୁ ହେବ। ତେଣୁ ଏହି ଋତୁରେ ଇମ୍ୟୁନିଟି ବଢ଼ାଇବା ପାଇଁ କ'ଣ ଖାଇବେ ଜାଣିରଖନ୍ତୁ...**



★ଶୀତଦିନେ ପ୍ରତିଦିନ ବାଦାମ ଖାଆନ୍ତୁ। ଏହାକୁ ସୁପରଫୁଡ୍ ବୋଲି କୁହାଯାଏ। ଅବଶ୍ୟ ସବୁ ଋତୁରେ ଏହାକୁ ଖାଇପାରିବେ। ରୋଗ ପ୍ରତିରୋଧକ କ୍ଷମତା ମଜଭୁତ କରିବା ପାଇଁ ବାଦାମକୁ ରାତିରେ ଭିଜାଇ ସକାଳୁ ଖାଇପାରିବେ। ଅନ୍ୟ ଖାଦ୍ୟ ସହ ଏହାକୁ ମିଶାଇ ଖାଇଲେ ବି ଫାଇଦା ମିଳିବ।

★ଶୀତଦିନେ ରସୁଣ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ସକାଳୁ ପ୍ରତିଦିନ ଖାଲି ପେଟରେ ରସୁଣ ଖାଇଲେ ବହୁ ଫାଇଦା ମିଳିଥାଏ। ତରକାରି କିମ୍ବା ମସଲାରେ ମଧ୍ୟ ରସୁଣ ଖାଇବା ଦ୍ୱାରା ଅନେକ ଲାଭ ହୋଇଥାଏ।

★ଥଣ୍ଡାଦିନେ ଇମ୍ୟୁନିଟି ମଜଭୁତ କରିବା ପାଇଁ ଅଦା ଅତ୍ୟନ୍ତ ଉପକାରୀ। ପ୍ରତିଦିନ ଖାଲିପେଟରେ ଅଦାକୁ ଲୁଣ ସହ ଖାଇଲେ ପେଟର ବିଭିନ୍ନ ସମସ୍ୟା ଭଲ ହେବା ସହିତ ଥଣ୍ଡାକାଶ ଆଦି କମ୍ ହୋଇଥାଏ। ଅଦାକୁ ଭାଜି କିମ୍ବା କାଢ଼ା ଅବା ଚା' ସହ ବି ଖାଇପାରିବେ।

★ଇମ୍ୟୁନିଟି ବଢ଼ାଇବା ପାଇଁ ସବୁଠୁ ଭଲ ଉପାୟ ହେଉଛି ତୁଳସୀ ଓ ମହୁ। ତୁଳସୀକୁ କାଢ଼ା କିମ୍ବା ଚା' ସହ ମିଶାଇ ବି ପିଇପାରିବେ। ଏହା ବ୍ୟତୀତ ଶୀତଦିନିଆ ଫଳ ଓ ପନିପରିବା ଯଥେଷ୍ଟ ମାତ୍ରାରେ ଖାଆନ୍ତୁ।

ଖାଦ୍ୟରୁଚି

# ମୁଗ ସୋୟାବିନ୍ ବରା

**ଆବଶ୍ୟକ ସାମଗ୍ରୀ**

ମୁଗଡାଲି–୨୦୦ଗ୍ରାମ୍, ସୋୟାବିନ୍– ୧୦୦ ଗ୍ରାମ୍, ପିଆଜ– ୩ଟି, କଞ୍ଚାଲଙ୍କା– ୩ଟି, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**

ମୁଗଡାଲି ଏବଂ ସୋୟାବିନ୍‌କୁ ରାତିରୁ ଭିଜାଇ ରଖନ୍ତୁ। ସକାଳେ ମୁଗଡାଲି ଏବଂ ସୋୟାବିନ୍‌ରୁ ପାଣି ବାହାର କରିଦେଇ ତାକୁ ଗ୍ରାଇଣ୍ଡରରେ ଦର ଦର ବଟା କରି ବାହାରକରି ଦିଅନ୍ତୁ। ପିଆଜ ଓ କଞ୍ଚାଲଙ୍କାକୁ ଚୂନା ଚୂନା କରି କାଟି ଏଥିରେ ମିଶାନ୍ତୁ। ଏହି ମିଶ୍ରଣରେ ଲୁଣ ପକାଇ ଏସବୁକୁ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମକରି ସେଥିରେ ଏହି ମିଶ୍ରଣକୁ ଛୋଟ ଛୋଟ କରି ଛାଣି ନିଅନ୍ତୁ। ବାଦାମୀ ରଙ୍ଗ ହେବା ପରେ ଛାଣି ବାହାର କରିଦିଅନ୍ତୁ। ଏହାକୁ ଆପଣ ତାୱାରେ ତେଲ ଦେଇ ଭାଜିପାରିବେ। ଟମାଟୋ ସସ୍ ସହିତ ଏହାକୁ ଗରମ ଗରମ ଖାଆନ୍ତୁ।



ସୌନ୍ଦର୍ଯ୍ୟ

# ହେୟାର ମାସ୍କ

**ଶୀତଦିନେ ଅନେକଙ୍କର କେଶରେ ରୂପି ସମସ୍ୟା ଦେଖାଦେଇଥାଏ। ଏହି ସମସ୍ୟା ଦୂରକରି କେଶକୁ ସୁନ୍ଦର କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ...**



**ନଡ଼ିଆତେଲ ଓ ନିମ୍ବ**

ନଡ଼ିଆତେଲ ୪ ବଡ଼ ଚାମଚ ଆଣି ସେଥିରେ ୧ ଚାମଚ ନିମ୍ବପତ୍ରକୁ ଗୁଣ୍ଡକରି ମିଶାନ୍ତୁ। ଏହି ମିଶ୍ରଣକୁ ହାଲ୍‌କା ଗରମକରି କେଶମୂଳରେ ମାଲିସକରି ଅତିକମ୍‌ରେ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଶେଷରେ ଶାମ୍ପୁ କରି ଦିଅନ୍ତୁ। ନଡ଼ିଆତେଲ ଓ ନିମ୍ବଗୁଣ୍ଡର ମାତ୍ରାକୁ ଚାହିଁଲେ ଆପଣ ନିଜ କେଶ ଅନୁସାରେ କମ୍ ବେଶି କରିପାରିବେ।

**ଆଲୋଭେରା ଓ ଭିନେଗାର**

୨ବଡ଼ ଚାମଚ ଆଲୋଭେରା ଜେଲ୍ ସହ ୨ ବଡ଼ ଚାମଚ ଆପଲ ସାଇଡର ଭିନେଗାର ପକାନ୍ତୁ। ମିଶ୍ରଣକୁ ପତଳା କରିବା ପାଇଁ ଏଥିରେ ଅଳ୍ପ ପାଣି ମିଶାଇ ଭଲ ଭାବେ ଗୋଳାନ୍ତୁ ଏବଂ କେଶମୂଳରେ ଲଗାନ୍ତୁ। ମିଶ୍ରଣକୁ ଲଗାଇବା ପରେ ଅତି କମ୍‌ରେ ୨୦ ମିନିଟ୍ ପରେ ଧୋଇଦିଅନ୍ତୁ।

**ମନ୍ଦାରଫୁଲ ଓ ମେଥି**

ପ୍ରଥମେ କିଛି ମନ୍ଦାରଫୁଲ ସହ ପାଣିରେ୨ ବଡ଼ ଚାମଚ ମେଥିକୁ ରାତିରୁ ଭିଜାଇ ଦିଅନ୍ତୁ। ସକାଳୁ ଏହାକୁ ଭଲଭାବେ ବାଟି ସେଥିରେ ୧ ଚାମଚ ଅଲିଭ ଅଏଲ କିମ୍ବା ନଡ଼ିଆତେଲ ମିଶାଇ କେଶମୂଳରେ ଲଗାନ୍ତୁ। ମିଶ୍ରଣକୁ ଲଗାଇବାର ୩୦ ମିନିଟ୍ ପରେ କେଶ ଧୋଇଦିଅନ୍ତୁ। ଏହି ମିଶ୍ରଣକୁ ଯେତେ ଅଧିକ ସମୟ ଲଗାଇ ରଖିବେ କେଶ ପାଇଁ ସେତେ ଭଲ।

**ଟି ଟ୍ରି ଅଏଲ ଓ ଅଲିଭ ଅଏଲ**

ପ୍ରଥମେ ୪ ବଡ଼ ଚାମଚ ଅଲିଭ ଅଏଲ ନେଇ ସେଥିରେ ୫ ବୁନ୍ଦା ଟି ଟ୍ରି ଅଏଲ ମିଶାନ୍ତୁ। କେଶର ଲମ୍ବା ଅନୁସାରେ ଏହି ତେଲ ମିଶ୍ରଣ ଅଧିକ କରିପାରିବେ। ଏବେ ଏହାକୁ କେଶମୂଳରେ ଲଗାଇ ଅତି କମ୍‌ରେ ୩୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ତା'ପରେ କେଶକୁ ଆପଣ ଶାମ୍ପୁ କରିପାରିବେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ମେସିଙ୍କ ସ୍ୱପ୍ନ ଭାଙ୍ଗିବା ଲକ୍ଷ୍ୟରେ କ୍ରୋଏସିଆ

**ଅଲ ଖୋର, ୧୨।୧୨ (ପି.ଟି.)**

କ୍ୱାର୍ଟର ଫାଇନାଲରେ ବ୍ରାଜିଲ ସୁପର ଷ୍ଟାର ନେମାରଙ୍କ ବିଶ୍ୱକପ୍ ସ୍ୱପ୍ନକୁ ଶେଷ କରିବା ପରେ ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି କ୍ରୋଏସିଆ । ଚଳିତ ବିଶ୍ୱକପ୍‌ରେ ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ପ୍ରଥମେ ନେମାର ଓ ପରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଆଖିରୁ ପରାଜୟ ପରେ ଲୁହ ଝରିଛି । ଲିଓନେଲ ମେସିଙ୍କର ଏହା ଶେଷ ବିଶ୍ୱକପ୍ ହୋଇଥିବା ବେଳେ ତାଙ୍କ ସ୍ୱପ୍ନ ଭାଙ୍ଗିବା ଲକ୍ଷ୍ୟରେ ରହିଛି ୨୦୧୮ ସଂସ୍କରଣର ରନର୍ସ ଅପ୍ ଦଳ । ମେସି ଓ ବିଶ୍ୱକପ୍ ମଧ୍ୟରେ ରହିଥିବା ରାସ୍ତାରେ ପ୍ରତିବନ୍ଧକ ସାଜିବାକୁ ଯାଉଛି ଦଳ । ଏହାସହିତ ୨୦୧୮ ପରେ ଦ୍ୱିତୀୟ ଥର ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି କ୍ରୋଏସିଆ । ଆମେ କୌଣସି ଦଳକୁ ଭୟ ନ କରି ଆମ ଖେଳ ଉପରେ ଧ୍ୟାନକେନ୍ଦ୍ରିତ କରିବା ଉଚିତ ବୋଲି କ୍ରୋଏସିଆ ଡିଫେଣ୍ଡର ଜୋସିପ୍ ଜୁରାନୋଭିକ୍ ସୂଚନା ଦେଇଛନ୍ତି । ଏକତ୍ରିତ ହୋଇ ଖେଳିବା ଆମର ଶକ୍ତି । ଦଳ ଭାବରେ ନୁହେଁ ବରଂ ପରିବାର ଭାବେ ଖେଳି ଆମେ ଏହି ସଫଳତା ହାସଲ କରିଛୁ ବୋଲି ସେ କହିଛନ୍ତି । ଚଳିତ ବିଶ୍ୱକପ୍‌ରେ ମେସି ନିଜ ପ୍ରଦର୍ଶନ ଜରିଆରେ ଉଦାହରଣ ସୃଷ୍ଟି କରିଛନ୍ତି । ୫ ମ୍ୟାଚ୍‌ରୁ ୪ ଗୋଲ ସ୍କୋର କରିଥିବା ବେଳେ କ୍ୱାର୍ଟର ଫାଇନାଲରେ ନାହୁଏଲ ମୋଲିନାଙ୍କୁ କରିଥିବା ଆସିଷ୍ଟ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳ ରହିଥିଲା । ୭ଥର ବାଲନ୍ ଡି'ଅର ହାସଲ କରିଥିବା ମେସି ବର୍ତ୍ତମାନ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି । ମେସିଙ୍କ ଫର୍ମ କାରଣରୁ ଆର୍ଜେଣ୍ଟିନା ୧୯୮୬ ପରେ ପ୍ରଥମ ଟାଇଟଲ ହାସଲ କରିବାକୁ ଚାହୁଁଛି । ଶେଷଥର ପାଇଁ ୨୦୧୪ରେ ଦଳ ଫାଇନାଲ ପ୍ରବେଶ କରିଥିଲେ ହେଁ ଜର୍ମାନୀ ନିକଟରୁ ୧-୦ରେ ପରାଜିତ ହୋଇଥିଲା । ଲୁସେଲ ଷ୍ଟାଡିୟମରେ ହେବାକୁଥିବା ମ୍ୟାଚ୍ ପୂର୍ବରୁ କ୍ରୋଏସିଆ ଦଳ ବେଶ୍ ଶାନ୍ତ ଜଣାପଡୁଛି । ମେସିଙ୍କୁ ରୋକିବା ପାଇଁ ଦଳ କୌଣସି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ନ ଥିବା କହିଛନ୍ତି ଷ୍ଟ୍ରାଇକର ବ୍ରୁନୋ ପେଟକୋଭିକ୍ । କୌଣସି ଖେଳାଳିଙ୍କୁ ରୋକିବା ଅପେକ୍ଷା ଦଳକୁ ରୋକିବା ଉପରେ ଆମେ ଧ୍ୟାନ ଦେଉ ବୋଲି ସେ କହିଛନ୍ତି । ଆର୍ଜେଣ୍ଟିନା କେବଳ ମେସି ନୁହନ୍ତି, ତେଣୁ ଜଣେ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରିବା ଅସମ୍ଭବ । ମିଡ୍‌ଫିଲ୍ଡର ଲୁକା ମୋଡ୍ରିକ୍ କ୍ରୋଏସିଆର ଅନ୍ୟତମ ଶ୍ରେଷ୍ଠ ଖେଳାଳି । କ୍ରୋଏସିଆ କୋଚ୍ ଜ୍ଲାଟିକୋ ଡାଲିକ ବ୍ରାଜିଲ ବିପକ୍ଷ ବିଜୟ ପରେ ଦଳର ମିଡ୍‌ଫିଲ୍ଡକୁ ବିଶ୍ୱର ଶ୍ରେଷ୍ଠ ବୋଲି କହିଛନ୍ତି । ମାଟେଓ କୋଭାସିକ୍, ଲୁକା ମୋଡ୍ରିକ୍ ଏବଂ ମାର୍ସେଲୋ ବ୍ରୋଜୋଭିକ୍‌ଙ୍କ ଯୋଡ଼ି ବିଶ୍ୱର ଶ୍ରେଷ୍ଠ । ଏହି ଖେଳାଳିଙ୍କ ପାଖରେ ବଲ୍ ରହିଲେ ତାହା ବ୍ୟାଙ୍କରେ ଥିବା ପଇସାଠାରୁ ମଧ୍ୟ ଅଧିକ ସୁରକ୍ଷିତ ବୋଲି ସେ କହିଛନ୍ତି ।


ଲିଓନେଲ ମେସି


ଲୁକା ମୋଡ୍ରିକ

**ମେସି ବନାମ ମୋଡ୍ରିକ୍:** ଉଭୟ ଦଳର ଦୁଇ ଭେଟେରାନ ଖେଳାଳି ଲିଓନେଲ ମେସି ଓ ଲୁକା ମୋଡ୍ରିକ୍‌ଙ୍କ ପାଇଁ ଏହା ଶେଷ ବିଶ୍ୱକପ୍ । ଉଭୟ ଖେଳାଳି ବିଶ୍ୱକପ୍ ଟ୍ରଫି ସହିତ ନିଜ କ୍ୟାରିୟର ଶେଷ କରିବାକୁ ଚାହିଁବେ । ଡିଏଗୋ ମାରାଡୋନାଙ୍କ ପରେ ମେସି ନିଜ ପ୍ରଦର୍ଶନ ବଳରେ ହିଁ ଆର୍ଜେଣ୍ଟିନାକୁ ସେମିଫାଇନାଲରେ ପହଞ୍ଚାଇଛନ୍ତି । ତେବେ ମାତ୍ର ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର କ୍ରୋଏସିଆ ଏହାର ରାସ୍ତାରେ ରହିଛି । ବିଗତ କିଛି ବର୍ଷ ମଧ୍ୟରେ ଏକ ଶକ୍ତିଶାଳୀ ଦଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଦଳ ପାଖରେ ବିଶ୍ୱ ଫୁଟ୍‌ବଲର ଶ୍ରେଷ୍ଠ ମିଡ୍‌ଫିଲ୍ଡର ଲୁକା ମୋଡ୍ରିକ୍ ରହିଛନ୍ତି । ଆର୍ଜେଣ୍ଟିନା ୨୦୧୪ ଓ କ୍ରୋଏସିଆ ୨୦୧୮ରେ ରନର୍ସଅପ୍ ରହିଥିଲେ । ଚଳିତ ବିଶ୍ୱକପ୍ ପୂର୍ବରୁ ଆର୍ଜେଣ୍ଟିନାକୁ ଅନ୍ୟତମ ଟାଇଟଲ ଫେଭରାଇଟ୍ ଭାବରେ ବିବେଚନା କରାଯାଉଥିଲା । କୋପା ଆମେରିକା ଚାମ୍ପିୟନ ଆର୍ଜେଣ୍ଟିନା କ୍ରମାଗତ ୩୬ ବିଜୟ ସହ ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲେ ମଧ୍ୟ ସାଉଦି ଆରବ ବିପକ୍ଷ ମ୍ୟାଚ୍‌ରେ ପରାଜିତ ହୋଇଥିଲା । ଏହି ପରାଜୟ ପରେ ଦଳ ମେସିଙ୍କ ନେତୃତ୍ୱରେ ନିୟମିତ ଭଲ ପ୍ରଦର୍ଶନ କରିଆସିଛି । ଅନ୍ୟପକ୍ଷରେ ମେସି ମଧ୍ୟ ବ୍ୟକ୍ତିଗତ ଭାବେ ଖୁବ୍ ଭଲ ପ୍ରଦର୍ଶନ କରୁଛନ୍ତି । ପିଏସ୍‌ଜି ଷ୍ଟ୍ରାଇକର ମେସି ବର୍ତ୍ତମାନ ସୁଦ୍ଧା ୪ ଗୋଲ କରିଥିବା ବେଳେ କେବଳ ଏମ୍‌ବାପେଙ୍କ ପଛକୁ ରହିଛନ୍ତି । ମେସିଙ୍କ ପରି କ୍ରୋଏସିଆର ଲୁକା ମୋଡ୍ରିକ୍ ମଧ୍ୟ ନିଜର ଶେଷ ବିଶ୍ୱକପ୍ ଖେଳୁଛନ୍ତି । ଗୋଟିଏ ବି ଗୋଲ କିମ୍ବା ଆସିଷ୍ଟ କରି ନ ଥିଲେ ମଧ୍ୟ ମିଡ୍‌ଫିଲ୍ଡରେ ମୋଡ୍ରିକ୍‌ଙ୍କ ଯାଦୁ ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦିଏ । ରାଉଣ୍ଡ ଅଫ୍ ୧୬ରେ ଜାପାନ ଓ କ୍ୱାର୍ଟରରେ ବ୍ରାଜିଲକୁ ଏକ୍ସଟ୍ରା ଟାଇମରେ ପରାସ୍ତ କରିଥିଲା ଦଳ । ତେବେ ଜାପାନ ଅପେକ୍ଷା ବ୍ରାଜିଲ ବିପକ୍ଷରେ ବିଜୟ ବେଶ୍ ଚମତ୍କାର ରହିଥିଲା । ୨୦୧୮ରେ କ୍ରୋଏସିଆର ସମସ୍ତ ନକ୍‌ଆଉଟ୍ ମ୍ୟାଚ୍ ଏକ୍ସଟ୍ରା ଟାଇମ୍‌କୁ ଯାଇଥିଲା । ମିଡ୍‌ଫିଲ୍ଡରେ ମୋଡ୍ରିକ୍ ଚମତ୍କାର ପ୍ରଦର୍ଶନ କରିଥିଲେ ।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**ଆର୍ଜେଣ୍ଟିନା ବନାମ କ୍ରୋଏସିଆ**

ସ୍ଥାନ: ଲୁସେଲ ଷ୍ଟାଡିୟମ
ସମୟ: ରାତି ୧୨.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

# ଉତ୍କଳ, କିଟ୍‌କୁ ସର୍ବଭାରତୀୟ ଯୋଗ୍ୟତା

**ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ**

**ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି):** ଏଠାରେ ଚାଲିଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ଭଲିବଲ ଟୁର୍ନାମେଣ୍ଟରେ ଓଡ଼ିଶାର ୨ଟି ବିଶ୍ୱବିଦ୍ୟାଳୟ କିଟ୍ ଓ ଉତ୍କଳ ସର୍ବଭାରତୀୟ ଯୋଗ୍ୟତା ପାଇଛନ୍ତି । ପ୍ରତିଯୋଗିତାର ତୃତୀୟ ଦିବସରେ କିଟ୍ ୩-୧ ସେଟ୍‌ରେ ବର୍ଦ୍ଧମାନ ଏବଂ ଉତ୍କଳ ୩-୦ ସେଟ୍‌ରେ ବିଶ୍ୱ ଭାରତ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି । ସେହିପରି ଆଡାମ୍ସ ବିଶ୍ୱବିଦ୍ୟାଳୟ ୩-୦ରେ ସେଞ୍ଚୁରିଅନକୁ ଏବଂ ମହାତ୍ମା ଗାନ୍ଧୀ କାଶି ବିଦ୍ୟାପୀଠ ୩-୦ରେ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟକୁ ହରାଇ ସର୍ବଭାରତୀୟ ଯୋଗ୍ୟତା ପାଇଛନ୍ତି । ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ଭଲିବଲ ଟୁର୍ନାମେଣ୍ଟ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ଜାନୁୟାରୀ ୪ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।



ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟରେ ସର୍ବଭାରତୀୟ ଯୋଗ୍ୟତା ପାଇଥିବା କିଟ୍ ଦଳ ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ ।
M:8895873378
:7656825209

**ଶ୍ରୀ କୃଷ୍ଣ ଫାଇନାନ୍ସ**
ସବୁ ବ୍ୟାଙ୍କ ଦ୍ୱାରା ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଆଧାର କାର୍ଡ, ଗୃହ ଋଣ, ଇଟା ଭାଟି ଋଣ 36 ଘଣ୍ଟାରେ
2% ସୁଧ, 50% ଛାଡ଼
ସିବିଲ ଖରାପ ଥିଲେ ମଧ୍ୟ ଋଣ ପାଆନ୍ତୁ
7625883378

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


# ଓଡ଼ିଶାରୁ ତରୁଣଙ୍କୁ ବ୍ରୋଞ୍ଜ ପଦକ

**ୱାର୍ଲ୍ଡ ବଡିବିଲ୍ଡିଂ, ଫିଜିକ୍ ସ୍ପୋର୍ଟ୍ସ-୨୦୨୨ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୧୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଥାଇଲାଣ୍ଡର ଫୁକେଟଠାରେ ୧୩ତମ ୱାର୍ଲ୍ଡ ବଡି ବିଲ୍ଡିଂ ଓ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍-୨୦୨୨ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ନେତୃତ୍ୱରେ ଓଡ଼ିଶାର ଏକ ୬ ଜଣିଆ ଦଳ ଅଂଶଗ୍ରହଣ କରିଥିଲା । ସିନିୟର ପୁରୁଷ ବିଭାଗରେ ଜଗନ୍ନାଥ ଖୁଣ୍ଟିଆ (୭୫କେଜି), ବିଚିତ୍ର କୁମାର ନାୟକ (୭୦କେଜି) ପୁପୁନ୍ ସ୍ୱାଇଁ (ଫିଜିକ୍ ସ୍ପୋର୍ଟ୍ସ) ଏବଂ ତରୁଣ କୁମାର ଚାଟାର୍ଜୀ ୬୦ରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ । ସୁମିତ୍ରା ତ୍ରିପାଠୀ ଓ ଉମାଚରଣ ଶତପଥୀ (ଉଭୟେ ଅନ୍ତର୍ଜାତୀୟ ବିଚାରକ) ଅଫିସିଆଲ ଭାବେ ଯୋଗ ଦେଇଥିଲେ । ତରୁଣ ଚାଟାର୍ଜୀ ତାଙ୍କ ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିବା ସହ ବ୍ରୋଞ୍ଜ ପାଇଛନ୍ତି । ଅନ୍ୟପକ୍ଷରେ ଜଗନ୍ନାଥ ଓ ବିଚିତ୍ର ସେମାନଙ୍କ ବିଭାଗରେ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ । ସୂଚନାଯୋଗ୍ୟ, ତରୁଣ ପୂର୍ବରୁ ଏସିଆନ ବଡ଼ି ବିଲ୍ଡିଂ ଚାମ୍ପିୟନଶିପ୍-୨୦୨୨ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ । ଥାଇଲାଣ୍ଡରେ ସଫଳତା ପାଇଁ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ଉପଦେଷ୍ଟା ମାନସରଞ୍ଜନ ମହାପାତ୍ର, ଏକ୍‌ଜ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ ବାବୁଲି ସ୍ୱାଇଁ ଓ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଶୁଭକାମନା କରିଛନ୍ତି ।


ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ସହ ବ୍ରୋଞ୍ଜ ବିଜେତା ତରୁଣ ଚାଟାର୍ଜୀ ।


**Classified Everyday**
0674-2580101, 2549949


REAL ESTATE
SALE

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ **SC plot** ମିଳୁଛି । 9 4 3 9 8 3 2 9 5 6 , 9 4 3 8 0 5 6 9 7 8 . D-74164

Luxurious 4BHK Duplex near Balianta Bazar. Land-1400, Construction-2200-79Lakh. 9938219397, 9861022055. D-2223

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2207

ପୁରୀ ଶ୍ରୀମନ୍ଦିର ପାଖ ଏବଂ ପୁରୀ ସହରର ପାଖାପାଖିକୁ ଲାଗି ଘରବାରି ଜାଗା ଏବଂ **readymade** ଘର ମିଳୁଅଛି । **7008067338, 9090746445.** D-74163

ଭୁବନେଶ୍ୱର କଟଣୀଗେଟ୍ **NH-5** ପାଖରେ ଘରବାରି ପ୍ଲଟ୍ **30' ରାସ୍ତାଥାଇ sqft.-400/-, 630/-. 9437607388, 8926073614.** D-74166




Newly open Spa positively health benefit with expert. Contact: 7749976301. D-74501

Newly open health benefits SPA special offer@999/-, Nayapalli. 7846814019. D-73667

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74608


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160




ଟଙ୍କପାଣି ରୋଡ୍ ଜାତକ, ବାସ୍ତୁ ବିଚାର: 9861121063, ଲକ୍ଷ୍ମୀସାଗର ଜାତକ ବିଚାର: 8984815573. D-73732

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**
I, Service- No. 15180257X, NK/ Dresser,Name:P.Krishna Rao, S/o P. Chinaya, resident of Vill: Kiritipur, PO: Laudigam, PS: Golonthara, Tah: Kanisi, Dist: Ganjam, Odisha that I have corrected my mother's name from P. Mahalachhami to Pemi Laxmama and son name from P.Khushal to Pemi Khushal, vide affidavit Dt: 05.12. 2022, before The Notary Public, Berhampur, Dist: Ganjam, Odisha. D-2227

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

**ଡକ୍ଟରେଟ୍ ପ୍ରାପ୍ତି**

ଶ୍ରୀମତୀ ସଙ୍ଗୀତସ୍ମରୀତା ନନ୍ଦ IIT-ISM ଧାନବାଦରୁ Applied Geologyରେ ପି.ଏଚ୍.ଡି. ଉପାଧି ଲାଭ କରିଛନ୍ତି । ସେ IIT-ISM ଧାନବାଦର ସେବାନିବୃତ୍ତ ପ୍ରଫେସର ଡ. ଶାରଦାପ୍ରସାଦ ମହାନ୍ତି ଏବଂ ଡ. ସୁଶାନ୍ତ ଷଡ଼ଙ୍ଗୀ, ଆସୋସିଏଟ୍ ପ୍ରଫେସରଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ତାଙ୍କ ଦ୍ୱାରା ଲିଖିତ ସନ୍ଦର୍ଭ "Geochemistry of chemogenic sediments and paleosol in the sausar belt (Central India); Implications on the evolution of Paleoproterozoic ocean and atmosphere" ପାଇଁ ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଏହି ସନ୍ଦର୍ଭଟି University College Londonର ଆସୋସିଏଟ୍ ପ୍ରଫେସର Dr. Dominic Papineu ଏବଂ IIT Kanpurର ଆସୋସିଏଟ୍ ପ୍ରଫେସର Dr. Indrasekher Senଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଛି । ଡ. ସଙ୍ଗୀତସ୍ମରୀତା ନନ୍ଦ ଆନନ୍ଦପୁରର କାର୍ଯ୍ୟରତ ଶିକ୍ଷକ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ନନ୍ଦ ଏବଂ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ନନ୍ଦଙ୍କର କନ୍ୟା ଅଟନ୍ତି । ଶ୍ରୀଯୁକ୍ତ ଶରତଚନ୍ଦ୍ର ମିଶ୍ର ଓ ଶ୍ରୀମତୀ ପ୍ରମିଳା ମିଶ୍ରଙ୍କର ପୁତ୍ରବଧୂ ତଥା ପୂର୍ବ ତଟ ରେଳପଥର ଉପମହାପ୍ରବନ୍ଧକ ଶ୍ରୀଯୁକ୍ତ ଅଶୋକ କୁମାର ମିଶ୍ରଙ୍କର ଧର୍ମପତ୍ନୀ ଏବଂ ଶ୍ରନିକା ମିଶ୍ରଙ୍କର ମାତା ଅଟନ୍ତି । ସେ ବର୍ତ୍ତମାନ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥାନ ରାଜ୍ୟ ୟୁନିଟ, ଓଡ଼ିଶା, ଭୁବନେଶ୍ୱରରେ ଭୂବୈଜ୍ଞାନିକ ଭାବରେ କାର୍ଯ୍ୟରତ ଅଛନ୍ତି । ସେ ତାଙ୍କର ଏହି ଅମୂଲ୍ୟ ସଫଳତାର ଶ୍ରେୟ ତାଙ୍କର ପରିବାରବର୍ଗ ଏବଂ ସମସ୍ତ ଶୁଭେଚ୍ଛୁମାନଙ୍କୁ ଦେଇଛନ୍ତି । ସର୍ବୋପରି ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ସେ କୃତଜ୍ଞତା ଜଣାଇଛନ୍ତି ।
ଧ-୨୨୨୬

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


# ମିଥୁନଙ୍କ ହାଟ୍ରିକ୍‌ରେ ସୋନପୁର ଦଳ ବିଜୟୀ

**ଓଡ଼ଗାଁ କପ୍ ସର୍ବଭାରତୀୟ ଫୁଟ୍‌ବଲ ଆରମ୍ଭ**

**ଓଡ଼ଗାଁ, ୧୨।୧୨ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ମିନି ଷ୍ଟାଡିୟମରେ ୪ର୍ଥ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଓଡ଼ଗାଁ କପ୍ ସୋମବାରଠାରୁ ଆରମ୍ଭ ହୋଇଛି । କରୋନା ମହାମାରୀ ଯୋଗୁ ଗତ ଦୁଇବର୍ଷ ହେଲା ଏହି ଟୁର୍ନାମେଣ୍ଟକୁ ବନ୍ଦ ରଖାଯାଇଥିଲା । ପ୍ରତିଯୋଗିତାର ସେମିଫାଇନାଲ ଶୁକ୍ରବାର ଓ ଶନିବାର ଖେଳାଯିବାକୁଥିବା ବେଳେ ରବିବାର ଫାଇନାଲ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ ମ୍ୟାଚ୍ ଭାସ୍କର ଏକାଡେମୀ କୋରାପୁଟ ଓ ରାମଧୁନ କ୍ଲବ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସୋନପୁର ଦଳ ୪-୦ ଗୋଲରେ ବିଜୟୀ ହୋଇଛି । ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳର ୧୮ତମ ମିନିଟ୍‌ରେ ସୋନପୁର ଦଳର ବିକ୍ରମ ପ୍ରଥମ ଗୋଲ ସ୍କୋର କରିଥିଲେ । ୧୦ ନମ୍ବର ଜର୍ସି ଖେଳାଳି ମିଥୁନ ସାହୁ ୨୨ତମ ଓ ୩୦ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ପ୍ରଥମାର୍ଦ୍ଧରେ ତାଙ୍କ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ । ପରେ ଦ୍ୱିତୀୟାର୍ଦ୍ଧ ଖେଳର ୮ ମିନିଟ୍‌ରେ ମିଥୁନ ଆଉ ଏକ ଗୋଲ ସ୍କୋର କରି ହାଟ୍ରିକ କରିଥିଲେ । ଶେଷ ପର୍ଯ୍ୟାୟରେ ପ୍ରତିପକ୍ଷ କୋରାପୁଟ ଦଳ ଗୋଲ ସ୍କୋର କରିବା ଲାଗି ଆପ୍ରାଣ ଉଦ୍ୟମ କରି ବିଫଳ ହୋଇଥିଲା । ଟୁର୍ନାମେଣ୍ଟ କମିଟି ସଭାପତି ତଥା ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଲୋକନାଥ ସାହୁ, ଯୁଗ୍ମ ସମ୍ପାଦକ ଦିବାକର ନାୟକ, ଆଡ୍‌ଭୋକେଟ ଗୋବିନ୍ଦ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ହାଟ୍ରିକ୍ ଗୋଲ୍ ସ୍କୋର କରିଥିବା ମିଥୁନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ମଙ୍ଗଳବାର ଗ୍ରୁପ୍ ଏ'ର ୨ୟ ମ୍ୟାଚ୍ ଗଣ୍ଡରପୁର ୟୁନାଇଟେଡ୍ ଭୁବନେଶ୍ୱର ଓ ଭଦ୍ରକ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହେବ । ରାଜୁ ମହାନ୍ତି, ସୁଦୀପ୍ତ ଦାଶ, ପ୍ରିୟବ୍ରତ ବାହିନୀପତି ଓ ସୌମ୍ୟକାନ୍ତ ପଟ୍ଟନାୟକ ଖେଳ ପରିଚାଳନା କରିଥିବାବେଳେ ସନ୍ତୋଷ କୁମାର ପାତ୍ର ଓ ନିତ୍ୟାନନ୍ଦ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ ।


ଓଡ଼ଗାଁ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥି ଓ ରେଫରିଙ୍କ ସହ ଦୁଇ ଦଳର ଖେଳାଳି ।

# ଓଡ଼ିଶାର ୧୬ଜଣିଆ ବାଳିକା ଦଳ ଭାଗ ନେବ

**ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ**

**ଭୁବନେଶ୍ୱର, ୧୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ବିହାରର ବଣିଆପୁରଠାରେ ୩୭ତମ ଜାତୀୟ ସବ୍-ଜୁନିୟର ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି । ଏଥିରେ ଓଡ଼ିଶାର ୧୬ ଜଣିଆ ଦଳ ଅଂଶଗ୍ରହଣ କରିବ । ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ତ୍ରିଶା ପରିଡ଼ା, ତନ୍ମୟ ପଣ୍ଡା, ଅଙ୍କିତା ରଥ, ମୁସ୍କାନ କୁମାରୀ, ବିଜୟଲକ୍ଷ୍ମୀ ପ୍ରଧାନ, ମଧୁସ୍ମିତା ବିଶ୍ୱାଳ, ଶୁଭମିତା ବେହେରା, ସୁକାନ୍ତୀ ସେଠୀ, ଆୟାମୟୀ ବିଶ୍ୱାଳ, ଶ୍ୱେତପଦ୍ମା ସାହୁ, ବୈଷ୍ଣବୀ ହେସା, ପାୟଲ ଜେନା, ତୃପ୍ତି ଖଣ୍ଡଗିରି, ସାବିତ୍ରୀ ମାଝି, ଶମୁଖା ପ୍ରଧାନଓ ଶିଖାରାଣୀ ଖୁଣ୍ଟିଆ । ସନ୍ତୋଷ ବେହେରା ଦଳର କୋଚ୍ ରହିଥିବା ବେଳେ ଏଲିନା ପାଣି ଦଳର ମ୍ୟାନେଜର ଅଛନ୍ତି ।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ରାଜସ୍ଥାନର ବୁନ୍ଦିରେ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ରବର୍ଟ ଭଦ୍ରା ଓ ଝିଅ ମିରାୟା ଭଦ୍ରା।

# ଭାରତ ଯୋଡ଼ୋ ଯାତ୍ରାରେ ପ୍ରିୟଙ୍କାଙ୍କ ଝିଅ

କୋଟା,୧୨।୧୨

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ସୋମବାର ରାଜସ୍ଥାନର ବୁନ୍ଦି ଜିଲାରେ ଚାଲିଥିବାବେଳେ ସେଥିରେ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ତାଙ୍କ ସ୍ୱାମୀ ରବର୍ଟ ଭଦ୍ରା ଓ ସେମାନଙ୍କ ଝିଅ ମୀରାୟା ଭଦ୍ରା ସାମିଲ ହୋଇଛନ୍ତି। ଏଥିସହିତ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ମଧ୍ୟ ଭାରତ ଯୋଡ଼ୋ ଯାତ୍ରାରେ ଯୋଗଦେଇ ମହିଳା ସଶକ୍ତୀକରଣର ବାର୍ତ୍ତା ଦେଇଛନ୍ତି। ଶୋଭାଯାତ୍ରା ବବାଇରୁ ସ୍ୱାଇମାଧୋପୁର ଜିଲାର ପିପଲୱାଡ଼ା ଅଭିମୁଖେ ଯାଉଥିବାବେଳେ କୋଟା-ଲାଲସଟ୍ ଜାତୀୟ ରାଜପଥରେ ବହୁସଂଖ୍ୟାରେ ମହିଳା କର୍ମୀ ଓ ପାଖ ଅଞ୍ଚଳର ମହିଳାମାନେ ଯୋଗଦେଇ ଏହାକୁ ନାରୀଶକ୍ତି ପଦଯାତ୍ରାରେ ପରିଣତ କରିଥିଲେ ବୋଲି ରାହୁଲ ରାଓ ନାମକ ପଦଯାତ୍ରୀ କହିଛନ୍ତି। ରାଜସ୍ଥାନରେ ଯାତ୍ରା ସପ୍ତମ ଦିନରେ ପହଞ୍ଚିଥିଲାବେଳେ ବୁନ୍ଦି ଜିଲାରେ ଶେଷ ଦିନ ଥିଲା।

# ଶପଥ ନେଲେ ଡିମ୍ପଲ ଯାଦବ



ନୂଆଦିଲ୍ଲୀ,୧୨।୧୨

ସମାଜବାଦୀ ପାର୍ଟି ନେତ୍ରୀ ଡିମ୍ପଲ ଯାଦବ ସୋମବାର ଲୋକ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ଡିମ୍ପଲ ଉତ୍ତରପ୍ରଦେଶର ମୈନପୁରୀ ଆସନ ଉପନିର୍ବାଚନରେ ଜିତିଥିଲେ। ଲୋକ ସଭାରେ ଏହା ତାଙ୍କର ଦ୍ୱିତୀୟ ପାଳି। ଏହା ପୂର୍ବରୁ ସେ କନୌଜରୁ ଲୋକସଭା ଏମ୍‌ପି ଥିଲେ। ଗତ ଅକ୍ଟୋବରରେ ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପରଲୋକ ପରେ ମୈନପୁରୀ ଆସନ ଖାଲିପଡ଼ିଥିଲା। ଉକ୍ତ ଆସନ ଲାଗି ଗତ ୫ ତାରିଖରେ ହୋଇଥିବା ଉପନିର୍ବାଚନରେ ଡିମ୍ପଲ ରେକର୍ଡ ୨.୮୮ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।

# ‘ଡିଲ୍’କୁ ନେଇ ଦୋଷ ଲଦାଲଦି

- ୨୦୧୯ରେ କଂଗ୍ରେସର ସବୁ ଭୋଟ୍ ଭାଜପାକୁ ଯାଇଛି:ପ୍ରମିଳା
- ବୈଷ୍ଣବ ଏମ୍‌ପି, ମନ୍ତ୍ରୀ ହେବା ଲାଗି କେଉଁଠି ଡିଲ୍ ହୋଇଥିଲା: ତାରା
- ବିଜେଡି ବୈଷ୍ଣବଙ୍କୁ କାହିଁକି ଭୋଟ୍ ଦେଲା ସେମାନେ କୁହନ୍ତୁ: ଜୟନାରାୟଣ



ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ପଦମ୍‌ପୁର ଉପନିର୍ବାଚନ ଫଳାଫଳ ବାହାରିବା ପରଠାରୁ ରାଜ୍ୟର ୩ ପ୍ରମୁଖ ଦଳ ଭାଜପା, କଂଗ୍ରେସ ଏବଂ ବିଜେଡି ମଧ୍ୟରେ ଭୋଟ୍ ପାଇଁ ଡିଲ୍ ହୋଇଥିବା କଥାକୁ ନେଇ ପରସ୍ପର ମଧ୍ୟରେ ଦୋଷ ଲଦା ଆରମ୍ଭ ହୋଇଯାଇଛି। ଏହି କଥାକୁ ଏବେ କଂଗ୍ରେସ ନେତାମାନେ ସମାଲୋଚନା କରିଥିବା ବେଳେ ବିଜେଡି ମଧ୍ୟ ଏହି ପ୍ରସଙ୍ଗରେ ଭାଜପାକୁ ଟାର୍ଗେଟ କରିଛି। ଅନ୍ୟପଟେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ‘ଡିଲ୍’ କଥାକୁ ନେଇ ଉଭୟ ବିଜେଡି ଏବଂ ଭାଜପାକୁ ଟାର୍ଗେଟ କରିଛନ୍ତି।

ଉକ୍ତ ପ୍ରସଙ୍ଗରେ ଭାଜପାକୁ ସିଧାସଳଖ ଟାର୍ଗେଟ କରି ବିଜେଡି ବିଧାୟକ ସୁଶାନ୍ତ ସିଂ କହିଛନ୍ତି, ଭାଜପା ସବୁବେଳେ ଡିଲ୍ କରେ। ୨୦୧୪ ସାଧାରଣ ନିର୍ବାଚନରେ ସତ୍ୟଭୂଷଣ ସାହୁ ଠିଆ ହୋଇ ନ ଥିଲେ। ସେତେବେଳେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ବିଜୟ ଲାଭ କରିଥିଲେ। ସେତେବେଳେ ବୋଧହୁଏ କଂଗ୍ରେସ ସହ ଭାଜପା ଡିଲ୍ କରିଥିଲା। ନିର୍ବାଚନ ହାରିବା ପରେ ଭାଜପା ନେତା ବିଭିନ୍ନ କଥା କହୁଛନ୍ତି। ପଦ୍ମପୁରରେ ଜିତିବା ଲାଗି ଭାଜପା ଡିଲ୍ କରିଥିଲା। ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇଙ୍କ ସହିତ ଦିଲ୍ଲୀରେ ଡିଲ୍ କରି ଆଣିଥିଲେ। ତାଙ୍କ ମାଧ୍ୟମରେ କଂଗ୍ରେସ ଭୋଟକୁ ଡାଇଭର୍ଟ କରିଥିଲେ। ପଦ୍ମପୁରରେ ଭାଜପା ନେତାମାନେ ରେଳ ପ୍ରକଳ୍ପ ଏବଂ ବୀମା ଟଙ୍କା ଆଦି ପ୍ରସଙ୍ଗରେ ମଧ୍ୟ ମିଛ କହିଲେ। ତେବେ ମୁଖ୍ୟମନ୍ତ୍ରୀ ୨୦୨୪ ଲାଗି ରଣକୌଶଳ ପ୍ରସ୍ତୁତ କରିସାରିଲେଣି ବୋଲି ସୁଶାନ୍ତ କହିଛନ୍ତି।

ଅନ୍ୟପଟେ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗରେ ଉଭୟ ବିଜେଡି ଏବଂ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି, ଡିଲ୍ କିଏ କରୁଛି, ତାହା କେଉଁଠି ଏବଂ କେତେବେଳେ ହେଉଛି ସେକଥା ତାଙ୍କୁ ଜଣାପଡୁନି। ବିଜେଡି ଏବଂ ଭାଜପା ମଧ୍ୟରେ ଡିଲ୍ ହୋଇଛି। ଧାମନଗରରେ ବିଜେଡି ହାରିବାର ନ ଥିଲା। ହେଲେ ବିଜେଡି ଏବଂ ଭାଜପାର ଡିଲ୍ ହେଲା। ଭାଜପା ଧାମନଗର ନେଉ ଏବଂ ପଦମ୍‌ପୁର ବିଜେଡି ନେବ। ଡିଲ୍ କିଏ କଲାଣି। କାହା ବାପାର କେତେ ଥୁଆ ହୋଇଛି ଡିଲ୍ କରିବେ। ଜୟନାରାୟଣ ବାବୁ ଜଣେ ବରିଷ୍ଠ ନେତା ପ୍ରଥମେ କୁହନ୍ତୁ କେନ୍ଦ୍ରରେ ଯେଉଁ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେଇଛନ୍ତି ସେ ଡିଲ୍ କିଏ କରିଥିଲା। ବୈଷ୍ଣବ ତ ପ୍ରଥମେ ରାଜ୍ୟ ସଭା ପାଇଁ ବିଜେଡି ପ୍ରାର୍ଥୀ ଥିଲେ, ତା’ପରେ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ ପାଇବା ପରେ ସେ ଭାଜପାରୁ ପ୍ରାର୍ଥୀ ହେଲେ। ତାଙ୍କୁ ବିଜେଡି ଭୋଟ ଦେବାରୁ ସେ ରାଜ୍ୟ ସଭା ଗଲେ। ବୈଷ୍ଣବ ମଧ୍ୟ ପଦ୍ମପୁର ପ୍ରଚାରରେ ଯାଇଥିଲେ। ତେଣୁ ଡିଲ୍‌ଟା କିଏ କରୁଛି ସେକଥା କୁହନ୍ତୁ। ୨୦୨୪ରେ କଂଗ୍ରେସ ସିଧାସଳଖ ଲଢ଼େଇ କରିବ ବୋଲି ତାରା କହିଛନ୍ତି।

ବିଜେଡି ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲିକ କହିଛନ୍ତି, ଡିଲ୍ ସବୁବେଳେ ଭାଜପା କରେ। ୨୦୧୪ରେ ପଦମ୍‌ପୁରରେ ଭାଜପା ଡିଲ୍ କରିଥିଲା। ୨୦୧୯ରେ କଂଗ୍ରେସର ସବୁ ଭୋଟ ଭାଜପାକୁ ଯାଇଛି। ସେମାନେ ଡିଲ୍ କରି କଂଗ୍ରେସ ଭୋଟ ସାରା ଓଡ଼ିଶାରୁ ନେଇଛନ୍ତି। ବିଜେଡିକୁ ଭଲ ପାଇ ସାଧାରଣ ଲୋକମାନେ ପଦମ୍‌ପୁରରେ ବର୍ଷା ସିଂ ବରିହାଙ୍କୁ ଭୋଟ ଦେଇଥିବା ପ୍ରମିଳା କହିଛନ୍ତି।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଅଶ୍ୱିନୀ ବୈଷ୍ଣବ ଭାଜପା ପ୍ରାର୍ଥୀ ଥିଲେ। ସେ କଥା ବୋଧହୁଏ ତାରା ପ୍ରସାଦ ବାହିନୀପତି ଜାଣିନାହାନ୍ତି। ସେ ଜାଣିଛନ୍ତି ବୈଷ୍ଣବ ଭାଜପା ପ୍ରାର୍ଥୀ ଥିଲେ। ବିଜେଡି କାହିଁକି ବୈଷ୍ଣବଙ୍କୁ ଭୋଟ ଦେଲା, ଡିଲ୍ କେଉଁଠି ହୋଇଥିଲା ତା’ର ଉତ୍ତର ଶାସକ ଦଳ ଦେବ। କଂଗ୍ରେସ ସହ ଡିଲ୍ କରି ୨୦୧୯ରେ ବିଜେଡି ରାଜ୍ୟରେ ସରକାର କଲା। ୨୦୦୦ ମସିହାରୁ ଭାଜପା ଦୟା କଲାରୁ ରାଜ୍ୟରେ ବିଜେଡି ସରକାର କରିଥିଲା। ସେମାନେ ପରବର୍ତ୍ତୀ ସମୟରେ ଭାଜପା ସହିତ ଧୋକାବାଜି କରିଛନ୍ତି। ବିଜେଡି ଗୋଟେ ଧୋକାବାଜ ଦଳ ବୋଲି ଜୟନାରାୟଣ କହିଛନ୍ତି।

## ପଦମ୍‌ପୁରକୁ ଜିଲା ମାନ୍ୟତା ପ୍ରସଙ୍ଗ

# ଅନେକ ପ୍ରକ୍ରିୟା ରହିଛି: ମନ୍ତ୍ରୀ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ପଦମ୍‌ପୁର ଜିଲା ଗଠନ ନେଇ ଏପର୍ଯ୍ୟନ୍ତ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। କିନ୍ତୁ ଖୁବ୍‌ଶୀଘ୍ର ଏହା ଆରମ୍ଭ ହେବ। ଏଥିପାଇଁ ଅନେକ ପ୍ରକ୍ରିୟା ରହିଥିଲେ ବି ସେସବୁକୁ ପୂରଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ଗଠନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏସବୁକୁ ଭିତ୍ତିକରି ଜିଲା ଗଠନ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୋମବାର ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ଉପନିର୍ବାଚନ ସମୟରେ ପଦମ୍‌ପୁରକୁ ଜିଲା ଗଠନ ଦାବି ନେଇ ହୋଇଥିବା ଆନ୍ଦୋଳନ ସମ୍ପର୍କରେ ଆନ୍ଦୋଳନକାରୀ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଥିଲେ। ଉପନିର୍ବାଚନକୁ ଦୃଷ୍ଟିରେ ରଖି ଏହି କଥା କାଳେ ଶାସକ ଦଳ ପାଇଁ ବୁମେରାଂ ସାଜିପାରେ ବୋଲି ପଦମ୍‌ପୁରକୁ ଜିଲା ମାନ୍ୟତା ମିଳିବା ନେଇ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିଲେ। ଏହାପରେ ଏହି ବାର୍ତ୍ତା ନେଇ ସେ ଉପନିର୍ବାଚନ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ତେବେ ସରକାରଙ୍କ ଏହି କଥା ବାସ୍ତବରେ କେତେ କାର୍ଯ୍ୟକାରୀ ହେଉଛି ତାକୁ ସମସ୍ତଙ୍କ ଅପେକ୍ଷା ରହିଛି। କାହିଁକି ନା ସେଠାକାର ଭୋଟର ଉପନିର୍ବାଚନରେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରାଇଛନ୍ତି। ତେଣୁ ରାଜ୍ୟ ସରକାର ଏହି କଥାକୁ ଯଥାସମ୍ଭବ ପୂରଣ କରିବେ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଅନ୍ୟପଟେ ଗତ ଶୀତକାଳୀନ ଅଧିବେଶନରେ ଜଣେ ବିଧାୟକ ପଦମ୍‌ପୁରକୁ ଜିଲା ମାନ୍ୟତା ନେଇ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ମଲିକ ଏନେଇ କିଛି ଯୋଜନା ନ ଥିବା କହିଥିଲେ। ତେଣୁ ଆଗକୁ ପଦମ୍‌ପୁରକୁ ଜିଲା ମାନ୍ୟତା ନେଇ ସମସ୍ତେ ଅପେକ୍ଷା କରି ରହିଥିବା ଜଣେ ବରିଷ୍ଠ ବିଜେଡି ନେତା ତାଙ୍କ ନାମ ଗୋପନ ରଖି କହିଛନ୍ତି।

# ବର୍ଷାଙ୍କୁ ଶପଥପାଠ କରାଇଲେ ବାଚସ୍ପତି



ବର୍ଷାଙ୍କୁ ଶପଥପାଠ କରାଉଛନ୍ତି ବାଚସ୍ପତି ବିକ୍ରମ କେଶରୀ ଆରୁଖ।

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ସୋମବାର ବିଧାନସଭାରେ ଶପଥ ନେଇଛନ୍ତି। ବାଚସ୍ପତିଙ୍କ ପ୍ରକୋଷ୍ଠରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ଶପଥ ପାଠ ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରିତା ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ସୁଶାନ୍ତ ସିଂ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାନସଭା ସଚିବ ଦାଶରଥି ଶତପଥୀ ଏବଂ ବିଧାନସଭାର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ପୂର୍ବତନ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ଯୋଗୁ ପଦ୍ମପୁର ବିଧାନସଭା ଆସନ ଖାଲି ରହିଥିଲା । ଡିସେମ୍ବର ୫ରେ ଏହି ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବର୍ଷା ସିଂ ବରିହା ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି।

ଅଭିନନ୍ଦନ
With Best Compliments from:
M/s Udaynath Bharatgas
Adaspur, Cuttack
Bharatgas
Cook Food. Serve Love.
Save BPCL smart line number 1800224344 & Type Hi
Prop. Mr. Sudarshan Sahoo

ଶୁଭେଚ୍ଛା
ଦୈନିକ ଖବରକାଗଜ ଧରିତ୍ରୀର ୪୯ ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀର ମଙ୍ଗଳକାମନା କରିବା ସହିତ ବଧି ନୂଆପଲ୍ଲୀ ପଞ୍ଚାୟତର ଜନସାଧାରଣଙ୍କ ଉନ୍ନତି କାମନା କରୁଛି। ମୋ ପଞ୍ଚାୟତବାସୀ ସୁସ୍ଥ ଓ ନୀରୋଗ ରହିବାକୁ ପ୍ରଭୁ ଶକଳେଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି।
ସଞ୍ଜୟ ଜେନା
ସରପଞ୍ଚ ପ୍ରତିନିଧି, ଯୁବନେତା
ପୁଷ୍ପାଞ୍ଜଳି ଚହଟରାୟ
ବଧିନୂଆପଲ୍ଲୀ ପଞ୍ଚାୟତ ସରପଞ୍ଚ

ଶୁଭେଚ୍ଛା
ଧରିତ୍ରୀ ଏକ ନିରପେକ୍ଷ, ସତ୍ୟନିଷ୍ଠ ଖବରକାଗଜ ଭାବେ ଜନାଦୃତ ହୋଇଛି। ୪୯ତମ ସ୍ୱନକ୍ଷତ୍ର ଅବସରରେ ଖଲ୍ଲିକୋଟ ତହସିଲ ଅଞ୍ଚଳରେ ଜନସାଧାରଣ, ରାଜସ୍ୱ କର୍ମଚାରୀଙ୍କ ସୁଖ, ସମୃଦ୍ଧି କାମନା କରୁଛି। ବେଆଇନ ମୋରମ, ପଥର ଚାଲାଣ କରନ୍ତୁ ନାହିଁ। ମାଟିଇଟା ପୋଡ଼ନ୍ତୁ ନାହିଁ। ପରିବେଶ ସୁରକ୍ଷା ରଖନ୍ତୁ।
ରାଜକିଶୋର ପଟ୍ଟନାୟକ
ତହସିଲଦାର ତଥା ଦାୟିତ୍ୱରେ ଥିବା ସବ୍‌ରେଜିଷ୍ଟ୍ରାର, ଖଲ୍ଲିକୋଟ

ଶୁଭେଚ୍ଛା
ନିର୍ଭୀକ ଓ ନିରପେକ୍ଷ ଖବର ପ୍ରସାରଣରେ ଧରିତ୍ରୀର ସ୍ୱତନ୍ତ୍ରତା ରହିଛି। ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଖଲ୍ଲିକୋଟ ଏନ୍ଏସିର ଗୁରୁଜନମାନଙ୍କୁ ପ୍ରଣାମ। ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଆସନ୍ତୁ ସମସ୍ତେ ମିଳିମିଶି ଖଲ୍ଲିକୋଟ ଏନ୍ଏସିର ପ୍ରଗତି ରଥକୁ ଆଗେଇ ନେବା ।
ନିରଞ୍ଜନ ବେହେରା
ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ

We Join With ଧରିତ୍ରୀ Family
in Celebrating its 49th BIRTH ANNIVERSARY
And wish it to be strong and vibrant in amplifying the voice of the People !
UTKALIKA SAMITI
@Bilipada, Bhotaka P.O.,Via-Rasulpur
District-Jajpur, Odisha,
Tel/Fax:91(06725) 271174, Mob:8018976830
Email:utkalika_samiti@rediffmail.com
utkalikasamiti@gmail.com
Striving for techno-economic empowerment of masses
ALAKA AICH
Secretary

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୩/୨୦୨୨ Bhubaneswar, Tuesday, December 13/ 2022

# ବରୋଦା ବିପକ୍ଷରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସର୍ବୋଚ୍ଚ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣ୍‌ଜୀ ଟ୍ରଫିର ୨୦୨୨-୨୩ ସିଜନ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଆଗାମୀ ସିଜନ ପାଇଁ ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ବରୋଦାକୁ ଭେଟିବ। ବିକାଶ କ୍ରିକେଟ ଗ୍ରାଉଣ୍ଡରେ ପୂର୍ବାହ୍ନ ୯ଟା ୩୦ରୁ ଏହି ମ୍ୟାଚ୍ ଆରମ୍ଭ ହେବ। ସିଜନ ଆରମ୍ଭ ହେବାକୁ ଯାଉଥିବାରୁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଗ୍ରୁପ୍ 'ଏ'ରେ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ହରିୟାଣା, ହିମାଚଳ ପ୍ରଦେଶ, ନାଗାଲାଣ୍ଡ, ଉତ୍ତରାଖଣ୍ଡ, ବେଙ୍ଗଲ ଓ ଉତ୍ତରପ୍ରଦେଶ।

ଶେଷଥର ପାଇଁ ଓଡ଼ିଶା ଓ ବରୋଦା ମଧ୍ୟରେ ୨୦୧୭ ନଭେମ୍ବର ୧୭ରୁ ୨୦ ପର୍ଯ୍ୟନ୍ତ ଭଦୋଦରାଠାରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ତେବେ ପ୍ରଥମ ଇନିଂସ୍ ଅଗ୍ରଣୀ ପାଇଁ ବରୋଦା ୩ ଓ ଓଡ଼ିଶା ୧ ପଏଣ୍ଟ ପାଇଥିଲା। ବିଷ୍ଣୁ ସୋଲାଙ୍କି ଓ ନିନାଦ ରଥଭାଙ୍କ ଶତକ ବଳରେ ବରୋଦା ପ୍ରଥମ ଇନିଂସ୍‌ରେ ୫୦୩ ରନ୍ କରିଥିଲା। ଜବାବରେ ଓଡ଼ିଶା ଅଧିନାୟକ


ବିଷ୍ଣୁ ସୋଲାଙ୍କି


ଶୁଭ୍ରାଂଶୁ ସେନାପତି

ଶୁଭ୍ରାଂଶୁ ସେନାପତିଙ୍କ ବଡ଼ ଶତକ (୧୭୩ ରନ୍) ସହାୟତାରେ ୪୪୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ରାଜେଶ ଧୂପର ୮୬ ଓ ବିପ୍ଳବ ସାମନ୍ତରାୟ ୫୫ ରନ୍‌ର ଯୋଗଦାନ ଦେଇଥିଲେ। ଆଦିତ୍ୟ ୱାଘମୋଡେ (୧୦୧) ଓ ଅଧିନାୟକ ଦୀପକ ହୁଦା (୧୦୦)ଙ୍କ ଅପରାଜିତ ଶତକ ବଳରେ ବରୋଦା ୪ର୍ଥ ଦିବସ ଖେଳ ଶେଷବେଳକୁ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଏହି

### ଆଜିଠୁ ରଣ୍‌ଜୀ ଟ୍ରଫି ସିଜନ

ମ୍ୟାଚ୍‌ରେ ଓଡ଼ିଶାର ବସନ୍ତ ମହାନ୍ତି ଓ ବରୋଦାର ସ୍ୱପ୍ନିଲ ସିଂଙ୍କୁ ୫ ଉଇକେଟ ସଫଳତା ମିଳିଥିଲା। ଶୁଭ୍ରାଂଶୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୦୧୨ ଡିସେମ୍ବର ୮ରୁ ୧୦ ପର୍ଯ୍ୟନ୍ତ ଭଦୋଦରାରେ ଅନୁଷ୍ଠିତ ମ୍ୟାଚ୍‌କୁ ବରୋଦା ୧୦ ଉଇକେଟରେ ଜିତିଥିଲା। ବରୋଦାକୁ ପୂରା ୭ ପଏଣ୍ଟ ମିଳିଥିଲା। ୨୦୧୦ ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ପ୍ରଥମ ଇନିଂସ୍ ଅଗ୍ରଣୀ ପାଇଁ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ସେହିପରି ୨୦୦୭ ଡିସେମ୍ବର ୨୫ରୁ ୨୮ ପର୍ଯ୍ୟନ୍ତ ଭଦୋଦରାରେ ଅନୁଷ୍ଠିତ ମ୍ୟାଚ୍ ମଧ୍ୟ ଅମୀମାଂସିତ ରହିଥିଲା। ଏହି ମ୍ୟାଚ୍‌ରେ ମଧ୍ୟ ଓଡ଼ିଶା ୩ ଓ ବରୋଦା ୧ ପଏଣ୍ଟ ପାଇଥିଲା। ବିକାଶ ଗ୍ରାଉଣ୍ଡରେ ମ୍ୟାଚ୍ ସମୟରେ ମୁଖ୍ୟ କୋଚ୍ ଆର. ଶ୍ରୀକାନ୍ତ, ବ୍ୟାଟିଂ କୋଚ୍ ରଶ୍ମିରଞ୍ଜନ ପରିଡ଼ା, ଫିଲ୍ଡିଂ କୋଚ୍ ଗୌତମ ଗୋପାଳ, ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସିନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ, ଫିଜିଓ ରୋନି ଚାଟାର୍ଜୀ, ଟ୍ରେନର ପୂର୍ଣ୍ଣେନ୍ଦୁ ଜେନା, ମାଲିସ୍‌ବାଲା ବିଶ୍ୱଜିତ୍ ବେହେରା ଓ ମ୍ୟାନେଜର ସନ୍ତୋଷ ଦାସ ଓଡ଼ିଶା ଦଳ ସହିତ ସଂଶ୍ଳିଷ୍ଟ ହୋଇ ରହିବେ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ ସ୍ୱସ୍ତିକ ସାମଲ, ତାରିଣୀ ସ', ଅଭିଷେକ ରାଉତ, ବିପ୍ଳବ ସାମନ୍ତରାୟ, ଦେବବ୍ରତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ, ସୌରଭ କନୋଜିଆ, ରାଜେଶ ଧୂପର (ଉଇକେଟ କିପର), ସୁଜିତ ଲେଙ୍କା, ବସନ୍ତ ମହାନ୍ତି, ଶାନ୍ତନୁ ମିଶ୍ର, ଶୁଭମ୍ ନାୟକ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ।

**ବରୋଦା ଦଳ:** ବିଷ୍ଣୁ ସୋଲାଙ୍କି (ଅଧିନାୟକ), ଅଭିମନ୍ୟୁ ସିଂ ରାଜପୁତ, ମହେଶ ପିଥିୟା, ପ୍ରତ୍ୟୁଷ କୁମାର, ଶାଶ୍ୱତ ରାୱତ, ଜ୍ୟୋତ୍ସ୍ନିଲ ସିଂ, ନିନାଦ ରଥଭା, ସୋୟେବ ସୋପାରିୟା, ମିତେଶ ପଟେଲ (ଉଇକେଟ କିପର), ଭିଶାନ୍ତ ମୋରେ, ବାବାଶାଫି ପଠାନ, ଭାର୍ଗବ ଭଟ୍ଟ ଓ ଲୁକ୍‌ମାନ ମେରିୱାଲା।

# ଭାରତୀୟ ଦଳ ୨୭ରେ ରାଉରକେଲାରେ ପହଞ୍ଚିବ

ଭୁବନେଶ୍ୱର, ୧୨।୧୨ (କ୍ରୀଡ଼ା ପ୍ରତିନିଧି)

### ହକି ବିଶ୍ୱକପ



୨୦୨୩ ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ଜାନୁୟାରୀ ୧୩ରୁ ଆରମ୍ଭ ହେବ। ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ଭାରତୀୟ ୩୩ ଜଣିଆ କୋର୍ ଦଳର ଅନ୍ତିମ ପର୍ଯ୍ୟାୟ କୋଚିଂ କ୍ୟାମ୍ପ୍ ଆରମ୍ଭ ହୋଇଛି। ଏହା ୨ ସପ୍ତାହ ଧରି ଚାଲିବ। ଏହାପରେ ଚଳିତ ମାସ ୨୭ ତାରିଖରେ ଭାରତୀୟ ଦଳ ରାଉରକେଲାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଆଗାମୀ ମେଗା ଟୁର୍ନାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚ୍ ୧୩ ତାରିଖରେ ଇଂଲଣ୍ଡ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍ ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନ୍‌ଜନକ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ।

ବେଙ୍ଗାଲୁରୁରେ ଆରମ୍ଭ ହୋଇଥିବା ଅନ୍ତିମ ପର୍ଯ୍ୟାୟ କ୍ୟାମ୍ପ୍ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୀର୍ଘବର୍ଷ ଧରି ଭାରତ ପୋଡିୟମ ମଣ୍ଡନ କରିପାରି ନ ଥିବାରୁ ଏହା ଉପରେ ବିଶେଷ ଧ୍ୟାନ ରଖାଯାଇଛି। ଏଥିପାଇଁ ଡବଲ ଅଲିମ୍ପିକ୍ ଚାମ୍ପିୟନ ତଥା ଡ୍ରାଗ୍‌ଫ୍ଲିକ୍ ବିଶେଷଜ୍ଞ ନେଦରଲାଣ୍ଡ୍ସର ବ୍ରାମ୍ ଲୋମାନ୍ସ ଏବଂ ଗୋଲକିପିଂ କୋଚ୍ ଡେନିସ ଭାନ୍ ଡି ପୋଲଙ୍କୁ କ୍ୟାମ୍ପ୍‌କୁ ଡାକରା ମିଳିଛି। ଆଗାମୀ ବିଶ୍ୱକପ୍ ପାଇଁ ସମ୍ଭାବ୍ୟ କୋର୍ ଦଳରେ ସାମିଲ ଥିବା ଖେଳାଳିମାନେ ହେଲେ କ୍ରିଷ୍ଣନ ବାହାଦୂର ପାଠକ, ପି.ଆର. ଶ୍ରୀଜେଶ, ସୂରଜ କରକେରା, ଜରମନପ୍ରୀତ ସିଂ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ବରୁଣ କୁମାର, ଅମିତ ରୋହିଦାସ, ଗୁରିନ୍ଦର ସିଂ, ଜୁଗରାଜ ସିଂ, ମନଦୀପ ମୋର, ନିଲମ ସଞ୍ଜିପ୍ ଖେସ୍, ସଞ୍ଜୟ, ଯଶଦୀପ ସିୱାଚ୍, ଦୀପ୍‌ସାନ ତିର୍କୀ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ସମ୍‌ଶେର ସିଂ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ, ସୁମିତ, ଆକାଶଦୀପ ସିଂ, ଗୁରଜାନ୍ତ ସିଂ, ମହମ୍ମଦ ରାହିଲ, ମନିନ୍ଦର ସିଂ, ଏସ. କାର୍ତ୍ତି, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ ଓ ସୁଖ୍‌ଜିତ ସିଂ। ଏମାନଙ୍କ ବ୍ୟତୀତ ଆହତ ସମସ୍ୟାରୁ ମୁକୁଳିଥିବା ଶିଳାନନ୍ଦ ଲାକ୍ରା, ମନଜିତ ଓ ପୱନ ରାଜଭାର ମଧ୍ୟ ଏହି କ୍ୟାମ୍ପ୍‌ରେ ସାମିଲ ହେବେ।

''ବିଶ୍ୱକପ୍ ପାଇଁ ସ୍ୱତନ୍ତ୍ର ଭାବେ ଡ୍ରାଗ୍‌ଫ୍ଲିକ୍ ଏବଂ ଗୋଲକିପିଂ କ୍ୟାମ୍ପ୍ ଆୟୋଜନ କରାଯାଇଥିବାରୁ ଆମେ ହକି ଇଣ୍ଡିଆ ଓ ସାଇ ନିକଟରେ କୃତଜ୍ଞ। ଆଗାମୀ ବଡ଼ ପ୍ରତିଯୋଗିତା ପୂର୍ବରୁ ଏହି କ୍ୟାମ୍ପ୍‌ରେ ଆମ ଗୋଲ୍‌କିପର ଏବଂ ଡ୍ରାଗ୍‌ଫ୍ଲିକରଙ୍କ ପ୍ରଦର୍ଶନ ଆହୁରି ମାର୍ଜିତ ହୋଇପାରିବ। ଏବେ ମଧ୍ୟ ଆମକୁ କିଛି ବିଭାଗରେ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆମେ ଗତ ଅଷ୍ଟ୍ରେଲିଆ ଟୁର୍‌ରୁ ଅନୁଭବ କରିଛୁ। ଏକ ସପ୍ତାହ ବ୍ରେକ୍ ପରେ ଖେଳାଳିମାନେ କ୍ୟାମ୍ପ୍‌କୁ ଆସିଛନ୍ତି। ସେମାନେ ଉଭୟ ମାନସିକ ଓ ଶାରୀରିକ ଭାବେ ସତେଜ ଥିବେ'' ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।


ବରୋଦା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ ସପୋର୍ଟ ଷ୍ଟାଫ୍‌ଙ୍କ ସହ।

# କଷ୍ଟସାଧ୍ୟ ଗ୍ରୁପ୍‌ରେ ଭାରତ: ଜାଫର୍

ନୂଆଦିଲ୍ଲୀ, ୧୨।୧୨(ପି.ଟି.)

ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ହକି ବିଶ୍ୱକପରେ ଭାରତ କଷ୍ଟସାଧ୍ୟ ଗ୍ରୁପରେ ରହିଛି ବୋଲି ମତ ଦେଇଛନ୍ତି ପୂର୍ବତନ ଅଧିନାୟକ ଜାଫର ଇକ୍‌ବାଲ। ଗ୍ରୁପ୍ ଡି ରେ ଭାରତ ସ୍ପେନ, ଇଂଲଣ୍ଡ ଓ ୱେଲ୍ସ ସହିତ ସ୍ଥାନ ପାଇଥିବା ବେଳେ ଭାରତ ପାଇଁ ଗ୍ରୁପ୍ ପର୍ଯ୍ୟାୟ ସହଜ ରହିବ ନାହିଁ ବୋଲି ସେ କହିଛନ୍ତି। ଆସନ୍ତା ଜାନୁୟାରୀ ୧୩-୨୯ ତାରିଖ ଯାଏ ଭୁବନେଶ୍ୱର ଓ ରାଉରକେଲାରେ ଏହି ମେଗା ଇଭେଣ୍ଟ ଆୟୋଜିତ ହେବ। ୧୯୭୫ରେ କୁଆଲାଲାମ୍ପୁରରେ ଖେଳା ଯାଇଥିବା ଟୁର୍ନାମେଣ୍ଟରେ ଭାରତ ଚାମ୍ପିୟନ ହୋଇଥିବା ବେଳେ ୪୭ ବର୍ଷ ପରେ ଆଉ ଥରେ ସମାନ ସଫଳତା ଦୋହରାଇବାକୁ ପ୍ରୟାସ କରୁଛି ଭାରତ। ଟୋକିଓରେ ବ୍ରୋଞ୍ଜ ପଦକ ପରେ ଭାରତ ବିଶ୍ୱକପରେ ପୋଡିୟମ ଫିନିଶ କରିବା ନିଶ୍ଚୟ ଏକ ବୃହତ ଉପଲବ୍ଧି ହେବ ମାତ୍ର ଏହା ବର୍ତ୍ତମାନ ପରସ୍ଥିତିରେ କଷ୍ଟସାଧ୍ୟ ବୋଲି ଜାଫର କହିଛନ୍ତି। ପୁଲ୍ ଡିରେ ସ୍ଥାନ ପାଇଥିବା ଭାରତର ବିଶ୍ୱ ର୍‌ୟାଙ୍କିଙ୍ଗ ୫ ରହିଥିବା ବେଳେ ଇଂଲଣ୍ଡ(୬), ସ୍ପେନ୍(୮) ଓ ୱେଲ୍ସ(୧୫) ଠାରୁ ଦଳକୁ କଡା ଟକ୍କର ମିଳିବ। ଜାଫର ୧୯୮୦ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟୀ ଦଳର ଅଧିନାୟକ ରହିଥିବା ବେଳେ ୧୯୮୨ ହକି ବିଶ୍ୱକପରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବଡ ଟୁର୍ନାମେଣ୍ଟରେ ସମସ୍ତ ଦଳ ପାଖରେ ସୁଯୋଗ ରହିଥାଏ। ଚଳିତ ଫିଫା ବିଶ୍ୱକପ ଏହାର ପ୍ରମାଣ ବୋଲି ସେ କହିଛନ୍ତି। ସ୍ପେନ୍, ବ୍ରାଜିଲ, ଜର୍ମାନୀ ପରି ପୂର୍ବତନ ଚାମ୍ପିୟନ ଦଳ ପରାଜିତ ହୋଇଥିବା ବେଳେ ସମସ୍ତଙ୍କ ପାଖରେ ଆଗକୁ ବଢ଼ିବାର ସୁଯୋଗ ରହିଥାଏ। ବର୍ତ୍ତମାନର ହକି ଏବଂ ପୂର୍ବର ହକି ବେଶ ଅଲଗା। ପୂର୍ବରୁ ହକି ଘାସରେ ଖେଳା ଯାଉଥିବା ବେଳେ ବର୍ତ୍ତମାନ ଆଷ୍ଟ୍ରୋଟର୍ଫ ଉପରେ ଖେଳାଯାଉଛି। ପୂର୍ବରୁ ହକିରେ ସ୍କିଲର ଗୁରୁତ୍ୱ ରହୁଥିବା ବେଳେ ବର୍ତ୍ତମାନ ପାୱାର ଉପରେ ଗୁରୁତ୍ୱ ରହୁଛି। ଭାରତୀୟ ଦଳକୁ ୟୁରୋପୀୟ ଶୈଳୀର ଆକ୍ରମଣାତ୍ମକ ଶୈଳୀ ଖେଳିବାକୁ ପଡିବ ବୋଲି ଜାଫର କହିଛନ୍ତି।






# ଇଂଲଣ୍ଡର କ୍ରମାଗତ ଦ୍ୱିତୀୟ ବିଜୟ

**ମୁଲ୍‌ତାନ, ୧୨।୧୨(ଏପି):** ମାର୍କ ଉଡ୍‌ଙ୍କ ଘାତକ(୪/୬୫)ବୋଲିଂ ଯୋଗୁ ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ୨୬ ରନ୍‌ରେ ବିଜୟୀ ହୋଇଛି। ମ୍ୟାଚ୍‌ରେ ପାକିସ୍ତାନ ୩୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ସୋମବାର ଚତୁର୍ଥ ଦିବସ ଖେଳ ମଧ୍ୟାହ୍ନ ବିରତିର ଏକ ଘଣ୍ଟା ଭିତରେ ୩୨୮ରେ ଅଲଆଉଟ ହୋଯାଇଥିଲା। ଏହି ବିଜୟ ସହ ଇଂଲଣ୍ଡ ସିରିଜ୍‌କୁ ୨-୦ରେ ଅଗ୍ରଣୀ ଲାଭ କରିଛି। ୧୭ ବର୍ଷ ପରେ ପାକିସ୍ତାନକୁ ଇଂଲଣ୍ଡର ଏହା ପ୍ରଥମ ଟେଷ୍ଟ ଟୁର୍। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୭୪ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ନୂଆ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ଖେଳିସାରିଥିବା ୯ଟି ଟେଷ୍ଟ ମ୍ୟାଚ୍‌ରେ ଏହା ହେଉଛି ୮ମ ବିଜୟ। ପାକିସ୍ତାନ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୧୯୮/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ସେତେବେଳକୁ ବିଜୟ ପାଇଁ ଆହୁରି ୧୫୭ ରନ୍ ଆବଶ୍ୟକ କରୁଥିଲା। ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ବାମହାତୀ ସାଉଦ ଶକିଲ ଧୈର୍ଯ୍ୟପୂର୍ଣ୍ଣ ୯୪ ରନ୍ କରିଥିଲେ। ସେ ଅଳ୍ପକେ ତାଙ୍କ ପ୍ରଥମ ଟେଷ୍ଟ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଦ୍ୱିତୀୟ ନୂଆ ବଲ୍‌ରେ ଉଡ୍‌ଙ୍କ ପ୍ରଥମ ଓଭରରେ ଶିକାର ହେବା ପୂର୍ବରୁ ମହମ୍ମଦ ନୱାଜ (୪୫)ଙ୍କ ସହ ଶକିଲ ୮୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଉଇକେଟ୍‌କିପର ଓଲି ପୋପ୍‌ଙ୍କ ଦ୍ୱାରା ସେ କ୍ୟାଚ୍ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସ୍: ୨୮୧। ପାକିସ୍ତାନ ପ୍ରଥମ ଇନିଂସ: ୨୦୨। ଇଂଲଣ୍ଡ ଦ୍ୱିତୀୟ ଇନିଂସ୍: ୨୭୫। ପାକିସ୍ତାନ ଦ୍ୱିତୀୟ ଇନିଂସ: ୩୨୮ (ସାଉଦ ଶକିଲ-୯୪, ଇମାମ ଉଲ୍ ହକ୍-୬୦, ଅବ୍ଦୁଲା ସାଫିକ୍-୪୫, ମହମ୍ମଦ ନୱାଜ-୪୫; ମାର୍କ ଉଡ୍-୪/୬୫, ଓଲି ରବିନ୍‌ସନ-୨/୨୩, ଜେମ୍ସ ଆଣ୍ଡରସନ-୨/୪୪)।

# ବଟ୍‌ଲର, ଅମିନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍

ଦୁବାଇ, ୧୨।୧୨(ପି.ଟି.)

ନଭେମ୍ବରରେ ଉତ୍ତମ ପ୍ରଦର୍ଶନ ପାଇଁ ଇଂଲଣ୍ଡର ଟି୨୦ ବିଶ୍ୱକପ୍ ବିଜୟୀ ଅଧିନାୟକ ଜୋସ୍ ବଟ୍‌ଲର ପ୍ରଥମଥର ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ) ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ସେହିପରି ପାକିସ୍ତାନର ସିଦ୍ରା ଅମିନ କ୍ରମାଗତ ଦ୍ୱିତୀୟଥର ମହିଳା ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ବଟ୍‌ଲର ବର୍ତ୍ତମାନ ବିଶ୍ୱର ଜଣେ ଅନ୍ୟତମ ବିପଜ୍ଜନକ ବ୍ୟାଟର ଭାବେ ପରିଗଣିତ ହେଉଛନ୍ତି। ମାସ ଆରମ୍ଭରେ ନ୍ୟୁଜିଲାଣ୍ଡ ବିପକ୍ଷରେ ନାଟକୀୟ ୨୦ ରନ୍ ବିଜୟରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେ ତାଙ୍କର ୧୦୦ତମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଓପନିଂ କରିବାକୁ ଯାଇ ୪୭ ବଲ୍‌ରୁ ୭୩ ରନ୍ ସଂଗ୍ରହ କରିଥିଲେ। ନକ୍‌ଆଉଟରେ ଭାରତ ବିପକ୍ଷରେ ଇଂଲଣ୍ଡ ୧୬୯ ରନ୍‌ର ବିଜୟଲକ୍ଷ୍ୟ ପିଛା କଲାବେଳେ ସେ ୪୯ ବଲ୍‌ରୁ ଦ୍ରୁତ ୮୦ ରନ୍ ସଂଗ୍ରହ କରିଥିଲେ। ଆଡିଲେଡ୍‌ଠାରେ ଆଲେକ୍ସ ହେଲ୍ସଙ୍କ ସହିତ ରେକର୍ଡ ଭଙ୍ଗକାରୀ ୧୭୦ ରନ୍‌ର ପାର୍ଟନରଶିପ୍ ଯୋଗୁ ଇଂଲଣ୍ଡ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ଫାଇନାଲରେ ପାକିସ୍ତାନର ଘାତକ ବୋଲିଂକୁ ସାମ୍ନା କରି ସେ ମୂଲ୍ୟବାନ୍ ୨୬ ରନ୍ କରିଥିଲେ, ଫଳରେ ଇଂଲଣ୍ଡ ଦ୍ୱିତୀୟଥର ଟି୨୦ ବିଶ୍ୱକପ୍ ଜିତିଥିଲା। ଅନ୍ୟପକ୍ଷରେ ନଭେମ୍ବରରେ ଆୟର୍ଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ମହିଳା କାଟେଗୋରିରେ ଅମିନ ପୁରସ୍କାର ଜିତିଛନ୍ତି। ସିରିଜରେ ସେ ମୋଟ୍ ୨୭୭ ରନ୍ ସଂଗ୍ରହ କରିଥିବା ବେଳେ ଥରେମାତ୍ର ଆଉଟ ହୋଇଥିଲେ। ଓପନିଂ ବ୍ୟାଟର ଅମିନ ମାସ ଆରମ୍ଭରେ ମହିଳା ଅନ୍ତର୍ଜାତୀୟ ଦିନିକିଆରେ ସର୍ବାଧିକ ୧୭୬ ରନ କରିଥିଲେ, ଫଳରେ ଆୟୋଜକ ଦେଶ ୧୨୮ ରନ୍‌ରେ ବିଜୟଲାଭ କରିଥିଲା। ଦ୍ୱିତୀୟ ଦିନିକିଆରେ ସେ ୯୧ ରନ୍ କରିବାରୁ ଦଳ ୯ ଉଇକେଟରେ ବିଜୟୀ ହୋଇଥିଲା।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ